୪୬

# ଧରିତ୍ରୀ
DHARITRI

ବ୍ରହ୍ମପୁର, ରବିବାର, ଡିସେମ୍ବର ୧୫/୨୦୧୯ (୨୦ ପୃଷ୍ଠା+ଛୁଟିଦିନ) | Berhampur, Sunday, December 15/2019 | ★★★

୧୫ଶ ଭାଗ ୩୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

■ ନାଗରିକତ୍ୱ ସଂଶୋଧନ ଆଇନ ବିରୋଧରେ ହିଂସାତ୍ମକ ଆନ୍ଦୋଳନ

# ଉତ୍ତରପୂର୍ବାଞ୍ଚଳ ନ ଯିବାକୁ ଆମେରିକା, ବ୍ରିଟେନର କଟକଣା

ୱାଶିଂଟନ/ଲଣ୍ଡନ,୧୪।୧୨(ପି.ଟି.)

ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ କରି ଉତ୍ତରପୂର୍ବ ଭାରତରେ ହିଂସାତ୍ମକ ଆନ୍ଦୋଳନ ଜାରି ରହିଥିବାବେଳେ ସେଠାକୁ ନ ଯିବା ଲାଗି ଆମେରିକା, ବ୍ରିଟେନ, କାନାଡା, ଇସ୍ରାଏଲ୍, ସିଙ୍ଗାପୁର ସମେତ ବିଭିନ୍ନ ଦେଶ ସେମାନଙ୍କ ନାଗରିକଙ୍କ ନିମନ୍ତେ ଆଡଭାଇଜରି ଜାରି କରିଛନ୍ତି। ନୂଆ ଆଇନରେ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ଭାରତରେ ଶରଣାର୍ଥୀ ଭାବେ ରହିଥିବା ଅଣମୁସଲମାନମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଯିବ। ବେଆଇନ ଭାବେ ଆସି ଭାରତରେ ରହିଥିବା ଲୋକଙ୍କ ପାଇଁ ସମସ୍ୟା ଉପୁଜିବା ଆଶଙ୍କା କରି ଉତ୍ତରପୂର୍ବାଞ୍ଚଳରେ ଏହାକୁ ଜୋର୍‌ଦାର ବିରୋଧ କରାଯାଉଛି। ଆନ୍ଦୋଳନର କେନ୍ଦ୍ରବିନ୍ଦୁ ପାଲଟିଥିବା ଆସାମକୁ ଆମେରିକା ଏହାର ଅଧିକାରୀମାନଙ୍କ ଗସ୍ତ ସାମୟିକ ବନ୍ଦ କରିଛି। ଆନ୍ଦୋଳନ ହିଂସାର ରୂପ ନେଇଥିବାରୁ ଉତ୍ତରପୂର୍ବାଞ୍ଚଳରେ ରହୁଥିବା ଆମେରିକୀୟମାନେ ସତର୍କ ରହିବାକୁ କୁହାଯାଇଛି। ଗୁଆହାଟୀ, ଶିଲଂରେ ସରକାର କର୍ଫ୍ୟୁ ଜାରି କରିବା ସହ ମୋବାଇଲ ଓ ଇଣ୍ଟରନେଟ ସେବା ଉପରେ କଟକଣା ଲାଗୁ ହୋଇଛି। ଯାତାୟାତ ଓ ପରିବହନ ସେବା ମଧ୍ୟ ବିଭିନ୍ନ ଅଞ୍ଚଳରେ ବାଧାପ୍ରାପ୍ତ ହୋଇଛି। ତେଣୁ ଉତ୍ତରପୂର୍ବ ଭାରତରେ ରହୁଥିବା ଆମେରିକୀୟ ବିକ୍ଷୋଭ ସ୍ଥଳ ଓ ହିଂସାକାଣ୍ଡ ଘଟୁଥିବା ଅଞ୍ଚଳଠାରୁ ଦୂରେଇ ରହିବାକୁ ଆମେରିକା ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି।

ବ୍ରିଟିଶ ସରକାର ମଧ୍ୟ ଅନୁରୂପ ଭ୍ରମଣ କଟକଣା ଜାରି କରିଛନ୍ତି। ବିଦେଶ ଓ କମନୱେଲ୍‌ଥ କାର୍ଯ୍ୟାଳୟ ପକ୍ଷରୁ ଜାରି ଏହି ଆଡଭାଇଜରିରେ ଇମ୍ଫାଲ, ମେଇତି ଭ୍ୟାଲି ଅଞ୍ଚଳ ବ୍ୟତୀତ ମଣିପୁରକୁ ଜରୁରୀ ଗସ୍ତ କରାଯାଇପାରିବ ବୋଲି କୁହାଯାଇଛି। ପୂର୍ବରୁ ଜମ୍ମୁ-କଶ୍ମୀର ଗସ୍ତ ନ କରିବା ପାଇଁ ଜାରି ହୋଇଥିବା ଆଡଭାଇଜରି ବଳବତ୍ତର ରହିଛି। ସେହିପରି ସିଙ୍ଗାପୁର ବହିର୍ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ନ ଯିବା ଲାଗି ତା'ର ନାଗରିକମାନଙ୍କୁ ସତର୍କ କରାଇଛି। ଜରୁରୀ ନ ଥିଲେ ଅରୁଣାଚଳପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ ନ ଯିବାକୁ କାନାଡା ତା'ର ନାଗରିକମାନଙ୍କୁ ପରାମର୍ଶ ଦେଇଛି। ଆସାମ ଗସ୍ତରୁ ସମ୍ପୂର୍ଣ୍ଣ ଦୂରେଇ ରହିବାକୁ ଇସ୍ରାଏଲ ତା'ର ନାଗରିକମାନଙ୍କୁ ସତର୍କ କରାଇଦେଇଛି।

■ ଏଚ୍‌ଆଇଭି ଆକ୍ରାନ୍ତ ଗର୍ଭବତୀଙ୍କୁ ଚିକିତ୍ସାରେ ଅବହେଳା

# ମା' ପେଟରେ ଆଖିବୁଜିଲା ଶିଶୁ

## ସାମାଜିକ କର୍ମୀଙ୍କ ହସ୍ତକ୍ଷେପରେ ୨୪ ଘଣ୍ଟା ପରେ ହେଲା ଅସ୍ତ୍ରୋପଚାର

ବାରିପଦା ଅଫିସ,୧୪।୧୨

ଏଚ୍‌ଆଇଭିରେ ଆକ୍ରାନ୍ତ ହୋଇଥିବା ଜଣେ ଗର୍ଭବତୀ ଗର୍ଭକଷ୍ଟ ପାଉଥିଲେ ବି ଡାକ୍ତରମାନେ ତାଙ୍କୁ ଚିକିତ୍ସା ନ କରିବାରୁ ଗର୍ଭସ୍ଥ ଶିଶୁ ଦୁନିଆର ଆଲୋକ ଦେଖିବା ଆଗରୁ ଆଖିବୁଜି ଦେଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଘଟିଥିବା ପଦାକୁ ଆସିଛି। ଗର୍ଭସ୍ଥ ଶିଶୁର ମୃତ୍ୟୁ ଘଟିଥିବା ଜଣାପଡିଥିଲେ ବି ଅସ୍ତ୍ରୋପଚାର କରି ଏହାକୁ ବାହାର କରିବା ସକାଶେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ କେତେକ ସାମାଜିକ କର୍ମୀ ହସ୍ତକ୍ଷେପ କରିବାରୁ ପ୍ରାୟ ୨୪ ଘଣ୍ଟା ପରେ ଶନିବାର ସକାଳେ ଅସ୍ତ୍ରୋପଚାର କରି ଗର୍ଭସ୍ଥ ମୃତ ଶିଶୁକୁ ବାହାର କରାଯାଇଛି। ଜଣେ ଏଚଆଇଭି ଆକ୍ରାନ୍ତ ☞ପୃଷ୍ଠା-୪




### ଆଜିର ସମ୍ପାଦକୀୟ

ବହୁସଂଖ୍ୟକବାଦୀ ଚିନ୍ତାଧାରା

### ଆଜିର ମନ୍ତବ୍ୟ

"ଦାରିଦ୍ର୍ୟ ଦୂରୀକରଣ ପ୍ରୟାସ ବଳରେ ଭାରତ ମଧ୍ୟମ ଆୟକାରୀ ରାଷ୍ଟ୍ରରେ ପରିଣତ ହୋଇଛି।

-ରାମନାଥ କୋବିନ୍ଦ, ରାଷ୍ଟ୍ରପତି

### କିଛି ତଥ୍ୟ

୨୦୧୮-୧୯ ମାର୍କେଟିଂ ବର୍ଷରେ ଭାରତ ୩୭ ଲକ୍ଷ ଟନ୍ ଚିନି ବିଦେଶକୁ ରପ୍ତାନି କରିଛି।

- ବାଣିଜ୍ୟ ମନ୍ତ୍ରଣାଳୟ

Vencobb Fresh Chicken — Taste the difference!

14.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 83 | 136 | 146 |
| DKL | 85 | 139 | 149 |
| BDK | 78 | 129 | 139 |
| BLS | 77 | 128 | 138 |
| ANG | 85 | 139 | 149 |
| BHM | 87 | 141 | 151 |

*Conditions Apply

Issued in the Interest of Consumers




DSPL - 200

CENTRAL ELECTRICITY SUPPLY UTILITY OF ODISHA

## ସର୍ବ ସାଧାରଣ ନୋଟିସ୍

ବିଦ୍ୟୁତ୍ ଗ୍ରାହକମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ତାଙ୍କର ବକେୟା ବିଦ୍ୟୁତ୍ ଦେୟ ତୁରନ୍ତ ପଇଠ କରନ୍ତୁ ।

ଯେଉଁମାନେ ତା ୧୫-୦୧-୨୦୨୦ ରିଖ ସୁଦ୍ଧା ବିଦ୍ୟୁତ୍ ବକେୟା ପଇଠ ନକରିବେ, ସେମାନଙ୍କର ବିଦ୍ୟୁତ ସଂଯୋଗ କାଟିବାକୁ ଆମେ ବାଧ୍ୟ ହେବୁ ।

ବକେୟା ଦେୟ ସେସୁ (CESU)ର ଯେକୌଣସି ଅଫିସ୍ କିମ୍ବା ବିଦ୍ୟୁତ୍ ଶୁଳ୍କ ଆଦାୟ ପାଇଁ ନିଯୁକ୍ତ ଫ୍ରାଞ୍ଚାଇଜ୍ କିମ୍ବା ଅନ୍‌ଲାଇନ୍ (www.cesuodisha.com) କରିଆରେ ପଇଠ କରିପାରିବେ ।

ଉପରୋକ୍ତ ସୂଚନାକୁ ଇଣ୍ଡିଆନ୍ ଇଲେକ୍ଟ୍ରିସିଟି ଆକ୍ଟର ଧାରା ୫୬ ଅନୁଯାୟୀ ନୋଟିସ୍ ବୋଲି ବିବେଚନା କରାଯିବ ।

"ବକେୟା ବିଦ୍ୟୁତ୍ ଦେୟ ଦିଅନ୍ତୁ,
ବିଜୁଳି କାଟରୁ ରକ୍ଷା ପାଆନ୍ତୁ"

04010/13/0009/1920



## ମଣିପୁର ମୁଖ୍ୟମନ୍ତ୍ରୀଙ୍କ ଭାଇଙ୍କୁ ଅପହରଣ

ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଭାଇ ତୋଙ୍ଗବ୍ରମ ଲୁଖୋଇ ସିଂଙ୍କୁ ୫ ଜଣ ଲୋକ ଅପହରଣ କରିନେଇଥିଲେ। ପୋଲିସ ତାଙ୍କୁ କୋଲକାତାରୁ ଉଦ୍ଧାର କରିଛି। ୫ ଜଣ ନିଜକୁ ସିବିଆଇ ଅଫିସର ପରିଚୟ ଦେଇ ଶୁକ୍ରବାର ତୋଙ୍ଗବ୍ରମ୍ ରହୁଥିବା ଆପାର୍ଟମେଣ୍ଟରେ ପ୍ରବେଶ କରି ତାଙ୍କୁ ଅପହରଣ କରିନେଇଥିଲେ। ପରେ ସେମାନେ ତୋଙ୍ଗବ୍ରମ୍‌ଙ୍କ ସ୍ତ୍ରୀଙ୍କୁ ଫୋନ୍ କରି ୧୫ ଲକ୍ଷ ଟଙ୍କା ଦାବି କରିଥିଲେ।

### ଭାରତ ବଚାଓ ରାଲିରେ କେନ୍ଦ୍ର ଉପରେ ବର୍ଷିଲେ ରାହୁଲ

# ମରିବି ପଛେ କ୍ଷମା ମାଗିବିନି

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ସତ କହି ମରିଯିବେ ପଛେ କ୍ଷମା ମାଗିବେ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର କହିଛନ୍ତି। ଦେଶର ଅର୍ଥନୀତିକୁ ଧ୍ୱଂସ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ସହଯୋଗୀ ଅମିତ୍ ଶାହା କ୍ଷମା ମାଗିବାକୁ ଦାବି କରିଛନ୍ତି। ରାମଲୀଳା ମଇଦାନରେ କଂଗ୍ରେସର ବିଶାଳ 'ଭାରତ ବଚାଓ ରାଲି'ରେ ଉଦ୍‌ବୋଧନ ଦେଇ କଂଗ୍ରେସ ନେତା ଭାଜପା ଉପରେ ଜୋର୍‌ଦାର ବର୍ଷିଥିଲେ। 'ରେପ୍ ଇନ୍ ଇଣ୍ଡିଆ' ମନ୍ତବ୍ୟ ପାଇଁ ରାହୁଲ କ୍ଷମା ମାଗନ୍ତୁ ବୋଲି ଶୁକ୍ରବାର ଲୋକ ସଭାରେ ଭାଜପା ଦାବି କରିଥିଲା। ସେ ସଭରକର ନୁହନ୍ତି, ଗାନ୍ଧୀ ବୋଲି ରାହୁଲ ନିଜକୁ କହିବା ସହ କ୍ଷମା ମାଗିବା ପ୍ରଶ୍ନ ଉଠୁନି ବୋଲି କହିଛନ୍ତି। ସେ ସତ୍ୟ କହିଛନ୍ତି। ସତ୍ୟ କହୁଥିବା କୌଣସି କଂଗ୍ରେସ ନେତା କ୍ଷମା ମାଗିବା ଆବଶ୍ୟକ ନାହିଁ ବୋଲି ରାହୁଲ ଦୃଢ଼ୋକ୍ତି କରିଛନ୍ତି। ଅର୍ଥନୀତି ହେଉଛି ଭାରତର ଶକ୍ତି। ଏହାକୁ ଧ୍ୱଂସ କରିବାକୁ ଭାରତର ଶତ୍ରୁମାନେ ଚାହିଁଥାନ୍ତି। ତେବେ କୌଣସି ଶତ୍ରୁ ନୁହେଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକାକୀ ଅର୍ଥନୀତିକୁ ଧ୍ୱଂସ କରିଦେଇଛନ୍ତି। ତଥାପି ସେ ନିଜକୁ ଦେଶଭକ୍ତ କହୁଛନ୍ତି। କୌଣସି ପ୍ରକାରେ କ୍ଷମତାରେ ରହିବା ମୋଦିଙ୍କର ଏକମାତ୍ର ଉଦ୍ଦେଶ୍ୟ ବୋଲି ରାହୁଲ ସମାଲୋଚନା କରିଛନ୍ତି। ଉତ୍ତରପୂର୍ବାଞ୍ଚଳ ଜଳୁଛି। ଏଥିପାଇଁ ଭାଜପା ଓ ପ୍ରଧାନମନ୍ତ୍ରୀ ମୋଦି ଦାୟୀ। ଭାଜପା ସରକାର ଦେଶରେ ଭୟର ବାତାବରଣ ସୃଷ୍ଟି କରୁଛି। ଲୋକଙ୍କ ସ୍ୱରକୁ ଚାପିଦେବାକୁ ଉଦ୍ୟମ ହେଉଛି। ଦେଶକୁ ଦୁର୍ବଳ କରିଦେବାକୁ ପ୍ରଧାନମନ୍ତ୍ରୀ ଯୋଜନା କରୁଛନ୍ତି। ତେବେ କଂଗ୍ରେସ ନେତା ଓ କର୍ମୀମାନେ ଭୟଭୀତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। କଂଗ୍ରେସ ଦଳ



କଂଗ୍ରେସର ଭାରତ ବଚାଓ ରାଲିରେ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ ରାହୁଲ ଗାନ୍ଧୀ।

**'ମୁଁ ସଭରକର ନୁହେଁ, ରାହୁଲ ଗାନ୍ଧୀ'**

ସେମାନଙ୍କ ପଛରେ ରହିଛି। ଆମେ ଏକାଠି ଦେଶରୁ ଭୟର ବାତାବରଣ ଦୂର କରିବା ବୋଲି କଂଗ୍ରେସ ନେତା କହିଛନ୍ତି।

ଯେପର୍ଯ୍ୟନ୍ତ ଗରିବ, କୃଷକ, ଶ୍ରମିକ ଓ ଯୁବସମାଜ ପାଖରେ ଟଙ୍କା ନାହିଁ ସେ ପର୍ଯ୍ୟନ୍ତ ଦେଶର ବିକାଶ ହୋଇପାରିବ ନାହିଁ। ଜିଏସ୍‌ଟି ଯୋଗୁ ଦେଶରେ ବେରୋଜଗାରି ହାର ବୃଦ୍ଧି ପାଇଛି। ଜିଡିପି ଅଭିବୃଦ୍ଧି ହାର ୪ ପ୍ରତିଶତକୁ ଖସିଆସିଲାଣି। ପୂର୍ବ ପଦ୍ଧତିରେ ଜିଡିପି ହିସାବ କଲେ ଅଭିବୃଦ୍ଧି ହାର ୨.୫ ପ୍ରତିଶତ ହେବ ବୋଲି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ କହିଥିଲେ।

## ରାହୁଲ ଜିନ୍ନା ଅଧିକ ଯୁକ୍ତିଯୁକ୍ତ: ଭାଜପା

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ଭାରତ ବଚାଓ ରାଲିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଜକୁ ସଭରକର ନୁହେଁ, ଗାନ୍ଧୀ ବୋଲି କହିଥିବାରୁ ଏହାକୁ ନେଇ ଭାଜପା ଓ ଶିବସେନା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମୁସଲମାନ ତୁଷ୍ଟୀକରଣ ରାଜନୀତି କରୁଥିବା କଂଗ୍ରେସ ନେତାଙ୍କ ନାଁ ରାହୁଲ ଜିନ୍ନା ଅଧିକ ଯୁକ୍ତିଯୁକ୍ତ ହେବ ବୋଲି ଭାଜପା ମୁଖପାତ୍ର ଜି.ଭି.ଏଲ୍. ନରସିଂହ ରାଓ କହିଛନ୍ତି। ସଭରକର ଦେଶଭକ୍ତି, ସାହସ ଓ ବଳିଦାନର ପ୍ରତୀକ। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ କଦାପି ରାହୁଲ ସଭରକର ହୋଇପାରିବେ ନାହିଁ ବୋଲି ଭାଜପା ନେତା ସମ୍ବିତ୍



ଜି.ଭି.ଏଲ୍. ନରସିଂହ ରାଓ

ପାତ୍ର କହିଛନ୍ତି। ଏପରିକି ମହାରାଷ୍ଟ୍ର ସରକାରରେ କଂଗ୍ରେସର ସହଯୋଗୀ ଥିବା ଶିବସେନା ମଧ୍ୟ ରାହୁଲଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରିଛି। ହିନ୍ଦୁତ୍ୱ ନୀତି ଆଦର୍ଶ ସହ ସାଲିସ କରାଯାଇପାରିବ ନାହିଁ। ବୀର ସଭରକର କେବଳ ମହାରାଷ୍ଟ୍ରର ନୁହନ୍ତି ଦେଶର ପୂଜ୍ୟ। ଏହି ନାଁ ଦେଶକୁ ଗର୍ବ ଆଣିଦେଇଥାଏ। ନେହେରୁ ଓ ଗାନ୍ଧୀଙ୍କ ଭଳି ସଭରକର ଦେଶ ପାଇଁ ବଳିଦାନ ଦେଇଥିଲେ। ସଭରକରଙ୍କ ସହ କାହାକୁ ତୁଳନା କରାଯାଇପାରିବ ନାହିଁ ବୋଲି ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି।

ଭାଜପା ପାଇଁ ବୀର ସଭରକର ହେଉଛନ୍ତି ହିନ୍ଦୁତ୍ୱ ଆଇକନ୍। ତେବେ ଭାରତ ଉପନିବେଶ ଶାସନରେ ଥିବାବେଳେ ଜେଲରୁ ମୁକ୍ତ ହେବା ପାଇଁ ସେ ବ୍ରିଟିଶ ସରକାରଙ୍କୁ କ୍ଷମା ମାଗିଥିଲେ ବୋଲି ବିରୋଧୀ ଅଭିଯୋଗ କରିଥାନ୍ତି। ମୁସଲମାନ ତୁଷ୍ଟୀକରଣ କଂଗ୍ରେସର ନୀତି ହୋଇଥିବାରୁ ସଭରକରଙ୍କ ବଦଳରେ ରାହୁଲ ମହମ୍ମଦ ଅଲି ଜିନ୍ନାଙ୍କ ନାଁ ନେବା ତାଙ୍କୁ ଅଧିକ ଲିଗାସୀ ଯୋଗ୍ୟ କରିପାରିବ। ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ସଭରକର ହୋଇପାରିବେ ନାହିଁ କହିଥିବା ଠିକ୍ ବୋଲି ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ କହିଛନ୍ତି। ବୀର ସଭରକର ଜାତୀୟ ଆଇକନ, ଯାହାଙ୍କର ଭାରତୀୟ ରାଜନୀତିରେ ସଭ୍ୟତାଗତ ପ୍ରଭାବ ରହିଥିଲା, ଯେଉଁଥିପାଇଁ ବହୁପିଢ଼ି ଧରି ତାଙ୍କ ପ୍ରତି ଶ୍ରଦ୍ଧା ରହିଛି। ନେହେରୁ-ଗାନ୍ଧୀ ପରିବାରର ପଞ୍ଚମ ପିଢ଼ି ସେହି ଲିଗାସୀକୁ ମାପି ପାରିବେ ନାହିଁ ବୋଲି ମାଲବ୍ୟ ମତ ଦେଇଛନ୍ତି। ବୀର ସଭରକର ଜଣେ ଦେଶଭକ୍ତ। ତାଙ୍କ ସଂଜ୍ଞା ନେଇ ଜଣେ ଗାନ୍ଧୀ କିମ୍ବା ଦେଶଭକ୍ତ ହୋଇପାରିବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି।

## ପୁଣି ୩ ମାସ ଅଟକ ରହିବେ ଫାରୁକ୍

ଶ୍ରୀନଗର,୧୪।୧୨(ପି.ଟି.)

ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବ୍‌ଦୁଲ୍ଲା ପୁଣି ୩ ମାସ ନିଜ ଘରେ ଅଟକ ରହିବେ। ୩୭୦ ଅନୁଚ୍ଛେଦ ଉଠାଇ ଦିଆଯିବା ପରଠାରୁ ଅର୍ଥାତ୍ ଗତ ଅଗଷ୍ଟ ୫ରୁ ତାଙ୍କୁ ଜନ ସୁରକ୍ଷା ଆଇନ(ପିଏସ୍‌ଏ ଆକ୍ଟ) ବଳରେ ଅଟକ ରଖାଯାଇଛି। ଏବେ ଏହାକୁ ଆଉ ୩ ମାସ ବୃଦ୍ଧି କରାଯାଇଛି। ସବ୍‌ଜେଲ୍ ଘୋଷଣା କରାଯାଇଥିବା ନିଜ ଘରେ ଜମ୍ମୁ-କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଧିକ ୩ ମାସ ରହିବେ ବୋଲି କୁହାଯାଇଛି।



ଚଳିତ ମାସ ପ୍ରାରମ୍ଭରେ ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଯୋଗଦେବାକୁ ଅନୁମତି ଦିଆ ନ ଯିବାରୁ ଫାରୁକ୍ କେନ୍ଦ୍ର ସକାରଙ୍କ ଉପରେ ବର୍ଷିଥିଲେ। ଜଣେ ବରିଷ୍ଠ ଏମ୍‌ପିଙ୍କୁ ଏଭଳି ଅପରାଧୀ ଭାବେ ରଖାଯିବା ଠିକ୍ ନୁହେଁ ବୋଲି ସେ କହିଥିଲେ। କଂଗ୍ରେସ ନେତା ଶଶୀ ଥରୁର୍, ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀ ପ୍ରମୁଖ କେନ୍ଦ୍ରର ଏଭଳି ପଦକ୍ଷେପକୁ ସମାଲୋଚନା କରିଥିଲେ। ପ୍ରକାଶଥାଉ କି, ପିଏସ୍‌ଏରେ ଜଣେ ବ୍ୟକ୍ତିଙ୍କୁ ବିନା ଶୁଣାଣିରେ ୨ ବର୍ଷ ପର୍ଯ୍ୟନ୍ତ ଅଟକ ରଖାଯିବାର ବ୍ୟବସ୍ଥା ରହିଛି।

## ଲୀଲା ସାମ୍‌ସନଙ୍କ ନାଁରେ ସିବିଆଇ ମାମଲା

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ଭାରତ ନାଟ୍ୟମ୍ ନୃତ୍ୟାଙ୍ଗନା ତଥା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ଅଧ୍ୟକ୍ଷା ପଦ୍ମଶ୍ରୀ ଲୀଲା ସାମ୍‌ସନଙ୍କ ବିରୋଧରେ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଚେନ୍ନାଇସ୍ଥିତ କଳାକ୍ଷେତ୍ର ଫାଉଣ୍ଡେଶନର କୁଠାମ୍ବଲାମ୍ ଅଡିଟୋରିୟମ୍ ପ୍ରକଳ୍ପ ମରାମତି ଲାଗି ଲୀଳା ଅଯଥାରେ ୭.୦୨ କୋଟି ଟଙ୍କା ଖର୍ଚ୍ଚ କରି ଅର୍ଥ ହେର୍‌ଫେର କରିଥିବା ଅଭିଯୋଗ କରାଯାଇଛି। ଏନେଇ ସିବିଆଇରେ ସାମ୍‌ସନ ଓ ଫାଉଣ୍ଡେଶନର ମୁଖ୍ୟ ଆକାଉଣ୍ଟସ ଅଫିସର ଟି. ଏସ୍. ମୂର୍ତ୍ତି, ଆକାଉଣ୍ଟସ ଅଫିସର ଏସ୍. ରାମଚନ୍ଦ୍ରନ୍ ଓ ଚେନ୍ନାଇ ଯନ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କମାନଙ୍କ ବାସଭବନ ଉପରେ



ସିବିଆଇ ପକ୍ଷରୁ ଚଢାଉ ଆରମ୍ଭ କରାଯାଇଥିବା ଜଣାପଡ଼ିଛି। ସଂସ୍କୃତି ମନ୍ତ୍ରଣାଳୟର ଭିଜିଲାନ୍ସ ଅଧିକାରୀ ଅଭିଯୋଗ କରିଛନ୍ତି ଯେ, ଫାଉଣ୍ଡେଶନର ଏହି କାର୍ଯ୍ୟରେ ଅଧିକାରୀମାନେ ସାଧାରଣ ଆର୍ଥିକ ନିୟମ(ଜିଏଫ୍‌ଆର୍)କୁ ଉଲ୍ଲଂଘନ କରିଛନ୍ତି। ଠିକାଦାରକୁ ଅହେତୁକ ଅନୁକମ୍ପା ଦେଖାଇ ସ୍ଥିରୀକୃତ ମୂଲ୍ୟଠାରୁ ଅଧିକ ଅର୍ଥରେ ଏହି କାମ ଦିଆଯାଇଥିବା ଅଭିଯୋଗ କରାଯାଇଛି। ଏନେଇ ତନାଘନା ଜାରି ରହିଛି।

### [ଇତିହାସର ଆଇନାରେ] ଡିସେମ୍ବର ୧୫ର ପ୍ରମୁଖ ଘଟଣା

୨୦୧୦ ଡିସେମ୍ବର ୧୫ରେ ଅଷ୍ଟ୍ରେଲିଆର ଖ୍ରୀଷ୍ଟମାସ୍ ଦ୍ୱୀପ ଉପକୂଳରେ ଏକ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୪୮ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ୯୦ ଶରଣାର୍ଥୀଙ୍କୁ ନେଇ ବୋଟ୍‌ଟି ଯାଉଥିବାବେଳେ ଏକ ପାହାଡ଼ରେ ଧକ୍କା ଖାଇଥିଲା।

୨୦୧୭ ଡିସେମ୍ବର ୧୫ରେ ଜାଭା ଦ୍ୱୀପରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ ୫ଜଣ ପ୍ରାଣ ହରାଇଥିବାବେଳେ ୫୦ରୁ ଅଧିକ ଆହତ ହୋଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୬.୫ ଥିଲା।

## ୧୫ ଆସନରେ ୨୨୧ ପ୍ରାର୍ଥୀ

**ଝାଡ଼ଖଣ୍ଡରେ ଚତୁର୍ଥ ପର୍ଯ୍ୟାୟ ଭୋଟ ଲାଗି ପ୍ରଚାର ଶେଷ**

ରାଞ୍ଚି,୧୪।୧୨(ପି.ଟି.): ଝାଡ଼ଖଣ୍ଡରେ ବିଧାନସଭା ନିର୍ବାଚନ ଚତୁର୍ଥ ପର୍ଯ୍ୟାୟ ଭୋଟ ଲାଗି ଶନିବାର ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୪ ଜିଲାର ୧୫ ଆସନ ଲାଗି ମତଦାନ କରାଯିବାକୁ ଥିବାବେଳେ ମଇଦାନରେ ଅଛନ୍ତି ୨୩ ମହିଳାଙ୍କ ସହ ୨୨୧ ପ୍ରାର୍ଥୀ। ୩ଟି ଆସନ(ଦେଓଘର, ଜାମୁଇ, ଚନ୍ଦନକିୟାରି) ଅନୁସୂଚିତ ଜନଜାତିଙ୍କ ଲାଗି ଉଦ୍ଦିଷ୍ଟ ରହିଥିବାବେଳେ ବାକି ୧୨ ଆସନ ସାଧାରଣ ବର୍ଗ ଲାଗି ଉଦ୍ଦିଷ୍ଟ। ଚତୁର୍ଥ ପର୍ଯ୍ୟାୟ ଭୋଟ ଲାଗି ପ୍ରଚାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରମୁଖ ଆସିଥିଲେ। କଂଗ୍ରେସ ଓ ଜେଏମ୍‌ଏମ୍ ମିଳିତ ଭାବେ ଏଠାରେ ନିର୍ବାଚନ ଲଢୁଥିବାବେଳେ ଭାଜପା ସହ ଏହି ମେଣ୍ଟର କଡ଼ା ଟକ୍କର ହେବ ବୋଲି କୁହାଯାଉଛି।

### ପଶ୍ଚିମବଙ୍ଗରେ ତେଜିଲା ସିଏଏ ବିରୋଧୀ ଆନ୍ଦୋଳନ

# ୫ ଟ୍ରେନ୍, ୧୫ ବସ୍ ଜାଳିଦେଲେ

**ଶାନ୍ତ ରହିବାକୁ ମମତାଙ୍କ ଆହ୍ୱାନ**

ନୂଆଦିଲ୍ଲୀ/କୋଲକାତା,୧୪।୧୨

ସଂଶୋଧିତ ନାଗରିକତ୍ୱ ଆଇନ ବିରୋଧରେ ଆନ୍ଦୋଳନ ବ୍ୟାପକ ହେବାରେ ଲାଗିଛି। ଉତ୍ତରପୂର୍ବାଞ୍ଚଳରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ କ୍ରମେ ପଶ୍ଚିମବଙ୍ଗ ଓ ଅନ୍ୟ ରାଜ୍ୟକୁ ବ୍ୟାପିଲାଣି। ପଶ୍ଚିବବଙ୍ଗ ମୁର୍ଶିଦାବାଦ ଜିଲାର ଲାଲ୍‌ଗୋଲା ଷ୍ଟେଶନରେ ଶନିବାର ବିକ୍ଷୋଭକାରୀ ୫ଟି ଖାଲି ଟ୍ରେନ୍ ପୋଡ଼ିବା ସହ ୧୫ ବସ୍‌କୁ ଜାଳି ଦେଇଛନ୍ତି। ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ କରିବା ସହ ରେଳ ଚଳାଚଳରେ ବାଧା ସୃଷ୍ଟି କରିଛନ୍ତି। ଶାନ୍ତ ରହିବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆହ୍ୱାନ ଦେଇଛନ୍ତି। ଉତ୍ତରପୂର୍ବାଞ୍ଚଳରେ ଆନ୍ଦୋଳନ ହିଂସାତ୍ମକ ହେବା ସହ ପୋଲିସ ଗୁଳିରେ ଦୁଇଜଣ ପ୍ରାଣ ହରାଇଥିଲେ। ଗୁଆହାଟୀ ଓ ଶିଲଂରେ କର୍ଫ୍ୟୁ ଜାରି ହୋଇଥିଲାବେଳେ ଶନିବାର ଏହାକୁ କିଛି ସମୟ ପାଇଁ କୋହଳ କରାଯାଇଥିଲା।

ପଶ୍ଚିମବଙ୍ଗରେ ଦ୍ୱିତୀୟ ଦିନ ପାଇଁ ଆନ୍ଦୋଳନ ଜାରି ରହିଛି। ବିକ୍ଷୋଭକାରୀ କେତେକ ବସ୍ ଜାଳିଦେବା ସହ ରେଳଷ୍ଟେଶନରେ ନିଆଁ ଲଗାଇଦେଇଛନ୍ତି। ମୁର୍ଶିଦାବାଦ, ହାଓଡା ଗ୍ରାମାଞ୍ଚଳ ଓ ଉତ୍ତର ୨୪ ପ୍ରଗଣା ଜିଲାରେ ଆନ୍ଦୋଳନ ହିଂସାର ରୂପ ନେଇଛି। ହାଓଡାର କୋନା ଏକ୍ସପ୍ରେସ୍‌ୱେକୁ ଆନ୍ଦୋଳନକାରୀ ଅବରୋଧ କରିବାରୁ ହଜାର ହଜାର ଗାଡ଼ି ରାସ୍ତାରେ ଅଟକି ରହିଛନ୍ତି। ସେହିପରି ଉତ୍ତର ଓ ଦକ୍ଷିଣ ବେଙ୍ଗଲକୁ ସଂଯୋଗ କରୁଥିବା ୩୪ ନମ୍ବର ଜାତୀୟ ରାଜପଥକୁ ମୁର୍ଶିଦାବାଦଠାରେ ଅବରୋଧ କରାଯାଇଛି। ଗ୍ରାମାଞ୍ଚଳ ହାଓଡାର ବାଗନାନ୍ ଅଞ୍ଚଳରେ ୨୦ଟି ଦୋକାନକୁ ବିକ୍ଷୋଭକାରୀ ଜାଳିଦେଇଛନ୍ତି। ସେମାନେ ସଂକ୍ରାଇଲ ଷ୍ଟେଶନ କମ୍ପ୍ଲେକ୍ସର ଏକ ଅଂଶକୁ ଭାଙ୍ଗିବା ସହ ନିଆଁ ଲଗାଇଦେଇଥିଲେ। ଏଥିସହିତ ସେମାନେ ରେଲୱେ ପୋଲିସଙ୍କୁ ଆକ୍ରମଣ କରିଥିବା ଜଣାପଡିଛି। ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ରେଳଲାଇନରେ ବସି ରହିବାରୁ ୮ଟି ଏକ୍ସପ୍ରେସ୍ ଟ୍ରେନ୍ ସମେତ ୨୦ଟି ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଅନ୍ୟ କେତେକ ଟ୍ରେନ୍‌ର ଚଳାଚଳ ବାତିଲ କରିଦିଆଯାଇଛି।

ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଭଙ୍ଗାରୁଜା ଜାରି ରହିଥିବାବେଳେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମମତା କହିଛନ୍ତି। ଶାନ୍ତି ବଜାୟ ରଖିବା ଓ ଗଣତାନ୍ତ୍ରିକ ଉପାୟରେ ବିରୋଧ ପ୍ରଦର୍ଶନ କରିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଆଇନକୁ ହାତକୁ ନ ନେବାକୁ ଏବଂ ରେଳ ଓ ରାସ୍ତାରୋକୋ କରି ଜନସାଧାରଣଙ୍କୁ ଅସୁବିଧାରେ ନ ପକାଇବାକୁ ସେ ଅନୁରୋଧ କରିଛନ୍ତି। ତେବେ ସଂଶୋଧିତ ନାଗରିକତ୍ୱ ଆଇନ ଏବଂ ଦେଶବ୍ୟାପୀ ଲାଗୁ ହେବାକୁ ଥିବା ଏନ୍‌ଆର୍‌ସି ପଶ୍ଚିମବଙ୍ଗରେ କାର୍ଯ୍ୟକାରୀ ହେବନାହିଁ ବୋଲି ମମତା ପୁଣିଥରେ ଦୋହରାଇଛନ୍ତି।



## ଆସାମରେ ତେଲ ଟ୍ୟାଙ୍କର ଜାଳିଲେ

**ଡ୍ରାଇଭରଙ୍କୁ ହତ୍ୟା**

ଗୁଆହାଟୀ,୧୪।୧୨(ପି.ଟି.): ଆସାମରେ ନାଗରିକତ୍ୱ ଆଇନ ବିରୋଧରେ ଆନ୍ଦୋଳନ ଜାରି ରହିଥିବାବେଳେ ସୋନିତପୁର ଜିଲାରେ ବିକ୍ଷୋଭକାରୀ ଏକ ତେଲ ଟ୍ୟାଙ୍କର ଜାଳିଦେବା ସହ ଏହାର ଡ୍ରାଇଭରଙ୍କୁ ହତ୍ୟା କରିଛନ୍ତି। ଖାଲି ଟ୍ୟାଙ୍କରଟି ତେଲ ଭର୍ତ୍ତି କରିବାକୁ ଉଦାଲଗୁଡି ଜିଲାର ସିପଝର ଯାଉଥିବାବେଳେ ସୋନିତପୁରର ଢେକିଆଜୁଲିଠାରେ ଉତ୍ତ୍ୟକ୍ତ ଲୋକେ ସେଥିରେ ନିଆଁ ଲଗାଇଦେଇଥିଲେ। ଗୁରୁତର ଅବସ୍ଥାରେ ଡ୍ରାଇଭରଙ୍କୁ ଏକ ଘରୋଇ ନର୍ସିଂହୋମ୍‌କୁ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଆସାମରେ ସଂଶୋଧିତ ନାଗରିକତ୍ୱ ଆଇନକୁ ବିରୋଧ କରି ଏଏଏସ୍‌ୟୁ, ଆସାମ ଜାତୀୟତାବାଦୀ ଯୁବଛାତ୍ର ପରିଷଦ (ଏଜେୱାଇସିପି) ଏବଂ ୩୦ଟି ସଂଗଠନ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବରିଷ୍ଠ ନାଗରିକଙ୍କଠାରୁ ଆରମ୍ଭ କରି ଯୁବ, ଛାତ୍ର, ବୁଦ୍ଧିଜୀବୀ, ଶିକ୍ଷକ ସମସ୍ତେ ଆନ୍ଦୋଳନରେ ସାମିଲ ହୋଇଛନ୍ତି।






■ ଟୋଲ୍‌ଗେଟ୍‌ରେ ଆଉ ଅପେକ୍ଷା କରିବାକୁ ପଡ଼ିବନି

# ଆଜିଠୁ ଫାଷ୍ଟାଗ୍ ବ୍ୟବସ୍ଥା

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

ଟୋଲ୍‌ଗେଟ୍‌ରେ ଟିକସ ଦେବା ପାଇଁ ଆଉ ଘଣ୍ଟା ଘଣ୍ଟା ଧରି ଛିଡାହେବାକୁ ପଡିବନାହିଁ। ଫାଷ୍ଟାଗ୍ ଜରିଆରେ ଗାଡି ଚାଳକ ଟୋଲ ଟିକସ ଭରିପାରିବେ । ରବିବାରଠାରୁ ଏହି ବ୍ୟବସ୍ଥାକୁ ସମଗ୍ର ଦେଶରେ ଲାଗୁ କରାଯିବ। କେନ୍ଦ୍ର ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ଏ ନେଇ ଘୋଷଣା କରାଯାଇଥିଲା। ୨୦୧୯ ଡିସେମ୍ବର ୧ ତାରିଖରୁ ଏହି ବ୍ୟବସ୍ଥା ଲାଗୁ ହୋଇଥାଆନ୍ତା। ମାତ୍ର ଆନୁଷଙ୍ଗିକ ଭିତ୍ତିଭୂମି କରାଯାଇ ପାରି ନ ଥିବାରୁ ଏହାକୁ ଡିସେମ୍ବର ୧୫ ତାରିଖରେ ଲାଗୁ କରିବାକୁ ଘୋଷଣା କରାଯାଇଥିଲା। ଓଡିଶାରେ ଜାତୀୟ ରାଜପଥର ୧୧ଟି ଟୋଲଗେଟରେ ମଧ୍ୟ ଏହି ଫାଷ୍ଟାଗ୍ ବ୍ୟବସ୍ଥା ଲାଗୁ କରାଯିବ। ସେହି ଟୋଲଗେଟଗୁଡିକ ହେଲା ୨୧୫ ଜାତୀୟ ରାଜପଥର ପାଣିକୋଇଲିଠାରୁ ରାମୁଳି ମଧ୍ୟରେ ଥିବା ବନଯୋଡି(ପଦ୍ମପୁର), ୬ ନମ୍ବର ଜାତୀୟ ରାଜପଥର ସମ୍ବଲପୁର ଓ ବରଗଡ ମଧ୍ୟରେ ଥିବା ବରଗଡ, ୧୬ ନମ୍ବର ଜାତୀୟ ରାଜପଥର ଗୁଡିପଡା, ୧୬ ନମ୍ବର ଜାତୀୟ ରାଜପଥର ଗୁରାପାଲି, ୨୧୫ ନମ୍ବର ଜାତୀୟ ରାଜପଥର ହସନପୁର, ୨୧୫ ଜାତୀୟ ରାଜପଥର ଖଣ୍ଡାଘର, ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି, ୧୬ ନମ୍ବର ଜାତୀୟ ରାଜପଥର ସେରଗଡ, ଜାତୀୟ ରାଜପଥ ୫-ଏ'ର ଶ୍ରୀରାମପୁର, ଏନ୍‌ଏଚ୍-୧୬ର ମଙ୍ଗୁଳି ଏବଂ ଏନ୍‌ଏଚ୍-୩୧୬ର ପାଟଶାଣୀପୁର(ପିପିଲି)।



■ ରାଜ୍ୟର ୧୧ ଟୋଲ୍‌ଗେଟ୍‌ରେ ଲାଗୁ ହେବ
■ ଫାଷ୍ଟାଗ୍ ପାଇଁ ହେବ ସ୍ୱତନ୍ତ୍ର ଲାଇନ

ଫାଷ୍ଟାଗ୍ ହେଉଛି ଏକ ପ୍ରି-ପେଡ୍ ଟାଗ୍। ଏହି ଟାଗ୍ ଗାଡିର ଆଗ କାଚ(ୱିଣ୍ଡୋ ସ୍କ୍ରିନ)ରେ ଲାଗିବ। ଟୋଲ ପ୍ଲାଜା ଦେଇ ଗାଡି ଅତିକ୍ରମ କରିବା ମାତ୍ରେ ଟିକସ ଆପେ ଆପେ ବ୍ୟାଙ୍କ ଆକାଉଣ୍ଟରୁ କଟିଯିବ। ଫଳରେ ଯାନବାହନ ଚାଳକମାନଙ୍କୁ ଟିକସ ଦେବା ଲାଗି ଅଟକିବାକୁ ପଡିବ ନାହିଁ। ଏଥିପାଇଁ ଏକ ସ୍ୱତନ୍ତ୍ର ଲାଇନ ରହିବ। ସେହି ଲାଇନକୁ ବିନା ଫାଷ୍ଟାଗ୍ ଗାଡି ପ୍ରବେଶ କଲେ ତାଙ୍କୁ ଟିକସର ଦୁଇଗୁଣା ଦେବାକୁ ପଡିବ। ଟାଗ୍ ଲଗାଇବାକୁ ଗାଡି ମାଲିକମାନଙ୍କୁ ବହୁ ସମୟ ଦିଆଯାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରତ୍ୟେକ ଟୋଲ ପ୍ଲାଜାର ଉଭୟ ପାର୍ଶ୍ୱରେ ଗୋଟିଏ ଲେଖାଏ ଲାଇନ ଫାଷ୍ଟାଗ୍‌ଧାରୀମାନଙ୍କ ପାଇଁ ରହିବ। ଦେଶର ସମସ୍ତ ଟୋଲଗେଟଗୁଡିକୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ଇଲେକ୍ଟ୍ରୋନିକ୍ସ ଟୋଲ ଆଦାୟ ବ୍ୟବସ୍ଥା କରାଯାଇଛି। ଫାଷ୍ଟାଗ୍ ବିଷୟରେ ସମସ୍ତ ସୂଚନା ଦେବା ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ମାଇଁ ଫାଷ୍ଟାଗ୍ ଆପ୍ କରାଯାଇଛି। ଏପରି କି ଏହି ଆପ୍ ଜରିଆରେ ପିଓଏସ୍, ଚାର୍ଜ କରିବା ସ୍ଥାନ ଓ ଏନ୍‌ଏଚ୍‌ଏଆଇ ସହ ଲିଙ୍କ, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଆଦି ବିଷୟରେ ଜଣାଇ ଦିଆଯିବ। ଫାଷ୍ଟାଗ୍ ଯୋଗାଇ ଦେବାକୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ଡିସେମ୍ବର ୧୫ ଯାଏ ବ୍ୟବସ୍ଥା ହୋଇଥିଲା। ଟୋଲ ପ୍ଲାଜାଗୁଡିକରେ ଦୀର୍ଘ ସମୟ ଧରି ଯାନବାହନଗୁଡ଼ିକୁ ଅପେକ୍ଷା କରିବାକୁ ପଡୁଥିଲା। ବାୟୁପ୍ରଦୂଷଣ ସାଙ୍ଗକୁ ଟ୍ରାଫିକ ସମସ୍ୟା ମଧ୍ୟ ବଢି ଯାଉଥିଲା। ଟୋଲ ଆଦାୟ ପାଇଁ ମଧ୍ୟ ଗାଡିଗୁଡିକ ଦୀର୍ଘ ସମୟ ଧରି ଅପେକ୍ଷା କରି ରହୁଥିଲେ। ଦେଶର ୫୩୭ଟି ଟୋଲ ପ୍ଲାଜାରେ ଇଲେକ୍ଟ୍ରୋନିକ ଟୋଲ ଆଦାୟ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଟୋଲ ଟିକସ ଆଦାୟରେ ସ୍ୱଚ୍ଛତା ରକ୍ଷା କରାଯାଇପାରିବ। ଟିକସ ବାଟମାରଣାକୁ ରୋକାଯାଇ ପାରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କ୍ରେଡିଟ କାର୍ଡ, ଡେବିଟ କାର୍ଡ, ନେଟ ବ୍ୟାଙ୍କିଙ୍ଗ୍ ଏବଂ ୟୁନିଫାଏଡ୍ ପେମେଣ୍ଟ ବ୍ୟବସ୍ଥା ଜରିଆରେ ଫାଷ୍ଟାଗ୍ ରିଚାର୍ଜ କରାଯାଇପାରିବ। ଏଥିସହିତ ଫାଷ୍ଟାଗ୍ ବିଷୟରେ ଜାଣିବା ପାଇଁ ଉପଭୋକ୍ତାମାନେ ଟୋଲ ଫ୍ରି ନମ୍ବର ୧୦୩୩କୁ କଲ କରି ଜାଣି ପାରିବେ। ନିକଟସ୍ଥ ଏସ୍‌ବିଆଇ, ଆଇସିଆଇସିଆଇ, ଏଚ୍‌ଡିଏଫ୍‌ସି ଏବଂ ଆକ୍ସିସ ବ୍ୟାଙ୍କ ସମେତ ୨୨ଟି ବ୍ୟାଙ୍କ ଶାଖାରୁ ଫାଷ୍ଟାଗ୍ ଚିପ୍ ମିଳିପାରିବ। ୧୦୦ ଟଙ୍କା ଦେଇ ଫାଷ୍ଟାଗ୍ କ୍ରୟ କରାଯାଇପାରିବ। ଟୋଲଗେଟରେ ଡିଜିଟାଲ ଦେୟ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଶନିବାର ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏନଏଚଏଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି। ଗାଡି ଚାଳକମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ଫାଷ୍ଟାଗ୍ ଲେନ ୨୫ ପ୍ରତିଶତରୁ ଅଧିକ ହେବ ନାହିଁ। ଏହି ବ୍ୟବସ୍ଥାର ଅଗ୍ରଗତି ସମ୍ପର୍କରେ ପ୍ରତ୍ୟେକ ଦିନ ସମୀକ୍ଷା କରାଯାଇ ଏକ ରିପୋର୍ଟ ମନ୍ତ୍ରଣାଳୟକୁ ପଠାଇବାକୁ କୁହାଯାଇଛି। ଆସନ୍ତା ୩୦ ଦିନ ଯାଏ ଅସ୍ଥାୟୀ ବ୍ୟବସ୍ଥା କରିବାକୁ କୁହାଯାଇଛି। ଏହି ଅବଧି ପରେ ଟୋଲ ପ୍ଲାଜାର ୭୫% ଲେନକୁ ଫାଷ୍ଟାଗ୍ ଲେନରେ ପରିଣତ କରିବା ସକାଶେ ଆବଶ୍ୟକ ପଦକ୍ଷେପ ନେବାକୁ ଏନଏଚଏଆଇ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।

## ପରିବାର ଲୋକଙ୍କ ଅଭିଯୋଗ | ନାବାଳିକାଙ୍କୁ ବଳାତ୍କାର, ହତ୍ୟା

କୋଷାଗୁମୁଡ଼ା, ୧୪।୧୨(ଡି.ଏନ୍.ଏ.)

■ ମୃତଦେହ ନିକଟରୁ ୨ ପୁରୁଷଙ୍କ ପ୍ୟାଣ୍ଟ ମିଳିଲା
■ ଗାଁରେ ପୋଲିସ ମୁତୟନ

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ବାମୁଣୀ ପଞ୍ଚାୟତ ଅଧୀନ ଏକ ଗ୍ରାମର ବିଲରୁ ଶନିବାର ଜଣେ ନାବାଳିକାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ତେବେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରି ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ନାବାଳିକାଙ୍କ ମା' ଓ ଭାଇ ପାଖ ପଡୋଶୀ ଘରକୁ ଯାଇଥିଲେ। ଏହି ସମୟରେ ନାବାଳିକା ଘରେ ଏକୁଟିଆ ଥିଲେ। ପଡୋଶୀ ଘରୁ ମା' ଓ ଭାଇ ଆସିବା ପରେ ନାବାଳିକା ଘରେ ନ ଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ନାବାଳିକାଙ୍କୁ ପାଇ ନଥିଲେ। ନାବାଳିକାଙ୍କ ବାପା ଛତିଶଗଡର ରିଦମଠାରେ କୁଲି କାମ କରିବାକୁ ଯାଇଥିବାରୁ ତାଙ୍କୁ ପରିବାର ଲୋକ ଖବର ଦେଇଥିଲେ। ଶନିବାର ସକାଳେ ଗ୍ରାମବାସୀ ଜମିକୁ ଶୌଚ ହେବାକୁ ଯାଇଥିବାବେଳେ ନାବାଳିକାଙ୍କ ମୃତଦେହ ପଡିଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ଏ ସମ୍ପର୍କରେ କୋଷାଗୁମୁଡା ଥାନାରେ ଜଣାଇଥିଲେ। ପୀଡିତାଙ୍କ ମୃତଦେହରେ ଖଣ୍ଡିଆଖାବରା ହୋଇଥିବା ବେଳେ ଘଟଣାସ୍ଥଳରୁ ୧୦୦ ମିଟର ଦୂରରେ ୨ ଜଣ ପୁରୁଷଙ୍କ ପ୍ୟାଣ୍ଟ ପଡିଥିବା ଦେଖିବାକୁ ମିଳିଥିଲା। ଖବର ପାଇ କୋଷାଗୁମୁଡା ପୋଲିସ ଓ ଏସ୍‌ପି ନୀତିନ କୁସଲକର ପହଞ୍ଚିଥିଲେ। କଳାହାଣ୍ଡିରୁ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି ଯେ, ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଛି । ପୀଡିତାଙ୍କୁ ନ୍ୟାୟ ସହ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ପୀଡିତାଙ୍କ ପରିବାର ଲୋକଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସ୍ଥିତିକୁ ଆୟତ୍ତ କରିବା ପାଇଁ ୩ଟି ପୋଲିସ ଫୋର୍ସ ଗ୍ରାମରେ ମୁତୟନ କରାଯାଇଛି। ଏ ସମ୍ପର୍କରେ ଏସ୍‌ପି କହିଛନ୍ତି ଯେ, ଏହା ଏକ ଦୁଃଖଦ ଘଟଣା । ଘଟଣାର ତଦନ୍ତ ଚାଲିଛି।

## ଆଜି ୫ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ଡିସେମ୍ବର ଅଧା ହେଲାଣି। ଏଯାଏ ରାଜ୍ୟରେ ଶୀତର ପ୍ରକୋପ ନାହିଁ। ରବିବାର ୫ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଆଗକୁ ପାରଦ ଖସିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ସ୍ୱଳ୍ପ ପରିମାଣର ବର୍ଷା ହେବାର ଆଶଙ୍କା ରହିଥିବାବେଳେ ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। ସେହିପରି ଆସନ୍ତା ତିନିଦିନ ଉତ୍ତର ଓଡ଼ିଶା ସମେତ ରାଜ୍ୟର ଅଧିକାଂଶ ଜିଲାରେ ପ୍ରବଳ କୁହୁଡ଼ି ହେବ। ରବିବାର ମୟୂରଭଞ୍ଜ, ଅନୁଗୋଳ, ସୁନ୍ଦରଗଡ଼, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ପୁରୀ, ଯାଜପୁର, ଭଦ୍ରକ, ଜଗତ୍‌ସିଂହପୁର, କନ୍ଧମାଳ, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଆଦି ୧୩ ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବ। ସୋମବାର ନୟାଗଡ଼, ଖୋର୍ଦ୍ଧା, କଟକ, କନ୍ଧମାଳ ଓ କୋରାପୁଟ ଆଦି ୫ ଜିଲାର କିଛି ସ୍ଥାନରେ କୁହୁଡ଼ି ହେବ। ଅନ୍ୟପକ୍ଷରେ ଆସନ୍ତା ଦୁଇଦିନ ଆଭ୍ୟନ୍ତରୀଣ ଓଡ଼ିଶା ଓ ତିନିଦିନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ରାତିର ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ୧୬ତାରିଖ ପରେ ରାଜ୍ୟରେ ତାପମାତ୍ରା ୨ରୁ ୩ଡିଗ୍ରୀ ହ୍ରାସ ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍. ଆର୍. ବିଶ୍ୱାସ କହିଛନ୍ତି।

**ତିନିଦିନ ପ୍ରବଳ କୁହୁଡ଼ି, ୧୬ରୁ ଖସିବ ପାରଦ**



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଭାବତୋଷ
ପରିବାରବର୍ଗ


ଗାୟତ୍ରୀ
ପରିବାରବର୍ଗ


ଜ୍ୟୋତିଷ୍ମା
ପରିବାରବର୍ଗ


ପ୍ରିୟଙ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ବିଶ୍ୱଭୂଷଣ ଘଡ଼ାଇ


ଏଲି ବେହେରା


ରଞ୍ଜିତା ସାହୁ


ନୃସିଂହ ଚରଣ ବେହେରା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର



# ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ୍ ଉଦ୍‌ଘାଟିତ

■ ରଙ୍ଗିନ ଆଲୋକରେ ଝଲସୁଛି ବେଳାଭୂମି
■ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଉଚ୍ଚମାନର କଟେଜ

କୋଣାର୍କ, ୧୪।୧୨(ଡି.ଏନ.ଏ)-କୋଣାର୍କ-ପୁରୀ ବେଳାଭୂମି ରାସ୍ତାର ସାହୁଖଣତା ଠାରେ ଗୁଜରାଟର ରାନ୍ ଉତ୍ସବ ଢାଞ୍ଚାରେ ଆୟୋଜିତ ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ୍‌କୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଲୁନ ଉଡ଼ାଇ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଉତ୍ସବସ୍ଥଳରେ ଥିବା ପର୍ଯ୍ୟଟକ ବିଶ୍ରାମାଗାର, ଲକ୍ସୁରି କଟେଜ, ଫୁଡ ଷ୍ଟଲ ଓ ସାଂସ୍କୃତିକ ମଣ୍ଡପ ପ୍ରଭୃତିର ଲୋକାର୍ପଣ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ।

ମୁଖ୍ୟମନ୍ତ୍ରୀ ଅପରାହ୍ନ ୪ଟାରେ କୋଣାର୍କସ୍ଥିତ ହେଲିପ୍ୟାଡଠାରେ ଅବତରଣ କରିବା ପରେ ସେଠାରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପ୍ରାଣିଗ୍ରାହୀ, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପର୍ଯ୍ୟଟନ ସଚିବ ବିଶାଲ ଦେବ, ବିଭାଗୀୟ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଓଟିଡିସି ଅଧ୍ୟକ୍ଷ ଶ୍ରୀମୟୀ ମିଶ୍ର, ଆଇଜି ପର୍ସନାଲ ସୌମେନ୍ଦ୍ର ପ୍ରିୟଦର୍ଶୀ, ପୁରୀ ଜିଲାପାଳ ବଲୱନ୍ତ ସିଂ ଓ ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ପରେ ୪ଟା ୨୦ରେ ମୁଖ୍ୟମନ୍ତ୍ରୀ ଉତ୍ସବସ୍ଥଳରେ ପହଞ୍ଚିବା ପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏକ ବ୍ୟାଟେରୀଚାଳିତ କାର୍‌ରେ ଉତ୍ସବସ୍ଥଳ ବୁଲି ଦେଖିବା ସହ ସମୁଦ୍ରକୂଳରେ କିଛି ସମୟ ବିତାଇଥିଲେ। ତାଙ୍କ ସହ ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି ସଚିବ ଭି.କେ. ପାଣ୍ଡିଆନ୍ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ। ଉଦଘାଟନୀ ସନ୍ଧ୍ୟାରେ ଦିଲ୍ଲୀର ରକ୍ ବ୍ୟାଣ୍ଡ ୟୁଫୋରିଆ ଗ୍ରୁପ୍ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ୫୦ଗୋଟି



ବିଳାସପୂର୍ଣ୍ଣ କଟେଜ ମଧ୍ୟରୁ ୨୦ଟି ପର୍ଯ୍ୟଟକମାନେ ରାତ୍ରିଯାପନ ପାଇଁ ବୁକ୍ କରିଥିବା ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଣାପଡିଛି । ଏହି ଅବସରରେ ରାଜ୍ୟ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଓଡ଼ିଶାର କାରିଗରି ଶିଳ୍ପର ପ୍ରଚାର ପ୍ରସାର ପାଇଁ ୧୦ଗୋଟି ଷ୍ଟଲ ମାଧ୍ୟମରେ ହସ୍ତତନ୍ତ ସାମଗ୍ରୀର ପସରା ମେଲିଥିବା ଦେଖିବାକୁ ମିଳିଛି। ରଙ୍ଗବେରଙ୍ଗର ସୁସଜ୍ଜିତ ଆଲୋକ ମାଳାରେ ବେଳାଭୂମି କୂଳ ଝଲସୁଥିବାବେଳେ ପ୍ରଥମ ଦିନ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ବାଲୁଖଣ୍ଡ ଅଭୟାରଣ୍ୟରେ ନେଚର ଟ୍ରେଲ୍ ସହ ଟେମ୍ପୁଲ୍ ଟୁର୍ ଏବଂ ଇକୋଲୋଜିକାଲ ଟୁର୍ ହେବ। ସେହିଭଳି ଆଡ୍‌ଭେଞ୍ଚର ସ୍ପୋର୍ଟସରେ 'ଜେଟ୍-ସ୍କି', 'ସ୍ପିଡ୍ ବୋଟିଂ', 'ପାରାସେଲିଂ', 'ଏଟିଭି', 'ଆର୍ଚେରୀ', 'ରାଇଫଲ୍ ଶୁଟିଂ', 'ବିଚ୍ ଭଲିବଲ୍', 'ୱାଟର୍ ରୋଲର୍' ଆଦି ରହିବ। ଏହାବ୍ୟତୀତ ସ୍ୱତନ୍ତ୍ର ଫୁଡ୍ ଫେଷ୍ଟିଭାଲ ଓ ବିଚ୍ ମାର୍କେଟ୍‌ର ମଜା ସାଧାରଣ ଲୋକ ନେଇପାରିବେ। ୪୯ ଦିନ ଧରି ଏହି ଉତ୍ସବ ଆୟୋଜିତ ହେବ ।




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସ୍ୱଗୃହୀ ଚନ୍ଦ୍ରଙ୍କ ପ୍ରଭାବରେ ପ୍ରତ୍ୟୁଷ ଯାତ୍ରା, ଆନୁଷ୍ଠାନିକ କାମ, ପାର୍ଟିପିକ୍‌ନିକ୍ କ୍ଷେତ୍ରରୁ ଆନନ୍ଦ ପାଇପାରନ୍ତି। ସାମାଜିକ ସ୍ତରରେ କର୍ତ୍ତବ୍ୟନିଷ୍ଠା, ସହଯୋଗ ମନୋବୃତ୍ତିଜନିତ ପରୋକ୍ଷ ପ୍ରଶଂସା ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରିଯିବ ଏବଂ ସଭାସମିତି କିମ୍ବା କୌଣସି ନୂତନ କର୍ମାରମ୍ଭ କରିବାରେ ବ୍ୟସ୍ତ ରହିପାରନ୍ତି।

**ବୃଷ** ଆଜି ସ୍ୱାଦିଷ୍ଟ ଭୋଜନ, ଶ୍ରୁତି ମଧୁର କଥା, ଆତ୍ମୀୟମାନଙ୍କ ସହାନୁଭୂତି ପାଇ ଖୁସୀ ହେବେ। ଅଟକି ରହିଥିବା କାମଗୁଡିକ ସମ୍ପନ୍ନ କରିବା ସକାଶେ ଆଗଭର ହୋଇପାରନ୍ତି। କିନ୍ତୁ ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ଅପମାନ ସୂଚକ ମନ୍ତବ୍ୟ ଦେବାର ଆଶଙ୍କା ରହିଛି । ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ମିଥୁନ** ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ବୈଷୟିକ ସୁଖ,ସମୃଦ୍ଧି ଅଭିବୃଦ୍ଧିରେ ସହାୟକ ହେବ। ଖୋଜୁଥିବା ଜିନିଷ ପାଇବେ। କେତେକ କ୍ଷେତ୍ରରେ ଯେତିକି ଅର୍ଥ ପାଇବେ ପ୍ରତିଦାନରେ ତାହାଠାରୁ ଅଧିକ କିଛି ଖର୍ଚ୍ଚ କରିବାକୁ ପଡ଼ିପାରେ। ଅନ୍ୟମାନଙ୍କ କଥାରେ ଭାସିଯାଇ ଯେଉଁ କାମ କରିବେ ପରେ ସେଥି ସକାଶେ ଅନୁତାପ କରିବାକୁ ପଡିବାର ଆଶଙ୍କା ରହିଛି ।

**କର୍କଟ** କର୍ମକ୍ଷେତ୍ରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ଶାନ୍ତି ହରାଇପାରନ୍ତି। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ନିଜ ଲୋକଙ୍କ ସକାଶେ ଯେତେ ପ୍ରକାରର ଉତ୍ସର୍ଗୀକୃତ କାମ କଲେ ମଧ୍ୟ ପ୍ରଶଂସା ମିଳିବ ନାହିଁ। ବ୍ୟବସାୟ ଓ ପରିବହନରେ ଭାଗୀଦାରଙ୍କ ତରଫରୁ କୌଣସି ଅଭିଯୋଗ ଆସିପାରେ।

**ସିଂହ** ଆଜିର ଅନୁକୂଳ ଗ୍ରହସ୍ଥିତି କାରଣରୁ ଯେଉଁ କାମରେ ହାତ ଦେବେ ସେଥିରେ ଅବଶ୍ୟ ସଫଳତା ପାଇବେ। କିନ୍ତୁ ପରିସ୍ଥିତିବଶତଃ ଉପରିସ୍ଥଙ୍କ ଆଦେଶାନୁସାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବାକୁ ପଡ଼ିପାରେ । ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହୋଇଯିବାର ସମ୍ଭାବନା ରହିଛି।

**କନ୍ୟା** କର୍ମୋନ୍ନତି, ଆର୍ଥିକ ପ୍ରଗତି, ସାମାଜିକ ସ୍ୱୀକୃତି, ପରିବାରରେ ଆନନ୍ଦମୟ ପରିବେଶର ଉପସ୍ଥିତି ରହିବ। ମାତ୍ର ଏହା ସଙ୍ଗକୁ ବ୍ୟୟବୃଦ୍ଧି,ପରୋକ୍ଷ ଶତ୍ରୁତା,ଆତ୍ମୀୟଙ୍କ କଳୁଷିତ ଦୃଷ୍ଟିରୁ ବାଦ୍ ଯାଇପାରିବେ ନାହିଁ। ଆଗୁଆ ନହୋଇ ବିବାଦୀୟ ଘଟଣାରେ ନୀରବ ରହିବା ଭଲ ହେବ । ରୋଗୀଣା ସ୍ୱାସ୍ଥ୍ୟରେ ସମାନ୍ୟ ବ୍ୟତିକ୍ରମ ଦେଖାଦେବ।

**ତୁଳା** କାର୍ଯ୍ୟକ୍ଷେତ୍ରରେ ଶିଥିଳତା କିମ୍ବା ନିରୁତ୍ସାହିତ ଅନୁଭବ କରିବେ। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିପାରନ୍ତି। ଯାହା ଆଶା କରୁଥିଲେ କିଛି ପରିମାଣରେ ଅବଶ୍ୟ ପାଇପାରିବେ, କିନ୍ତୁ ମାନସିକ ପରିତୃପ୍ତି ପୂର୍ଣ୍ଣତଃ ମିଳିବ ନାହିଁ। ମାଲିମକଦ୍ଦମା, ଜମିଜମା, ବାଣିଜ୍ୟ, ବ୍ୟବସାୟ, ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତାର କାରଣ ହୋଇପାରେ।

**ବିଛା** ଆଜିର ଗ୍ରହସ୍ଥିତି ଆପଣଙ୍କୁ ମାନସିକ ଅସ୍ଥିରତା ସୃଷ୍ଟି କଲେ ମଧ୍ୟ ଅର୍ଥନୈତିକ ଉତ୍କର୍ଷତା ସାମୟିକ ପରିତୃପ୍ତି ପ୍ରଦାନ କରିବ। ପାରିବାରିକ କ୍ଷେତ୍ରରେ ନୂଆ ନୂଆ କାମ ଆରମ୍ଭ କରିବାର ଯୋଜନା ବନେଇ ପାରି । କଳା,ସାହିତ୍ୟ,ଓ ବନ୍ଧୁ ମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ ଏବଂ ସାଙ୍ଗଠନିକ କାଯର୍‌ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ଧନୁ** କୌଣସି ବନ୍ଧୁଙ୍କର ଅନୁପସ୍ଥିତି ମନରେ ଗଭୀର ଭାବାବେଗ ସୃଷ୍ଟି କରିବ। ଭାଙ୍ଗି ପଡିଥିବା ସମ୍ପର୍କକୁ ପୁଣି ଯୋଡ଼ିବା ସକାଶେ ଚେଷ୍ଟା କରି କିଛି ଲାଭ ପାଇବେ ନାହିଁ। ଦୀର୍ଘ ଦିନରୁ ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିପାରନ୍ତି। ପାରସ୍ପରିକ ତାଳମେଳ ଅଭାବରୁ ପ୍ରଶାସନିକ କ୍ଷେତ୍ରରେ ଅସ୍ଥିରତା ଦେଖା ଦେଇପାରେ।

**ମକର** ପାରିବାରିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ନିଜର ଭାବାବେଗକୁ ରୋକି ପାରିବେ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ, ମାତ୍ର ବହୁତ ଟକଲିପି ସହିବାକୁ ପଡ଼ିପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହେବାର ସୂଚନା ରହିଛି ।

**କୁମ୍ଭ** ଆପଣଙ୍କୁ କୌଣସି ଦୁଃସାହସିକ କାମ ସକାଶେ ପ୍ରେରଣା ଯୋଗାଇ ସମସ୍ୟା ଭିତରକୁ ଟାଣି ନେଇପାରେ। ଏହି ପରିପ୍ରେକ୍ଷୀରେ ଆପଣ ସଂଯମ ରକ୍ଷା ନକଲେ ବିବାଦରେ ଲିପ୍ତ ରହିପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ସବୁ କାମ ନିରୁତ୍ସାହିତ ଭାବେ କରିବେ ଏବଂ କୌଣସିଥିରେ ଆନ୍ତରିକତା ରହିବନାହିଁ ।

**ମୀନ** ଆଜି ଯେତେ ପ୍ରକାର ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ମାତ୍ର ଶତ୍ରୁକ୍ଷେତ୍ରସ୍ଥ ମନର ପ୍ରତୀକ ଗ୍ରହ ମାନସିକ କ୍ଷେତ୍ରକୁ ଅଶାନ୍ତ କରିପାରନ୍ତି। ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ। ବନ୍ଧୁଙ୍କ ପରାମର୍ଶରେ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବାର ସୁଯୋଗ ପାଇବେ।

ଆଜି ମାସାନ୍ତ, ପୌଷ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ରବିବାର, ଡିସେମ୍ବର ୧୫ ତାରିଖ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୦୦ମି. ଗତେ ଘ୯।୧୦ମି. ମଧ୍ୟେ ଅମୃତବେଳା। ସକାଳ ଘ୧୦।୨୦ମି. ଗତେ ଘ୧୧।୪୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୩।୪୪ମି. ଗତେ ଘ୫।୦୫ମି. ମଧ୍ୟେ ରାହୁକାଳ।

## ମୃତ ଡଲ୍‌ଫିନ ଉଦ୍ଧାର



ରାଜନଗର,୧୪।୧୨(ଡି.ଏନ.ଏ.)-ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ପେଣ୍ଠ ବେଳାଭୂମି ନିକଟରୁ ଶନିବାର ତିନି ମୃତ ଡଲଫିନ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନବିଭାଗ ଟିମ୍ ସେଠାରେ ପହଞ୍ଚି ମୃତ ଡଲଫିନ୍‌ଗୁଡିକୁ ଉଦ୍ଧାର କରିଥିଲା । ବ୍ୟବଚ୍ଛେଦ ପରେ ସେଗୁଡ଼ିକୁ ପୋତି ଦିଆଯାଇଛି। ରାଜନଗର ବ୍ଲକର ପେଣ୍ଠ ବେଳାଭୂମିରୁ ଉଦ୍ଧାର ହୋଇଥିବା ମୃତ ମାଈ ଡଲଫିନଗୁଡିକ ଇରାୱାଡି ପ୍ରଜାତିର । ସେଥିମଧ୍ୟରୁ ଗୋଟିଏର ଓଜନ ୯୦ କେଜି, ଅନ୍ୟଟି ୪୦ କେଜି ହୋଇଥିବା ବେଳେ ଆଉ ଗୋଟିଏ ୨୦କେଜି ଓଜନର ବୋଲି ଜଣାଯାଇଛି । ଟ୍ରଲର ମାଡରେ ଏହି ମା' ଡଲ୍‌ଫିନଗୁଡିକର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ମୁତାବକ ଟ୍ରଲର ମାଡ ସମୟରେ ଏକ ମା' ଡଲ୍‌ଫିନ ଛୁଆ ଜନ୍ମ କରି ଦେଇଛି। ଛୁଆଟି ୯୦ ପ୍ରତିଶତ ବାହାରକୁ ବାହାରି ଆସିଥିବା ବେଳେ ୧୦ ପ୍ରତିଶତ ମା' ପେଟରେ ରହିଥିବା ଦେଖିବାକୁ ମିଳିଛି। ଛୁଆ ମଧ୍ୟ ମୃତ୍ୟୁବରଣ କରିଛି। ସେହିପରି ୪୦ କେଜି ଓଜନର ଡଲଫିନ ପଡି ଯାଇଥିବା ବେଳେ ଦେହରେ କ୍ଷତ ଚିହ୍ନ ରହିଛି। ଡଲଫିନଗୁଡିକ ଟ୍ରଲର ମାଡରେ ମୃତ୍ୟୁବରଣ କରିବା ପରେ ଜୁଆରରେ ଭାସି ଆସି ପେଣ୍ଠ ବେଳାଭୂମିରେ ଲାଗିଛି।

ସୂଚନାଯୋଗ୍ୟ, ନଭେମ୍ବର ୧ରୁ ମେ ୩୧ ତାରିଖ ପର୍ଯ୍ୟନ୍ତ କଇଁଛ ପ୍ରଜନନ ଋତୁ ପାଇଁ ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଏହାସତ୍ତ୍ୱେ ଏଭଳି ଘଟଣା ପରିବେଶବିତ୍‌ମାନଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିଛି ।

## ମା' ପେଟରେ....

ପ୍ରଥମ ପୃଷ୍ଠାରୁ...

ଗର୍ଭବତୀଙ୍କ ଚିକିତ୍ସା ପ୍ରତି ଏପରି ଅମାନବୀୟ ଅବହେଳା ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଥିବା ତ୍ରୁଟିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏହିଘଟଣାକୁ ଗୁରୁତ୍ୱର ସହ ନେଇ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଉଲ୍ଲେଖନୀୟ ଯେ, ରାଇରଙ୍ଗପୁର ସବ୍‌ଡିଭିଜନ ଅଧୀନ ଜାମଦା ଅଞ୍ଚଳର ଏହି ମହିଳା ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଗତ ଗୁରୁବାର ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମହିଳା ଜଣକ ଏଚଆଇଭି ଆକ୍ରାନ୍ତ ହୋଇଥିବା ଡାକ୍ତରମାନେ ଜାଣିବା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜ ନେବାକୁ ପରାମର୍ଶ ଦେଇଥିଲେ। ପରେ ସେହି ରାତି ପ୍ରାୟ ୧୧ଟାରେ ତାଙ୍କୁ ଏଠାକୁ ଅଣାଯାଇଥିଲା। ଡାକ୍ତରମାନେ ତାଙ୍କୁ ଠିକ୍ ଭାବେ ଚିକିତ୍ସା ନ କରିବାରୁ ଶୁକ୍ରବାର ସକାଳେ ଗର୍ଭସ୍ଥ ଶିଶୁର ମୃତ୍ୟୁ ଘଟିଥିବା ଜଣାପଡିଥିଲା। ଡାକ୍ତରଙ୍କଠାରୁ ଏ ସମ୍ପର୍କରେ ସୂଚନା ପାଇବା ପରେ ଅସ୍ତ୍ରୋପଚାର କରି ମା' ପେଟରୁ ମୃତ ଶିଶୁକୁ କାଢ଼ିବା ଲାଗି ଆତ୍ମୀୟସ୍ୱଜନମାନେ କହିଥିଲେ। କିନ୍ତୁ କେହି କିଛି ଏ ଦିଗରେ ପଦକ୍ଷେପ ନେଇ ନ ଥିଲେ। ଘଣ୍ଟା ପରେ ଘଣ୍ଟା ବିତିବାରୁ ସମ୍ପୃକ୍ତ ସମ୍ପର୍କୀୟମାନେ ବ୍ୟସ୍ତ ହୋଇ ସମସ୍ତଙ୍କୁ ଗୁହାରି କରିଥିଲେ। ଶେଷରେ କେତେକ ସ୍ଥାନୀୟ ସାମାଜିକ କର୍ମୀ ହସ୍ତକ୍ଷେପ କରିବାରୁ ଦୀର୍ଘ ୨୪ ଘଣ୍ଟା ପରେ ଶନିବାର ସକାଳେ ଅସ୍ତ୍ରୋପଚାର କରାଯାଇଥିଲା। ଏବେ ପ୍ରସୂତିଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ତେବେ ଚିକିତ୍ସା କାର୍ଯ୍ୟରେ ଅବହେଳା କରାଯିବା ନେଇ ମହିଳାଙ୍କ ଆତ୍ମୀୟ ସ୍ୱଜନ ଅଭିଯୋଗ କରିଥିଲେ ମଧ୍ୟ ମେଡିକାଲ ପକ୍ଷରୁ କୌଣସି ସୂଚନା ଦିଆଯାଉ ନାହିଁ । ଏ ସମ୍ପର୍କରେ ମେଡିକାଲ କଲେଜ ଅଧୀକ୍ଷକ ଡା. ବିଏନ ମହାପାତ୍ରଙ୍କୁ ପଚାରିବାରୁ ଚିକିତ୍ସା ଅବହେଳା ନେଇ ତାଙ୍କ ପାଖରେ କୌଣସି ଅଭିଯୋଗ ହୋଇନାହିଁ, ତେବେ ସେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି। ଜଣେ ଏଚଆଇଭି ଆକ୍ରାନ୍ତ ଗର୍ଭବତୀଙ୍କ ପ୍ରତି ଚିକିତ୍ସାରେ ଅବହେଳା କରାଯିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


# ବୀଭତ୍ସ ହତ୍ୟା ପଛରେ ଛଳ ପ୍ରେମ

**ଅପରାଧ ଘଟାଇବା ପରେ ଅପରାଧୀ ଆଇନ ଆଖିରୁ ଖସିଯିବା ପାଇଁ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରେ। ହେଲେ କୌଣସି ନା କୌଣସି ସ୍ଥାନରେ ସେ ତା'ର ଅପରାଧର ପ୍ରମାଣ ଛାଡ଼ି ଦେଇଥାଏ। ଠିକଣା ଢଙ୍ଗରେ ତଦନ୍ତ ହେଲେ ପୋଲିସ ଅପରାଧୀ ନିକଟରେ ପହଞ୍ଚିବାରେ ସକ୍ଷମ ହୁଏ, ଯାହାର ଏକ ଉଦାହରଣ ହେଉଛି ଜଗତପୁର ଥାନା ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଧରିବାରେ ଯେଉଁ ଅନୁଭୂତି ମିଳିଛି ତାହା ଅପାସୋରା ହୋଇରହିବ ବୋଲି କହିଛନ୍ତି ଶହୀଦନଗର ଥାନାଧିକାରୀ ବିରଞ୍ଚି ନାରାରଣ ପତି।**

■ ବିରୂପା ନଦୀ କୂଳରେ ପ୍ରେମିକ ଗଳା କାଟି ହତ୍ୟା କରିଥିଲେ
■ ମୋବାଇଲ୍ ଫୋନ ନମ୍ବରରୁ ମିଳିଥିଲା ଅଭିଯୁକ୍ତଙ୍କ ସୂଚନା

**ଥାନା ଅଧିକାରୀଙ୍କ ଅନୁଭୂତି**

ଉକ୍ତ ଘଟଣା ସମ୍ପର୍କରେ ଥାନାଧିକାରୀ ପତି କୁହନ୍ତି, ୨୦୧୮ ଜୁଲାଇ ୧୧ ରାତି ପ୍ରାୟ ୯ଟାରେ ଜଗତପୁର ଥାନା ଆଠମାଣିଆସ୍ଥିତ ବିରୂପା ନଦୀ କୂଳରୁ ଜଣେ ମହିଳାଙ୍କ ଗଳିତ ମୃତଦେହକୁ ଜବତ କରାଗଲା। ସେ ସମୟରେ ମୁଁ ସେଠାରେ ଥାନାଧିକାରୀ ଥିଲି। ମହିଳାଙ୍କୁ ଅତି ବୀଭତ୍ସଭାବେ ଗଳା କାଟି ହତ୍ୟା କରାଯାଇ ନଦୀକୂଳରେ ଫିଙ୍ଗି ଦିଆଯାଇଥିଲା। ମୃତଦେହ ପାଣିରେ ଫୁଲି ଯାଇଥିବାରୁ ମହିଳାଙ୍କୁ ଚିହ୍ନଟ କରିବା କଷ୍ଟକର ଥିଲା। ଏନେଇ ପୋଲିସ ଆଇପିସି ଦଫା ୩୦୨ ଅନୁଯାୟୀ କେସ୍ ନଂ-୧୮୬/୧୮ ରୁଜୁ କରି ତଦନ୍ତ କରୁଥିଲା। ମୃତକଙ୍କ ପରିଚୟ ଜାଣିବା ପାଇଁ ବିଭିନ୍ନ ଥାନାକୁ ଫଟୋ ପଠାଯିବା ସହ ମିସିଂ ରିପୋର୍ଟ ଯାଞ୍ଚ କରାଯାଇଥିଲା। ହତ୍ୟାକାଣ୍ଡର ୧୫ ଦିନ ପରେ ବି ମହିଳାଙ୍କ ପରିଚୟ ମିଳିପାରି ନ ଥିଲା। ହଠାତ୍ ମାହାଙ୍ଗା ଥାନାରୁ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା ରାଣୀ(ଛଦ୍ମନାମ)ଙ୍କ ନିଖୋଜ ଖବର ଆସିଥିଲା। ଜୁଲାଇ ୯ରେ ଜଗତ୍‌ପୁର ଯାଉଥିବା କହି ରାଣୀ ଘରୁ ବାହାରିଥିଲେ। କିନ୍ତୁ ସେ ଆଉ ଘରକୁ ଫେରି ନ ଥିଲେ। ୧୫ ଦିନରୁ ଊର୍ଦ୍ଧ୍ୱ ହୋଇଯାଇଥିବାରୁ ପୋଲିସ ମୃତଦେହକୁ ପୋଡ଼ି ସାରିଥିଲା। କେବଳ ଚିହ୍ନଟ ପାଇଁ ମହିଳାଙ୍କ ଶାଢ଼ି, ଗହଣା ଓ ଚୁଡ଼ି ରଖିଥିଲା। ରାଣୀଙ୍କ ଭଉଣୀଙ୍କୁ ପୋଲିସ ଉକ୍ତ ଗହଣା ଓ ଶାଢ଼ି ଦେଖାଇବା ପରେ ମୃତକ ଜଣକ ରାଣୀ ବୋଲି ସ୍ପଷ୍ଟ ହେଲା। କିନ୍ତୁ ପରିଚୟ ଜାଣିବାଠାରୁ ଅଧିକ ଚ୍ୟାଲେଞ୍ଜ ଥିଲା ଅଭିଯୁକ୍ତଙ୍କୁ ଗିରଫ କରିବା। ରାଣୀଙ୍କ ମୋବାଇଲ ଫୋନ ସିଡିଆର(କଲ୍ ଡିଟେଲ ରିପୋର୍ଟ) ଯାଞ୍ଚ କରାଯାଇଥିଲା। ରାଣୀ ୫ଟି ଫୋନ୍ ନମ୍ବରରେ ସବୁଦିନ କଥା ହେଉଥିଲେ। ସେହି ୫ଟି ନମ୍ବରକୁ ଯାଞ୍ଚ ପରେ ଜଣାପଡ଼ିଥିଲା ଯେ, ସେଥିରୁ ଗୋଟିଏ ହତ୍ୟାକାଣ୍ଡ ପରଠୁ ବନ୍ଦ ଥିଲା। ତେଣୁ ସେହି ନମ୍ବର ଉପରେ ସନ୍ଦେହ କରାଯାଇ ତାହାର ବ୍ୟବହାରକାରୀଙ୍କୁ ଖୋଜାଯାଇଥିଲା। କିନ୍ତୁ ଉକ୍ତ ନମ୍ବରର କାଗଜପତ୍ର ଜାଲ ଥିଲା। ତେଣୁ ଉକ୍ତ ନମ୍ବର ସହ ଯୋଗାଯୋଗରେ ଥିବା ଆଉ କେତେକ ଫୋନ ନମ୍ବରକୁ ଯାଞ୍ଚ କରାଯିବାରୁ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିଯାଇଥିଲା। ସେ ଥିଲେ ସୁରେନ୍ଦ୍ର ବେହେରା(୪୦) ନାମକ ଜଣେ ରାଜମିସ୍ତ୍ରି। ହେଲେ ସେ କେଉଁଠି ରହୁଛନ୍ତି ତାହା ଜଣାପଡ଼ି ନ ଥିଲା। ତେଣୁ ସୁରେନ୍ଦ୍ରଙ୍କ ସହ କାମ କରୁଥିବା ସମସ୍ତ ରାଜମିସ୍ତ୍ରିଙ୍କୁ ଖବର ଦେବାକୁ କୁହାଯାଇଥିଲା। ହଠାତ୍ ଜଣେ ବ୍ୟକ୍ତି ଫୋନ କରି ଜଣାଇଥିଲେ ଯେ, ସୁରେନ୍ଦ୍ର ବାଇକ ଯୋଗେ ଶିଖରପୁର ଛକ ଦେଇ ଜଗତପୁର ଅଭିମୁଖେ ଯାଉଛନ୍ତି। କିନ୍ତୁ ଫକୀରପୁର ପଣ୍ଡାସାହିରେ ସେ କେଉଁଆଡ଼େ ପଳାଇଥିଲେ ଜଣାପଡ଼ି ନ ଥିଲା। କିନ୍ତୁ ସୁରେନ୍ଦ୍ର ସେହି ଅଞ୍ଚଳରେ ରହୁଥିବା ଆମେ ସ୍ପଷ୍ଟ ହୋଇଯାଇଥିଲୁ। ତା' ପରଦିନ ଆମ ପୋଲିସ କର୍ମଚାରୀ ସୁରେନ୍ଦ୍ରଙ୍କ ଫଟୋ ଧରି ପଣ୍ଡାସାହିର ଘରକୁ ଘର ବୁଲି ପଚାରିଥିଲେ। ଫଳରେ ସୁରେନ୍ଦ୍ର ରହୁଥିବା ଘର ମିଳିଯାଇଥିଲେ ମଧ୍ୟ ଦୁଇ ଦିନ ପୂର୍ବରୁ ସେ ସେଠାରୁ ପଳାଇଥିଲେ। ଜଣେ ମହିଳାଙ୍କୁ ଘରକୁ ଆଣି ଅନୈତିକ ସମ୍ପର୍କ ରଖୁଥିବାରୁ ଘର ମାଲିକ ତାଙ୍କୁ ବାହାର କରି ଦେଇଥିଲେ। ଏହାପରେ ଗୋଟିଏ ଦିନ ସୁରେନ୍ଦ୍ର ତାଙ୍କର ଜଣେ ପୁରୁଣା ମିସ୍ତ୍ରିଙ୍କୁ ଫୋନ୍ କରି ଭୁବନେଶ୍ୱରରେ ଏକ ଘର କାମ ମିଳିଛି ବୋଲି କହିଲେ। ଉକ୍ତ ମିସ୍ତ୍ରି ଜଣକ ତୁରନ୍ତ ଆମକୁ ଫୋନ୍ କରି ଜଣାଇଥିଲେ। ଆମ କହିବା ଅନୁସାରେ ଉକ୍ତ ମିସ୍ତ୍ରି ଜଣକ ସୁରେନ୍ଦ୍ରଙ୍କୁ ଜଗତପୁର ଗୋଲେଇ ଛକ ନିକଟକୁ ଡାକିଥିଲେ। ସେପ୍ଟେମ୍ବର ୮ରେ ସୁରେନ୍ଦ୍ର ଉକ୍ତ ଛକକୁ ଆସିବା ପରେ ପୂର୍ବରୁ ଛକି ରହିଥିବା ଆମ ପୋଲିସ କର୍ମଚାରୀ ତାଙ୍କୁ କାବୁ କରିଥିଲେ।


ବିରଞ୍ଚି ନାରାରଣ ପତି

ସୁରେନ୍ଦ୍ର ପୋଲିସକୁ ହତ୍ୟାକାଣ୍ଡର କାରଣ କହିଥିଲେ। ସେ ରାଣୀଙ୍କ ଭାଇଙ୍କ ଇନ୍ଦିରାଆବାସ କାମ କରିବା ସମୟରେ ତାଙ୍କ ସହିତ ପରିଚିତ ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିନ୍ତୁ ସୁରେନ୍ଦ୍ରଙ୍କ ପାଇଁ ତାହା ଥିଲା ଛଳ ପ୍ରେମ। ସେ ଟାଇମ୍ ପାସ ପାଇଁ ରାଣୀଙ୍କୁ ଭଲ ପାଉଥିଲେ। କିନ୍ତୁ ରାଣୀ ବାହାହେବାକୁ ସୁରେନ୍ଦ୍ରଙ୍କ ଉପରେ ଚାପ ପକାଇଥିଲେ। ବାହା ନ ହେଲେ ଗାଁରେ ହୋହଲ୍ଲା କରିବେ ଧମକ ଦେଇଥିଲେ। ତେଣୁ ରାଣୀଙ୍କୁ ହତ୍ୟା କରିବାକୁ ସୁରେନ୍ଦ୍ର ଯୋଜନା କରିଥିଲେ। ତଦନୁଯାୟୀ ବାହା ହେବା ପାଇଁ ରାଣୀଙ୍କୁ ଜୁଲାଇ ୯ରେ ଜଗତ୍‌ପୁରକୁ ଡାକିଥିଲେ। ରାଣୀ ଜଗତପୁରରେ ପହଞ୍ଚିବା ପରେ କିଛି କାମ ଥିବା ଦର୍ଶାଇ ସୁରେନ୍ଦ୍ର ତାଙ୍କୁ ବାଇକରେ ବସାଇ ବିରୂପା ନଦୀ ଅଭିମୁଖେ ଯାଇଥିଲେ। ସାଙ୍ଗରେ ସୁରେନ୍ଦ୍ରଙ୍କ ଜଣେ ସହଯୋଗୀ ମଧ୍ୟ ଥିଲେ। କିନ୍ତୁ ନଦୀ କୂଳରେ ପହଞ୍ଚିବା ପରେ ସୁରେନ୍ଦ୍ର ଶୌଚ ପାଇଁ ଯିବାକୁ କହିଥିଲେ। ଏହାସହ ବିଳମ୍ବ ଘଟିବ ବୋଲି କହି ସାଙ୍ଗରେ ଥିବା ସହଯୋଗୀଙ୍କୁ ସେଠାରୁ ପଠାଇ ଦେଇଥିଲେ। ଏହାପରେ ସେ ରାଣୀଙ୍କୁ ନଦୀ ପାଖକୁ ଡାକି ନେଇ ଏକ ଛୁରିରେ ତାଙ୍କ ଗଳା କାଟି ଦେଇଥିବା ସେ ପୋଲିସ ଆଗରେ ସ୍ୱୀକାର କରିଥିଲେ।

-ରିପୋର୍ଟ: ତ୍ରିନାଥ ମହାନ୍ତି, ଭୁବନେଶ୍ୱର




ବ୍ରହ୍ମପୁର ସ୍ପେଶାଲ: ଭେଜ୍ ଚକୁଳି

ଦେଖନ୍ତୁ ଭିଡିଓ

YouTube /dharitrilive


ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧକରି ରେଳରୋକୋ

# ଓଡ଼ିଶାରେ ଟ୍ରେନ୍ ଚଳାଚଳ ପ୍ରଭାବିତ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ): ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ କରି ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଆନ୍ଦୋଳନ ଉଗ୍ର ରୂପ ନେଇଛି। ଆନ୍ଦୋଳନକାରୀ ଟ୍ରେନ୍‌କୁ ଟାର୍ଗେଟ କରି ହିଂସା ଘଟାଉଛନ୍ତି। ଫଳରେ ଓଡ଼ିଶା ସମେତ ୪ ରାଜ୍ୟରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିଶେଷକରି ପଶ୍ଚିମବଙ୍ଗର ହାଓଡ଼ା-ଖଡ଼ଗପୁର ଅଞ୍ଚଳରେ ରେଳରୋକୋ ଓ ଆକ୍ରମଣ ଯୋଗୁ ଓଡ଼ିଶାରେ ରେଳ ସେବା ଗୁରୁତର ପ୍ରଭାବିତ ହୋଇଛି। ଯାତ୍ରୀ ଓ ରେଳ ସୁରକ୍ଷାକୁ ଗୁରୁତ୍ୱ ଦେଇ କିଛି ଟ୍ରେନ୍‌କୁ ବାତିଲ୍, ଆଂଶିକ ବାତିଲ୍ ଓ ମାର୍ଗ ପରିବର୍ତ୍ତନ କରାଯାଇଛି। ଶନିବାର ହାଓଡ଼ା-ତିରୁପତି ହମ୍‌ସଫର ଏକ୍ସପ୍ରେସ, ହାଓଡ଼ା-ଏର୍ନାକୁଲମ ଅନ୍ତ୍ୟୋଦୟ ଏକ୍ସପ୍ରେସ, ହାଓଡ଼ା-ଚେନ୍ନାଇ କରମଣ୍ଡଳ ଏକ୍ସପ୍ରେସ, ହାଓଡ଼ା-ଯଶୋବନ୍ତପୁର ଦୂରନ୍ତୋ ଏକ୍ସପ୍ରେସ, ହାଓଡ଼ା-ହାଇଦ୍ରାବାଦ ଇଷ୍ଟକୋଷ୍ଟ ଏକ୍ସପ୍ରେସ, ହାଓଡ଼ା-ପୁଣେ ଦୂରନ୍ତୋ ଏକ୍ସପ୍ରେସ, ହାଓଡ଼ା-ମୁମ୍ବାଇ ସିଏସ୍‌ଏମ୍‌ଟି ଗୀତାଞ୍ଜଳି ଏକ୍ସପ୍ରେସ, ହାଓଡ଼ା-ପୁରୀ ଶ୍ରୀଜଗନ୍ନାଥ ଏକ୍ସପ୍ରେସ, ସନ୍ତ୍ରାଗଛି-ପୁରୀ ସ୍ପେଶାଲ, ହାଓଡ଼ା-ପୁରୀ ସାପ୍ତାହିକ ଓ ହାଓଡ଼ା-ପୁରୀ ପାସେଞ୍ଜରକୁ ହାଓଡ଼ାରୁ ବାତିଲ୍ କରାଯାଇଛି। ସେହିପରି ପୁରୀ ଷ୍ଟେଶନରୁ ଶନିବାର ପୁରୀ-ଦୀଘା ଏକ୍ସପ୍ରେସ ଓ ରବିବାର ପୁରୀ-ସନ୍ତ୍ରାଗଛି ପାସେଞ୍ଜର, ପୁରୀ-ଖୋର୍ଦ୍ଧା ପାସେଞ୍ଜର, ପୁରୀ-ହାଓଡ଼ା ଜଗନ୍ନାଥ ଏକ୍ସପ୍ରେସ, ପୁରୀ-ସନ୍ତ୍ରାଗଛି ପାସେଞ୍ଜର, ପୁରୀ-କାମାକ୍ଷା ଏକ୍ସପ୍ରେସ, ପୁରୀ-ହାଓଡ଼ା ଏକ୍ସପ୍ରେସ, ପୁରୀ-ସିଆଲ୍‌ଦା ଦୂରନ୍ତୋକୁ ବାତିଲ୍ କରାଯାଇଛି। ପୁରୀ-ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ ପୁରୀ ଓ ଖଡ଼ଗପୁର ମଧ୍ୟରେ ଚଳାଚଳ କରିବ। ଖଡ଼ଗପୁରରୁ ହାଓଡ଼ା ମଧ୍ୟରେ ଏହାର ଚଳାଚଳ ବାତିଲ୍ କରାଯାଇଛି। ଭୁବନେଶ୍ୱର-ହାଓଡ଼ା-ଭୁବନେଶ୍ୱର ଜନଶତାବ୍ଦୀ ଏକ୍ସପ୍ରେସ ଭୁବନେଶ୍ୱର-ମେଚେଡ଼ା ମଧ୍ୟରେ ଚଳାଚଳ କରିବ। ହାଓଡ଼ା ପର୍ଯ୍ୟନ୍ତ ଚଳାଚଳକୁ ବାତିଲ୍ କରାଯାଇଛି। ଅନ୍ୟପକ୍ଷରେ ରବିବାର ତିରୁପତି-ହାଓଡ଼ା ଏକ୍ସପ୍ରେସ ତିରୁପତିରୁ, ଚେନ୍ନାଇ-ହାଓଡ଼ା କରମଣ୍ଡଳ ଏକ୍ସପ୍ରେସ ଚେନ୍ନାଇରୁ, ଦୀଘା-ପୁରୀ ଏକ୍ସପ୍ରେସ ଦୀଘାରୁ, ସୋମବାର ଯଶୋବନ୍ତପୁର-ହାଓଡ଼ା ଏକ୍ସପ୍ରେସ ଯଶୋବନ୍ତପୁରରୁ, ହାଇଦ୍ରାବାଦ-ହାଓଡ଼ା ଇଷ୍ଟକୋଷ୍ଟ ଏକ୍ସପ୍ରେସ ହାଇଦ୍ରାବାଦରୁ ଓ ମଙ୍ଗଳବାର ଏର୍ନାକୁଲମ-ହାଓଡ଼ା ଏକ୍ସପ୍ରେସ ଏର୍ନାକୁଲମରୁ ବାତିଲ୍ କରାଯାଇଛି।



## ଜିଲା ଚିଠି
### ସୁବର୍ଣ୍ଣପୁର

# ଧଳାସୁନା ମଣ୍ଡି

କୃଷିଭିତ୍ତିକ ସୁବର୍ଣ୍ଣପୁର ଜିଲାରେ ଚାଷୀ ସବୁବେଳେ ଅଭାବୀ ବିକ୍ରି ଓ ଦଲାଲଙ୍କ ଦ୍ୱାରା ଶୋଷିତ ହୋଇଆସୁଛି। ଧାନ ହେଉ ଅବା ପନିପରିବା କିମ୍ବା ଧଳାସୁନା କୁହାଯାଉଥିବା କପା ଫସଲ କରି ଚାଷୀ କ୍ଷତି ସହୁଛି। ଜିଲାରେ ଚଳିତ ବର୍ଷ ସାଢେ ୪ ହଜାର ହେକ୍ଟର ଜମିରେ କପାଚାଷ ହୋଇଥିଲା। ଅଣଜଳସେଚିତ ବୀରମହାରାଜପୁର, ଉଲୁଣ୍ଡା, ତରଭା ଓ ସୋନପୁର ବ୍ଲକରେ ଚାଷୀ କପା ଅମଳ କରି ବିକ୍ରି ଅପେକ୍ଷାରେ ଅଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଜିଲାରେ କପା ମଣ୍ଡି ଖୋଲିନାହିଁ । ବିକ୍ରିବଟାର ସୁବିଧା ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏଥିପାଇଁ ଚାଷୀମାନେ ଭାରତୀୟ କପା ନିଗମର ଅସହଯୋଗକୁ ଦାୟୀ କରିଛନ୍ତି। ଗତବର୍ଷ ବୀରମହାରାଜପୁର ନିୟନ୍ତ୍ରିତ ବଜାର କମିଟି ଅଧୀନରେ ବଡଖମାରଠାରେ ମଣ୍ଡି ଖୋଲିଥିଲା। ଉଭୟ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର କପାଚାଷୀ ଉପକୃତ ହୋଇଥିଲେ। ଚଳିତବର୍ଷ କପା ମଣ୍ଡି ଖୋଲିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ମଣ୍ଡି ଉଦ୍‌ଘାଟନ ମଧ୍ୟ ହେଲା। ମାତ୍ର ମିଲର୍ସ ନ ଆସିବାରୁ ଚାଷୀମାନେ ଚିନ୍ତାରେ ଅଛନ୍ତି। ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର କଳାମାଟି କପାଚାଷ ପାଇଁ ସର୍ବୋତ୍କୃଷ୍ଟ। ଏଠାରେ ଉନ୍ନତ ଧରଣର ଅଧିକ କପା ଉତ୍ପାଦନ ହୋଇଥାଏ। ଅଞ୍ଚଳରେ ଶତାଧିକ ବୁଣାକାର ପରିବାର ଥିବାରୁ ରାଜ୍ୟ ସରକାର ୮୦ ଦଶକରେ ଏଠାରେ ସ୍ପିନିଂ ମିଲ ପ୍ରତିଷ୍ଠା କରିଥିଲେ। ଲକ୍ଷ୍ୟ ଥିଲା ଚାଷୀ କପା ବିକ୍ରି କରି ଉଚିତ ପ୍ରାପ୍ୟ ପାଇବେ। ଏହି ସ୍ପିନିଂ ମିଲ୍ କିନ୍ତୁ ବର୍ତ୍ତମାନ ସ୍ଥାନୀୟ କପା ଚାଷୀଙ୍କ ସ୍ୱାର୍ଥରେ ଆସୁନାହିଁ। ଏହା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ମିଲ ଏଠାରୁ କପା କ୍ରୟ ନ କରି ବାହାରୁ କମ୍ ମୂଲ୍ୟରେ କପା କିଣୁଛି। ସ୍ପିନିଂ ମିଲକୁ ବେସରକାରୀ ହାତକୁ ଟେକିଦେବା ପରେ ପ୍ରଶାସନ ଏହା ଉପରେ ନିଜର ନିୟନ୍ତ୍ରଣ ହରାଇଛି। ମିଲ କର୍ତ୍ତୃପକ୍ଷ ମନମାନି କରୁଛନ୍ତି। ଜିଲାରେ ଅର୍ଥକରୀ ଫସଲ କପା ଚାଷ ଦିନକୁ ଦିନ ବୃଦ୍ଧି ପାଉଛି। କୋଟି କୋଟି ଟଙ୍କାର କପା ଉତ୍ପାଦନ ହେଉଛି। କିନ୍ତୁ ବିକ୍ରି ସୁବିଧା ନ ହେବାରୁ ଚାଷୀ କ୍ଷତି ସହୁଛି। କପା ମଣ୍ଡି ଖୋଲିବାକୁ ଜିଲାପାଳ ନିର୍ଦ୍ଦେଶକ କୃଷି ବିପଣନଙ୍କୁ ଚିଠି ଲେଖିଥିଲେ। କୃଷି ବିଭାଗ ଭାରତୀୟ କପା ନିଗମକୁ ଚିଠି ଲେଖି ତା'ର ଦାୟିତ୍ୱ ସାରିଛି। ଏହି ପରିସ୍ଥିତିରେ ପରିଶ୍ରମ କରି ଅମଳ କରିଥିବା ଧଳାସୁନାକୁ ଚାଷୀ କାହାକୁ ବିକ୍ରି କରିବ ବୁଦ୍ଧି ପାଉନି।

– ମୃତ୍ୟୁଞ୍ଜୟ ଶତପଥୀ

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)- ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଇନ୍ଦ୍ରଜିତ ମହାନ୍ତି ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।


# ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

## ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ନିୟନ୍ତ୍ରିତ ହେଉଥିବା କୌଣସି ସଂସ୍ଥା କିମ୍ବା ନିଜର ବିଭାଗ ବିରୁଦ୍ଧରେ ଅଭିଯୋଗର ନିରାକରଣ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦେଶସାରା ନିଜର କାର୍ଯ୍ୟାଳୟରେ ଅଭିଯୋଗର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଅଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା: ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ (ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ର ଧାରା ୪୫-IA ଅନୁଯାୟୀ ପଞ୍ଜୀକୃତ) ଅଣବ୍ୟାଙ୍କିଙ୍ଗ୍ ସଂସ୍ଥାମାନଙ୍କର ଡ଼ିଜିଟାଲ୍ ନେଣ ଦେଣ (ପେମେଣ୍ଟ ସେଟଲମେଣ୍ଟ ଆଇନ ୨୦୦୭ ଅଧୀନସ୍ତ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର ଓଡ଼ିଶା କ୍ଷେତ୍ର ପାଇଁ ନିମ୍ନଲିଖିତ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ତାଙ୍କ ଅଭିଯୋଗ ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରିପାରିବେ।

**୧. ବ୍ୟାଙ୍କ ଲୋକପାଳ, ଯୋଜନା 2006 (BO Scheme, 2006)**

ବ୍ୟାଙ୍କ ଲୋକପାଳ ଯୋଜନା, 2006 ରେ ଧାରା ୮ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ।

ଜଣେ ଅଭିଯୋଗକାରୀ ଅନ୍‌ଲାଇନ କମ୍ପ୍ଲେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍ (CMS) ମାଧ୍ୟମରେ https://www.rbi.org.in>>lodge complaintରେ ଯାଇ ଅଭିଯୋଗ ଦାଖଲ କରିପାରିବେ।

ସଂପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠିକଣାରେ ଡ଼ାକ ଦ୍ୱାରା /କାହା ହାତରେ/e-mail-cms.bobhubaneswar@rbi.org.in ମାଧ୍ୟମରେ ମଧ୍ୟ ଦାଖଲ କରାଯାଇ ପାରିବ। **ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ କାର୍ଯ୍ୟାଳୟ,** ମାର୍ଫତ୍-ଭାରତୀୟ ରିଜର୍ଭ ବ୍ୟାଙ୍କ (ତୃତୀୟ ମହଲା), ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧, ଟେଲିଫୋନ-୦୬୭୪-୨୩୯୬୨୦୭/୨୩୯୬୦୦୮, ଇ-ମେଲ୍-cms.bobhubaneswar@rbi.org.in

**୨. ଡ଼ିଜିଟାଲ୍ ନେଣଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**

ପେମେଣ୍ଟ ସେଟଲ୍‌ମେଣ୍ଟ ଅଧିନୀୟମ, ୨୦୦୭ରେ ସୂଚୀତ ପଦ୍ଧତି ଭାଗୀଦାରୀ ଦ୍ୱାରା ପେମେଣ୍ଟ ନେଣ ଦେଣ ସେବାରେ ଅବହେଳା ଜନିତ ଅଭିଯୋଗର ନିରାକରଣ ପାଇଁ ସମ୍ପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠିକଣାରେ ଡ଼ାକ ଦ୍ୱାରା/କାହା ହାତରେ କିମ୍ବା e-mail: cms.odtbhubaneswar@rbi.org.in ମାଧ୍ୟମରେ ମଧ୍ୟ ଦାଖଲ କରିପାରିବେ।

**ଲୋକପାଳ, ଡ଼ିଜିଟାଲ୍ ନେଣଦେଣ (ଭୁବନେଶ୍ୱର)**

ମାର୍ଫତ-ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଟେଲିଫୋନ୍ ନମ୍ବର-୦୬୭୪-୨୩୯୬୨୦୭/୨୩୯୬୦୦୮, ଇ-ମେଲ୍-cms.odtbhubaneswar@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୫ ଅପରାହ୍ନ-୫.୨୦

**୩. ଲୋକପାଳ ଯୋଜନା-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ (NBFC-O Scheme), 2018**

ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ ଲୋକପାଳ ଯୋଜନା ୨୦୧୮ର ଧାରା ୮ ଅନ୍ତର୍ଗତ (ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ) ବିରୁଦ୍ଧରେ ଅଭିଯୋଗର ନିରାକରଣ ପାଇଁ ସଂପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠିକଣାରେ ଡ଼ାକ ଦ୍ୱାରା/କାହା ହାତରେ/e-mail: cms.nbfcokolkata@rbi.org.in ମାଧ୍ୟମରେ ଦାଖଲ କରାଯାଇ ପାରିବ।

**ଲୋକପାଳ-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ପୂର୍ବ କ୍ଷେତ୍ର East Zone)**

ମାର୍ଫତ-ଭାରତୀୟ ରିଜର୍ଭ ବ୍ୟାଙ୍କ, ୧୫, ନେତାଜୀ ସୁବାଷ ରୋଡ୍, କୋଲକତା-୭୦୦୦୦୧, ଟେଲିଫୋନ ନମ୍ବର-୦୩୩-୨୩୩୦୪୯୮୨, ଫାକ୍ସ ନମ୍ବର-୦୩୩-୨୨୩୦୫୮୯୯, ଇ-ମେଲ୍-cms.nbfcokolkata@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୦ ଅପରାହ୍ନ-୫.୩୦

ଅଧିକ ସୂଚନା ପାଇଁ, ଦୟାପୂର୍ବକ ୱେବସାଇଟ୍ https://www.rbi.org.in>>lodge complaint ଦେଖନ୍ତୁ।

**ଭୁବନେଶ୍ୱରସ୍ଥିତ ଡ଼ିଜିଟାଲ୍ ନେଣଦେଣ ଲୋକପାଳଙ୍କ କ୍ଷେତ୍ର ପରିସରରେ ଓଡ଼ିଶା ରାଜ୍ୟ ଅନ୍ତର୍ଭୁକ୍ତ।**

**ଟିପ୍ପଣୀ :** ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କଂପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡ଼ିଜିଟାଲ ନେଣ-ଦେଣ ଲୋକପାଳ ଯୋଜନା, ୨୦୧୯ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟାପୂର୍ବକ ଧ୍ୟାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା / ରିଜର୍ଭ ବ୍ୟାଙ୍କରେ ପଞ୍ଜିକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶ ଗ୍ରହଣକାରୀଙ୍କ ସହ ସଂପର୍କ ସ୍ଥାପନ କରନ୍ତୁ। ଯଦି ସମ୍ବନ୍ଧିତ ବ୍ୟାଙ୍କ / ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ/ପଦ୍ଧତି ସହଭାଗୀ ଲୋକପାଳ ଯୋଜନା ଧାରା ୮ ଅନ୍ତର୍ଗତ ସେବା ଅବହେଳା ସଂପର୍କିତ ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ'କରନ୍ତି କିମ୍ବା ଅଭିଯୋଗକାରୀ, ତାଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା'ପରେ ଉତ୍ତର ପ୍ରାପ୍ତିର ଏକ ବର୍ଷ ମଧ୍ୟରେ କିମ୍ବା ଉତ୍ତର ପ୍ରାପ୍ତି ନ' ହୋଇଥିଲେ ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସଂପୃକ୍ତ ଲୋକପାଳଙ୍କୁ ଅଭିଯୋଗ କରିପାରିବେ।

**ଲୋକପାଳଙ୍କ ନିଷ୍ପତ୍ତିର ପୁନର୍ବିଚାର**

ବ୍ୟାଙ୍କ/ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ/ଡ଼ିଜିଟାଲ୍ ନେଣଦେଣ ଲୋକପାଳଙ୍କ ନିଷ୍ପତ୍ତି ପୁନର୍ବିଚାର ପାଇଁ ଆବେଦନ କରାଯାଇପାରିବ ଯଦି ଅଭିଯୋଗଟି ଏହି ଯୋଜନାରେ ସୂଚୀତ ପୁନର୍ବିଚାର ଯୋଗ୍ୟ ଅଭିଯୋଗ ହୋଇଥିବ। ଏହି ପୁନର୍ବିଚାର ଆବେଦନ ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ ନିଷ୍ପତ୍ତି ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ପୁନର୍ବିଚାର ଅଧିକାରୀ, **ଭାରତୀୟ ରିଜର୍ଭ ବ୍ୟାଙ୍କ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରୀୟ କାର୍ଯ୍ୟାଳୟ, ଅମର ବିଲ୍ଡିଂ ସାର୍ ପି ଏମ ରୋଡ଼, ପୋଷ୍ଟ ମୁମ୍ବାଇ-୪୦୦୦୦୧**ରେ ଦାଖଲ କରାଯାଇପାରିବ।

**୪. ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (CEPC)**

ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ସହାୟକ ମହାପ୍ରବନ୍ଧକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ-୭୫୧୦୦୧ ଭୁବନେଶ୍ୱର, ଟେଲିଫୋନ ନମ୍ବର-୦୬୭୪-୨୩୯୦୦୭୪, ଇ-ମେଲ୍-cms.cepcbhubaneswar@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୫ ଅପରାହ୍ନ-୫.୨୦, ଅଧିକ ସୂଚନା ପାଇଁ ଦୟାପୂର୍ବକ https://www.rbi.org.in>>lodge complaint ନାମକ ୱେବସାଇଟ୍ ଦେଖନ୍ତୁ।

**୫. ଜମାବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ**

ସାଧାରଣବ୍ୟକ୍ତି ଜମାବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗକୁ ନିମ୍ନୋକ୍ତ ଠିକଣା/ଇ-ମେଲ୍ ମାଧ୍ୟମରେ ଦାଖଲ କରିପାରିବେ।

**ଜମାବୀମା ଓ ଋଣ ନିକ୍ଷେପ ନିଗମ (DICGC)**

ଉପ ମହାପ୍ରବନ୍ଧକ, ଜମାବୀମା ଓ ଋଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କ ଭବନ, ୨ୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ ସମ୍ମୁଖ, ମୁମ୍ବାଇ-୪୦୦୦୦୮, ଅଭିଯୋଗକାରୀ ଶ୍ରୀ ଦୀପକ ନାରଙ୍ଗ ଉପ ମହାପ୍ରବନ୍ଧକଙ୍କୁ ମଧ୍ୟ ଟେଲିଫୋନ୍ ନମ୍ବର-୦୨୨-୨୩୦୧୯୬୩୩ କିମ୍ବା ଇ-ମେଲ୍ dicgc@rbi.org.in ମାଧ୍ୟମରେ ଯୋଗାଯୋଗ କରିପାରିବେ।

**ଟିପ୍ପଣୀ : ଅଭିଯୋଗକାରୀଙ୍କ ନିଜର ଠିକଣା ଏବଂ ଫୋନ୍ ନମ୍ବର/ମୋବାଇଲ୍ ନମ୍ବର ଅଭିଯୋଗରେ ଦର୍ଶାଇବା ପାଇଁ ଅନୁରୋଧ।**



# BIJU SWASTHYA KALYAN YOJANA

## LIST OF EMPANELLED PRIVATE HOSPITALS UNDER BIJU SWASTHYA KALYAN YOJANA

### ANDHRA PRADESH

| DISTRICT | NAME OF THE HOSPITAL | EMPANELLEMENT UNDER |
|---|---|---|
| VISAKHAPATNAM | APOLLO HOSPITAL | OSTF |
| | CARE HOSPITAL | OSTF |
| | MAHATMA GANDHI CANCER INSTITUTE | OSTF |
| | SEVEN HILL HOSPITAL | OSTF |
| | TIRUMALA HOSPITAL SUPER SPECIALITY & LAPROSCOPIC INSTITUTE | OSTF |

### CHATISHGARH

| DISTRICT | NAME OF THE HOSPITAL | EMPANELLEMENT UNDER |
|---|---|---|
| RAIPUR | NARAYAN HRUDAYALAYA (MMI) HOSPITAL | OSTF |
| | RAMKRISHNA CARE HOSPITAL | OSTF |

### GUJARAT

| DISTRICT | NAME OF THE HOSPITAL | EMPANELLEMENT UNDER |
|---|---|---|
| SURAT | BHARAT CANCER HOSPITAL & RESEARCH INSTITUTE | OSTF |
| | KIRAN HOSPITAL | OSTF |
| | SANJEEVANI MULTI SPECIALITY HOSPITAL | OSTF |
| | SUNSHINE GLOBAL HOSPITAL | OSTF |
| | TRISTAR HOSPITAL | OSTF |
| | UNITY HOSPITAL | OSTF |

### ODISHA

| DISTRICT | NAME OF THE HOSPITAL | EMPANELLEMENT UNDER |
|---|---|---|
| ANUGUL | ARETE HOSPITAL | BSKY |
| | KRISH HOSPITAL | BSKY |
| | KRISHNA HOSPITAL | BSKY |
| | LIONS BHOOMIKA EYE HOSPITAL | BSKY |
| | SAMAL CARE PVT LTD | BSKY |
| | SEVAK NURSING HOME | BSKY |
| | SOROJINI HEALTH CARE | BSKY |
| | SURENDRA HOSPITAL | BSKY |
| BALESWAR | AROGYAM HEALTH CARE | BSKY |
| | BASANTI DURGA | BSKY |
| | JYOTI HOSPITAL | BSKY |
| | MAA NURSING HOME | BSKY |
| | MAA TARINI NURSING HOME | BSKY |

| DISTRICT | NAME OF THE HOSPITAL | EMPANELLEMENT UNDER |
|---|---|---|
| BALESWAR | SRIRAM HOSPITAL | BSKY |
| BARAGARH | BEHERA NURSING HOME | BSKY |
| | KISHORI NURSING HOME | BSKY |
| | SAI KRUPA NURSING HOME | BSKY |
| | SAI MULTISPECIALTY HOSPITAL | BSKY |
| BHADRAK | BHOOMIKA HOSPITAL | BSKY |
| | BINAYAK NURSING HOME | BSKY |
| | CHIRAG HOSPITAL | BSKY |
| | OM SAI HOSPITAL | BSKY |
| | PADHI HEALTH CARE | BSKY |
| | PANIGRAHI HEALTH CARE | BSKY |
| | SAI BHARADWAJ HOSPITAL | BSKY |
| | SAI NURSING HOME | BSKY |
| | SALANDI NURSING HOME | BSKY |
| | SRI RAM HOSPITAL | BSKY |
| | SUBHAM HEALTH CARE | BSKY |
| | UMASHANKAR HEALTH CARE | BSKY |
| BOLANGIR | ERBHS NETRANIKETAN EYE SUPREME TASK GENERAL HOSPITAL | BSKY |
| | NEW APOLLO HOSPITAL | BSKY |
| | SAMALESWARI HOSPITAL | BSKY |
| | SCD EYE HOSPTIAL | BSKY |
| CUTTACK | AGARWAL EYE CLINIC AND HOSPITAL | BSKY |
| | CHITTARANJAN SEVA SADAN AN HOSPITAL | BSKY |
| | CUTTACK LAPAROSCOPIC HOSPITAL | BSKY |
| | GEEETA MEMORIAL HOSPITAL | BSKY |
| | GOPABANDHU INSTITUTE OF MEDICAL SCIENCE & RESEARCH | BSKY |
| | HCG PANDA CURIE CANCER HOSPITAL | BSKY & OSTF |
| | HEALTH CARE NURSING HOME | BSKY |
| | JANSEVAK CLINIC AND NURSING | BSKY |
| | KHADIJA NURSING HOME | BSKY |
| | MELVIN JONES EYE HOSPITAL | BSKY |
| | MOON HOSPITAL | BSKY |
| | ROTARY CLUB CUTTACK EYE HOSPITAL | BSKY |
| | RUDRA HOSPITAL | BSKY |
| | SAHARA NURSING HOME | BSKY |
| | SAI AROGYAM NURSING HOME | BSKY |
| | SAI JEEVAN HOSPITAL PVT LTD | BSKY |
| | SAI SANJIBANI HOSPITAL | BSKY |
| | SANJEEBANI NURSING HOME | BSKY |
| | SHAKTI SAI HOSPITAL | BSKY |
| | SHRADA CLINIC AND NURSING HOME | BSKY |
| | SHREEMA HOSPITAL | BSKY |
| | SIFA NURSING HOME | BSKY |

| DISTRICT | NAME OF THE HOSPITAL | EMPANELLEMENT UNDER |
|---|---|---|
| CUTTACK | SUN HOSPITAL | BKKY-I |
| | SWETA HOSPITAL | BSKY |
| | THE CHILD NURSING HOME | BSKY |
| | TRISHA HOSPITAL | BSKY |
| | UDAYABHANU CLINIC AND NURSING HOME | BSKY |
| | URMILA NURSING HOME | BKKY-I |
| DHENKANAL | AROGYA NURSHING HOME | BSKY |
| | DISHA HOSPITAL | BSKY |
| | GKMM EYE HOSPITAL | BSKY |
| | KALINGA EYE HOSPITAL | BSKY |
| | PANDA NURSING HOME | BSKY |
| | SAI NURSING HOME | BSKY |
| | SAISHREE EYE HOSPITAL | BSKY |
| | SHREE JAGANNATH HOSPITAL | BSKY |
| GAJAPATI | DR. RABI NURSING HOME | BSKY |
| | LAXMI NURSING HOME | BSKY |
| | V.V.L. NURSING HOME | BSKY |
| GANJAM | AASTHA HOSPITAL | BSKY |
| | ABHAYA HOSPITAL | BSKY |
| | AISHRAT HOSPITAL | BSKY |
| | AMIT HOSPITAL | BSKY |
| | ASUTOSH HOSPITAL | BSKY |
| | AYUSH HOSPITAL | BSKY |
| | DEVINE HOSPITAL | BSKY |
| | ECOS EYE HOSPITAL | BSKY |
| | GURUDEV HOSPITAL | BKKY-I |
| | JASODHARA LIFE HOSPITAL &MATERNITY CENTRE | BSKY |
| | MODERN EYE CARE CENTRE & HOSPITAL | BSKY |
| | NEW NEELACHAL HOSPITAL | BSKY |
| | RADHA SWAMI SEVA SEDAN | BSKY |
| | SANKARA EYE HOSPITAL | BSKY |
| | SRI RAM HOSPITAL | BSKY |
| | SRI SATYASAI HOSPITAL | BSKY |
| JAGATSINGHPUR | CARE WELL HOSPITAL | BSKY |
| | KHAN NURSING HOME | BSKY |
| | L & P HOSPITAL & RESEARCH CENTRE | BSKY |
| | LIFE LINE NURSING HOME | BSKY |
| | MAA SARALA NURSINGHOME | BSKY |
| | SUN HOSPITAL | BSKY |
| | SWASTIK NURSING HOME | BSKY |
| | TRILOCHAN NETRALAYA | BSKY |
| JAJPUR | ANIMA NURSING HOME | BSKY |
| | BHOOMIKA HOSPITAL AND RESEARCH CENTRE | BSKY |
| | LAXMI HOSPITAL | BSKY |
| | SARMISTHA MEMORIAL HOSPITAL | BSKY |
| | SRIMA NURSING HOME | BSKY |
| | TATA MEDICA HOSPITAL, KALINGA NAGAR | OSTF |

| DISTRICT | NAME OF THE HOSPITAL | EMPANELLEMENT UNDER |
|---|---|---|
| JHARSUGUDA | MOTILAL YADAV MEMORIAL SAMALESWARI HOSPITAL | BSKY |
| | SAIRAM HOSPITAL | BSKY |
| KALAHANDI | VEDANTA HOSPITAL | BSKY |
| KENDRAPARA | BHAGAWATI HOSPITAL | BSKY |
| | BHUMIKA HOSPITAL | BSKY |
| | HEALTH CARE NURSING HOME | BSKY |
| | M.B. NURSING HOME | BSKY |
| KEONJHAR | ARATI HOSPITAL | BSKY |
| | KASINATH HEALTH CARE | BSKY |
| | TRIBAL HEALTH CENTRE WITH MATERNITY AND NEW BORN CARE | OSTF |
| KHORDHA | ADITYA CARE HOSPITAL | OSTF |
| | ADVANCE EYECARE HOSPITAL | BSKY |
| | ALL INDIA INSTITUTE OF MEDICAL SCIENCE, BHUBANESWAR | BSKY |
| | AMRI HOSPITAL, BHUBABNESWAR | OSTF |
| | APOLLO HOSPITAL | OSTF |
| | AROGYA HOSPITAL | BSKY |
| | AURO CARE NURSING HOME | BSKY |
| | AVA HOSPITAL AND ADVANCE LAPAROSCOPIC HOSPITAL | BSKY |
| | BAIDYANATH MEMORIAL HOSPITAL | BSKY |
| | BHUBANESWAR M.R.I | BKKY-I |
| | CHATRUBHUJA JENAMANI MEMORIAL HOSPITAL | BSKY |
| | HEALTH CARE NURSING HOME | BKKY-I |
| | HEMALATA HOSPITAL | OSTF |
| | HI-TECH MEDICAL COLLEGE & HOSPITAL | BSKY & OSTF |
| | JEEVAN JYOTI HOSPITAL | BSKY |
| | JYOTSNA HOSPITAL | BSKY |
| | KALINGA HOSPITAL | OSTF |
| | KALINGA INSTITUTE OF MEDICAL SCIENCE AND HOSPITAL | BSKY & OSTF |
| | KANUNGO INSTITUTE OF DIABETES SPECIALITIES PVT LTD. | BSKY |
| | L V PRASAD EYE INSTITUTE | BSKY & OSTF |
| | MAA TARINI NURSING HOME | BSKY |
| | MEDI CARE HOSPITAL AND RESEARCH CENTRE | BSKY |
| | MODERN HEALTH CARE HOSPITAL | BSKY |
| | NANDA TREATMENT CENTRE | BSKY |
| | PANDA NURSHING HOME PVT LTD. | BKKY-I |
| | PARKLAND HOSPITAL | BSKY |
| | ROTARY EYE HOSPITAL | BSKY |
| | SAHAJOG HOSPITAL | BSKY |
| | SANJEEBANI MEDICARE HOSPITAL | BSKY |

| DISTRICT | NAME OF THE HOSPITAL | EMPANELLEMENT UNDER |
|---|---|---|
| KHORDHA | SASWAT HOSPITAL | BKKY-I |
| | SOUTH CITY HOSPITAL | BSKY |
| | SPARSH MULTI SPECIALITY HOSPITAL | OSTF |
| | SUBHA NURSING HOME | BKKY-I |
| | SUN FLOWER NURSING HOME | BSKY |
| | SWASTIKA CLINIC & HOSPITAL | BKKY-I |
| | VIKASH HOSPITAL | BKKY-I |
| | VISION CARE EYE HOSPITAL | BSKY |
| | VIVEKANANDA HOSPITAL | BSKY |
| MAYURBHANJA | DURGA NURSING HOME | BSKY |
| | GAYATRI HOSPITAL | BKKY-I |
| | JEEVAN DEEP HEALTH CARE | BSKY |
| NABARANGPUR | CHRISTIAN HOSPITAL | BSKY & OSTF |
| NAYAGARH | DIVYA JYOTI HOSPITAL | BSKY |
| | KUMAR HOSPITAL | BKKY-I |
| | OMM NURSING HOME | BSKY |
| | RAMACHANDI HOSPITAL | BSKY |
| | SAHOO BHIKARI SEVASADAN | BSKY |
| PURI | ANANDA POLYCLINIC & HOSPITAL | BSKY |
| | EMERGENCY 24 HOSPITAL PVT. LTD. | BSKY |
| | RAGHUNATH CHARITABLE TRUST HOSPITAL | BSKY |
| | SARADHA NURSING HOME | BSKY |
| | SEVA NURSING HOME | BSKY |
| | SIVANANDA NURSING HOME | BSKY |
| | SRI KRISHNA HEALTH CARE & REPRODUCTIVE RESEARCH CENTRE | BSKY |
| | SRI RAGHUNATH HOSPITAL | BKKY-I |
| | USHA MEMORIAL CLINIC | BSKY |
| | USHARANI NURSING HOME | BSKY |
| SAMBALPUR | ARUNASHAKTI NURSING HOME | BSKY |
| | BINAYAK HOSPITAL | BSKY |
| | GOUNTIA HOSPITAL | BSKY |
| | GOURISHANKAR NURSING HOME | BSKY |
| | PATEL NURSING HOME | BSKY |
| | SAMALESWARI NURSING HOME | BSKY |
| | SUSHRUTA NURSING HOME | BSKY |
| | TRILOCHAN NETRALAYA | BSKY |
| SONEPUR | LEPRA MAHANADI EYE HOSPITAL | BSKY |
| SUNDARGARH | HITECH MEDICAL COLLEGE & HOSPITAL | BSKY |
| | KALINGA TRAUMA HOSPITAL | BSKY |
| | KARUNAMAYEE NURSING HOME | BSKY |
| | SUPER SPECIALITY HOSPITAL | BSKY |

10001/13/0014/1920 BIJU SWASTHYA KALYAN YOJANA | HEALTHY ODISHA, HAPPY ODISHA DSPL-199

ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ- ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡ଼ୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ - ସେତିକି ବିକଶିତ ହୋଇଉଠିବ। -ଶ୍ରୀମା

# ବହୁସଂଖ୍ୟକବାଦୀ ଚିନ୍ତାଧାରା



ଆକାର ପଟେଲ

ଏକ ପୁରାତନ ଓ ଗୌରବାବହ ଦେଶ ଏପରି ନୀତି ନିର୍ଦ୍ଧାରଣ କରିବା ପାଇଁ ଭୋଟ ଦେଲା, ଯାହା ଆପ୍ରବାସନକୁ ବିରୋଧ କରେ। ଆପ୍ରବାସନକୁ ବିରୋଧ କରୁଥିବା ଦଳ ସପକ୍ଷରେ ଦେଶର ମୁଖ୍ୟଭାଗର ସଂଖ୍ୟାଗରିଷ୍ଠ ଜନସାଧାରଣ ଅଛନ୍ତି। କିନ୍ତୁ ଛୋଟ ଛୋଟ ରାଜ୍ୟରେ ଦେଖାଦେଇଛି ସମସ୍ୟା। ସେମାନେ ଏ ନୀତିକୁ ଦୃଢ଼ଭାବରେ ବିରୋଧ କରୁଛନ୍ତି। ଏହା ହେଉଛି ବ୍ରେକ୍‌ଜିଟ ନିର୍ବାଚନର କଥା, ଯାହାର ଫଳାଫଳ ଚଳିତ ମାସରେ ପ୍ରକାଶ ପାଇଛି। ଏହି ଦେଶକୁ ସଂଯୁକ୍ତ ରାଷ୍ଟ୍ର (ୟୁକେ ବା ୟୁନାଇଟେଡ୍ କିଙ୍ଗ୍‌ଡମ୍) କୁହାଯାଏ କାରଣ ଏହା ଚାରୋଟି ଦେଶର ସମାହାର: ଇଂଲଣ୍ଡ, ସ୍କଟ୍‌ଲାଣ୍ଡ, ୱେଲ୍‌ସ ଓ ଉତ୍ତର ଆୟର୍ଲାଣ୍ଡ। ପ୍ରଥମ ତିନୋଟି ଦେଶ ଗୋଟିଏ ଦ୍ୱୀପରେ ଅଛନ୍ତି, ଯାହାର ନାମ ଗ୍ରେଟ୍ ବ୍ରିଟେନ। ଚତୁର୍ଥ ଦେଶଟି ଅନ୍ୟ ଦ୍ୱୀପର ଏକ ଅଂଶ, ଯାହା ବାହ୍ୟତଃ ରିପବ୍ଲିକ୍ ଅଫ୍ ଆୟର୍ଲାଣ୍ଡ ସହ ସଂଯୁକ୍ତ। ୨୦୧୬ରେ ନିଆଯାଇଥିବା ଜନମତରେ ଇଂଲଣ୍ଡ ଓ ୱେଲ୍‌ସ ବ୍ରେକ୍‌ଜିଟ ସପକ୍ଷରେ ଭୋଟ ଦେଇଥିଲେ, ଅର୍ଥାତ୍ ସେମାନେ ୟୁରୋପୀୟ ସଂଘରୁ ଅଲଗା ହେବା ପାଇଁ ଚାହୁଁଥିଲେ। ସାଧାରଣ ନିର୍ବାଚନରେ ବି ସମାନ ଫଳାଫଳ ମିଳିଲା। ବୋରିସ୍ ଜନ୍‌ସନଙ୍କ କଞ୍ଜରଭେଟିଭ୍ ପାର୍ଟି ହେଉଛି ସଂଖ୍ୟାଗରିଷ୍ଠ ଦଳ ଯିଏ ୟୁରୋପ-ବିରୋଧୀ ଓ ଆପ୍ରବାସନ-ବିରୋଧୀ ଆଭିମୁଖ୍ୟ ନେଇ ନିର୍ବାଚନ ଲଢ଼ିଥିଲା ଏବଂ ଇଂଲଣ୍ଡ ଓ ୱେଲ୍‌ସରେ ବିପୁଳ ଭୋଟରେ ଜିତିଲା। କିନ୍ତୁ ସ୍କଟ୍‌ଲାଣ୍ଡ ସ୍ଥାନୀୟ ଦଳକୁ ଭୋଟ ଦେଲା ଯିଏ କି ୟୁକେରୁ ଓହରିଯିବାକୁ ଦାବି କରୁଛି। ଉତ୍ତର ଆୟର୍ଲାଣ୍ଡ ଇତିହାସରେ ପ୍ରଥମ ଥର ପାଇଁ ଅଲଗାବାଦୀ ସିନ୍ ଫିନ୍‌ଙ୍କୁ ଅଧିକ ଭୋଟ ଦେଇଛି। ସିନ୍ ଫିନ୍ ଚାହାନ୍ତି ଉତ୍ତର ଆୟର୍ଲାଣ୍ଡ ୟୁକେରୁ ଅଲଗା ହୋଇ ରିପବ୍ଲିକ୍ ଅଫ୍ ଆୟର୍ଲାଣ୍ଡ ସହ ମିଶିଯିବା ପାଇଁ, ଯାହା ୟୁରୋପୀୟ ସଂଘର ଏକ ଅଂଶ। ସ୍କଟ୍‌ଲାଣ୍ଡ ଦୀର୍ଘକାଳରୁ ଅନୁଭବ କରିଆସୁଛି ଯେ, ଇଂଲଣ୍ଡ ସହ ଏହା ଅର୍ଥନୈତିକ ବନ୍ଧନରେ ବାନ୍ଧି ହୋଇଥିଲେ ମଧ୍ୟ ଇଂରେଜମାନେ ଏହାକୁ ଐତିହାସିକ ଭାବେ ଦଖଲ କରିଆସୁଛନ୍ତି। ସେହିପରି ଉତ୍ତର ଆୟର୍ଲାଣ୍ଡର କ୍ୟାଥଲିକ୍ ଓ ଅନେକ ପ୍ରୋଟେଷ୍ଟାଣ୍ଟ ସଂସ୍କୃତି ଓ ଭାଷାଗତ ସାମଞ୍ଜସ୍ୟ ଦୃଷ୍ଟିରୁ ରିପବ୍ଲିକ୍ ଅଫ୍ ଆୟର୍ଲାଣ୍ଡ ଆଡ଼କୁ ଅଧିକ ଆକର୍ଷିତ ହୋଇଥାନ୍ତି। ରିପବ୍ଲିକ୍ ଅଫ୍ ଆୟର୍ଲାଣ୍ଡ ସହ ସେମାନଙ୍କର ବାଣିଜ୍ୟିକ ସମ୍ପର୍କ ମଧ୍ୟ ୟୁକେର ଅବଶିଷ୍ଟ ଅଞ୍ଚଳ ଅପେକ୍ଷା ଅଧିକ। ଏ କଥା ନୂଆ ନୁହେଁ ଏବଂ ଜନମତ ଗ୍ରହଣ ଓ ସାଧାରଣ ନିର୍ବାଚନ ପୂର୍ବରୁ ବି ଏହା ଜଣା ଥିଲା। ୟୁରୋପ ନୀତିରେ ପରିବର୍ତ୍ତନ ଆହୁରି ଅଧିକ ସମସ୍ୟାକୁ ଡାକିଆଣି ପାରେ। କିନ୍ତୁ ବହୁସଂଖ୍ୟକବାଦୀମାନେ ଆପ୍ରବାସନ-ବିରୋଧୀ ତତ୍ତ୍ୱ ଉପରେ ଦୃଢ଼ ଅଛନ୍ତି। ସେମାନେ ବର୍ତ୍ତମାନ ନିର୍ବାଚନରେ ଜିତି ବିଜୟ ଉତ୍ସବ ମନାଉଛନ୍ତି।

ଏବେ ଆମ ଦେଶର ସ୍ଥିତି ବିଷୟରେ ଆଲୋଚନା କରିବା। ଭାରତ ବର୍ତ୍ତମାନ ଏକ ଆପ୍ରବାସନ-ବିରୋଧୀ ନୀତି କାର୍ଯ୍ୟକାରୀ କରିବାକୁ ଯାଉଛି। ଏହା ଉପରେ ଭଲଭାବରେ ବିତର୍କ କରାଯାଇ ନାହିଁ। ସେଥିପାଇଁ ଅଧିକାଂଶ ଭାରତୀୟ ଏହା ସମ୍ପୂର୍ଣ୍ଣ ରୂପେ ବୁଝିନାହାନ୍ତି। ଏ ପ୍ରସଙ୍ଗକୁ ବିଭିନ୍ନ ଲୋକ ନାନା ପ୍ରକାରେ ଉପସ୍ଥାପନ କରୁଛନ୍ତି। ଶାସକ ଦଳ କହୁଛି ଯେ ଆଫଗାନିସ୍ତାନ, ବାଂଲାଦେଶ ଓ ପାକିସ୍ତାନରୁ ୨୦୧୫ ପୂର୍ବରୁ ଆସିଥିବା ଅଣମୁସଲମାନ ଶରଣାର୍ଥୀମାନଙ୍କୁ ନାଗରିକତା ପ୍ରଦାନ କରାଯିବ। ଯେଉଁ ମୁସଲମାନମାନେ ନିଜ ନାଗରିକତ୍ୱର ପ୍ରମାଣ ଦେଇପାରିବେ ନାହିଁ, ସେମାନଙ୍କୁ ଅଟକ କେନ୍ଦ୍ରଗୁଡ଼ିକରେ ରଖାଯିବ। ସେମାନେ ଯେଉଁ ଦେଶରୁ ଆସିଛନ୍ତି, ସେ ଦେଶଗୁଡ଼ିକର ନାଗରିକତ୍ୱର ପ୍ରମାଣ ଦେଇ ନ ପାରିଲେ ସେ ଦେଶଗୁଡ଼ିକୁ ବି ସେମାନଙ୍କୁ ପଠାଯାଇପାରିବ ନାହିଁ। ସେମାନେ ଭାରତରେ ସବୁଦିନ ପାଇଁ ବନ୍ଦୀ ହୋଇ ରହିଯିବେ, ଯାହା ଏବେ ଆସାମରେ ଘଟୁଛି। ଭାଜପା ସରକାର ଯେପରି ଭାବେ ନାଗରିକତା ସଂଶୋଧନ ବିଲ୍ (ସିଏବି)କୁ ଉପସ୍ଥାପନ କରୁଛି, ତାହା ହେଉଛି ନିଜ ଦେଶରେ ଉତ୍ପୀଡ଼ନର ଶିକାର ହୋଇ ଭାରତକୁ ଆସିଥିବା କେତେକ ବିଦେଶୀ ସମ୍ପ୍ରଦାୟକୁ ସୁରକ୍ଷା ଦେବା ପାଇଁ ଏକ ପଦକ୍ଷେପ। କିନ୍ତୁ ନର୍ଥଇଷ୍ଟ ପରି କେତେକ ରାଜ୍ୟରେ କେବଳ ନିର୍ଦ୍ଦିଷ୍ଟ ଧର୍ମର ନୁହନ୍ତି, ହିନ୍ଦୁ ଶରଣାର୍ଥୀମାନଙ୍କ ଯୋଗୁ ମଧ୍ୟ ସମସ୍ୟା ଉପୁଜୁଛି। ସେଥିପାଇଁ ସେମାନେ ସିଏବିକୁ ବିରୋଧ କରୁଛନ୍ତି। ଦେଶର ଅନ୍ୟ ଅଞ୍ଚଳର ଅଧିବାସୀମାନେ ଏହାକୁ ଏକ ସାମ୍ପ୍ରଦାୟିକ ସମସ୍ୟା ବୋଲି ଭାବୁଛନ୍ତି। ଯେଉଁ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)କୁ ଆସାମ ଭାଜପାର ଦାବି ଯୋଗୁ କିଛି ସପ୍ତାହ ତଳେ କାର୍ଯ୍ୟକାରୀ କରିବାକୁ ଗ୍ରହଣ କରାଯାଇଛି, ତାହାକୁ ସେଇ ଆସାମ ଭାଜପା ହିଁ ଏବେ ପ୍ରତ୍ୟାଖ୍ୟାନ କରୁଛି। ସେମାନେ କହୁଛନ୍ତି ଯେ, ଯେଉଁ ୧୯ ଲକ୍ଷ ଲୋକଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି, ସେମାନଙ୍କୁ ନିଜ ନାଗରିକତାର ପ୍ରମାଣ ଦେବା ପାଇଁ ଆଉ ଗୋଟିଏ ସୁଯୋଗ ମିଳୁ। କାରଣ ହେଲା ଉକ୍ତ ବାଦ୍ ପଡ଼ିଥିବା ଲୋକମାନଙ୍କ ମଧ୍ୟରେ ଅଧିକାଂଶ ହିନ୍ଦୁ ଅଛନ୍ତି, ଯେଉଁମାନେ ନିଜ ନାଗରିକତା ସମ୍ବନ୍ଧୀୟ କାଗଜପତ୍ର ଦାଖଲ କରିପାରି ନାହାନ୍ତି। ବର୍ତ୍ତମାନ ଯେଉଁ ନାଗରିକତା ସଂଶୋଧନ ବିଲ୍ ପାସ୍ ହେଲା ସେଥିରେ ମୁସଲମାନମାନଙ୍କୁ ବାଦ୍ ଦେଇ କେବଳ ବାଦ୍ ପଡ଼ିଥିବା ହିନ୍ଦୁମାନଙ୍କୁ ଗ୍ରହଣ କରିବାକୁ ବ୍ୟବସ୍ଥା କରାଯାଇଛି। କିନ୍ତୁ ନର୍ଥଇଷ୍ଟ ଏହି ସମାଧାନକୁ ଗ୍ରହଣ କରିବାକୁ ରାଜି ନୁହେଁ। ଏନ୍‌ଆର୍‌ସିର ମୂଳରେ ଅଛି ଅନେକ ଦଶନ୍ଧି ତଳେ ରାଜୀବ ଗାନ୍ଧୀ ଆସାମ ସରକାରଙ୍କ ସହ କରିଥିବା ଏକ ରାଜିନାମା। କିନ୍ତୁ ବର୍ତ୍ତମାନ ଯେଉଁ ସମସ୍ୟା ଦେଖାଦେଇଛି, ତାହାର କାରଣ ହେଉଛି ଭାଜପାର ବହୁସଂଖ୍ୟକବାଦୀ ଚିନ୍ତାଧାରା। ଇଂଲଣ୍ଡ ଭଳି ଏହାର ପାର୍ଶ୍ୱପ୍ରତିକ୍ରିୟା ଆଜି ନ ହେଲେ ଆଗାମୀ ଦିନରେ ଦେଖିବାକୁ ମିଳିବ।

Email: aakar.patel@gmail.com

# ପ୍ରୀତିଭୋଜନର ବୋଝ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ବନ୍ଧୁ ଜଣକ ବଡ ବିମର୍ଷ ଦିଶୁଥିଲେ, ସତେ ଯେମିତି ସୌଦାଗରଙ୍କ ସାତଖଣ୍ଡ ବୋଇତ ଏକାଦିନେ ସମୁଦ୍ରରେ ବୁଡିଯାଇ ତାଙ୍କୁ ସର୍ବସ୍ୱାନ୍ତ କରିଦେଇଛି। କଥା ବୁଝିବାରୁ ଜଣାପଡିଲା, ଏଇ ଦୁଇ ସପ୍ତାହ ମଧ୍ୟରେ ତାଙ୍କ ପାଇଁ ପାଞ୍ଚଟି ବିବାହର ନିମନ୍ତ୍ରଣ। ସମ୍ଭାବିତ ଖର୍ଚ୍ଚ ଯୋଗୁ ଆତଙ୍କରେ ତାଙ୍କ ମୁହଁରୁ ହସ ଲିଭିଯାଇଥିଲା। ବିବାହ କେଉଁଠି କାହାପାଇଁ ସାହାନାଇର ମଧୁର ମୂର୍ଚ୍ଛନା ତ ଅନ୍ୟ କାହା ପାଇଁ ବିଷାଦ ବଂଶୀର କରୁଣ ସ୍ୱନ ହୋଇପାରେ। ଏ କଥାର ସ୍ୱତଃସିଦ୍ଧ ପ୍ରମାଣ ଥିଲା ବନ୍ଧୁଙ୍କ ବିଷଣ୍ଣତା। ତେବେ ବିବାହ ଦୁଇଟି ହୃଦୟର ପବିତ୍ର ବନ୍ଧନ ଓ ଦୁଇ ପକ୍ଷଙ୍କ ପାଇଁ ଆନନ୍ଦମୟ ଅବସର ହୋଇଥିଲା ବେଳେ ତହିଁରେ ଯୋଗଦେବାକୁ ନିମନ୍ତ୍ରଣ ପାଇଥିବା ଅତିଥିଙ୍କ ପାଇଁ ଏହା ବୋଝ ମନେହୁଏ କାହିଁକି?

ବିବାହର କେଇଦିନ ପୂର୍ବରୁ ନିମନ୍ତ୍ରଣକାରୀ ସୁଦୃଶ୍ୟ ନିମନ୍ତ୍ରଣପତ୍ରଟିଏ ଧରାଇଦେଇ ଆସିଥିବେ ଆପଣଙ୍କ ହାତରେ। ମୁହଁରେ କୃତ୍ରିମ ହସ ଫୁଟାଇ କହି ଆସିଥିବେ, ''ଆପଣ ନିଶ୍ଚୟ ତ ଆସିବେ। ଶ୍ରୀମତୀଙ୍କୁ ମଧ୍ୟ ସାଙ୍ଗରେ ଆଣିବାକୁ ଭୁଲିବେନି।'' କେଉଁଠି ପୁଣି ସମ୍ପର୍କର ଘନିଷ୍ଠତାକୁ ପୁଞ୍ଜିକରି ନିମନ୍ତ୍ରଣକାରୀ ଫୋନରେ ନିମନ୍ତ୍ରଣ କରି ହ୍ୱାଟ୍‌ସଆପ୍‌ରେ କାର୍ଡର ଫଟୋଟି ପଠାଇ ଦେଇଥିବେ। ନିମନ୍ତ୍ରଣ ପାଇଥିବା ପରିବାରର ଶ୍ରୀମତୀମାନେ ଆଗ୍ରହରେ ଅପେକ୍ଷା କରି ରହିଥିବେ ସେଇ ବିଶେଷ ଦିନଟିକୁ। ଶେଷରେ ଯେବେ ସେ ଦିନଟି ଆସିବ, ସେଦିନ ସନ୍ଧ୍ୟାଟି ସମ୍ପୂର୍ଣ୍ଣ ବିତିଯିବ ବହୁବିଧ ଶାଢ଼ି ଅଳଙ୍କାର ମଧ୍ୟରୁ ଉପଯୁକ୍ତ ବସନଭୂଷଣ ନିର୍ବାଚନ କରିବାରେ। ସବୁଠାରୁ ସୁନ୍ଦର ବେଶରେ ନିଜକୁ ସଜାଇ ସେମାନେ ନିଜ ନିଜର ଶ୍ରୀମାନଙ୍କ ସହ ବିଜେ ହେବେ ବିବାହସ୍ଥଳରେ। ହାତରେ ଥିବ ବିବାହ ଭେଟିର ସୁଦୃଶ୍ୟ ପ୍ୟାକେଟଟିଏ ଅବା ସର୍ବନିମ୍ନ ପାଞ୍ଚଶହ ଏକ ଟଙ୍କାର ଖାମ୍‌ଟିଏ।

ପ୍ରବେଶ ପଥରେ ମୃଦୁ ହସି ସେମାନଙ୍କୁ ଗୃହକର୍ତ୍ତା ସମ୍ଭାଷଣ କରିବେ ଓ ବାଟ ଦେଖାଇଦେବେ ତଳେ ପଡିଥିବା ନାଲି କାର୍ପେଟ ଉପରେ ଆଗକୁ ବଢିବା ପାଇଁ। ମୁକ୍ତ ଆକାଶ ତଳେ ଏକ ବିଶାଳ ପ୍ରାନ୍ତରରେ ଅବା କେଉଁ ହୋଟେଲ କି କଲ୍ୟାଣ ମଣ୍ଡପର ବିଶାଳ ହଲରେ ସୁସଜ୍ଜିତ ମଞ୍ଚ ଉପରେ ରାଜାରାଣୀ ପରି ବସିଥିବେ ନବଦମ୍ପତି। ପରମ ଆଗ୍ରହରେ ନିମନ୍ତ୍ରିତ ଅତିଥିଙ୍କ ହାତରୁ ଭେଟି ଗ୍ରହଣ କରି କନ୍ୟା ବା ନବବଧୂ ବଢାଇ ଦେଉଥିବେ ପାଖରେ ବସିଥିବା ସେମିତି କେହି ସମ୍ପର୍କୀୟ ଅବା ପରିଜନଙ୍କୁ, ଯିଏ ସେଇ ବିଶେଷ ଆସର ପାଇଁ କୋଷାଧ୍ୟକ୍ଷ ଭୂମିକାରେ ଅବତୀର୍ଣ୍ଣ ହୋଇଥିବେ। ରହି ରହି ବରକନ୍ୟାଙ୍କ ସହ ଫଟୋ ଉଠାରେ ବ୍ୟସ୍ତ ଥିବେ ଫଟୋଗ୍ରାଫର ବା ଭିଡିଓ କ୍ୟାମେରାମ୍ୟାନ।

ତା' ପରେ ଆସିବ ପ୍ରୀତିଭୋଜନର ପର୍ବ। ଆଖି ଆଗରେ ଛିଡା ଛିଡା ଭୋଜନରେ ବ୍ୟସ୍ତ ଥିବେ ସମସ୍ତେ। ଆଉ କେଇଜଣ ହାତରେ ପ୍ଲେଟ ଚାମଚ ଧରି ଧାଡିରେ ଛିଡା ହୋଇଥିବେ ସେମାନଙ୍କ ପାଳିକୁ ଅପେକ୍ଷା କରି ; ଠିକ୍ ସରକାରୀ କଣ୍ଟ୍ରୋଲ ଦୋକାନର ରାଶନ ପାଇବାର ପାଳିକୁ ଅପେକ୍ଷା କଲାପରି। ଚାରିଆଡେ ଲୋକଙ୍କ ଆସର, ବନ୍ଧୁମିଳନର ମୃଦୁ କୋଳାହଳ। କେଉଁଠି ବଡ ବଡ ଶବ୍ଦବାକ୍ସ ମଧ୍ୟରୁ ଭାସି ଆସୁଥିବା ରୋମାଞ୍ଚକର ରେକର୍ଡ ସଙ୍ଗୀତ ତ ଅନ୍ୟ କେଉଁଠି ଅର୍କେଷ୍ଟ୍ରା ମେଲୋଡି ଗ୍ରୁପ୍‌ର ଗାୟକ ଗାୟିକାଙ୍କ କଣ୍ଠରୁ ସ୍ୱରସଙ୍ଗୀତର ମଧୁର ଝଙ୍କାର। ଚାରିଆଡେ ଖାଲି ଉପଭୋଗର ମୁହୂର୍ତ୍ତ। ତା' ମଧ୍ୟରେ ସୁସ୍ୱାଦୁ ବ୍ୟଞ୍ଜନର ବାସନା ଟାଣି ନେଉଥିବ ପ୍ରଥମେ ଭୂରି ଭୋଜନର ପ୍ରାରମ୍ଭିକ ପର୍ଯ୍ୟାୟ କୁହାଯାଉଥିବା ଡେଜର୍ଟ ବା ଭୋଜନପୂର୍ବ ଉପଚାରକୁ ଓ ପରେ ପରେ ଆସ୍ତେ ଆସ୍ତେ ପୂରିଆସୁଥିବା ପେଟକୁ ଭରିବା ପାଇଁ ପ୍ରସ୍ତୁତ ଥିବା ବହୁବିଧ ଗୁରୁପାକ ଖାଦ୍ୟ ସାମଗ୍ରୀ ଆଡକୁ। ପେଟର ଭୋକ ପୂରି ପୂରି ଆସୁଥିବ, ଭୋଜନ ସାମଗ୍ରୀ ବି ଥିବ ଭରପୂର, ଅଥଚ ପ୍ରୀତିର ସାମାନ୍ୟ ସଂକେତ ନ ଥିବ କେଉଁଠି, ଯଦିଓ ନିମନ୍ତ୍ରଣପତ୍ରର କାର୍ଯ୍ୟନିର୍ଘଣ୍ଟରେ ବଡ ବଡ ଅକ୍ଷରରେ ଲେଖା ହୋଇଥିବ, 'ପ୍ରୀତିଭୋଜନ' !

ଏ ପ୍ରକାର ଭୋଜନ ବ୍ୟବସ୍ଥାର ନାମ ପୁଣି ଅଦ୍ଭୁତ-'ବଫେ'। ଆମ ମୂଳ ସଂସ୍କାରକୁ ଅଳିଆଗଦାରେ ଫିଙ୍ଗିଦେଇ ପାଶ୍ଚାତ୍ୟ ସଂସ୍କୃତିକୁ ଅତି ଆଦରରେ ଆପଣେଇ ନେବାର ଆଧୁନିକ ପ୍ରବଣତା ମଧ୍ୟରୁ ଏହି ବଫେ ବ୍ୟବସ୍ଥାର ଜନ୍ମ। ବଫେର ଓଡିଆ ରୂପାନ୍ତର କ'ଣ କେଜାଣି, ତେବେ ବଫେ ବ୍ୟବସ୍ଥା ମଧ୍ୟରେ ବହୁବାର ଆପ୍ୟାୟିତ ହୋଇଥିବା ଜଣେ ପଣ୍ଡିତଙ୍କ ମତରେ 'ବଫେ ଭୋଜନ'ର ଅର୍ଥ 'ବିକଳ ଭୋଜନ'। ବହୁ ଲୋକଙ୍କ ଗହଣରେ ପ୍ଲେଟ ଚାମଚ ହାତରେ ଧରି ଲମ୍ବା ଧାଡିରେ ଛିଡା ହେବା, ପରେ ପରେ ପ୍ଲେଟରେ ସ୍ଥାନାଭାବ ହେତୁ ସବୁ ସାମଗ୍ରୀ ମଧ୍ୟରୁ କେତେକକୁ ବାଦ୍ ଦେଇ ଅବଶିଷ୍ଟକୁ ଧରି ଧାଡିରୁ ବାହାରି ଆସି ଟିକିଏ ଫାଙ୍କା ସ୍ଥାନ ଦେଖି ଶାନ୍ତିରେ ଖାଇବା ଓ ପରେ ପରେ ଫନୀ ବାତ୍ୟାଞ୍ଚଳର କୌଣସି ରିଲିଫ ବଣ୍ଟନ କେନ୍ଦ୍ରର ଭ୍ରମ ସୃଷ୍ଟି କରୁଥିବା ଆଇସ୍‌କ୍ରିମ କାଉଣ୍ଟରର ନଅଙ୍କିଆ ପରିବେଶ ସହ ପରିଚିତ ଥିବା ଯେ କେହି ବିନା ପ୍ରତିବାଦରେ ଆମ ଏ ପଣ୍ଡିତଙ୍କ ମତକୁ ଗ୍ରହଣ କରିନେବେ।

ବଡ ବିଚିତ୍ର ଯେ ବଫେ ବ୍ୟବସ୍ଥା ! ବଡ ଅଦ୍ଭୁତ ପୁଣି ବ୍ୟଞ୍ଜନର ସଂଖ୍ୟା ଅନୁପାତରେ ନିଜ ମିଥ୍ୟା ପୌରୁଷ ପ୍ରଦର୍ଶନର ଅସୁସ୍ଥ ମାନସିକତା ! ଏଠି କେହି କାହାକୁ ଖାଇବାକୁ ଡାକନ୍ତି ନାହିଁ କି ଏପରି ଡାକରାକୁ କେହି ଅପେକ୍ଷା କରନ୍ତି ନାହିଁ। ଡାକିବା ତ ଦୂରର କଥା, ନିମନ୍ତ୍ରଣ ପାଇଥିବା ଲୋକଙ୍କୁ ନିମନ୍ତ୍ରଣ ଦେଇଥିବା ଲୋକ ସଂଖୋଳିବାକୁ ବି ସମୟ ନ ଥାଏ। ଖାଇଲେ କି ନାହିଁ ବୁଝିବାକୁ ବି ତର ନ ଥାଏ। ସମସ୍ତଙ୍କ ପାଇଁ ଖୋଲା ଏହା ଏମିତି ଏକ ଖାଦ୍ୟଶାଳା ଯେ, ବିନା ନିମନ୍ତ୍ରଣରେ ଏଠି ଜଣେ ଭୂରି ଭୋଜନ କରି ପରିତୃପ୍ତିର ହାକୁଟି ମାରେ ତ ନିମନ୍ତ୍ରଣ ଥାଇ ବି କେହି ପୁଣି ଅଭୁକ୍ତ ରହି ଖାଲିପେଟରେ ଘରକୁ ବାହୁଡିଯାଏ। ଏହି ବ୍ୟବସ୍ଥାର ବିଭ୍ରାଟ ସମ୍ପର୍କରେ ସେଦିନ ଜଣେ କନ୍ୟାପିତା ଦୁଃଖରେ କହୁଥିଲେ, ''ଏଣିକି ନିମନ୍ତ୍ରଣପତ୍ର ସାଙ୍ଗରେ ଧରି ଆସିବାକୁ ତଳେ ଲେଖିବାକୁ ପଡିବ। କାର୍ଡ ଯାଞ୍ଚ କରିବାକୁ ଗେଟ ପାଖରେ ଜଣେ ଦୁଇଜଣଙ୍କୁ ନ ଜଗାଇଲେ ମୋ ପରି ହୀନସ୍ତା ହେବାକୁ ପଡିବ।'' କନ୍ୟାପିତାଙ୍କ ଦୁଃଖର କାରଣ ଥିଲା ଯୁକ୍ତିଯୁକ୍ତ। ସେ ତାଙ୍କ ଝିଅ ବାହାଘରକୁ ବରଯାତ୍ରୀଙ୍କ ସମେତ ପାଞ୍ଚଶହ ଲୋକଙ୍କ ପାଇଁ ଖାଇବାର ଆୟୋଜନ କରିଥିଲା ବେଳେ ଆହୁରି ପଚାଶ ପ୍ରାୟ ଲୋକ ବାକି ଥାଇ ତାଙ୍କ ଖାଦ୍ୟ ସବୁ ଶେଷ ହୋଇଯାଇଥିଲା। କ୍ୟାଲେଣ୍ଡରରେ ବିବାହ ତିଥି ଦେଖି କଲ୍ୟାଣ ମଣ୍ଡପ ଆଗରେ ଟହଲ ମାରୁଥିବା ଅନିମନ୍ତ୍ରିତ ଲୋକଙ୍କ ସଂଖ୍ୟା ସେଦିନ ବଢିଯାଇଥିଲା ବୋଧହୁଏ।

ଅବଶ୍ୟ ଏ କଥା ଭିନ୍ନ ଯେ ସବୁ ପ୍ରୀତିଭୋଜନର ପରିଣାମ ଏମିତି ଅପ୍ରୀତିକର ହୋଇ ନ ଥାଏ। ରାଜଧାନୀର ଜଣେ ପ୍ରତିଷ୍ଠିତ ବରପିତା ପ୍ରାୟ ଚାଳିଶ ପ୍ରକାର ବ୍ୟଞ୍ଜନ ପରିବେଷିତ ଦେଢହଜାର ଟଙ୍କିଆ ପ୍ଲେଟରେ ଆୟୋଜିତ ଭୋଜିସଭାକୁ ହଜାରେ ଲୋକଙ୍କୁ ନିମନ୍ତ୍ରଣ କରି କେବଳ ପ୍ରୀତିଭୋଜନ ବାବଦକୁ ପନ୍ଦରଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଅଥଚ ସେଠାରୁ ଭୋଜି ଖାଇ ଫେରିଥିବା ଲୋକମାନେ ଯେଉଁ ଅପ୍ରୀତିକର ମନ୍ତବ୍ୟ ଦେଇଥିଲେ ତହିଁରୁ ଜଣାପଡିଥିଲା ଯେ, ପ୍ରାଚୁର୍ଯ୍ୟର ପ୍ରତିଷ୍ଠା କେବେ ପ୍ରୀତି ପର୍ବର କାରଣ ହୋଇ ନ ପାରେ!

କେଡେ ମନୋରମ ନ ଥିଲା ବିବାହ ଭୋଜିର ମହତ୍ତ୍ୱ ଏଇ ଅଳ୍ପ କେଇବର୍ଷ ତଳେ ! କେଡେ ଆଗ୍ରହରେ ନିମନ୍ତ୍ରଣକାରୀ ସଂଖୋଳୁ ନ ଥିଲେ ଅତିଥିମାନଙ୍କୁ! ଘରର ଚଟାଣ ଉପରେ ତାଳପତ୍ର ଚଟେଇରେ ଆସନ ପାରି ଦିଆଯାଉଥିଲା। କଅଁଳ କଦଳୀପତ୍ରରେ ବାଢି ଦିଆଯାଉଥିଲା ନାନା ପ୍ରକାର ବ୍ୟଞ୍ଜନ। ଖାଇବା ମଧ୍ୟରେ ଅତିଥିଙ୍କ ପାଖରେ ନଇଁ ପଡୁଥିଲେ ଗୃହକର୍ତ୍ତା ଓ ବିନୟ ସହକାରେ ପୁଚ୍ଛା କରୁଥିଲେ ଖାଦ୍ୟର ମାନ ସମ୍ପର୍କରେ। ଖାଇ ସାରିବା ଯାଏ ଗୃହସ୍ୱାମୀ ଅବା ତାଙ୍କର ଅନ୍ୟ କେହି ଲୋକ ଛିଡା ହୋଇ ରହୁଥିଲେ କାକୁସ୍ଥ ଭାବରେ। ଖାଇସାରିବା ପରେ ଗାମୁଛା ବଢାଇ ଦେଉଥିଲେ ହାତ ପୋଛିବା ପାଇଁ ଓ ପରେ ପରେ ବିଦାୟ ଜଣାଉଥିଲେ ହାତରେ ପାନପାତ୍ର ଧରି। ଭୋଜିର ସ୍ୱାଦ ଅପେକ୍ଷା ଢେର ସ୍ୱାଦିଷ୍ଟ ଲାଗୁଥିଲା ସେମାନଙ୍କ ସ୍ୱାଦର ସମ୍ଭାଷଣ। ପେଟ ପୂରିଯାଉଥିଲା, ହୃଦୟ ଭରିଯାଉଥିଲା ମୁଗ୍ଧ ପରିତୃପ୍ତିରେ। ଅଥଚ କୁଆଡେ ଗଲା ସେ ସମୟ! ଆଜି ପ୍ରୀତିଭୋଜନର ଏ ପର୍ବ ବୋଝ ବିବେଚିତ ହେଉଛି ଉପହାର ଦେବାର ବାଧ୍ୟବାଧକତା ପାଇଁ। ପ୍ରସ୍ତୁତି ଚାଲିଛି ନିମନ୍ତ୍ରିତ ଅଭ୍ୟାଗତଙ୍କ ପରିଚୟ ଯାଞ୍ଚ ପାଇଁ। ବଫେ ନାମରେ ପ୍ରକଟିତ ହେଉଛି ଅତିଥିଙ୍କ ବିକଳପଣ!

ବିବାହ ଉତ୍ସବର ଏ ପ୍ରୀତିଭୋଜନ ରସନାକୁ ତୃପ୍ତ କରେ ସିନା, ଆନ୍ତରିକତା ଅଭାବରୁ ହୃଦୟ ଅତୃପ୍ତ ରହିଯାଏ। ଯେତେ ହୃଦ୍ୟ ହେଲେ ବି କେବଳ ଆନୁଷ୍ଠାନିକତାର ବାହ୍ୟ ଆଡମ୍ବର ବିବାହ ଆସରକୁ ଜୀବନ୍ତ କରିପାରେନା। ସବୁକିଛି ଯନ୍ତ୍ରଚାଳିତ ମନେହୁଏ। ନିମନ୍ତ୍ରଣ ବୋଝ ପାଲଟିଯାଏ। ନିଜ ପତିଆରା ପ୍ରଦର୍ଶନ କରିବାକୁ ଦିନେ କୁରୁପତି ଦୁର୍ଯ୍ୟୋଧନ ନିମନ୍ତ୍ରଣ କରିଥିଲେ ଶାନ୍ତିଦୂତ ଶ୍ରୀକୃଷ୍ଣଙ୍କୁ। ମାତ୍ର ତାଙ୍କ ଆନ୍ତରିକତାହୀନ ଆମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରି ସେ ବିଦୁରଙ୍କ ଘରେ ଶାଗଭଜା ଖାଇ ତୃପ୍ତ ହୋଇଥିଲେ। କୃଷ୍ଣଙ୍କୁ ନିଜ ମିଥ୍ୟା ବଡପଣ ଦେଖାଇବାକୁ ସେତେବେଳେ ଥିଲେ ଜଣେ ଦୁର୍ଯ୍ୟୋଧନ। ତାଙ୍କୁ ଅନ୍ତରଙ୍ଗତାରେ ବୁଡାଇ ଦେବାକୁ ବି ସେମିତି ଥିଲେ ଜଣେ ଆଡମ୍ବରଶୂନ୍ୟ ବିଦୁର। ମାତ୍ର ଏବେ ନିଜ ପଦବୀ, ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟକୁ ନେଇ ପାଗଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିବା ଦୁର୍ଯ୍ୟୋଧନମାନଙ୍କ ସଂଖ୍ୟା ବଢି ବଢି ଚାଲିଛି ସିନା, ବିଦୁର ଜଣେ ନାହାନ୍ତି ଶାଗଭଜା ଖୁଆଇବା ପାଇଁ। ଖାଇବା ଶେଷରେ ଗାମୁଛାଟାଏ ବଢାଇ ଦେବା ପାଇଁ। ସୁତରାଂ ଏବେକାର ନିମନ୍ତ୍ରଣ ଅନୁଭବଶୂନ୍ୟ ହୋଇପଡିଛି, ପ୍ରୀତିଭୋଜନ ହୋଇପଡିଛି ମୁଣ୍ଡ ଉପରେ ଗୋଟିଏ ଓଜନଦାର ବୋଝ!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# ସର୍ବକନିଷ୍ଠା ପ୍ରଧାନମନ୍ତ୍ରୀ

ବ୍ୟକ୍ତିତ୍ୱ



ସାନା ମରିନ୍

ପ୍ରଜ୍ଞାର ପ୍ରତିଶବ୍ଦ ପୋଖତ କୁହାଯାଇପାରିବ ନାହିଁ। ସାଧାରଣରେ କୁହାଯାଇଥାଏ ଯେ, ରାଜନୀତିରେ ପୁରୁଖା ବ୍ୟକ୍ତିମାନେ ଉତ୍ତମ ଶାସନ ଦେଇଥାଆନ୍ତି। ସମ୍ଭବତଃ ଯୁବବର୍ଗଙ୍କୁ ଶୀର୍ଷକୁ ଛାଡ଼ିବାରେ କୁଣ୍ଠିତ କିଛି ପ୍ରବୀଣ ବ୍ୟକ୍ତିଙ୍କ ଏଭଳି ଚିନ୍ତାଧାରା ପିଢ଼ି ପରେ ପିଢ଼ି ଗଢ଼ି ଚାଲିଛି। କିନ୍ତୁ ଅତୀତକୁ ଦେଖିଲେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଥିଓଡର ରୁଜ୍‌ଭେଲ୍ଟ, ୱିଲିୟମ ମାକ୍‌ନଲେ, ଜନ୍ ଏଫ୍. କେନେଡିଙ୍କ ଭଳି ଯୁବ ନେତୃତ୍ୱ ସେଠାରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଥିଲେ। ତେବେ ସେମାନଙ୍କଠାରୁ ଆହୁରି କମ୍ ବୟସରେ ଦେଶର ଶାସନ ମୁଖ୍ୟ ହେବାରେ ମହିଳାମାନେ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ସଦ୍ୟ ଯାହାଙ୍କ ନାମ ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚାରେ ରହିଛି, ସେ ହେଉଛନ୍ତି ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସାନା ମରିନ୍। ମାତ୍ର ୩୪ ବର୍ଷ ବୟସରେ ସେ ନିଜ ଦେଶ ତଥା ବିଶ୍ୱର ସର୍ବକନିଷ୍ଠା ପ୍ରଧାନମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ସୋସିଆଲ ଡେମୋକ୍ରାଟ୍ ସାନା ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜସିଣ୍ଡା ଆର୍ଡର୍ନ(୩୯) ଏବଂ ୟୁକ୍ରେନ ପ୍ରଧାନମନ୍ତ୍ରୀ ଓଲେକ୍ସି ହଙ୍କାରୁକ୍ (୩୫)ଙ୍କ ଯୁବ ଶାସକ କ୍ଲବରେ ସାମିଲ ହେବା ସହ ନିଜକୁ ଆଉ ପାଦେ ଆଗେଇ ନେଇପାରିଛନ୍ତି। ସର୍ବକନିଷ୍ଠା ପ୍ରଧାନମନ୍ତ୍ରୀ ହୋଇ ସାନା କେବଳ ନିଜ ପାଇଁ ନୁହେଁ, ଯୁବବର୍ଗଙ୍କୁ ଯୁବାବସ୍ଥାରେ ନେତୃତ୍ୱ ନେବା ପାଇଁ ଆହ୍ୱାନ ଦେଇ ପୃଥିବୀବ୍ୟାପୀ ଚହଳ ପକାଇଛନ୍ତି।

ସମାନତା ଓ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଥିବା ସାନା ୨୦୧୨ରେ ଫିନ୍‌ଲାଣ୍ଡ ରାଜନୀତିରେ ସକ୍ରିୟ ପଦାର୍ପଣ କରିଥିଲେ। ସେ ୧୦ ଡିସେମ୍ବର ୨୦୧୯ରେ ଫିନ୍‌ଲାଣ୍ଡର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଦେଶର ତୃତୀୟ ମହିଳା ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ମଧ୍ୟ ଲାଭ କରିଛନ୍ତି। ଫିନ୍‌ଲାଣ୍ଡର ସୋସିଆଲ ଡେମୋକ୍ରାଟିକ୍ ପାର୍ଟି (ଏସ୍‌ଡିପି)ର ଏହି ନେତ୍ରୀ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ସେଠାକାର ପରିବହନ ଓ ଯୋଗାଯୋଗ ମନ୍ତ୍ରୀ ଦାୟିତ୍ୱରେ ଥିଲେ। ପୋଷ୍ଟାଲ ଷ୍ଟ୍ରାଇକ୍‌କୁ ନିୟନ୍ତ୍ରଣ କରିବାରେ ଅସମର୍ଥ ହେବା ପରେ ପ୍ରଧାନମନ୍ତ୍ରୀ ଥିବା ଏଣ୍ଟି ରିନି ତାଙ୍କ ସହଯୋଗୀ ସେଣ୍ଟର ପାର୍ଟିର ବିଶ୍ୱାସ ହରାଇବା ପରେ ପଦରୁ ଇସ୍ତଫା ଦେଇଥିଲେ। ପରେ ସାନାଙ୍କୁ ପ୍ରଧାନମନ୍ତ୍ରୀ କରାଯାଇଛି।

ସାନା ୨୦୦୬ରେ ସୋସିଆଲ ଡେମୋକ୍ରାଟିକ ୟୁଥ୍‌ରେ ଯୋଗଦେଇ ୨୦୧୦ରୁ ୨୦୧୨ ଯାଏ ଏହାର ଉପସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୮ରେ ସେ ପ୍ରଥମେ ମ୍ୟୁନିସିପାଲିଟି ନିର୍ବାଚନ ଲଢ଼ି ହାରି ଯାଇଥିଲେ। କିନ୍ତୁ ୨୦୧୨ରେ ସେ ସିଟି କାଉନସିଲ ଅଫ୍ ଟାମ୍ପେରେକୁ ୨୭ ବର୍ଷ ବୟସରେ ନିର୍ବାଚିତ ହୋଇ ତାଙ୍କ ରାଜନୈତିକ ଜୀବନରେ ସଫଳ କ୍ୟାରିୟରର ଅୟମାରମ୍ଭ କରିଥିଲେ। ସେ ୨୦୧୩ ରୁ ୨୦୧୭ ଯାଏ ସିଟି କାଉନ୍‌ସିଲର ଅଧ୍ୟକ୍ଷା ରହିଥିଲେ। ସେ କାଉନସିଲ ଅଫ୍ ଟାମ୍ପେରେ ରିଜିଅନ ଆସେମ୍ବ୍ଲିର ସଦସ୍ୟ ରହିଛନ୍ତି। ୨୦୧୩ରୁ ୨୦୧୬ ଯାଏ ସାନା ପିରକ୍କାନମ୍ମା ରିଜିଓନାଲ କାଉନ୍‌ସିଲର ସଦସ୍ୟ ରହିଥିଲେ। ୨୦୧୪ରେ ସୋସିଆଲ ଡେମୋକ୍ରାଟିକ ପାର୍ଟିର ଦ୍ୱିତୀୟ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୫ରେ ୩୦ ବର୍ଷ ବୟସରେ ଫିନ୍‌ଲାଣ୍ଡର ସାଂସଦ ଓ ଏହାର ଚାରି ବର୍ଷ ପରେ ସେ ପୁଣି ନିର୍ବାଚିତ ହୋଇ ୬ ଜୁନ୍ ୨୦୧୯ରେ ସେଠାକାର ପରିବହନ ଏବଂ ଯୋଗାଯୋଗ ମନ୍ତ୍ରୀ ହୋଇପାରିଥିଲେ। ସାନା ୫ ଦଳିଆ ମେଣ୍ଟ ସରକାରର ନେତୃତ୍ୱ ନେଉଛନ୍ତି। ତାଙ୍କ କ୍ୟାବିନେଟ୍‌ରେ ୧୯ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୧୨ ଜଣ ମହିଳା।

୧୬ ନଭେମ୍ବର ୧୯୮୫ରେ ଜନ୍ମିତ ସାନା ଟାମ୍ପେରେକୁ ଆସିବା ପୂର୍ବରୁ ଏସ୍‌ପୋ ଓ ପିର୍‌କ୍କଲ୍ଲାରେ ରହୁଥିଲେ। କିଶୋରୀ ବୟସରେ ତାଙ୍କ ପିତାମାତାଙ୍କର ବିଚ୍ଛେଦ ହୋଇଯାଇଥିଲା। ପରେ ତାଙ୍କ ପରିବାରକୁ ଆର୍ଥିକ ସମସ୍ୟା ଘୋଟି ଆସିଥିଲା। ପିତା ଓ ମାତାଙ୍କ ବିଚ୍ଛେଦ ପରେ ସାନା ତାଙ୍କ ମା' ଓ ମା'ଙ୍କ ନୂଆ ଫିମେଲ ପାର୍ଟନରଙ୍କ ପାଖରେ ବଢ଼ିଥିଲେ। ସେ ୨୦୦୪ରେ ପିର୍‌କ୍କଲ୍ଲା ହାଇସ୍କୁଲ ଶିକ୍ଷା ଓ ୨୦୧୭ରେ ଟାମ୍ପେରେ ବିଶ୍ୱବିଦ୍ୟାଳୟରୁ ଆଡ୍‌ମିନିଷ୍ଟ୍ରେଟିଭ ସାଇନ୍ସରେ ସ୍ନାତକୋତ୍ତର ହାସଲ କରିଥିଲେ। ସେ ହେଉଛନ୍ତି ତାଙ୍କ ପରିବାରର ପ୍ରଥମ ମହିଳା, ଯିଏକି ପ୍ରଥମେ ବିଶ୍ୱବିଦ୍ୟାଳୟ ମାଟି ମାଡ଼ିଥିଲେ। ଏକ ରେନ୍‌ବୋ ଫ୍ୟାମିଲିରୁ ଆସିଥିବା ସାନାଙ୍କ ସଂସାର କହିଲେ ସ୍ୱାମୀ ମାର୍କୁସ୍ ରିକ୍ୟୁନେନ୍ ଓ କନ୍ୟା ଏମ୍ମା।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପ୍ଲାଷ୍ଟିକ୍ ପ୍ରଦୂଷଣ କମ୍ କରିବା ଲାଗି ଡେରାଡୁନ ସ୍ମାର୍ଟସିଟି ଲିଃ (ଡିଏସ୍‌ସିଏଲ୍) ଅପଣାଇଥିବା ନିଆରା ଉପାୟ ପ୍ରଶଂସନୀୟ। ଡିଏସ୍‌ସିଏଲ୍ ଏଥିପାଇଁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଆରମ୍ଭ କରିଛି। ଏହା ମାଧ୍ୟମରେ 'ପ୍ଲାଷ୍ଟିକ୍ ୱାପ୍‌ସି ଅଭିଯାନ'କୁ ତ୍ୱରାନ୍ୱିତ କରି ଲୋକମାନଙ୍କୁ ଥରେ ବ୍ୟବହୃତ ପ୍ଲାଷ୍ଟିକ୍ ଫେରାଇଦେବା ଲାଗି ସଚେତନ କରୁଛି। ଏଥିରେ ଡେରାଡୁନର ନାଗରିକମାନଙ୍କ ଦ୍ୱାରା ଗଠିତ 'ଗତି' ଅନୁଷ୍ଠାନ ସହଯୋଗ କରୁଛି। ଡେରାଡୁନ୍‌ର ୧୦୦ଟି ୱାର୍ଡ ମଧ୍ୟରୁ ୧୦ଟିରେ ଥିବା ୨୦ଟି ସରକାରୀ ସ୍କୁଲ୍ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ପ୍ରତି ସ୍କୁଲ୍‌ର ଜଣେ କର୍ମଚାରୀଙ୍କୁ ସେହି ସ୍କୁଲ୍‌ର 'ପ୍ଲାଷ୍ଟିକ ଯୋଦ୍ଧା' ଭାବେ ନିଯୁକ୍ତି ଦିଆଯାଉଛି। ଏହାବାଦ୍ ୨୦ଟି ସ୍କୁଲ୍‌ର ପ୍ରତି ଶ୍ରେଣୀରୁ ଜଣେ କରି ମୋଟ ୧୬୮ ଜଣ 'ପ୍ଲାଷ୍ଟିକ୍ ପ୍ରହରୀ'ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ପିଲାମାନେ ଘର, ପଡ଼ୋଶୀ ଓ ଦୋକାନ ଆଦିରୁ ଥରେ ବ୍ୟବହୃତ ପ୍ଲାଷ୍ଟିକ୍ ସଂଗ୍ରହ କରୁଛନ୍ତି। ସବୁ ପିଲା ମୋଟ ୫୫୫ କିଲୋ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରିସାରିଛନ୍ତି। ପ୍ଲାଷ୍ଟିକ୍ ବର୍ଜ୍ୟରୁ ଡିଜେଲ୍ ଓ ପେଟ୍ରୋଲ୍ ପ୍ରସ୍ତୁତ କରୁଥିବା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ପେଟ୍ରୋଲିୟମ୍ ସହ ଏହି ଅଭିଯାନ ହାତ ମିଳାଇଥିବା ଜଣାପଡ଼ିଛି।

## ଚିରନ୍ତନୀ

ତୁମେଟି ଚାଲିବା ଜାଣ
ଦୁନିଆ ଭିତରେ ତୁମେଟି ଚାଲିବା ଜାଣ
ସେ ଯେଉଁ ଆଘାତେ ଥରି ଉଠେ ତବ ପ୍ରାଣ,
ବାଜେ ନାହିଁ ସେ ତ ପଶୁପକ୍ଷୀ ତରୁପରେ
ବାଜି ଉଠେ ଯାହା ମଣିଷ କୁଡିଆ ଘରେ।
(ତୁମେଟି ଚାଲିବା ଜାଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଡିସେମ୍ବର ୧୯୯୪**

- କର୍ଣ୍ଣାଟକରାଜ୍ୟକଂଗ୍ରେସସଭାପତିଭି.କ୍ରିଷ୍ଣାରାଓଙ୍କଇସ୍ତଫା।
- ବିଜୁ ପଟ୍ଟନାୟକଙ୍କ ରାଜନୈତିକ ଜୀବନ ଉପରେ ଲିଖିତ ପୁସ୍ତକ 'ବିଜୁ ପଟ୍ଟନାୟକ-ଏ ପଲିଟିକାଲ ବାୟୋଗ୍ରାଫି' ଉନ୍ମୋଚିତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | C | 1 | 8 | | | | 9 | | 0 | | | 3 | 7 | |
| | | | | A | E | C | | 6 | B | | 4 | | | 1 |
| | | | | 2 | | A | | E | | | | | | 4 |
| | | | | | 9 | | | | | | | C | A | 5 |
| 2 | | | | | | | | | D | | 6 | | | |
| | | | | | | | | | C | | 9 | | | 6 |
| A | | | | | | 5 | | 2 | | | 8 | E | | |
| | | 6 | | 1 | | 3 | 0 | | A | | B | | | |
| 3 | | | E | | 4 | 7 | | A | | 0 | D | | C | 2 |
| | | | 0 | | | | | B | | 2 | | 5 | | |
| 6 | 1 | 9 | | | | | | | | | 5 | | 4 | C |
| | 2 | 3 | | 4 | | 6 | | | 8 | 9 | C | | 0 | |
| | | | | | | | | | 7 | | | D | | |
| | | 8 | | | 1 | 2 | C | | | 4 | A | | 5 | B |
| | 4 | | | 7 | A | | | | | 1 | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 0 | C | A | 7 | B | E | 8 | D | 9 | 3 | 4 | 6 | 2 | 5 |
| A | 5 | 9 | 0 | 2 | E | 1 | 7 | C | 6 | D | 8 | 4 | B | 3 |
| 4 | 3 | 2 | D | 8 | C | B | 6 | 9 | 5 | 7 | 1 | 0 | E | A |
| 6 | B | 7 | 4 | 1 | 3 | 0 | 5 | 2 | A | C | E | D | 8 | 9 |
| E | D | 8 | 6 | 5 | 9 | 3 | 4 | A | 2 | B | 0 | 7 | 1 | C |
| 2 | 6 | 1 | 3 | E | 4 | 9 | 0 | 5 | C | 8 | D | A | 7 | B |
| 9 | A | 0 | 1 | B | 8 | 2 | C | 4 | 3 | 5 | 7 | E | 6 | D |
| 3 | E | 5 | 7 | 9 | D | A | B | 1 | 0 | 2 | 6 | C | 4 | 8 |
| 7 | 4 | D | C | A | 5 | 6 | E | 8 | 1 | 9 | B | 3 | 0 | 2 |
| C | 8 | B | 2 | 0 | 6 | D | 3 | 7 | 4 | E | A | 5 | 9 | 1 |
| 0 | C | 4 | B | D | A | 8 | 2 | 6 | E | 1 | 3 | 9 | 5 | 7 |
| D | 9 | 3 | E | 4 | 0 | 7 | 1 | B | 8 | A | 5 | 2 | C | 6 |
| B | 1 | E | 5 | 3 | 7 | C | 9 | 0 | D | 6 | 2 | 8 | A | 4 |
| 5 | 7 | 6 | 8 | C | 2 | 4 | A | 3 | B | 0 | 9 | 1 | D | E |
| 8 | 2 | A | 9 | 6 | 1 | 5 | D | E | 7 | 4 | C | B | 3 | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆର୍ଥିକ ଅସମାନତାରେ ଭାରତ ଆଗୁଆ

ମହାଶୟ,

ବିଶ୍ୱ ସ୍ତରରେ ୧ ପ୍ରତିଶତ ଧନୀଙ୍କ ପାଖରେ ୫୦ ପ୍ରତିଶତ ସମ୍ପତ୍ତି ଥିବାବେଳେ ଭାରତରେ ୧ ପ୍ରତିଶତ ଧନୀଙ୍କ ପାଖରେ ୫୮ ପ୍ରତିଶତ ସମ୍ପତ୍ତି ରହିଛି। ଏହାଛଡା ୨୦୧୭ରେ ଭାରତରେ ସୃଷ୍ଟି ହୋଇଥିବା ବର୍ଦ୍ଧିତ ସମ୍ପତ୍ତିର ୭୩ ପ୍ରତିଶତ ୧ ପ୍ରତିଶତ ଧନୀଙ୍କ ପାଖକୁ ଯାଇଥିବା ବେଳେ ୯୯ ପ୍ରତିଶତ ଲୋକଙ୍କ ପାଖକୁ ୨୭ ପ୍ରତିଶତ ସମ୍ପତ୍ତି ଯାଇଛି। ଏହି ଅସମାନତା କିଛିବର୍ଷ ଧରି ବଢିବାରେ ଲାଗିଛି। ଏହା ଚାଲୁ ରହିଲେ ସମସ୍ତ ପ୍ରକାର ସାମାଜିକ ବିଶୃଙ୍ଖଳା, ଅସ୍ଥିରତା ଓ ଅପରାଧପ୍ରବଣତା ବୃଦ୍ଧିପାଇବ। ଏଣୁ ଏହି ବିପଜ୍ଜନକ ଆର୍ଥିକ ଅସମାନତା ଦୂର କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ସ୍ୱତନ୍ତ୍ର ଯୋଜନା ହାତକୁ ନେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଦିଆଯାଉ

ଓଡ଼ିଶା ସରକାରଙ୍କ କାଳିଆ ଯୋଜନା ବିଷୟରେ ଗତ କିଛିଦିନ ଧରି ଅଧିକ ଚର୍ଚ୍ଚା ହେଉଥିବା ଦୃଷ୍ଟିଗୋଚର ହେଉଛି। ଦାରିଦ୍ର୍ୟ ଓ ଅନଗ୍ରସରତାର ସୁଯୋଗ ନେଇ ସାରା ରାଜ୍ୟରେ ବର୍ତ୍ତମାନ ଏକ ପ୍ରକାର ତୁଷ୍ଟୀକରଣ ରାଜନୀତି ମୁଣ୍ଡ ଟେକୁଛି। ବିଭିନ୍ନ ପ୍ରକାର ଭତ୍ତା ପ୍ରଦାନ, ଋଣଛାଡ, ରିହାତି ଇତ୍ୟାଦିକୁ ନେଇ ରାଜନୈତିକ ଦଳ ମଧ୍ୟରେ ପ୍ରତିଯୋଗିତା ଲାଗିରହିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ଦେଶକୁ ଦେବାଳିଆ କରିବ ଓ ଲୋକମାନଙ୍କୁ ପରମୁଖାପେକ୍ଷୀ କରିବ। ଲୋକଙ୍କ ଭିତରେ ଯେପରି ଆତ୍ମନିର୍ଭରଶୀଳତା ବୃଦ୍ଧି ପାଏ, ସେ ଦିଗରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଏହି କ୍ଷେତ୍ରରେ ଯୁବଗୋଷ୍ଠୀର ମଧ୍ୟ ଗୁରୁଦାୟିତ୍ୱ ରହିଛି।

ଦେବବ୍ରିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର,
ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପାଇଖାନା ସମ୍ପର୍କରେ ଖୋଳତାଡ କରୁଛି କେନ୍ଦ୍ରୀୟ ଟିମ୍

ଛତ୍ରପୁର,୧୪।୧୨(ଡି.ଏନ.ଏ.)- ଗଞ୍ଜାମ ଜିଲାର ସମସ୍ତଙ୍କ ଘରେ ପାଇଖାନା ରହିଛି କି ନାହିଁ ସେଉପରେ କେନ୍ଦ୍ରୀୟ ଟିମ୍ ଆସି ଅନୁଧ୍ୟାନ କରିଛନ୍ତି । ୨ ଦିନ ଧରି ଛତ୍ରପୁର ବ୍ଲକର ବିଭିନ୍ନ ପଞ୍ଚାୟତକୁ ଉକ୍ତ କେନ୍ଦ୍ରୀୟ ଟିମ୍ ବୁଲି ଲୋକମାନେ ଘରେ ପାଇଖାନା ନିର୍ମାଣ କରିଛନ୍ତି କି ନାହିଁ ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏପରିକି ଲୋକେ ପାଇଖାନା ବ୍ୟବହାର କରୁଛନ୍ତି କି ନାହିଁ ସେ ସମ୍ପର୍କରେ କେନ୍ଦ୍ରୀୟ ଟିମ୍ ଲୋକଙ୍କଠାରୁ ବୁଝିଥିଲେ । ଏହି ଟିମ୍‌ରେ ଡ.ବିଶ୍ୱରଞ୍ଜନ ଗାଁର ଲୋକଙ୍କୁ ପାଇଖାନା ବ୍ୟବହାର ନ କଲେ ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି କି କ୍ଷତି ହେବ ସେ ସମ୍ପର୍କରେ ସଚେତନ କରିଥିଲେ । ଶନିବାର ଛତ୍ରପୁର ବ୍ଲକ ଅଧୀନ ଚିକଲଖଣ୍ଡି ପଞ୍ଚାୟତ ଚିକଲଖଣ୍ଡି ଗାଁ, ବଉଲଗାଁ ପଞ୍ଚାୟତର ରୁକୁଣୀଗାଁ, ମହାନାଦପୁର ପଞ୍ଚାୟତ ଖୁରିଗାଁ, ପୋଟଲାମପୁର ପଞ୍ଚାୟତ ଗଙ୍ଗାପୁର, ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁର ଗାଁ, ଭିକାରିପଲ୍ଲୀ ପଞ୍ଚାୟତର କମାପଲ୍ଲୀ ଗାଁକୁ ଯାଇ କେନ୍ଦ୍ରୀୟ ଟିମ୍ ଅନୁଧ୍ୟାନ କରିବା ସହ ତଥ୍ୟ ସଂଗ୍ରହ କରିଥିଲେ । ଶୁକ୍ରବାର ମଧ୍ୟ ଉକ୍ତ ଟିମ ଅଗସ୍ତିନୁଆଗାଁ ପଞ୍ଚାୟତ ଓ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ପରିଦର୍ଶନ କରି ପାଇଖାନା ନିର୍ମାଣ ହୋଇଛି କି ନାହିଁ ଘର ଘରକୁ ଯାଇ ଅନୁଧ୍ୟାନ କରିଥିଲେ। ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପାଇଖାନା ସମ୍ପର୍କରେ ଦିଆଯାଇଥିବା ତଥ୍ୟକୁ ଆଧାର କରି କେନ୍ଦ୍ରୀୟ ଟିମ୍ ଏହି ଖୋଳତାଡ କରୁଥିବା ଜଣାପଡିଛି ।

### ୫ ବର୍ଷର ଶିଶୁଙ୍କୁ ବଳାତ୍କାର ଅଭିଯୋଗ

ଛତ୍ରପୁର,୧୪।୧୨(ଡି.ଏନ.ଏ.)-ଛତ୍ରପୁର ଥାନା ଅଞ୍ଚଳରେ ଜଣେ ୫ ବର୍ଷ ଶିଶୁ କନ୍ୟାଙ୍କ ଉପରେ ୨ ଦିନ ପୂର୍ବେ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତାଙ୍କ ବାପା ଶୁକ୍ରବାର ଛତ୍ରପୁର ଥାନାରେ ଏତଲା ହୋଇଛି। ଏହାକୁ ଭିତ୍ତିକରି ଛତ୍ରପୁର ପୋଲିସ ମାମଲା (ନଂ-୩୩୧/୧୯) ରୁଜୁ କରି ତଦନ୍ତ ଚଳାଇଛନ୍ତି । ଅପରପକ୍ଷରେ ଏହି ମାମଲାରେ ସମ୍ପୃକ୍ତଙ୍କୁ ଧରି ଆଣି ଥାନାରେ ପଚରାଉଚୁରା ଚାଲିଛି । ଶନିବାର ଶିଶୁଟିର ଡାକ୍ତରୀ ମାଇନା ଛତ୍ରପୁର ହସ୍ପିଟାଲରେ ହୋଇଛି ।

### କୋଟଗଡରେ ବଢୁଛି ଚୋରାମଦ କାରବାର

କୋଟଗଡ,୧୪।୧୨ (ଡି.ଏନ୍.ଏ.)

କୋଟଗଡ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ଚୋରା ଦେଶୀମଦ କାରବାର ବେଧଡକ ଚାଲିଛି। ପୋଲିସ ପ୍ରଶାସନ ସବୁଜାଣି ଚୁପ୍ ରହୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏଠାରେ ମଦ ବନ୍ଦ କରିବା ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ହେଉଛି। କୋଟଗଡ ମହିଳା ସଂଘ ଅନେକଥର ମଦ ବିକ୍ରିକୁ ନେଇ ଆନ୍ଦୋଳନ ମଧ କରିଥିଲେ।

### ରାଷ୍ଟ୍ରୀୟ ଲୋକ ଅଦାଲତ ୩୨ ମାମଲାର ଫଇସଲା

ଆସିକା,୧୪।୧୨(ଡି.ଏନ୍.ଏ.): ଆସିକା ବିଚାର ବିଭାଗୀୟ ଅଦାଲତ ପରିସରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୨ ମାମଲାର ଫଇସଲା କରାଯାଇ ୭୬ ଲକ୍ଷ ୧୯ ହଜାର ୬୨୯ ଟଙ୍କା ଆଦାୟ କରାଯାଇଥିବା ଜଣାଯାଇଛି। ୨ ବ୍ୟାଙ୍କ ଋଣ ଦେଣନେଣ ମାମଲାର ଫଇସଲା କରାଯାଇ ୧ ଲକ୍ଷ ୧୧ ହଜାର ୨୩୪ ଟଙ୍କା, ମୋଟରଯାନ ଦୁର୍ଘଟଣା ଜନିତ ୨୨ଟି ମାମଲାର ଫଇସଲା କରାଯାଇ ୭୨ ଲକ୍ଷ ୧୩ ହଜାର ଟଙ୍କା, ଅଦାଲତକୁ ଆସିବା ପୂର୍ବରୁ ବ୍ୟାଙ୍କ ଋଣ ସମ୍ବନ୍ଧୀୟ ୫ ମାମଲାର ଫଇସଲା କରାଯାଇ ୨ ଲକ୍ଷ ୯୫ ହଜାର ୩୯୫ ଟଙ୍କା ଆଦାୟ କରାଯାଇଛି। ୩ଟି ଫୌଜଦାରୀ ମାମଲା ମଧ୍ୟ ଏହି ଅଦାଲତରେ ଫଇସଲା ହୋଇଥିଲା। ଆଇନସେବା ପ୍ରାଧିକରଣର ଅଧକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଦାଲତରେ ବରିଷ୍ଠ ଦେୱାନୀ ବିଚାରପତି ସୁଜାତା ପ୍ରିୟମ୍ବଦା ସ୍ୱାଇଁ, କନିଷ୍ଠ ଦେୱାନୀ ବିଚାରପତି ଚିନ୍ମୟୀ ଜେନା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ସ୍ୱର୍ଣ୍ଣପ୍ରଭା ସ୍ୱାଇଁଙ୍କ ସମେତ ଲୋକଅଦାଲତର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସ୍କୁଲ ଅଟୋ ସହ ଟ୍ରାକ୍ଟର ଧକ୍କା: ଛାତ୍ର ମୃତ

ଆର.ଉଦୟଗିରି/ଚନ୍ଦ୍ରଗିରି, ୧୪।୧୨(ଡି.ଏନ.ଏ.)


ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ ।

ଗଜପତି ଜିଲା ଆର.ଉଦୟଗିରି ଥାନା ରାମପୁର ଗ୍ରାମ ନିକଟରେ ଶନିବାର ଏକ ସ୍କୁଲ ଅଟୋକୁ ଟ୍ରାକ୍ଟର ଧକ୍କା ଦେବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି । ସେ ହେଲେ ରଣାଇଲ ଗ୍ରାମର ନାହୁମ କରାଡ଼ (୧୦)। ଆର.ଉଦୟଗିରି ପୋଲିସ ନଂ. ୧୩୬/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ପ୍ରକାଶ ଯେ, ଉକ୍ତ ଥାନା ରଣାଲଇ ଗ୍ରାମରୁ ୯ ଜଣ ସ୍କୁଲ ଛାତ୍ରଙ୍କୁ ନେଇ ଅଟୋ ଛେଳିଗଡ଼ ଗ୍ରାମର ଘରୋଇ ସ୍କୁଲକୁ ଯାଉଥିଲା। ଏହି ସମୟରେ ପଛରେ ଥିବା ଏକ ଟ୍ରାକ୍ଟର ରାମପୁର ଗ୍ରାମ ପାଖରେ ଓଭରଟେକ୍ କରୁଥିବା ବେଳେ ଅଟୋକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ନାହୁମ ଏବଂ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଆହତ ଅବନୀ ବର୍ଦ୍ଧନ, ଗୋଡ଼ିବିଜି ବର୍ଦ୍ଧନ ଓ ଟ୍ରାକ୍ଟର ଡ୍ରାଇଭର ପାଉଲ ପାଣି ପ୍ରମୁଖଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନାହୁମଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ କ୍ଷତିପୂରଣ ଦାବିରେ ପରିବାର ଏବଂ ଗ୍ରାମବାସୀ ମକାପଦା ଛକଠାରେ ଟାୟାର ଜାଳି ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଆର.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି, ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ୨ ଘଣ୍ଟା ପରେ ପରିବାର ଲୋକେ ଅବରୋଧରୁ ହଟିଥିଲେ ମଧ ଟ୍ରାକ୍ଟର ମାଲିକ କ୍ଷତିପୂରଣ ନ ଦେବା ଯାଏ ମୃତଦେହ ବ୍ୟବଚ୍ଛେଦ ପାଇଁ ଦେବେନି ବୋଲି ଜିଦ୍ ଧରିଥିଲେ। ପରେ ଟ୍ରାକ୍ଟର ମାଲିକ ପହଞ୍ଚି କ୍ଷତିପୂରଣ ଦେବି ବୋଲି ପ୍ରତିଶ୍ରୁତି ଦେଇଥିଲେ ଏବଂ ରେଡକ୍ରସ ପକ୍ଷରୁ ୨୦ ହଜାର ଟଙ୍କା ମୃତକଙ୍କ ପରିବାରକୁ ଦେବା ପରେ ସେମାନେ ମୃତଦେହ ପୋଲିସକୁ ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

# ଜୁନିୟର ସ୍କାଉଟ୍ ଗାଇଡ୍‌ର ଶପଥପାଠ ଉତ୍ସବ


ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ରଙ୍କ ସହ ଜିଲା ଶିକ୍ଷାଧିକାରୀ ଓ ଅନ୍ୟମାନେ ।

ଶେରଗଡ,୧୪।୧୨(ଡି.ଏନ୍.ଏ.)

ଶେରଗଡ ବ୍ଲକ ଧନନ୍ତରସ୍ଥିତ ନାଥେଶ୍ୱର ଉଚ୍ଚବିଦ୍ୟାଳୟରେ ଶନିବାର ଜୁନିୟର ସ୍କାଉଟ ଗାଉଡ୍‌ର ଶୁଭାରମ୍ଭ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ଯୋଗଦଇ ୧୨ ଜଣ ଛାତ୍ରୀଙ୍କୁ ଜୁନିୟର ସ୍କାଉଟ (ବୁଲ୍‌ବୁଲ୍) ଓ ୧୨ଜଣ ଛାତ୍ରଙ୍କୁ ଜୁନିୟର ସ୍କାଉଟ (କବ୍) ଭାବେ ଶପଥ ପାଠ କରାଇଥିଲେ। ଆୟୋଜିତ ସମାବେଶରେ ଛାତ୍ରୀଛାତ୍ରମାନେ ସେବା ମନୋବୃତି ନେଇ କାମ କରିବାକୁ କୁହାଯାଇଥିଲା। ଉକ୍ତ ଶପଥପାଠ ଉତ୍ସବରେ ସ୍କାଉଟ ଗାଇଡ୍‌ର ଜିଲା କମିଶନର ରାମହରି ସାହୁ, ଜିଲା ସମ୍ପାଦକ ଭାଗିରଥି ସ୍ୱାଇଁ, ସଂଯୋଜକ ନବୀନ ଚନ୍ଦ୍ର ପାଢୀ ଯୋଗ ଦେଇଥିଲା। ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ସ୍କାଉଟ ଗାଇଡ ଶିକ୍ଷକ ସୁକାନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରୌପ୍ୟ ଜୟନ୍ତୀରେ ଯୋଗଦେଲେ ରାଜ୍ୟପାଳ

ଛତ୍ରପୁର,୧୪।୧୨(ଡି.ଏନ.ଏ)

ଛତ୍ରପୁରସ୍ଥିତ ଅନସ୍ଲୋ ହାଇସ୍କୁଲ ଖେଳପଡିଆ ଠାରେ ଶନିବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରୌପ୍ୟ ଜୟ'ୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ରମାନେ ଉଚିତ୍ ଶିକ୍ଷା ଲାଭ କରିବା ସହ ଉଚିତ୍ ସଂସ୍କାର ଲାଭ କରିପାରିଲେ ଜଣେ ଜଣେ ସୁନାଗରିକ ହୋଇପାରିବେ ବୋଲି କହିଥିଲେ । ଏଥିସହ ସ୍କୁଲର ଉନ୍ନତି ପାଇଁ ୨ ଲକ୍ଷ ଟଙ୍କା ଏବଂ ସଙ୍ଗୀତ ଜ୍ଞାନ କରିଥିବା ଛାତ୍ରୀଛାତ୍ର ଓ ୩ଟି ପ୍ରଶ୍ନର ଉତର ଦେଇଥିବା ଛାତ୍ରୀଛାତ୍ରୀଙ୍କୁ ୫୦ହଜାର


କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି ।

ଟଙ୍କା ପୁରସ୍କାର ପାଇଁ ରାଜ୍ୟପାଳ ଘୋଷଣା କରିଥିଲେ । ସମ୍ମାନିତ ଅତିଥିଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଗଂଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଓଡିଶା ଶିକ୍ଷା ବିକାଶ ସମିତିର ସଂପାଦକ ଡା.ଲକ୍ଷ୍ମୀକା' ମହାରଣା, ପ୍ରଧାନାଚାର୍ଯ୍ୟ ରବିନ୍ଦ୍ର ନାଥ ଦାଶ ମଂଚାସୀନ ଥିଲେ।

## ସ୍ୱଚ୍ଛତା ଦିବସ ପାଳିତ

ଆସିକା,୧୪।୧୨(ଡି.ଏନ୍.ଏ.)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ଯୁକ୍ତ୨ ଜାତୀୟ ସେବା ଯୋଜନା ପକ୍ଷରୁ ଶନିବାର ମହାବିଦ୍ୟାଳୟରେ ସ୍ୱଚ୍ଛତା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରକୁ ସଫାସୁତୁରା କରାଯାଇଥିଲା। ମହାବିଦ୍ୟାଳୟ ପରିସରରେ ସଫାସୁତୁରା ଓ ସ୍ୱଚ୍ଛତା ରହିଲେ କାର୍ଯ୍ୟକରିବା ଦିଗରେ ଉତ୍ସାହ ହେବ ବୋଲି କୁହାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ. ତାରାପ୍ରସାଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେବା ଯୋଜନାର ଅଧିକାରୀ ଅଧାପକ ସରୋଜ କୁମାର ପଣ୍ଡା, ପ୍ରଦୀପ କୁମାର ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



ଶିବିରରେ ମଞ୍ଚାସୀନ ଅତିଥି।

ଦିଗପହଣ୍ଡି,୧୪।୧୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ବମକୋଇ ଗ୍ରାମ ସ୍ଥିତ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧାପିକା ଦୁଲ୍ଲଣା କୁମାରୀ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଅଧକ୍ଷ ଦେବଦତ୍ତ ସୁବୁଦ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିଲେ। ଅଧାପକ ବିବେକାନନ୍ଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧାପକ ଆଦିକନ୍ଦ ସାହୁ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଶିବିରରେ ପ୍ରଶିକ୍ଷିକା ଭାବେ ଖେମୁଣ୍ଡି କଲେଜର ଛାତ୍ରୀ ଉଷାରାଣୀ ଦୋରା, ଜସ୍ମିନ ସାହୁ, ପୂଜା ମହାରଣା ଯୋଗଦେଇ ଶିବିରରେ ଅଂଶଗ୍ରହଣ କରିଥିବା ଯୁକ୍ତ ୨ ବିଭାଗର ୧୬୯ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ସମ୍ପର୍କିତ ବିଭିନ୍ନ କଳା କୌଶଳ ନେଇ ତାଲିମ ପ୍ରଦାନ କରିଥିଲେ। ସାମ୍ପ୍ରତିକ ସମାଜରେ ଛାତ୍ରୀମାନଙ୍କ ଉପରେ ବଢୁଥିବା କ୍ରମାଗତ ହିଂସା ବିଶେଷ କରି ଶାରୀରିକ ଆକ୍ରମଣଠାରୁ ଛାତ୍ରୀମାନେ କିପରି ନିଜକୁ ସୁରକ୍ଷିତ ରଖିପାରିବେ ଏବଂ ଦୁର୍ବୃତ୍ତ ମାନଙ୍କୁ କିଭଳି ମୁକାବିଲା କରିପାରିବେ ସେ ନେଇ ଶିବିରରେ ଆଲୋକପାତ କରାଯାଇଥିଲା। ଅଧାପକ ସୁଶୀଳ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତାଲିମ ଶିବିର ୧୨ ଦିନ ଧରି ଉଚ୍ଚ ବିଦ୍ୟାଳୟରେ ଚାଲିବ ବୋଲି ଜଣାପଡିଛି। ଏହି ଶିବିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

# ଐତିହାସିକ ମହୁରିଗଡ଼ର ପୁନରୁଦ୍ଧାର ଦାବି

ଛତ୍ରପୁର,୧୪।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ କଙ୍କିଆ ପଞ୍ଚାୟତ ଅଧୀନ ବ୍ରହ୍ମପୁର-ଚିକିଟି ରାସ୍ତା ପାର୍ଶ୍ୱରେ ଐତିହାସିକ ମହୁରୀଗଡ ରହିଛି । ଏହାର ପୁନରୁଦ୍ଧାର ତଥା ବିକାଶ ପାଇଁ ଗଞ୍ଜାମ ଜିଲାପାଳଙ୍କୁ ଐତିହାସିକ ମହୁରୀଗଡ ଉନ୍ନୟନ ସମିତି ପକ୍ଷରୁ ଅନୁରୋଧ କରାଯାଇଛି । ପ୍ରକାଶଯୋ, ତତ୍କାଳୀନ ଜିଲାପାଳ ଭି. କାର୍ତ୍ତିକେୟନ୍ ପାଣ୍ଡିଆନ୍‌ଙ୍କ ସମୟରେ ଐତିହାସିକ ମହୁରୀଗଡ ଉନ୍ନୟନ ସମିତି ଗଠନ ହୋଇ ରେଜିଷ୍ଟ୍ରିଭୁକ୍ତ ହୋଇଥିଲା। ଏଥିସହ ନିଜେ ଜିଲାପାଳ ଏହି ସମିତି ସଭାପତି ହୋଇଥିଲେ । ଏହାର ଉନ୍ନତି ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା । ତାଙ୍କର ଏଠାରୁ ବଦଳି ପରେ ଏହାର କାର୍ଯ୍ୟ ବନ୍ଦ ରହିଛି । ବର୍ତ୍ତମାନ ଉକ୍ତ ମହୁରୀଗଡର ପୁନରୁଦ୍ଧାର ତଥା ଉନ୍ନୟନ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି । ଏଭଳି ଏକ ଐତିହ୍ୟ ସଂସ୍କୃତି ସମ୍ପନ୍ନ ଏବଂ ପ୍ରାକୃତିକ ପରିବେଶ ଭଗ୍ନମନ୍ଦିର ଗୁଡିକର ସୁରକ୍ଷା ଓ ଉନ୍ନୟନ, ଇକୋ ଟୁରିଜିମ୍ ପାର୍କ କରିବାକୁ ଅନୁରୋଧ ରକାଯାଇଛି। ସମିତି ସଂଯୋଜକ ଅରୁଣ ସାହୁ, କୋଷାଧକ୍ଷ କାହ୍ନୁ ଚରଣ ମହାରଣା ଓ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଏହି ଅନୁରୋଧ କରିଛନ୍ତି।

## ଗିରଫ ୫ ଜୁଆଡିଙ୍କୁ କୋର୍ଟ ଚାଲାଣ

ଦିଗପହଣ୍ଡି,୧୪।୧୨(ଡି.ଏନ୍.ଏ.)

ଦିଗପହଣ୍ଡି ପୋଲିସ ଶନିବାର ୫ ଜୁଆଡିଙ୍କୁ ମାମଲା ନଂ.୨୭୨/୧୯ରେ କୋର୍ଟ ଚାଲାଣ କରାଯାଇଛି। ଶୁକ୍ରବାର ଦିଗପହଣ୍ଡି ସହରର ଦଳିତ ସାହିରେ ଜୁଆଖେଳ ଚାଲିଥିବା ଖବର ପାଇ ଆଇଆଇସି ବସନ୍ତ କୁମାର ସେଠୀ ସଦଳବଳ ଚଢ଼ାଉ କରିଥିଲେ। ଗିରଫ ଜୁଆଡି ମାନଙ୍କ ନିକଟରୁ ୧୨ ହଜାର ଟଙ୍କା, ତାସ ମୁଠା, ଜରିପାଲ ଜବତ କରାଯାଇଛି।

## ଏସ୍‌ଡିଏଏ କପ୍ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା

# ଭୁବନେଶ୍ୱର ମହିଳା ଟିମ୍ ବିଜୟୀ


ଅତିଥିଙ୍କ ଗହଣରେ ବିଜୟୀ ଦଳ।

ବାଲିଗୁଡା,୧୪।୧୨(ଡି.ଏନ୍.ଏ.)

ବାଲିଗୁଡା ଉପଖଣ୍ଡ କ୍ରୀଡା ସଂସଦ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟ ସ୍ତରୀୟ ଏସ୍‌ଡିଏଏ କପ୍ ଫୁଟବଲ ପ୍ରତିଯୋଗିତା ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଚାଲିଛି। ଶନିବାର ମହିଳା ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବାଲିଗୁଡା ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଚକ୍ରମଣି କହଁର, ପୂର୍ବତନ ବିଧାୟକ ରାଜୀବ ପାତ୍ର, କ୍ଳେଶ ପ୍ରଧାନ, ସ୍ୱପ୍ନେଶର ସାହୁ, ଜୟାନନ୍ଦ ନାୟକ, ସ୍ଥାନୀୟ ବ୍ଲକ ଅଧକ୍ଷ ପ୍ରମୋଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଡ଼.ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ପରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶନିବାର ଅନୁଷ୍ଠିତ ମହିଳା ଫୁଟ୍‌ବଲ୍ ମ୍ୟାଚ ସମ୍ବଲପୁର ଓ ଭୁବନେଶ୍ୱର ଟିମ୍ ମଧ୍ୟରେ ଖେଳା ଯାଇଥିଲା। ପେନାଲଟିକି ଗୋଲ ଜରିଆରେ ଭୁବନେଶ୍ୱର ଦଳ ୨-୧ରେ ସମ୍ବଲପୁରକୁ ପରାସ୍ତ କରିଥିଲା। ଏଥିରେ ସମ୍ବଲପୁର ଦଳରେ ଖେଳୁଥିବା ସୁନେତ୍ରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ କରି ପୁରସ୍କୃତ କରାଯାଇଥିଲା। ପରେପରେ ସମଗ୍ର କନ୍ଧମାଳ ଜିଲ୍ଲାର ୮୦ଜଣ ବରିଷ୍ଠ କ୍ରୀଡାବିତ ମାନଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।


**ନିଯୁକ୍ତି ମେଳା-ରାୟଗଡ଼-୨୦୧୯**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଆସନ୍ତା ତା୧୮।୧୨।୨୦୧୯ରିଖ (ବୁଧବାର) ଦିନ ଜି.ସି.ଡି ହାଇସ୍କୁଲ ପଡିଆ, ରାୟଗଡ଼ଠାରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଉଅଛି। ଉକ୍ତ ମେଳାରେ ସମସ୍ତ ଶିକ୍ଷା ଯୋଗ୍ୟତାର ପ୍ରମାଣପତ୍ର, ଆଧାରଗାର୍ଡ, ପାସ୍‌ଫୋଟ ଏବଂ ସହି ନକଲ ସହ ସକାଳ ୧୦ଘଟିକାଠାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଏବଂ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ୫ମ ପାସ୍ ଓ ତଦୁର୍ଦ୍ଧ୍ୱ ଥିବା ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ମେଳାରେ ଯୋଗଦେବା ପାଇଁ ଅନୁରୋଧ କରାଯାଉଅଛି। ବେସରକାରୀ ଅନୁଷ୍ଠାନରେ ଖାଲିଥିବା ପଦବୀ ଏବଂ ତାଲିମ ସୁବିଧାର ସବିଶେଷ ବିବରଣୀ ପାଇଁ ବ୍ଲକ କାର୍ଯ୍ୟାଳୟ କିମ୍ବା ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ବିଦ୍ର.- ପ୍ରକାଶଥାଉକି ଏହି ସୁଯୋଗ ସରକାରୀ ଚାକିରି ନିମନ୍ତେ ଉଦ୍ଧିଷ୍ଟ ନୁହେଁ।**

**ସ୍ୱା./- ଜିଲ୍ଲା ନିୟୋଜନ ଅଧିକାରୀ, ରାୟଗଡ଼**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RAIRANGPUR (R&B) DIVISION**

E- mail ID- eerbrairangpur@yahoo.co.in

No.B-424:- e-procurement Notice

Bid identification No. E.E. 17 of 2019-20

| | | | |
|---|---|---|---|
| 1. | The Executive Engineer, Rairangpur (R&B) Division on behalf of Governor of Odisha invites single cover percentage rate bid in ONLINE MODE for Road works from eligible contractors as detailed below. | | |
| 2. | Nature of work | : | Road work |
| 3. | No of works | : | 12 Nos. |
| 4. | Estimated cost put to tender | : | Rs. 17,25,600/- to Rs. 5,35,900/- |
| 5. | Class of contractor | : | D&C Class |
| 6. | Date & Time of sale & receipt of Bids | : | 10.00 AM of 21.12.19 to 4.00 P.M of 30.12.19 |
| 7. | Date of opening of Bid | : | 31.12.19 at 11.00 A.M |
| 8. | The bidders have to participate in ON LINE bidding only. Further details can be seen from the Website **http://tendersorissa.gov.in**. | | |

34041/11/0009/1920 — Sd./- Executive Engineer, Rairangpur (R&B) Division

**ADMISSION NOTICE**

**ADVANCED DIPLOMA IN COMPUTER HARDWARE & NETWORK MANAGEMENT** (NSQF Complied Course - LEVEL - 6)

Duration : Six Months (Starting 13.01.2020)
Eligibility : B.Sc / Degree / Diploma in any discipline. Final year students expecting results before start of course can also apply.
Fees : Rs.34,500/- ( to be paid in two equal installments).

COURSE CONTENT
• Computer Fundamental • SMPS • Microprocessor • Support Chips • Mother Board, Removable Drive • Hard Disk • Memory • BIOS • Assembling PC • Installing of Operating System • Display Device • Trouble Shooting • Networking Concepts (Type, Design, Cabling) • Peer to Peer • Client Server • Windows 2016 Server (Web) • Linux RHEL 7.0 • Trouble Shooting • CCNA (All 4 Modules)

**How to apply** : Application are to be submitted in plain paper alongwith Bio-data, copies of marksheet & certificates, two passport size color photographs & fee payment online through **State Bank of India collect link** available in our website **www.cttc.gov.in** or a DD of **Rs.1000/-** drawn in favour of **"Central Tool Room & Training Centre"** payable at **Bhubaneswar** for the purpose of registration . This amount will be adjusted against the course fee.

Reservation as per Govt. of India rules. **For SC/ST candidates no fee will be charged** subject to production of two photo copies of self attested Caste Certificate & Aadhar Card. Caste Certificate & Aadhar Card in original from competent authority is to be produced for verification at the time of admission which may be re-verified from the Issuing Authority.

***For details contact : Training In-Charge, Mob.9861939570***

Ministry of MSME Govt. of India
**CENTRAL TOOL ROOM & TRAINING CENTRE**
(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024,
Ph. No.- 7788836660, Fax : (0674) 3011750
E-mail : cttc@cttc.gov.in, Website: www.cttc.gov.in
ISO-9001, ISO-14001 OHSAS 18001

**ସମଗ୍ର ଶିକ୍ଷା, ନୂଆପଡା** ଋତୁକାଳୀନ ଛାତ୍ରାବାସ (ଉତ୍ସକେନ୍ଦ୍ର)

ଆମ ନୂଆପଡା ଜିଲ୍ଲାରେ ଦାଦନ ଖଟି ଯାଉଥିବା ବାପାମାଆମାନେ ୬ ରୁ ୧୪ ବର୍ଷର ପିଲାଙ୍କୁ ତାଙ୍କ ଗାଁ ନିକଟରେ ଥିବା ସ୍କୁଲରେ ଋତୁକାଳୀନ ଛାତ୍ରାବାସରେ ଛାଡି ଯିବା ପାଇଁ ବ୍ୟବସ୍ଥା କରାଯାଇଅଛି। ଏହି କେନ୍ଦ୍ରରେ ନିମ୍ନଲିଖିତ ସୁବିଧା ସୁଯୋଗ ଦିଆଯାଉଅଛି। ୧. ପିଲାର ସମସ୍ତ ଖର୍ଚ୍ଚ ସରକାର ସ୍କୁଲର ପରିଚାଳନା କମିଟି ମାଧ୍ୟମରେ ବହନ କରିବେ। ୨. ଛାତ୍ରାବାସରେ ଯତ୍ନନେବା ପାଇଁ ୨ଜଣ ତତ୍ତ୍ୱାବଧାରକ ରଖାଯାଇଛି। ୩. ପାଚିକା ଏବଂ ସହାୟିକାଙ୍କ ଦ୍ୱାରା ରୋଷେଇ କରାଯାଇ ପିଲାମାନଙ୍କର ଖାଇବା ବ୍ୟବସ୍ଥା କରାଯାଇଅଛି। ୪. ପିଲାମାନେ ଋତୁକାଳୀନ ଛାତ୍ରାବାସରେ ଭଲରେ ରହିବା ପାଇଁ ଏବଂ ସେମାନଙ୍କର ସୁରକ୍ଷା ପାଇଁ ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ୫. ବାପାମାଆଙ୍କ ସହ ମୋବାଇଲରେ କଥାବାର୍ତ୍ତା କରିବା ପାଇଁ ସୁବିଧା ଅଛି। ୬. ବର୍ଷର ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦେବାର ବ୍ୟବସ୍ଥା କରାଯାଇଅଛି। ୭. ଖଟ, କମ୍ବଳ, ଚଦର ସହିତ ସାବୁନ, ତେଲ, ପାଉଡର ଇତ୍ୟାଦି ଦିଆଯିବା ସହିତ ଖେଳ ସାମଗ୍ରୀର ବ୍ୟବସ୍ଥା କରାଯାଇଅଛି। ବାପାମାଆମାନେ ଦାଦନ ଖଟିବାକୁ ଆମରାଜ୍ୟର ଦୂରସ୍ଥାନକୁ/ଅନ୍ୟରାଜ୍ୟକୁ ଯିବା ପୂର୍ବରୁ ତାଙ୍କର ପିଲାମାନଙ୍କୁ ଏହି ଋତୁକାଳୀନ ଛାତ୍ରାବାସରେ ୬ ରୁ ୯ ମାସ ପର୍ଯ୍ୟନ୍ତ ଛାଡି କରି ଯାଇପାରିବେ। କାର୍ଯ୍ୟରୁ ଫେରିଲେ ପିଲାମାନଙ୍କୁ ନିଜ ଘରକୁ ଫେରାଇ ନେବା ସହିତ ପୂର୍ବରୁ ପଢୁଥିବା ସ୍କୁଲରେ ମଧ ପାଠ ପଢିବାର ବ୍ୟବସ୍ଥା ସହଜରେ କରିପାରିବେ। ତେଣୁ ବାପାମାଆମାନେ ଏ ସୁଯୋଗର ଲାଭଉଠାନ୍ତୁ। ପିଲାଙ୍କୁ ହଷ୍ଟେଲ୍‌ରେ ଛାଡି, ନିଜକୁ ପଞ୍ଚାୟତରେ ପଞ୍ଜୀକୃତ କରି ସ୍ୱୀକୃତିପ୍ରାପ୍ତ ଠିକାଦାର ମଧ୍ୟରେ ଅଲଗା ରାଜ୍ୟକୁ କାର୍ଯ୍ୟରେ ଯାଆନ୍ତୁ।

**ସ୍ୱା./- ଜିଲ୍ଲାପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ନୂଆପଡ଼ା, ସ୍ୱା./- ଜିଲ୍ଲାପାଳ-ତଥା-ଅଧକ୍ଷା, ସମଗ୍ର ଶିକ୍ଷା, ନୂଆପଡ଼ା**

**ZILLA SWASTHYA SAMITI, NUAPADA**
**OFFICE OF THE CHIEF DISTRICT MEDICAL OFFICER, NUAPADA**
**(CORPUS FUND)**
**E-mail: nhmnuapada@gmail.com**
**Phone: (06678)- 223346**

**Adv No: 2929 / DPMU/ NHM/ 2019 Date: 12.12.2019**
**REQUIREMENT OF SPECIALIST DOCTORS**
**in**
**O & G/Paediatrics/Medicine/Anaesthesia/Orthopedics/Surgery**
**Psychiatry/Skin & VD/ Radiologist**

**No.E-578:-** Zilla Swasthya Samiti, Nuapada invites applications from interested specialist doctors on Full Time basis under Corpus Fund. Interested specialist doctors can download the application format & vacancy details from www.nuapada.nic.in and can attend in the office of the undersigned application along with all certificates in any working day from 1st to 15th of every month. For detailed enquiry interested specialist doctors can contact in 9439989988/ 9439989500. The remuneration for all the above category of post is provisionally fixed as Rs. 1,50,000/- which is negotiable. The minimum age for all post is 21 years and maximum age limit is 070 years.

**10055/11/0007/1920 Sd./- CDM & PHO, Nuapada**

**OFFICE OF THE CHIEF DIST. MEDICAL & PUBLIC HEALTH OFFICER, RAYAGADA**
(Dist. Head Quarter Hospital campus,
Tele Phone No. 06856-235603, Mail ID: cdmorayagada@gmail.com)
Adv. No. 7698 / 2019 Acct.(Med.), dated, Rayagada the 12th Dec. 2019

**Tender Call Notice for supply of Diet to the Indoor patients**

**No. E-575:-** Sealed tenders are invited from the interested Diet preparation and catering firms / agencies to prepare and distribute therapeutic and non-therapeutic diet to indoor patients of DHH Rayagada for the period from 01.02.2020 to 31.03.2021. The tender documents detail terms and conditions can be downloaded from the website www.rayagada.nic.in. The required documents are to be sent to the Chief District Medical & Public Health Officer, Rayagada by Speed Post or Regd. Post only by superscribing on the top of the envelope "Tender for supply of Diet to DHH Rayagada". The last date of receipt of tender documents is on 30.12.2019 by 12 Noon and the date of opening of Tenders will be intimated to the agencies / firms by mail, Phone. The authority reserves the right to modify / cancel or reject any or all tenders without assigning any reason thereof.

*Sd./- Dr. Artabandhu Nayak*
*Chief District Medical & Public Health Officer*
*Rayagada*

10035/11/0015/1920

## ସଂକ୍ଷେପରେ

### ଦମ୍ପତିଙ୍କଠାରୁ ଗହଣା ଲୁଟ୍ ଘଟଣାରେ ୨ ଗିରଫ

**ପାତ୍ରପୁର,୧୪।୧୨(ଡି.ଏନ୍.ଏ.):** ଜରଡ଼ା ଥାନା ଇଲାକା ବରଙ୍ଗ ଓ କେଲୁଆ-ପଦାଦିଗି ରାସ୍ତାରେ ବନ୍ଧୁକ ଦେଖାଇ ଦମ୍ପତିଙ୍କଠାରୁ ଗହଣା ଲୁଟ ଘଟଣାରେ ଶନିବାର ପୋଲିସ ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ ବ୍ରହ୍ମପୁରର ସୁଜିତ କୁମାର ପାଢ଼ୀ ଓ ଜଗଦୀଶ ବେହେରା। ଏମାନଙ୍କ ନିକଟରୁ ଗୋଟିଏ ମାଉଜର, ଲୁଟିଥିବା ଗହଣା, ବାଇକ୍, ୧୦୦୦ ଟଙ୍କା ଓ ୨ ମୋବାଇଲକୁ ଜବତ ହୋଇଛି। ଗହଣା ଲୁଟ ଘଟଣାରେ ଜରଡ଼ା ଥାନା ପୋଲିସ ପକ୍ଷରୁ ୨୧୮ ଓ ୨୨୦/୧୯ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ଏ ନେଇ ଜରଡ଼ା ପୋଲିସ ଗତ ୧୩ ତାରିଖରେ ସୁଜିତ ଓ ଆଙ୍କୁଲିର ଜଗଦୀଶଙ୍କୁ ଆଣି ପଚାରାଉଚରା କରୁଥିଲା। ଉଭୟ ମିଶି ଲୁଟ୍ କରିଥିବା ସ୍ୱୀକାର କରିବା ପରେ ଦୁହିଁଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ନାଁରେ ଆନ୍ଧ୍ର ଓ ବ୍ରହ୍ମପୁରର ବିଭିନ୍ନ ଥାନାରେ ୩୨ରୁ ଊର୍ଦ୍ଧ୍ୱ କେଶ ଥିବା ଜରଡ଼ା ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ସୂଚନା ଦେଇଛନ୍ତି।

### ବସନ୍ତ ହତ୍ୟା ଘଟଣା, ସାଙ୍ଗ ଅଟକ

**ଖଲ୍ଲିକୋଟ,୧୪।୧୨(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ ତୁଳସୀପୁର ଗ୍ରାମ ନିକଟ ମୁଗବିଲରେ ଘଟିଥିବା ବସନ୍ତ ହତ୍ୟା ମାମଲାରେ ପୋଲିସ ଜଣଙ୍କୁ ଅଟକ ରଖିଛି। ଏ ନେଇ ନଂ. ୩୭୩/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ମୃତ ବସନ୍ତଙ୍କ ସାଙ୍ଗ ତୁଳସୀପୁରର କାଳୁ ପ୍ରଧାନଙ୍କ ବେକରେ ଆଘାତ ଲାଗିଥିବାରୁ ସେ ଶନିବାର ଖଲ୍ଲିକୋଟ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଏହି ସମୟରେ ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ବ୍ରହ୍ମପୁର ବଡ଼ବଜାର ଅଞ୍ଚଳର ବସନ୍ତ ସାହୁଙ୍କ ମୃତଦେହକୁ ଶନିବାର ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିଲା। ଲୁଟ ଟଙ୍କା ଭାଗବଣ୍ଟାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

### ରୋଗୀ କଲ୍ୟାଣ ସମିତି ଖର୍ଚ୍ଚ ଅଟକଳ

**ଆର.ଉଦୟଗିରି,୧୪।୧୨(ଡି.ଏନ.ଏ.):** ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ଅଧକ୍ଷତାରେ ଗୋଗୀ କଲ୍ୟାଣ ସମିତିର ବାର୍ଷିକ ଖର୍ଚ୍ଚ ଅଟକଳ ପ୍ରସ୍ତୁତି ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଇନଚାର୍ଜ ଡା. ନିବେଦିତା ପଣ୍ଡା ଅଧକ୍ଷତା କରିଥିଲେ। ରୋଗୀ କଲ୍ୟାଣ ସମିତି ଆଗାମୀ ଏକ ବର୍ଷର ବାର୍ଷିକ ଖର୍ଚ୍ଚ ଅଟକଳ ପ୍ରସ୍ତୁତି କରାଯାଇଥିଲା। ଆକାଉଣ୍ଟାଣ୍ଟ ଶିବପ୍ରସାଦ ସାହୁ ୫ ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରଦୀପ କୁମାର ନାୟକ, ଜିଲା ପରିଷଦ ସଭ୍ୟ ଯାକବ ମାଝି, ତବାରସିଂ ସମିତିସଭ୍ୟ ଗୋପାଳ କୃଷ୍ଣ ଦଳେଇ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ବିଧାୟକ ଗମାଙ୍ଗ ନୂତନ କୋଠା ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ। ବି. ରାସେଶ୍ୱର ରାଓ ଓ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

### ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

**ବାଲିଗୁଡା,୧୪।୧୨(ଡି.ଏନ୍.ଏ.)**

ବାଲିଗୁଡା ପାତ୍ରସାହି ନିକଟରେ ଚଳିତ ମାସ ୧୦ ତାରିଖରେ ବାଟାଗୁଡାର ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ ତଥା ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡାଙ୍କୁ ୨ଜଣ ଦୁର୍ବୃତ୍ତ ଘରୁ ଡାକିଆଣି ଗୁଳିକରି ହତ୍ୟା କରିଥିଲେ। ଘଟଣାକୁ ୪ଦିନ ବିତିଯାଇଥିଲେ ବି ପୋଲିସ ଅଭିଯୁକ୍ତଙ୍କ ଟେର୍ ପାଉନି।

ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶନିବାର ଅଭିମନ୍ୟୁଙ୍କ ଗ୍ରାମ ବାଟାଗୁଡାଠାରେ ୫୯ ନଂ. ଜାତୀୟ ରାଜପଥକୁ ଗ୍ରାମବାସୀ ସକାଳ ୯ଟାରୁ ଅବରୋଧ କରିଥିଲେ। ଫଳରେ ବାଲିଗୁଡା ଠାରୁ ବ୍ରହ୍ମପୁର-ରାୟପୁର-ରାୟଗଡା, ଭବାନୀପାଟଣା


ଲୋକେ ରାସ୍ତାରୋକୋ କରିଛନ୍ତି।

ଭଳି ବିଭିନ୍ନ ଅଞ୍ଚଳକୁ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଥିବାବେଳେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅଭିଯୁକ୍ତମାନେ ଗିରଫ ନ ହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିବ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ। ଘଟଣା ସ୍ଥଳରେ ପ୍ରଶାସନ ତରଫରୁ ସ୍ଥାନୀୟ ବିଡ଼ିଓ ନରେଶ ଚନ୍ଦ୍ର ଶବର ଏବଂ ପୋଲିସ ବିଭାଗ ତରଫରୁ ସ୍ଥାନୀୟ ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ କନ୍ଧମାଳ ଏସ୍‌ପି ପ୍ରତୀକ ସିଂ ଫୋନ ଯୋଗେ ଗ୍ରାମବାସୀଙ୍କ ସହ ଆଲୋଚନା କରି ଆଗାମୀ ୪/୫ ଦିନ ମଧ୍ୟରେ ହତ୍ୟାକାରୀଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଅପରାହ୍ଣ ୪ଟାରେ ରାସ୍ତାରୋକୋ ହଟିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖା ଖା ବୋଇଲେ କି ଦିନ ସରେ,**
**ନା ଦେବି ଦେବି ବୋଇଲେ ଦୁଃଖ ହରେ ?**

ଆପଣାର ଭାବ ନ ଥିଲେ ଯେତେ ସୁନ୍ଦର ଖାଦ୍ୟ ହୋଇଥିଲେ ମଧ୍ୟ ପାଟିକୁ ତାହା ରୁଚି ନ ଥାଏ। ସାହାଯ୍ୟ ନ କରି ଦେବି ଦେବି ବୋଲି ମିଛ ଆଶ୍ୱାସନା ଦେଇ ଚାଲିଲେ ଦୁଃଖର ଦିନ ହଟିଯାଇ ନ ଥାଏ। ଯେଉଁଠି ସ୍ନେହ, ଆଦର, ସହାନୁଭୂତି ତଥା ଆନ୍ତରିକ ଭାବ ନ ଥାଏ ସେଠି ଏସବୁ ମୂଲ୍ୟହୀନ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଳିଆ ବୋଇଲା ପାଟଳାରେ**
**ଦେଖ୍ ମୋର ଚାଲିକି**
**ତୁ ମୁଁ ଦିହେଁ ଏକାଠି ହେଲେ**
**ଗୋସେଇଁ ଖାଇବା କାଲିକି ।**

ଖଳିଆ ଓ ପାଟଳା ବଳଦ ଉଭୟେ ମାଲିକର ଅମଙ୍ଗଳ ଚାହାନ୍ତି। ଖାଲିଆ ବଳଦ ଭଲ ଚାଲିପାରେ ନାହିଁ, ସେ ପାଟଳାକୁ ସାଙ୍ଗକରି ତା'ପରି ଧୀରେ ଚାଲିବାକୁ ପ୍ରବର୍ତ୍ତାଇବା ଅର୍ଥ ଚାଷକାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା। ଫଳସ୍ୱରୂପ ଏପରି ବଳଦ ଥିଲେ ମାଲିକର ଭୀଷଣ କ୍ଷତି ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଟୁର୍ ଦି କଳିଙ୍ଗ ଟିମ୍ ଇକୋ ଟୁରିଜମ୍ ସଚେତନତା


ଟୁର ଡି କଳିଙ୍ଗ ଟିମର ସଚେତନତା।

**ଆର.ଉଦୟଗିର, ୧୪।୧୨(ଡି.ଏନ.ଏ.)**

ଡିସେମ୍ବର ୮ ତାରିଖରୁ ଇକୋ ଟୁରିଜମକୁ ପ୍ରୋତ୍ସାହନ ଉପଲକ୍ଷେ ସଚେତନତା ସୃଷ୍ଟି ପାଇଁ ଭୁବନେଶ୍ୱରରୁ ବାହାରିଥିବା ଟୁର ଦି କଳିଙ୍ଗ ଟିମ ଶୁକ୍ରବାର ଗଜପତି ଜିଲାର ଆର.ଉଦୟଗିରିରେ ପହଞ୍ଚିଥିଲେ। ସାଇକେଲ ଚଳାଇବା ପାଇଁ ଆଗ୍ରହ ସୃଷ୍ଟି କରିବା, ପେଟ୍ରୋଲ କମ୍ ବ୍ୟବହାର କରିବା, ଅର୍ଥନୀତିକୁ ସୁଧାରିବା ଏହି ଟିମର ଉଦ୍ଦେଶ୍ୟ। ସେହିଭଳି ବିଦେଶ ଭ୍ରମଣ ଅପେକ୍ଷା ନିଜ ରାଜ୍ୟର ଗ୍ରାମାଞ୍ଚଳଗୁଡିକ ପରିଭ୍ରମଣ କରିବା ଉପରେ ଟିମ ଲିଡର ତଥା ରୁଟ୍‌ସ୍ ଅଫ ଓଡିଶା ଫାଉଣ୍ଡେସନ ଅଧକ୍ଷ ସୁଧିର କୁମାର ଦାସ ପ୍ରକାଶ କରିଥିଲେ। ଟୁର ଦି କଳିଙ୍ଗ ଟିମ୍‌ର ଏହା ୫ମ ସଂସ୍କରଣ। ଏହି ୨୦ ଜଣିଆ ଟିମରେ ରାଜସ୍ଥାନ, ଉତ୍ତରାଖଣ୍ଡ, ନୂଆଦିଲ୍ଲୀ, ହରିୟାଣା, ମହାରାଷ୍ଟ୍ର, ଗୁଜରାଟ, ଜାତୀୟ ସ୍ତରର ସାଇକ୍ଲିଷ୍ଟ, ପର୍ବତାରୋହୀ, ଏୟାର ଇଣ୍ଡିଆ କର୍ମଚାରୀ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ସମେତ ଦୁଇ ଜଣ ମହିଳା ସାମିଲ ଥିଲେ। ୧୩ ଦିନରେ ୧୩୦୦ କିଲୋମିଟର ଯାତ୍ରା କରିବା ପାଇଁ ବାହାରିଥିବା ଏହି ଟିମ କୋରାପୁଟର ଦେଓମାଳି ପର୍ବତ ଓ ବେଲଗଡ ପର୍ବତ ଚଢ଼ିବାର ଚ୍ୟାଲେଞ୍ଜ ରଖିଛନ୍ତି। ଏହି ଦୁଇ ଦିନରେ ଯେଉଁମାନେ ସଫଳ ହେବେ ସେମାନଙ୍କୁ ୩୦ ହଜାର, ୨୦ ହଜାର ଓ ୧୦ ହଜାର ଟଙ୍କା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ପୁରସ୍କାର ରାଶି ଦିଆଯିବ। ଏହି ଟିମ ମହେନ୍ଦ୍ରତନୟା ମାଧ୍ୟମିକ ବିଦ୍ୟାଳୟ ପରିସରରେ ପଡିଥିବା ଅଳିଆ ସଫା କରିବା ସହ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଦ୍ୟାଳୟରେ ସଭା କରିଥିଲେ।

### ୫୩ ନଂ. ଜୋନ

## ବିଜେଡି କର୍ମକର୍ତ୍ତା ଚୟନ ନିମନ୍ତେ ବୈଠକ

**କନିଷି,୧୪।୧୨(ଡି.ଏନ.ଏ.)**

ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଶୁକ୍ରବାର ରଙ୍ଗେଇଲୁଣ୍ଡା ବ୍ଲକ ହଳଦିଆପଦର ଗ୍ରାମସ୍ଥିତ ଶ୍ରୀ ଚନ୍ଦ୍ରକନ୍ଦେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ୫୩ ନଂ. ଜୋନ ବିଜେଡି ଦଳ ପକ୍ଷରୁ ୱାର୍ଡ କମିଟି ଏବଂ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଚୟନ ନିମନ୍ତେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବିଜେଡିର ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର କୋଠିଆଙ୍କ ନେତୃତ୍ୱରେ ପ୍ରତି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ନେତାମାନେ ଉପସ୍ଥିତ ଥିଲେ। ଆଗାମୀ ୨୪ରେ ଗୋପାଳପୁରରେ ହେବାକୁ ଥିବା ବେଳାଭୂମି ମହୋତ୍ସବରେ ଅଞ୍ଚଳର ଜନସାଧାରଣ କିପରି ଯୋଗଦେବେ ସେଥିନିମନ୍ତେ ଦଳ ତରଫରୁ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନରେ ଦଳ କିପରି ଉନ୍ନତି କରିବ ସେ ନେଇ ନିଜ ନିଜ ଭାଷଣରେ କହିଥିଲେ। ଏହି ବୈଠକରେ ପୂର୍ବତନ ପଦ୍ମପୁର ସରପଞ୍ଚ ପ୍ରକାଶ ଚନ୍ଦ୍ର ସାମନ୍ତ, ହଳଦିଆପଦର ସରପଞ୍ଚ ଏ. ରାଜେଶ୍ୱରୀ ଦୋରା, ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ବ୍ଲକ ଉପାଧକ୍ଷ ଅଜିତ କୁମାର ଦାଶ, ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ଦଳେଇ, ସିଏଚ୍ ଡିଲି ରେଡ଼ୀ, ଦଣ୍ଡପାଣି ସାହୁ, ପ୍ରଦୀପ କୁମାର ସାହୁ, ଏମ. ବାସୁଦେବ, ପି. କମଳା ରେଡ୍ଡୀ, ଦଣ୍ଡପାଣି ପାଣିଗ୍ରାହୀଙ୍କ ସମେତ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ।

# ଜୁନିୟର ରେଡ୍‌କ୍ରସ ପକ୍ଷରୁ ସଚେତନତା ରାଲି



ରେଡ୍‌କ୍ରସ୍ ତରଫରୁ ସଚେତନତା ରାଲି।

**ଗଞ୍ଜାମ,୧୪।୧୨(ଡି.ଏନ.ଏ.)**

ଗଞ୍ଜାମ ସହରସ୍ଥିତ ଭାରତୀ ବିଦ୍ୟାପୀଠ କନ୍‌ଫରେନ୍ସ ହଲ୍‌ରେ ପାଞ୍ଚ ଦିନ ଧରି ହେଉଥିବା ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ଅବସରରେ ସ୍କୁଲ ପିଲାମାନଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ସ୍କୁଲ ଛାତ୍ରମାନେ ଭାରତୀ ବିଦ୍ୟାପୀଠରୁ ବାହାରି ବଜାର ପରିକ୍ରମା କରିଥିଲେ। ଅନ୍ୟପଟେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିବିରରେ ତାଲିମ ନେଉଛନ୍ତି। ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା ଏହାର ତଦାରଖ କରୁଛନ୍ତି। ସ୍କୁଲ ପ୍ରଧାନ ଶିକ୍ଷକ କବିରାଜ ଦାସ, କ୍ଲର୍କ ହରି ବାରିକ, ପ୍ରକାଶ ପଣ୍ଡା, ବିଇଓ ସୁବାସ ଚନ୍ଦ୍ର ଘଡ଼ାଇ, ଏବିଇଓ ବିଜୟ ଚନ୍ଦ୍ର ବେହେରା, ସିଆର୍‌ସିସି ମହେଶ ବେହେରା, ଦାମୋଦର ପଣ୍ଡା, ପୂର୍ବତନ ସିଆରସିସି ବିପ୍ର ସାହୁ, ନିରଞ୍ଜନ ମହାପାତ୍ର, ଶିକ୍ଷକ ରଘୁନାଥ ସାହୁ, ଜୁନିୟର ଶିକ୍ଷକ ସଂଘ ସଭାପତି ତଥା ଶିକ୍ଷକ ସଞ୍ଜୟ କୁମାର ତରାଇ ପ୍ରମୁଖ ଶିବିର ପରିଚାଳନା କରୁଛନ୍ତି।

# ଦାରିଙ୍ଗବାଡ଼ିରେ ଜିଲାସ୍ତରୀୟ ବିଜ୍ଞାନମେଳା

**ଦାରିଙ୍ଗବାଡି,୧୪।୧୨(ଡି.ଏନ୍.ଏ.)**

ଦାରିଙ୍ଗବାଡ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ୨ଦିନିଆ ଜିଲା ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପ ଜିଲାପାଳ ରାଜେନ୍ଦ୍ର ରଣଜିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ଜିଲା ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଓ ଭାଗିରଥୀ ମହାରଣା, ସୁବାସିନି ଦିଗାଳ, ବାଲିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ତ୍ରିପାଠୀ, ଜିଲା ବିଜ୍ଞାନ ପରିଦର୍ଶକ ଅଶୋକ କୁମାର ପାତ୍ର, ବିଜ୍ଞାନ ସଂଯୋଜକ କୈଳାସ ଚନ୍ଦ୍ର ସ୍ୱାଇଁ, ଆଦର୍ଶ ବିଦ୍ୟାଳୟ ସଭାପତି ମାଥ୍ୟାସ ଦିଗାଳ ଯୋଗ


ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଦେଇଥିଲେ। ମେଳାର ମୁଖ୍ୟ ବିଷୟ ଥିଲା ଅବିରତ ବିକାଶ ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବ୍ୟବହାର। ଏଥିରେ ୭୨ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଉଦୟଗିରି କଳିଙ୍ଗା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଶିକ୍ଷକ ଭେଙ୍କେଟରମଣ ପଟ୍ଟନାୟକ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଲଳିତ ମୋହନ ଦାସ ଓ ବଳରାମ ସାହୁ ଯୋଗ ଦେଇଥିଲେ। ୬ ଟି ପ୍ରକଳ୍ପ ରାଜ୍ୟ ସ୍ତରକୁ ମନୋନୀତ ହୋଇଛି। ବିଜ୍ଞାନ ମେଳା ପରେ ସନ୍ଧ୍ୟା ସମୟରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ

# ବ୍ରହ୍ମପୁର ପାୱାର୍ ସିକ୍ସ, ରାଇକିଆ ଦଳ ବିଜୟୀ

**ଆସିକା,୧୪।୧୨(ଡି.ଏନ୍.ଏ.)**

ଆସିକା ଟାଉନ୍ ହଲ୍‌ଠାରେ ଚାଲିଥିବା ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟର ଶନିବାର ତୃତୀୟ ଦିନରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗୋଟିଏ ମ୍ୟାଚରେ ବ୍ରହ୍ମପୁର ପାୱାର୍ ସିକ୍ସ ବିଜୟୀ ହୋଇଥିବାବେଳେ ଅନ୍ୟଏକ ମ୍ୟାଚରେ କନ୍ଧମାଳ ଜିଲା ରାଇକିଆ ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ ବ୍ରହ୍ମପୁର ପାୱାର୍ ସିକ୍ସ ଓ ଗୋଳାବନ୍ଧ ଦଳ ମଧ୍ୟରେ ହୋଇଥିଲା। ଲଗାତର ଦୁଇଟି ସେଟ୍‌କୁ ଅକ୍ତିଆର କରି ପାୱାର୍ ସିକ୍ସ ବିଜୟୀ ଘୋଷିତ ହୋଇଥିଲା। ପାୱାର୍ ସିକ୍ସ ଦଳର ସୂର୍ଯ୍ୟନାରାୟଣ ପୃଷ୍ଟି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ୍ ଅଡବା ଓ ରାଇକିଆ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ରାଇକିଆ ବିଜୟୀ ହୋଇଥିଲା। ଅଡବା ଦଳର ସେମ୍‌ସନ୍ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ରାମକୃଷ୍ଣ ଭଞ୍ଜ, ବିଜୟ କୁମାର ସାହୁ, ସଂଗ୍ରାମ ସ୍ୱାଇଁ ଓ ରାକେଶ୍ ବେହେରା। ଖଲ୍ଲିକୋଟର ୭୪ ବର୍ଷ ବୟସ୍କ ବରିଷ୍ଠ ଭଲିବଲ୍ ଖେଳାଳି ଗୌରୀ ନାୟକଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା।

### ଯୁକ୍ତ ଦୁଇ ଆନ୍ତଃକଲେଜ କ୍ରିକେଟ ଟୁର୍ନାମେଣ୍ଟ

# ଜୟପୁର, ଆସିକା କଲେଜ ବିଜୟୀ

**ପାଟପୁର,୧୪।୧୨(ଡି.ଏନ୍.ଏ.)**

ସାନଖେମୁଣ୍ଡି ବ୍ଲକ ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟରେ ଚାଲିଥିବା ଯୁକ୍ତ ଦୁଇ ଆନ୍ତଃକଲେଜ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଦୁଇଟି ଜୋନ୍‌ର ଖେଳ ଅନୁଷ୍ଠିତ ହୋଇଛି। ଜୋନ୍ ଏଚ୍‌ରେ ଜୟପୁର ଓ ଜୋନ୍ ଆଇରେ ଆସିକା ଚାମ୍ପିୟନ ହୋଇଛି। ପ୍ରଥମ ମ୍ୟାଚ ଜୟପୁର ଓ ମୋହନା କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟପୁର ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଆସିକା ଓ ବୁଗୁଡ଼ା କଲେଜ ମଧ୍ୟରେ ହୋଇଥିଲା। ଏଥିରେ ଆସିକା କଲେଜ ବିଜୟୀ ଘୋଷିତ ହୋଇଛି। ଜୋନ୍ ଏଚ୍ ଓ ଜୋନ ଆଇ ଉଭୟ ଦଳର ଚାମ୍ପିୟନ୍ ଓ ରନର୍ସଅପ୍ ଟିମ୍‌କୁ ସିଲ୍


ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି।

ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସାନଖେମୁଣ୍ଡି ବିଡିଓ, ସମ୍ମାନିତ ଅତିଥି ଭାବେ ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକ ଉପସ୍ଥିତ ଥିଲେ। କଲେଜ ଅଧକ୍ଷ ଡ଼. ପ୍ରଦୀପ କୁମାର ବ୍ରହ୍ମା ପୌରୋହିତ୍ୟ କରିଥିଲେ। ପିଇଟି ଲକ୍ଷ୍ମଣ କୁମାର ସାହୁ କଲେଜର ଉଦୀୟମାନ ଛାତ୍ରୀଛାତ୍ରଙ୍କୁ ନେଇ ସମସ୍ତ ଖେଳ ପରିଚାଳନା କରିଥିଲେ। ତାଙ୍କୁ କଲେଜର ଅଧାପକ ବିଜୟ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ଚନ୍ଦ୍ର ମହାରଣା, ସୁଭାଷ ଚନ୍ଦ୍ର ମହାପାତ୍ର ଏବଂ ଅନ୍ୟ ସମସ୍ତ ଅଧାପକମାନେ ସହଯୋଗ କରିଥିଲେ।

### କନ୍ଧମାଳ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ

# କୌଣସି ସ୍ଥାନ ଓଡ଼ିଆ ସାହିତ୍ୟଠାରୁ ଦୂରରେ ନାହିଁ

**ଫୁଲବାଣୀ ଅଫିସ, ୧୪।୧୨**

ଫୁଲବାଣୀ ଗାନ୍ଧୀ ସ୍ମୃତିଭବନ ପରିସରରେ କନ୍ଧମାଳ ସାହିତ୍ୟ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ କାର୍ଯ୍ୟ ନିର୍ବାହୀ ସଦସ୍ୟ ତଥା କବି ଅମରେଶ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ, ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ରବୀନ୍ଦ୍ରନାଥ ମିଶ୍ର ପ୍ରମୁଖ ଯୋଗଦେଇ କନ୍ଧମାଳ ମାଟି, ପାଣି, ପବନରେ ସାହିତ୍ୟ ଭରି ରହିଛି। ସାହିତ୍ୟ ଆଦ୍ୟ ସମାଜରୁ ରହିଛି। ତେଣୁ କୌଣସି ସ୍ଥାନ ଓଡ଼ିଆ ସାହିତ୍ୟଠାରୁ ଦୂରରେ ନାହିଁ। ସାହିତ୍ୟ ପାଇଁ ସାହିତ୍ୟିକ ନିଜେ ନିଜକୁ ଚରିତ୍ର ସହ ଲୀନ କରିବାକୁ ହେବ। ତାହା



ମହୋତ୍ସବରେ ଉପସ୍ଥିତ ସାହିତ୍ୟିକ, ଆଲୋଚକ।

ହେଲେ ଉତ୍ତମ ସାହିତ୍ୟ ସୃଷ୍ଟି ହେବା ସହ ସମସ୍ତଙ୍କ ହୃଦୟକୁ ଛୁଇଁବ ବୋଲି ପ୍ରକାଶ କରିଥିଲେ। ସାହିତ୍ୟିକ ଜ୍ୟୋତି ନନ୍ଦ, ସାହିତ୍ୟ ଘରର ରାଜ୍ୟ ସଂଯୋଜକ ଶୁଭଶ୍ରୀ ଲେଙ୍କା, ରବୀନ୍ଦ୍ର ନାଥ ମିଶ୍ର, ଜ୍ୟୋତିର୍ମୟୀ କହଁର, ଡ. ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ 'କନ୍ଧମାଳ ଓଡ଼ିଆ ସାହିତ୍ୟଠୁ କେତେ ପାଖ, କେତେ ଦୂର' ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାହିତ୍ୟରେ ଅବହେଳିତ ସ୍ୱର ଉପରେ ଆଲୋଚନା ହୋଇଥିଲା। ରଞ୍ଜନ ପ୍ରଧାନ, କ୍ଷେତ୍ରବାସୀ ମାନସେଠ୍, ପ୍ରଦୀପ କହଁର, ବିଦେଶୀ ନାୟକ, କେଦାର ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ କବିତା ଆସରରେ ବହୁ ସଂଖ୍ୟାରେ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କଳିଙ୍ଗ ସାହିତ୍ୟ ମହୋତ୍ସବ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରଶ୍ମୀରଞ୍ଜନ ପରିଡା, ଦେବାଶିଷ ସାମନ୍ତରାୟ, ସିତାଂଶୁ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶରତ ଚନ୍ଦ୍ର ଆଚାର୍ଯ୍ୟ ସଂଯୋଜନା କରିଥିଲେ।

**ସଂକ୍ଷେପରେ**

## ନମାମି ଗଙ୍ଗେ ପ୍ରକଳ୍ପର ସମୀକ୍ଷା କଲେ ମୋଦି

କାନପୁର,୧୪।୧୨(ପି.ଟି.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଜାତୀୟ ଗଙ୍ଗା ପରିଷଦ ବୈଠକରେ ପ୍ରଥମ ଥର ଲାଗି ଅଧ୍ୟକ୍ଷତା କରି ନମାମି ଗଙ୍ଗେ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। କାନପୁରର ଚକେରି ବିମାନବନ୍ଦରରେ ପହଞ୍ଚିବା ପରେ ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଅନ୍ୟମାନେ ପାଛୋଟି ନେଇଥିଲେ। ପରେ ଚନ୍ଦ୍ରଶେଖର ଆଜାଦ୍ କୃଷି ବିଶ୍ୱବିଦ୍ୟାଳୟରେ ପରିଷଦର ବୈଠକରେ ସେ ଯୋଗଦେଇଥିଲେ। ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର, ଗଜେନ୍ଦ୍ର ସିଂ ଶେଖାୱତ୍, ଡ. ହର୍ଷବର୍ଦ୍ଧନ, ଆର୍.କେ. ସିଂ, ପ୍ରହ୍ଲାଦ ପଟେଲ, ମନ୍‌ସୁଖ୍ ମାଣ୍ଡବୀୟ, ହରଦୀପ ସିଂ ପୁରୀ ପ୍ରମୁଖଙ୍କ ସହ



ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍ ମଧ୍ୟ ଯୋଗଦେଇଥିଲେ। ପ୍ରକଳ୍ପ କାର୍ଯ୍ୟ, ଗଙ୍ଗା ସଫେଇ ଓ ସୁସ୍ଥ ପରିବେଶ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏହା ପରେ ନମାମି ଗଙ୍ଗେ ମିଶନ ପ୍ରଦର୍ଶନୀକୁ ପ୍ରଧାନମନ୍ତ୍ରୀ ବୁଲି ଦେଖିଥିଲେ। ଗଙ୍ଗା ବ୍ୟାରେଜ୍ ନିକଟ ଅଟଳ ଘାଟକୁ ମଧ୍ୟ ସେ ପରିଦର୍ଶନ କରିଥିଲେ।

■ ମହାନଦୀ ଜଳ ବିବାଦ

# ଫେବୃୟାରୀକୁ ଘୁଞ୍ଚିଲା ଶୁଣାଣି

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

ମହାନଦୀ ଜଳ ବଣ୍ଟନ ବିବାଦ ଶୁଣାଣି ଆସନ୍ତା ଫେବୃୟାରୀ ପହିଲାକୁ ଘୁଞ୍ଚିଛି। ମହାନଦୀ ଟ୍ରିବ୍ୟୁନାଲ ଶନିବାର ଓଡ଼ିଶା–ଛତିଶଗଡ ମଧ୍ୟରେ ଜଳ ବିବାଦ ସମ୍ପର୍କିତ ମାମଲାର ଶୁଣାଣି କରିବା ସହ ଜବାବ ଦାଖଲ ପାଇଁ ଓଡ଼ିଶାକୁ ୪ ସପ୍ତାହ ସମୟ ଦେଇଛନ୍ତି। ଛତିଶଗଡ ପକ୍ଷରୁ ଦାଖଲ ତଥ୍ୟ ଉପରେ ପକ୍ଷ ରଖିବା ପାଇଁ ଓଡ଼ିଶାକୁ ଏହି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଜଷ୍ଟିସ ଏ.ଏମ୍. ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଶୁଣାଣି ପୂର୍ବରୁ ଉଭୟ ପକ୍ଷ ଆବଶ୍ୟକ ତଥ୍ୟ ଦାଖଲ ନେଇ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖଣ୍ଡପୀଠରେ ଜଷ୍ଟିସ୍ ରବି ରଞ୍ଜନ ଏବଂ ଜଷ୍ଟିସ ଇନ୍ଦରମିତ୍ କୌର ରହିଛନ୍ତି। ଉଭୟ ପକ୍ଷ ମଧ୍ୟରେ ତଥ୍ୟର ଆଦାନପ୍ରଦାନ ନେଇ ଟ୍ରିବ୍ୟୁନାଲ ପକ୍ଷରୁ ଦୁଇଜଣ ମଧ୍ୟସ୍ଥଙ୍କୁ ନିଯୁକ୍ତ କରାଯାଇଛି। ଦୁଇପକ୍ଷର କାଉନ୍‌ସେଲଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାପଡିଛି ଯେ, ଉଭୟ ପକ୍ଷରୁ ପ୍ରଥମ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ ସମାପ୍ତ ହୋଇଛି। ଆସନ୍ତା ଜାନୁୟାରୀରେ ଓଡ଼ିଶା ଓ ଛତିଶଗଡ଼ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ କରାଯିବ। ଆଡଭୋକେଟ୍ ଜେନେରାଲ ଅଶୋକ ପରିଜା କହିଛନ୍ତି ଯେ, ଆସନ୍ତା ଜାନୁୟାରୀ ୪ରେ ଛତିଶଗଡର ଏକ ବିଶେଷଜ୍ଞ ଦଳ ଓଡ଼ିଶା ଆସିବେ। ଅନୁରୂପଭାବେ ଓଡ଼ିଶାର ଏକ ଟିମ୍ ଜାନୁୟାରୀ ୧୬ରେ ଛତିଶଗଡ ଗସ୍ତ କରିବେ। କ୍ଷେତ୍ର ପରିଦର୍ଶନ କରି ଏହି ଦଳ କେଉଁ ସ୍ଥାନରେ ନଦୀ ଜଳର ସ୍ୱାଭାବିକ ପ୍ରବାହ ବାଧାପ୍ରାପ୍ତ ହେଉଛି, ତାହାର ସରଜମିନ ଅନୁଧ୍ୟାନ କରିବେ ବୋଲି ପରିଜା କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଅକ୍ଟୋବର ୩୦ରୁ ନଭେମ୍ବର ୨ ମଧ୍ୟରେ ଓଡ଼ିଶାର ଏକ ବିଶେଷଜ୍ଞ ଦଳ ଛତିଶଗଡ ଯାଇ ସେଠାରେ ମହାନଦୀ ଉପରେ ଗଢି ଉଠିଥିବା ଛୋଟବଡ ପ୍ରକଳ୍ପର ଅନୁଧ୍ୟାନ କରିଥିଲେ। ଅନୁରୂପଭାବେ ଛତିଶଗଡର ଏକ ଟିମ୍ ଗତ ନଭେମ୍ବର ୧୭ରୁ ୧୯ ମଧ୍ୟରେ ଓଡ଼ିଶା ଗସ୍ତ କରିସାରିଛି। ଛତିଶଗଡ ପକ୍ଷରୁ ଓଡ଼ିଶାରେ ବୃଷ୍ଟିପାତ ସମ୍ପର୍କିତ ତଥ୍ୟ ମଗାଯାଇଛି। ଓଡ଼ିଶା ପକ୍ଷରୁ ତାହାର ଉତ୍ତର ରଖାଯିବ ବୋଲି ମଧ୍ୟ ଜଣାପଡିଛି। ସେହିଭଳି ମହାରାଷ୍ଟ୍ରର କାଉନ୍‌ସେଲ ଆଡଭୋକେଟ୍ ଦୀପକ ନରୱାକର କହିଛନ୍ତି ଯେ, ଓଡ଼ିଶା ଦ୍ୱାରା କରାଯାଇଥିବା ଅନ୍ତରୀଣ ଆବେଦନ ସମ୍ପର୍କିତ କାର୍ଯ୍ୟ ସରିଛି। ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ ପାଇଁ ଟ୍ରିବ୍ୟୁନାଲ ଚେଷ୍ଟା କରୁଛନ୍ତି।

**ଜାନୁୟାରୀରେ ୨ୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ**



## ଶୀତ ଅବକାଶ ପରେ ପୋଲାଭରମ୍ ଶୁଣାଣି

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

ଆନ୍ଧ୍ର ପ୍ରଦେଶର ଗୋଦାବରୀ ନଦୀ ଉପରେ ନିର୍ମିତ ଇନ୍ଦ୍ରସାଗର ପୋଲାଭରମ୍ ବହୁମୁଖୀ ପ୍ରକଳ୍ପକୁ ନେଇ ଓଡ଼ିଶା ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମାମଲା ଦାଏର କରାଯାଇଥିଲା। ଏହି ମାମଲା ଉପରେ ସୁପ୍ରିମକୋର୍ଟରେ ଶୀତକାଳୀନ ଛୁଟି ପରେ ଶୁଣାଣି ହୋଇପାରେ। ପ୍ରଧାନ ବିଚାରପତି ଜଷ୍ଟିସ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରିବେ। ପୋଲାଭରମ୍ ସମ୍ପର୍କିତ ମୂଳ ମାମଲା ଏବଂ ଆନୁଷଙ୍ଗିକ ବିଷୟ ଉପରେ ଅଦାଲତ ନିଜର ରାୟ ଶୁଣାଇବେ। ଏହି ମାମଲାଟିକୁ ଶୁଣାଣି ପାଇଁ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ କରାଯାଇଛି। ବରିଷ୍ଠ ଆଇନଜୀବୀ ଗୋପାଳ ସୁବ୍ରମଣ୍ୟମ୍ ଏହାର ଶୀଘ୍ର ଶୁଣାଣି ପାଇଁ ଅନୁରୋଧ କରିଥିଲେ। ଚଳିତ ମାସ ୧୯ରୁ ଆସନ୍ତା ଜାନୁୟାରୀ ୫ ପର୍ଯ୍ୟନ୍ତ ସର୍ବୋଚ୍ଚ ଅଦାଲତର ଶୀତକାଳୀନ ଅବକାଶ ହେବ।

# ଖଣି ପଥରରେ ହେବ ପୁରୀ ଐତିହ୍ୟର ବିକାଶ

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

ଖଣ୍ଡୋଲାଇଟ ଖଣି ପଥରରେ ହେବ ପୁରୀ ଶ୍ରୀମନ୍ଦିର ଐତିହ୍ୟର ବିକାଶ। ଏଥିପାଇଁ ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ଓଡିଶା ଖଣି ନିଗମ(ଓଏମ୍‌ସି)କୁ ୬ଟି ଖଣ୍ଡୋଲାଇଟ ଖଣି ଦେବାକୁ ଶନିବାର ବିଜ୍ଞପ୍ତି ପ୍ରକାଶ କରିଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଯାଜପୁର ଜିଲାରେ ୩, କଟକ ୧ ଏବଂ ଖୋର୍ଦ୍ଧା ଜିଲାରେ ଥିବା ୨ଟି ପଥର ଖଣିକୁ ଓଏମ୍‌ସିକୁ ପ୍ରଦାନ କରାଯାଇଛି। ଓଡିଶା ଖଣି ନିଗମ ଦ୍ୱାରା ଏହି ଖଣିଗୁଡ଼ିକରୁ ଉତ୍ତୋଳନ ହେବାକୁ ଥିବା ଖଣିଜ ପଦାର୍ଥକୁ ପୂର୍ତ୍ତ ବିଭାଗ ଓ ଏହାଦ୍ୱାରା ମନୋନୀତ ଅନ୍ୟ ଏଜେନ୍ସିକୁ ଯୋଗାଇଦିଆଯିବ। ଏହି ଖଣିଜ ପଦାର୍ଥ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଐତିହ୍ୟର ବିକାଶ ପାଇଁ ଆରମ୍ଭ କରାଯାଇଥିବା ଅଗମେଣ୍ଟେଶନ ଅଫ୍ ବେସିକ ଆମେନିଟିଜ୍ ଆଣ୍ଡ ଡେଭେଲପମେଣ୍ଟ ଅଫ୍ ହେରିଟେଜ ଆଣ୍ଡ ଆର୍କିଟେକ୍ଚର (ଅବଢା) ଯୋଜନାରେ ବ୍ୟବହାର କରାଯିବ। ଖଣ୍ଡୋଲାଇଟ ପଥର ଯୋଗାଣ ପାଇଁ ପୂର୍ତ୍ତ ବିଭାଗ, ଶ୍ରୀ ମନ୍ଦିର ପ୍ରଶାସନ ଏବଂ ଓଏମ୍‌ସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଯାଜପୁର ଜିଲାର ଚନ୍ଦିଆ, ଶୁଖୁଆପଡା ଓ ତେଲିଗଡ, କଟକ ଜିଲାର ଗୋବିନ୍ଦପୁର ଏବଂ ଖୋର୍ଦ୍ଧା ଜିଲାର କୁମରୁପଡା ଏବଂ ନାରାୟଣ ଗଡର କୁଣ୍ଡାକୁଣ୍ଡି କୁଣ୍ଡାପଥର ଖଣି ରହିଛି। ଏହି ଖଣିରୁ ବାହାରୁଥିବା ଖଣ୍ଡୋଲାଇଟ ପଥର ଛଡା ଅନ୍ୟ ଖଣିଜ ପଦାର୍ଥକୁ ଓଏମ୍‌ସି ଆଇନ ଅନୁଯାୟୀ ବିକ୍ରି କରି ପାରିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ୨୦୧୭ ମେ ୧୮ ତାରିଖରେ ପୁରୀ ଶ୍ରୀଜଗନ୍ନାଥ ଐତିହ୍ୟର ବିକାଶ କରିବା ପାଇଁ ଅବଢା ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ହବିଷ୍ୟାଳିଙ୍କ ପାଇଁ ବିଶ୍ରାମାଗାର, ପୁରୀର ବିଭିନ୍ନ ସ୍ଥାନରେ ରାସ୍ତାର ଉନ୍ନତୀକରଣ ଏବଂ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଅବଢା ଯୋଜନାରେ ଅନେକଗୁଡିକ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ବାତ୍ୟା ଫନୀ ଯୋଗୁ ପୁରୀ ସହର ଛାରଖାର ହୋଇଯାଇଛି। ବାତ୍ୟା ପରେ ପୁରୀ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହରର ଐତିହ୍ୟକୁ ବିଶ୍ୱସ୍ତରୀୟ କରିବାକୁ ଘୋଷଣା କରିଥିଲେ। ଏ ନେଇ ୨୦୧୯ ଅକ୍ଟୋବର ୨୨ ତାରିଖରେ ରାଜ୍ୟ କ୍ୟାବିନେଟରେ ୩,୨୦୮ କୋଟି ଟଙ୍କାର ଅବଢା ଯୋଜନାକୁ ଅନୁମୋଦନ କରାଯାଇଥିଲା।

**ଓଏମ୍‌ସିକୁ ୬ ଖଣି ଦେଲା ଖଣି ଓ ଇସ୍ପାତ ବିଭାଗ**

■ ଏଣ୍ଡୋକ୍ରାଇନ୍ ସୋସାଇଟି ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ

# ରୋଗୀଙ୍କ ପାଇଁ ଡାକ୍ତର ଦେବତାତୁଲ୍ୟ: ରାଜ୍ୟପାଳ




ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ବୋଧନ ଦେଉଛନ୍ତି ।

ବ୍ରହ୍ମପୁର ଅଫିସ,୧୪।୧୨

ଭାରତୀୟ ସଂସ୍କୃତିରେ ଡାକ୍ତରଙ୍କୁ ଭଗବାନଙ୍କ ସଦୃଶ ବିବେଚନା କରାଯାଇଛି । ଭଗବାନ ଯେପରି ମନୁଷ୍ୟର ସମସ୍ୟା, ବ୍ୟାଧି ଦୂର କରିଥାନ୍ତି, ସେହିପରି ଡାକ୍ତର ରୋଗୀଙ୍କ ରୋଗ ଦୂର କରିଥାନ୍ତି। ଡାକ୍ତରମାନେ ରୋଗୀଙ୍କ ପାଇଁ ଦେବତାତୁଲ୍ୟ ବୋଲି ଶନିବାର ବ୍ରହ୍ମପୁର ବଡ ମେଡିକାଲ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଓଡିଶାର ୮ମ ବାର୍ଷିକ ସମିଳନୀରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି। ଆୟୁର୍ବେଦ ଅନୁଯାୟୀ ଡାକ୍ତରମାନେ ରୋଗୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ପୂର୍ବକ ଚିକିତ୍ସା କରିବା ଦ୍ୱାରା ସଫଳ ମିଳିପାରିବ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ । ଏହି କର୍ମଶାଳା ଡାକ୍ତର ରୋଗୀଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ ତଥା ସୁସ୍ଥ କରିବାରେ ସହାୟକ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ବଡ ମେଡିକାଲ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମକୁ ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌କେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ରାଧାମାଧବ ତ୍ରିପାଠୀ, କାର୍ଯ୍ୟକାରୀ କମିଟି ସଭାପତି ଡା. ଏସ୍.ଆର ପଟ୍ଟନାୟକ, କାର୍ଯ୍ୟକାରୀ ସମ୍ପାଦକ ଡା. ପି. ରବି କୁମାର, ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ ଓଡ଼ିଶା ସଭାପତି ପ୍ରଫେସର ଏ.କେ. ବଳିଆର ସିହ୍ନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ଡା. ଏସ୍. ସି. ମହାନ୍ତି, ପ୍ରଫେସର ଡା. ଏଲ୍ .କେ. ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଲା ଏଓଙ୍କ ମୃତଦେହ

ପଟ୍ଟାଙ୍ଗି,୧୪।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗିସ୍ଥିତ ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ କୃଷି ଅଧିଦର୍ଶକ ତଥା ଏଓଙ୍କ ମୃତଦେହ ମିଳିଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ପାହାଣ୍ଡ ଗ୍ରାମର ଗୌରହରି ବେହେରା ୫ ମାସ ତଳେ ଏଠାରେ ଏଓ ଭାବେ ଯୋଗ ଦେଇଥିଲେ। ବିବାଦୀୟ କୋଟିଆ ପଞ୍ଚାୟତର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା। ନୂଆଗାଁ କୃଷି ଅଧିଦର୍ଶକ କୃଷ୍ଣଚନ୍ଦ୍ର ପାଙ୍ଗୀଙ୍କ କହିବା ଅନୁଯାୟୀ, କୋଟିଆ ପଞ୍ଚାୟତ ଏଓ ଭାବେ ବେହେରା ଯୋଗଦେବା ପରଠାରୁ ସବୁବେଳେ ଚୁପ୍‌ଚାପ୍ ରହୁଥିବା ସହ ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିଲେ। ସେ ନିୟମିତ ପଞ୍ଚାୟତ କାର୍ଯ୍ୟ ସାରି ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଫେରୁଥିଲେ। ଶୁକ୍ରବାର ସେ ଷ୍ଟାଫ୍ ମିଟିଂରେ ଯୋଗଦେଇ ଫେରିବା ପରେ ରାତ୍ରିଭୋଜନ ପରେ ବିଶ୍ରାମ ନେଇଥିଲେ। ଶନିବାର ଘରଲୋକେ ତାଙ୍କ ମୋବାଇଲକୁ ବାରମ୍ବାର ଫୋନ କରିଥିଲେ ମଧ୍ୟ କିଛି ଉତ୍ତର ମିଳି ନ ଥିଲା। ସେମାନଙ୍କଠାରୁ ଖବର ପାଇ ଅମ୍ବାବାଲି ପଞ୍ଚାୟତ ଏଓ ଗୋପୀ ଡୁମାରି, ସୀମାଞ୍ଚଳ ଆଚାର୍ଯ୍ୟ ଓ ବିଷ୍ଣୁ ପ୍ରସାଦ ରଥ ମୁଖ୍ୟ ଫାଟକ ଭିତରପଟ ତାଲା ଖୋଲି କାର୍ଯ୍ୟାଳୟରେ ପଶିଥିଲେ। ସେଠାକାର ମିଟିଂ ହଲ୍‌ର ଟେବୁଲରେ ଗୌରହରି ଶୋଇଥିବା ଅବସ୍ଥାରେ ପଡ଼ିରହିଥିଲେ। ପୋଲିସକୁ ଖବର ଦିଆଯିବା ସହ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚିକିତ୍ସା ସମୟରେ ଗୌରହରିଙ୍କ ନାକ ଓ ମୁହଁରୁ ଫେଣ ବାହାରୁଥିବା ଡାକ୍ତର କହିଥିଲେ। ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ବିଜୟ ରାଜ ମାଝି କହିଛନ୍ତି।

# ସ୍କୁଲରେ ଭାଲୁ ଆତଙ୍କ

ଗୋବିନ୍ଦପାଲି, ୧୪।୧୨ (ଡି.ଏନ.ଏ.)

ମାଲକାନଗିରି ଜିଲାର ଗୋବିନ୍ଦପାଲିସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗତ ୬ ଦିନ ଧରି ୩ଟି ଭାଲୁ ପଶିଯାଉଛନ୍ତି। ଏଠାରେ ପ୍ରାୟ ୮୫୦ ଛାତ୍ରୀଛାତ୍ର ହଷ୍ଟେଲରେ ରହି ଅଧ୍ୟୟନ କରୁଛନ୍ତି। ଭାଲୁକୁ ଦେଖି ଛାତ୍ରୀଛାତ୍ରମାନେ ଭୟଭୀତ ହୋଇପଡିଛନ୍ତି। ଗୁରୁବାର ରାତିରେ ୩ଟି ଭାଲୁ ହଷ୍ଟେଲ ନିକଟରେ ବୁଲୁଥିବା ଦେଖି କର୍ମଚାରୀ ଓ କେତେକ ଛାତ୍ର ତଡି ଦେଇଥିଲେ। କୌଣସି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଭାଲୁକୁ କାବୁ କରିବାକୁ ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷକମାନେ ଦାବି କରିଛନ୍ତି। ଏ ନେଇ ବିଦ୍ୟାଳୟ ଅଧ୍ୟକ୍ଷ ଚୈତନ୍ୟ ନାଳିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଦ୍ୟାଳୟ ପରିସରକୁ ଭାଲୁ ପଶି ଆସିବା ସମ୍ପର୍କରେ ସେ ଉପରିସ୍ଥ ଅଧିକାରୀ ଓ ବନବିଭାଗ ଅଧିକାରୀଙ୍କୁ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, କିଛି ଦିନ ତଳେ ଗୋବିନ୍ଦପାଲି ବଜାର ନିକଟରେ ରହୁଥିବା ଗୋପାଳ ପଟ୍ଟନାୟକ ଓ ୱାର୍ଡସଭ୍ୟ ସୁଧାଂଶୁ ପରିଚ୍ଛାଙ୍କ ଘର ନିକଟରେ ଭାଲୁ ଦେଖିବାକୁ ମିଳିଥିଲା। ଖବର ପାଇ ବନବିଭାଗ ଓ ସ୍ଥାନୀୟ ଯୁବକମାନେ ଭାଲୁକୁ ଜଙ୍ଗଲ ଆଡକୁ ଘଉଡାଇ ଦେଇଥିଲେ।



ବିଦ୍ୟାଳୟ ପରିସରକୁ ପଶିଆସିଥିବା ଭାଲୁ।



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
**ପ୍ରଭାତି ରାଉତ**
ସରପଞ୍ଚ ଗୋଲରାହାଟ ଗ୍ରାମପଞ୍ଚାୟତ, ଡେରାବିଶ


୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ ।

**ବନମାଳୀ ଦାସ**
ପ୍ରଧାନ ଶିକ୍ଷକ, ମସିଗାଁ ମଙ୍ଗଳ ବିଭାଗ ବିଦ୍ୟାଳୟ


ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
**ସୁଦ୍ଧଦେବ ବେହେରା**
ସରପଞ୍ଚ ବାରିମୂଳ ଗ୍ରାମ ପଞ୍ଚାୟତ, ଡେରାବିଶ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।

**ଅମ୍ବିକା ଅଞ୍ଜଳୀ ସିଂ**
ସରପଞ୍ଚ ଏଣ୍ଡର ଗ୍ରାମପଞ୍ଚାୟତ, ଡେରାବିଶ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ ।

**ବିଜୟ କୁମାର ସାହୁ**
ପ୍ରଧାନୀପୁଟ ସେବାଶ୍ରମ

With Best Compliments....
**ASWINI SAHOO**
**PROP : ANANYA**
Uniforms & Bags
Barabhuja Market G-44
Khandagiri, Bhubaneswar

୪୬ବର୍ଷ ପୂର୍ବେ ଜନ୍ମ ହୋଇ ନିର୍ଭୀକ, ନିରପେକ୍ଷ ସତ୍ୟ ଖବର ପରିବେଷଣ କରୁଥିବାରୁ ଧରିତ୍ରୀ ପରିବାର ଓ ଅଗଣିତ ପାଠିକା/ପାଠକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ସବୁବେଳେ ଏହିଭଳି ଖବର ପରିବେଷଣ ଜାରି ରଖିବା ନିମନ୍ତେ ଧରିତ୍ରୀ ପରିବାରକୁ ସାହାସ ପ୍ରଦାନ ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ପ୍ରବାସିନୀ ଦେଇ**
ଅବସରପ୍ରାପ୍ତ, ପ୍ରଧାନ ଶିକ୍ଷୟିତ୍ରୀ, ସାମାଜିକ କର୍ମୀ
କୁହା, ଜଟଣୀ, ଖୋର୍ଦ୍ଧା

**ସାରଙ୍ଗଧର ସେନାପତି**
ଅଧ୍ୟକ୍ଷ, ଧରଣୀଧର ଚାରିଟେବଲ୍ ଟ୍ରଷ୍ଟ, ସଭାପତି, ମୋ ସ୍କୁଲ ଅଭିଯାନ କ୍ଷେତ୍ରପାଳି ସରକାରୀ ଉଚ୍ଚ ବିଦ୍ୟାଳୟ, କୁହା, ଜଟଣୀ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ ।

**ସନ୍ତୋଷ କୁମାର ସାହୁ**
ପରିଚାଳନା ନିର୍ଦ୍ଦେଶକ
କୁନ୍ଦୁରା ଲ୍ୟାମ୍ପ୍ସ
**ମହେଶ୍ୱର ପେଣ୍ଡିଆ**
ସଭାପତି
କୁନ୍ଦୁରା ଲ୍ୟାମ୍ପ୍ସ

With Best Compliments....

**ASHIS KU. RATHA**
**M.D. A.K. TRADERS**
Gudiapokhari, Pipili, Puri

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ଧ୍ରୁବାନନ୍ଦ ରାଉତ**

ବିଜେଡି, ବରିଷ୍ଠ ସଙ୍ଗଠକ, ଗୋଡିପଟିଆ, ଅଞ୍ଜିରା, ଯାଜପୁର



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।

**ଚନ୍ଦ୍ରକାନ୍ତ ପ୍ରଧାନ**

ସରପଞ୍ଚ କୁରୁଜଙ୍ଗା ଗ୍ରାମ ପଞ୍ଚାୟତ, ଡେରାବିଶ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସମସ୍ତ କର୍ମକର୍ତ୍ତା ଓ ପାଠିକା ପାଠକମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା କରୁଛି ।



**ପୁଷ୍ପଲତା ଦାଶ**

ଭୁବନ ଏନଏସିର
ପୂର୍ବତନ ୫ନଂ ୱାର୍ଡ ମେମ୍ବର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ବଡ଼ସାହି ବ୍ଲକ୍‌ର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ପାର୍ଥସାରଥି ପଣ୍ଡା**

ପ୍ରତାପପୁର
ପଞ୍ଚାୟତ ସମିତି ସଭ୍ୟ


See Career Appointment on every Wednesday & Saturday





ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା

ପ୍ରଦୂଷଣ ମୁକ୍ତ
ସୁସ୍ଥ ପରିବେଶ

**Jai Balaji Jyoti Steels Limited**

Regd. Off. : Unitech House, Uditnagar
Opp. Income Tax Office, Rourkela-769012
Telefax : 0661-2510164

Jai Balaji Group is one of the largest manufacturers of steel in the private sector in Eastern India' We have integrated facilities for producing steel in our eight manufacturing units spread across the states of West Bengal, Chhattisgarh, Odisha & Jharkhand in India.

**OFFICE**
5, Bentinck Street, 1st Floor, Kolkata - 700001
Phone : (O) 2248-9808,2248-8173
Fax: (91) (033) 2243-0021
E-mail : jaibalaji@vsnl.net

**WORKS**
Tainser, Near Birkera
Dist.: Sundargarh, Orissa
Phone : 2450162

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ମହିସରା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**କାମାକ୍ଷା ପ୍ରସାଦ ନାୟକ**

ସମାଜସେବୀ, ରମ୍ଭେଇ,ବାଡିଯୋଡା, ଧର୍ମଶାଳା, ଯାଜପୁର

‘ଧରିତ୍ରୀ’ର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାର ଓ ଏହାର ସମସ୍ତ ପାଠିକା ପାଠକ ତଥା ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭକାମନା ।



**ସନ୍ତୋଷିନୀ କର୍ଣ୍ଣ**

ସମ୍ପାଦିକା, ନ୍ୟୁ ଲାଇଫ୍ କ୍ଲବ (ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ)

• ରାଉରକେଲା ସିନିୟର ନର୍ସିଂ କଲେଜ, • ସୁନ୍ଦରଗଡ଼ ଜିଏନ୍‌ଏମ୍ ଟ୍ରେନିଂ ସ୍କୁଲ, • ମା’ ବାଉତୀ ଏଏନ୍‌ଏମ୍ ଟ୍ରେନିଂ ସ୍କୁଲ, • ସୁନ୍ଦରଗଡ଼ ଡିଏମ୍‌ଏଲ୍‌ଟି ଇନଷ୍ଟିଚ୍ୟୁସନ, • ମାହେଶ୍ୱରୀ ଯୁକ୍ତ୨ ବିଜ୍ଞାନ ଓ କଳା ମହାବିଦ୍ୟାଳୟ (ଏଚ୍‌ଏସ୍‌ଏସ୍), • ମାହେଶ୍ୱରୀ ଫାର୍ମାସିଉଟିକାଲ ମହାବିଦ୍ୟାଳୟ, ଶଙ୍କରା, ସୁନ୍ଦରଗଡ଼

**କେନ୍ଦ୍ରାପଡ଼ା ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କ ଲି., କେନ୍ଦ୍ରାପଡ଼ା**

ମୁଖ୍ୟ କାର୍ଯ୍ୟାଳୟ : କଜଳା, କେନ୍ଦ୍ରାପଡ଼ା-୭୫୪୨୧୧
ଫୋନ୍ - ୦୬୭୨୭-୨୨୦୩୯୯, ୨୨୧୫୯୯

ଓଡିଆ ଦୈନିକ ଖବରକାଗଜ ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଏହାର ସାରସ୍ୱତ ସାଧନା ଓ ସଂକଳ୍ପୀକୃତ ନିରବଚ୍ଛିନ୍ନ ପ୍ରକାଶନ ସଫଳତାସହ ପ୍ରଗତିଶୀଳ ଯୁକ୍ତ ହେବା ନିମନ୍ତେ ହାର୍ଦ୍ଦିକ ଶୁଭକାମନା ଏବଂ ଏହାର ଅଗଣିତ ପାଠକ/ପାଠିକାମାନଙ୍କୁ ଅଭିନନ୍ଦନ।

**ଅର୍ବାନ ବ୍ୟାଙ୍କ ପରିବାର, କେନ୍ଦ୍ରାପଡ଼ା**

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ମୟୂରଭଞ୍ଜବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**
**ବେଲପାଳ**

ଶିଶୁ ବାଟିକା ଓ ୧ମରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ପାଇଁ ଫର୍ମ ଆବେଦନ କରନ୍ତୁ ।

ବିଏସ୍‌ସି ବିଇଡି (ସିବିଜେଡ୍), ବିଏ ବିଇଡି, ହିନ୍ଦୀ ବିଇଡି ଓ ପିଇଟି ପଦ ପାଇଁ ଯୋଗାଯୋଗ କରନ୍ତୁ ।

ମୋ. ନଂ.: ପ୍ର.ଆ.– ୯୪୩୯୩୮୦୮୪୦
ସମ୍ପାଦକ– ୭୦୦୮୯୦୬୩୪୭

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଭୁବନର ଏସ୍‌ଟି ଜାଭିୟର୍ସ ସ୍କୁଲ ପକ୍ଷରୁ ସମସ୍ତ ପାଠିକା ପାଠକ ତଥା ଶୁଭାକାଂକ୍ଷୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା କରୁଅଛି ।

*With Best Compliments from:*

**St. XAVIER'S PUBLIC SCHOOL**

The Only Premier Educational Institution of your locality Having an ISO 9001 : 2008 Certification




Safe, Secured & Lush Green Campus
Introducing DAY BOARDING facilities
Very peaceful and serene Environment
Audio-Visual Room / Smart Class Room
Computer Education for All
Creating English Atmosphere

Bhuban, Dhenkanal, Odisha - 759017, Contact : +91 7606903070 / 71 / 72
E-mail: xaviersbhuban@gmail.com, Visit us : www.xavierscouncilofindia.org


Your classified advertisement published in Dharitri will be listed free in Dharitri online edition : **dharitriepaper.in**


**ଜୟ ଜଗନ୍ନାଥ !!**

ରାଜ୍ୟର ସର୍ବାଧିକ ପ୍ରସାରିତ ଜନପ୍ରିୟ "ଧରିତ୍ରୀ" ଖବରକାଗଜର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ରାଜ୍ୟବାସୀଙ୍କ ସହିତ "ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ" ଏହାର ଦୀର୍ଘ ଜୀବନ କାମନା କରିବା ସହିତ, ସମ୍ପାଦକ , ମୁଖ୍ୟ କାର୍ଯ୍ୟନିର୍ବାହୀ, ଓ ଧରିତ୍ରୀର ପରିବାରଙ୍କୁ ଅନେକ ଅନେକ ଶୁଭ କାମନା ଜଣାଉଛୁ।

**ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ**

ଆଠଗଡ଼, ଉପଖଣ୍ଡ





**ଶ୍ରୀ ଅଶୋକ ସାମନ୍ତରାୟ**
ସମ୍ପାଦକ

**ଶ୍ରୀ ମନୋଜ କୁମାର ମିଶ୍ର**
ସଭାପତି

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।

ସବୁଜ ପରିବେଶ
ସୁସ୍ଥ ପରିବେଶ

**For SHRI MAHAVIR FERRO ALLOYS PVT. LTD.**
Kalunga I.E. Kalunga
Dist.- Sundargarh-770031



‘ଧରିତ୍ରୀ’ର ସ୍ୱନକ୍ଷତ୍ର ଅବସରରେ ଏବଂ ୨୦୨୦ ନୂତନ ନବବର୍ଷ ଉପଲକ୍ଷେ ଭୋଗରାଇର ସମସ୍ତ ଗୁରୁଜନ ଓ ଭଉଣୀଭାଇମାନଙ୍କୁ ଜଣାଉଛି ଭକ୍ତିପୂତ ପ୍ରଣାମ ଶୁଭେଚ୍ଛା ।



**ପ୍ରମଦ କୁମାର ବେହେରା**

କନିଷ୍ଠଯନ୍ତ୍ରୀ, ଭୋଗରାଇ ବ୍ଲକ

‘ଧରିତ୍ରୀ’ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**BHULAXMI INFRATECT (P) LTD.**

2nd, Daily Market,
Jeypore (Odisha)

**ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସରେ ଶୁଭକାମନା ।**

**BOIPARIGUDA LAMPS**

(Boipariguda)
Dist.- Koraput

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ବଡ଼ସାହି ବ୍ଲକ୍‌ର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ଶ୍ରୀ ପ୍ରଦୀପ କୁମାର ବେହେରା**

ମାନବ ଅଧିକାର ମିଶନର ପ୍ରୋଗ୍ରାମ ସମ୍ପାଦକ
ବଡ଼ସାହି ବ୍ଲକ୍, ରେଜିଷ୍ଟ୍ରେସନ ନଂ.–ଏମ୍–୦୮୯୬୯



ଫିଲ୍ମ 'ୱାଣ୍ଟେଡ୍'ର ଦୀର୍ଘ ୯ ବର୍ଷ ପରେ ସଲ୍‌ମାନ ଖାନ୍ ଅଭିନୀତ ଫିଲ୍ମ 'ରାଧେ'ରେ ମୋତେ ଅଭିନୟ କରିବାର ସୁଯୋଗ ମିଳିଛି। ଆମ ଦୁହିଁଙ୍କ ସମ୍ପର୍କ ବହୁତ ଭଲ।
-ଗୋବିନ୍ଦ ନାମ୍‌ଦେବ,
ବଲିଉଡ୍ ଅଭିନେତା



# ଭାରତର ଭବିଷ୍ୟତ ଉଜ୍ଜ୍ୱଳ



**ଟୋକିଓ:** ପାର୍ଲାମେଣ୍ଟରେ ନାଗରିକତ୍ୱ ସଂଶୋଧନ ବିଲ ଗୃହୀତ ହେବା ପରେ ଉତ୍ତରପୂର୍ବ ରାଜ୍ୟରେ ଦେଖାଦେଇଛି ବ୍ୟାପକ ହିଂସା। କେବଳ ଏତିକି ନୁହେଁ, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି, ବେକାରି, ତୈଳଦର ବୃଦ୍ଧି ଭଳି ସମସ୍ୟାକୁ ନେଇ କେନ୍ଦ୍ର ବିରୋଧୀ ଅସନ୍ତୋଷ ତେଜିବାରେ ଲାଗିଛି। ଏସବୁ ସତ୍ତ୍ୱେ ଭାରତରେ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଆଶାବାଦୀ ଅଛନ୍ତି ଯୁବପିଢ଼ି। ଏବେକାର ସମସ୍ୟା ସାମୟିକ। ଆଗାମୀ ଦିନରେ ଦେଶ ପୁଣିଥରେ ବିକାଶର ଟ୍ରାକ୍‌କୁ ଫେରିବ ଏବଂ ସେମାନଙ୍କ ଭବିଷ୍ୟତ ବର୍ତ୍ତମାନର ସମୟଠାରୁ ଅଧିକ ସୁରକ୍ଷିତ ଓ ଉଜ୍ଜ୍ୱଳ ହେବ ବୋଲି ସେମାନେ ଆଶା ବାନ୍ଧିଛନ୍ତି। ଜାପାନର ନିପ୍ପନ ଫାଉଣ୍ଡେଶନ ପକ୍ଷରୁ ଭାରତ, ଚାଇନା, ଜାପାନ, ଆମେରିକା, ବ୍ରିଟେନ, ଇଣ୍ଡୋନେସିଆ, ଭିଏତ୍‌ନାମ, ଜର୍ମାନୀ ଏବଂ ଦକ୍ଷିଣ କୋରିଆରେ ୧୮ ବର୍ଷୀୟ ୯୦୦୦ ଯୁବତୀଯୁବକଙ୍କୁ ନେଇ ସର୍ଭେ କରାଯାଇଥିଲା। ଏଥିରୁ ଏପରି ତଥ୍ୟ ପଦାକୁ ଆସିଛି।

ଦେଶର ଭବିଷ୍ୟତକୁ ନେଇ ଭାରତୀୟ ଯୁବପିଢ଼ି ବିକଶିତ ଦେଶ ତୁଳନାରେ ଅଧିକ ଆଶାବାଦୀ। ଦେଶରେ ଆଗାମୀ ଭବିଷ୍ୟତ ଅଧିକ ଉତ୍ତମ ହେବ ବୋଲି ସେମାନେ ଅନୁଭବ କରୁଛନ୍ତି। କେବଳ ଏତିକି ନୁହେଁ, ସାମାଜିକ ସମସ୍ୟାର ସମାଧାନ ଲାଗି ସେମାନେ ମାନସିକସ୍ତରରେ ପ୍ରସ୍ତୁତ। ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ଲାଗି ସେମାନେ ପାରୁପର୍ଯ୍ୟନ୍ତ ଉଦ୍ୟମ କରିବେ ବୋଲି କହିଛନ୍ତି। ଭାରତର ୭୮% ଯୁବପିଢ଼ି କହିଛନ୍ତି ଦେଶରେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ। ହେଲେ ଜାପାନରେ ଏହି ଅନୁପାତ ଅତ୍ୟନ୍ତ ନିରୁତ୍ସାହଜନକ। ଏଠାରେ ମାତ୍ର ୧୦% ଯୁବବର୍ଗ ନିଜ ଦେଶରେ ଭବିଷ୍ୟତ ସୁରକ୍ଷିତ ବୋଲି ମତ ଦେଇଛନ୍ତି। ସେହିପରି ଚାଇନାରେ ଏହି ଅନୁପାତ ବେଶ୍ ଉତ୍ସାହଜନକ ରହିଥିଲା। ଏଠାରେ ୯୬% ଯୁବପିଢ଼ି ଦେଶରେ ଭବିଷ୍ୟତକୁ ନେଇ ସକାରାତ୍ମକ ମନୋଭାବ ପୋଷଣ କରିଥିଲେ। ଚାଇନାର ମାତ୍ର ୦.୧% ଯୁବତୀଯୁବକ ଦେଶର ଅବସ୍ଥା ଖରାପ ବୋଲି ମତ ଦେଇଥିଲେ। ଆମେରିକାରେ ୩୦% ଯୁବବର୍ଗ ସେମାନଙ୍କ ଭବିଷ୍ୟତକୁ ନେଇ ସନ୍ତୁଷ୍ଟ ଅଛନ୍ତି। ସମାନ ପରିମାଣର ଯୁବତୀଯୁବକ ଦେଶର ଭବିଷ୍ୟତ ଅନ୍ଧକାର ବୋଲି ସ୍ପଷ୍ଟ ମତ ରଖିଥିଲେ।

ସର୍ଭେରେ ସାମାଜିକ ସମସ୍ୟା ଏବଂ ଏହାର ସମାଧାନକୁ ନେଇ ପ୍ରଶ୍ନ କରାଯାଇଥିଲା। ଏଥିରେ ୮୬% ଭାରତୀୟ କହିଥିଲେ ସେମାନେ ସାମାଜିକ ସମସ୍ୟାର ସମାଧାନ ଚାହାନ୍ତି। ଏଥିଲାଗି ସେମାନେ ବ୍ୟକ୍ତିଗତ ଭାବେ ଉଦ୍ୟମ କରିବେ। ପ୍ରଚଳିତ ଖରାପ ବ୍ୟବସ୍ଥା ବନ୍ଦ ହେଉ ବୋଲି ସେମାନେ ଚାହାନ୍ତି।

ଅପରପକ୍ଷେ ପୃଥିବୀର ତୃତୀୟ ସର୍ବବୃହତ୍ ଅର୍ଥନୀତି ବୋଲି ଦାବି କରୁଥିବା ଜାପାନର ଯୁବପିଢିଙ୍କ ମଧ୍ୟରେ ଏପରି ଭାବନା କମ୍ ଦେଖିବାକୁ ମିଳିଥିଲା। ମାତ୍ର ୨୦% ଯୁବକ ପ୍ରଚଳିତ ବ୍ୟବସ୍ଥା ବିରୋଧୀ ସ୍ୱର ଉଠାଇବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେହିପରି ଦକ୍ଷିଣ କୋରିଆରେ ମଧ୍ୟ ଏହି ପ୍ରଶ୍ନର ଉତ୍ତରକୁ ନେଇ ଯୁବତୀଯୁବକଙ୍କ ମଧ୍ୟରେ ନିରାଶ ଭାବ ଦେଖାଦେଇଥିଲା। ସମାଜ ପ୍ରତି ଦାୟିତ୍ୱବୋଧକୁ ନେଇ ଚାଇନା ଏବଂ ଭାରତରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଚାଇନାର ୯୬% ଏବଂ ଭାରତ ୯୨% ଯୁବପିଢ଼ି କହିଛନ୍ତି, ସେମାନଙ୍କ ବ୍ୟକ୍ତିଗତ ଜୀବନ ପ୍ରତି ଯେତିକି କର୍ତ୍ତବ୍ୟ ରହିଛି, ସମାଜ ପ୍ରତି ମଧ ସେତିକି ଦାୟିତ୍ୱବୋଧ ରହିଛି। ୮୪% ଭାରତୀୟ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଲାଗି ଇଚ୍ଛୁକ ବୋଲି କହିଥିଲେ। କଥାବାର୍ତ୍ତା ମାଧ୍ୟମରେ ବଡ଼ ସମସ୍ୟାଗୁଡ଼ିକର ସମାଧାନ ହେଉ ବୋଲି ସେମାନେ ଚାହାନ୍ତି।

**୭୮% ଯୁବପିଢ଼ିଙ୍କ ମତ**

# କମାଣ୍ଡରଙ୍କୁ ସାଲ୍ୟୁଟ୍ କଲା ସେନା କୁକୁର

**ଶ୍ରୀନଗର:** ଏବେ ସୋସିଆଲ୍ ମିଡ଼ିଆରେ ଭାରତୀୟ ସେନାରେ ନିୟୋଜିତ ଥିବା କୁକୁର ମେନକାର ଫଟୋ ଭାଇରାଲ ହେବାରେ ଲାଗିଛି। ଫଟୋଟି ଜୁଲାଇ ୧ ଅମରନାଥ ଯାତ୍ରା ସମୟରେ ଉଠାଯାଇଥିବା କୁହାଯାଉଛି। ସେନା କୁକୁର ମେନକା ନିଜ କାମରେ ବ୍ୟସ୍ତ ଥିବାବେଳେ ୧୫ କପର୍ସ କମାଣ୍ଡର ଲ୍ୟୁଟ୍‌ନାଟ୍ ଜେନେରାଲ ଭ କେ.ଜେ.ଏସ୍. ଧିଲୋନ୍ ସେଠାରେ ପହଞ୍ଚିଥିଲେ। କମାଣ୍ଡରଙ୍କୁ ଦେଖି ମେନକା ସାଲ୍ୟୁଟ୍ କରିଥିଲା। ଏହାର ଉତ୍ତରରେ ଧିଲୋନ୍ ମଧ ସାଲ୍ୟୁଟ ଜଣାଇଥିଲେ। ପରବର୍ତ୍ତୀ ସମୟରେ ଧିଲୋନ୍ ଏନେଇ ଟୁଇଟ୍ ମଧ କରିଥିଲେ। ସେ କହିଥିଲେ ମେନକା ଭଳି ସେନା କୁକୁରଙ୍କ ଦ୍ୱାରା ବିସ୍ଫୋରକ ସମ୍ପର୍କରେ ଜଣାପଡ଼ିଥାଏ। ଫଳରେ ବହୁ ଯାତ୍ରୀଙ୍କ ଜୀବନ ରକ୍ଷା ହୋଇ ପାରିଥାଏ।


ସୋସିଆଲ୍ ମିଡ଼ିଆରେ ଭାଇରାଲ

# ନର୍ଗିସ୍‌ଙ୍କ ଲାଗି ଦେହରେ ସିଗାରେଟ୍ ଚେଙ୍କ ଦେଇଥିଲେ ରାଜ୍ କପୁର



**ମୁମ୍ବାଇ:** ବଲିଉଡ୍‌ର କିମ୍ବଦନ୍ତୀ ପୁରୁଷ ରାଜ୍ କପୁରଙ୍କ ୯୫ ତମ ଜନ୍ମ ବାର୍ଷିକୀ ଶନିବାର ପାଳିତ ହେଉଛି। ସେ ୧୯୨୪ ଡିସେମ୍ବର ୧୪ରେ ପେଶାୱରରେ ଜନ୍ମଗ୍ରହଣ କରିଥିଲେ। ୧୦ ବର୍ଷ ବୟସରୁ ସେ ଆରମ୍ଭ କରିଥିଲେ ନିଜର ଫିଲ୍ମ ଯାତ୍ରା। ୨୪ ବର୍ଷ ବୟସରେ ସେ ନିର୍ଦ୍ଦେଶକ ଭାବେ ଫିଲ୍ମ 'ଆଗ୍' ନିର୍ମାଣ କରିଥିଲେ। ତାଙ୍କ ଜୀବନରେ ଥିଲା ୩ଟି ଦୁର୍ବଳତା। ଏସମ୍ପର୍କରେ ଋଷି କପୁର ନିଜ ଆତ୍ମ ଜୀବନୀ ପୁସ୍ତକରେ ଏହା ଉଲ୍ଲେଖ କରିଛନ୍ତି। ସେଥିମଧ୍ୟରେ ପ୍ରଥମ ଦୁର୍ବଳତା ଅଭିନେତ୍ରୀ ନର୍ଗିସ୍ ଥିବାବେଳେ ଦ୍ୱିତୀୟ ଦୁର୍ବଳତା ସିନେମା ଏବଂ ତୃତୀୟ ଦୁର୍ବଳତା ଥିଲା ମଦ୍ୟପାନ। ନର୍ଗିସ୍‌ଙ୍କୁ ରାଜ୍ କପୁର ବହୁତ୍ ଭଲ ପାଉଥିଲେ। ଏହି ଯୋଡ଼ି ୯ ବର୍ଷ ମଧ୍ୟରେ ୧୪ଟି ଫିଲ୍ମରେ ଅଭିନୟ କରିଥିଲେ। ଆର.କେ.ଷ୍ଟୁଡିଓ ଲୋଗୋରେ ନର୍ଗିସ୍‌ଙ୍କୁ ସଂଯୁକ୍ତ କରାଯାଇଥିଲା। ତେଣୁ ତାଙ୍କୁ ଇନ୍ ହାଇସ୍ ହିରୋଇନ୍ ବୋଲି କୁହାଯାଉଥିଲା। ୧୯୫୬ରେ ରିଲିଜ୍ ହୋଇଥିବା ଫିଲ୍ମ 'ଚୋରି ଚୋରି' ରାଜ୍ କପୁର ଏବଂ ନର୍ଗିସ୍ ଯୋଡିଙ୍କର ଶେଷ ଫିଲ୍ମ ଥିଲା। ନର୍ଗିସ୍‌ଙ୍କ ବିବାହ ଖବର ଶୁଣି ରାଜ୍ କପୁର ସାଙ୍ଗମାନଙ୍କ ଆଗରେ ଜୋର୍‌ରେ କାନ୍ଦିବା ସହିତ ଏହା ସ୍ୱପ୍ନ କି ସତ୍ୟ ଜାଣିବା ପାଇଁ ନିଜ ଦେହରେ ସିଗାରେଟ୍ ଚେଙ୍କ ଦେଇଥିଲେ। ୧୯୮୮ ଜୁନ୍ ୨ରେ ରାଜ୍ କପୁର ଦେହତ୍ୟାଗ କରିଥିଲେ।

# ଶୀତଦିନେ ଖାଆନ୍ତୁ ପ୍ରଚୁର ମାଛ

**ନୂଆଦିଲ୍ଲୀ:** ମାଛ ଖାଇବା ଶରୀର ପାଇଁ ଭଲ। ଶୀତଦିନେ ମାଛ ଖାଇଲେ ଅନେକ ଫାଇଦା ମିଳିଥାଏ। ଏଥିରେ ଭିଟାମିନ୍, ମିନେରାଲ୍ସ ଏବଂ ଅନେକ ପ୍ରକାରର ପୋଷକ ତତ୍ତ୍ୱ ରହିଥାଏ। ଏସବୁ ଶରୀରକୁ ଅନେକ ପ୍ରକାରର ରୋଗରୁ ରକ୍ଷା କରିଥାଏ। ଶୀତ ଦିନେ ଏହାକୁ ଖାଇବା ଦ୍ୱାରା ଶରୀରକୁ ଅନେକ ପ୍ରକାର ସଂକ୍ରମଣରୁ ରକ୍ଷା ମିଳେ। ମାଛ ଶୀତଦିନେ ଶରୀର ତାପମାତ୍ରାକୁ ନିୟନ୍ତ୍ରିତ କରିଥାଏ। ମାଛ ଖାଇଲେ ସ୍ତନ ଏବଂ ପ୍ରୋଷ୍ଟେଟ୍ କର୍କଟ ହେବାର ଆଶଙ୍କା କମିଯାଇଥାଏ ବୋଲି ଚିକିତ୍ସକ ପରାମର୍ଶ ଦେଇଥାନ୍ତି। ମାଛରେ ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଭିଟାମିନ୍-ଡି' ଭରପୂର ମାତ୍ରାରେ ରହିଥାଏ। ଯାହା ଶରୀରକୁ ବହୁ ରୋଗରୁ ରକ୍ଷା କରେ। ଏହା ଶରୀରର ଟ୍ରାଇଗ୍ଲିସେରାଇଡ୍‌ସ୍ତରକୁ ହ୍ରାସ କରିଥାଏ। ଫଳରେ ହାର୍ଟଆଟାକ୍ ଆଶଙ୍କା କମ୍ ହୋଇଥାଏ। ମାଛ ଯୋଗୁ ମସ୍ତିଷ୍କ କ୍ରିୟାଶୀଳ ରହିଥାଏ। ଫଳରେ ମାନସିକ ବିକାର ହେବାର ଆଶଙ୍କା କମ୍ ହୋଇଥାଏ। ମାଛରେ ଥିବା ପ୍ରୋଟିନ୍ ମସ୍ତିଷ୍କରେ ନୂଆ କୋଷିକା ତିଆରି କରେ। ଏହାଦ୍ୱାରା ସ୍ମରଣ ଶକ୍ତି ବଢ଼ିଥାଏ। ମାଛ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।




# ଏରୋବ୍ରିଜ୍‌ରେ ୯ ଘଣ୍ଟା ବିତାଇଲେ ଇଣ୍ଡିଗୋ ଯାତ୍ରୀ

**ନୂଆଦିଲ୍ଲୀ:** ଲକ୍ଷ୍ନୌରୁ ହାଇଦ୍ରାବାଦ ଯାଉଥିବା ଏକ ବିମାନର ବିଳମ୍ବ ଯୋଗୁ ଏହାର ୧୦୦ ଯାତ୍ରୀ ହଟହଟା ହୋଇଛନ୍ତି। ଏହି ଇଣ୍ଡିଗୋ ବିମାନ ଗୁରୁବାର ରାତି ୯.୧୫ରେ ଲକ୍ଷ୍ନୌସ୍ଥିତ ଚୌଧୁରୀ ଚରଣ ସିଂ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡାଣ ପାଇଁ ସମୟ ରହିଥିଲା। ମାତ୍ର ବିମାନଟି ଶୁକ୍ରବାର ସକାଳେ ଛାଡ଼ିଥିଲା। ଦିଲ୍ଲୀରେ ଖରାପ ପାଗ ଯୋଗୁ ଏହି ଅସୁବିଧା ହୋଇଥିବା ଜଣାପଡ଼ିଛି। ତେବେ ହାଇଦ୍ରାବାଦ ଯାତ୍ରା ପାଇଁ ଅପେକ୍ଷା କରିଥିବା ୧୦୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଏୟାର୍‌ପୋର୍ଟ ଏରୋବ୍ରିଜ୍‌ରେ ୯ଘଣ୍ଟା କାଟିବାକୁ ବାଧ୍ୟ ହୋଇଥିଲେ। ଏହି ବିମାନ ଗୁରୁବାର ରାତି ୧୧.୧୫ରେ ହାଇଦ୍ରାବାଦରେ ପହଞ୍ଚିବା ବଦଳରେ ଶୁକ୍ରବାର ସକାଳ ୮.୧୯ରେ ପହଞ୍ଚିଥିଲା। ଫଳରେ ୧୩୨ ଯାତ୍ରୀଙ୍କ ମଧ୍ୟରୁ କେତେକ ଯାତ୍ରୀ ହୋଟେଲ୍‌ରେ ରାତ୍ରିଯାପନ କରିଥିବାବେଳେ ଅନ୍ୟମାନେ ଏରୋବ୍ରିଜ୍‌ରେ ରାତି ବିତାଇଥିଲେ। ଏ ସମ୍ପର୍କରେ ଜଣେ ଯାତ୍ରୀ କହିଥିଲେ ଯେ, ଏୟାର୍‌ଲାଇନ୍ ବାରମ୍ବାର ବିମାନ ଛାଡ଼ିବାର ସମୟ ବଦଳାଉଥିଲା। ଶେଷରେ ବିଳମ୍ବିତ ରାତି ୨ଟାରେ ସେମାନଙ୍କୁ ଏରୋବ୍ରିଜ୍‌କୁ ନିଆଯାଇଥିଲା। ଏୟାର୍‌ଲାଇନ୍ ପକ୍ଷରୁ କୌଣସି ଅପ୍‌ଡେଟ୍ ମଧ୍ୟ ମିଳୁ ନ ଥିଲା। ଫଳରେ ଯାତ୍ରୀମାନେ ପରିସ୍ରା କରିବା ପାଇଁ ମଧ୍ୟ ଯାଇ ନ ପାରି ପାଟିତୁଣ୍ଡ କରିଥିଲେ। ଏହାପରେ ସେମାନଙ୍କୁ ବୋର୍ଡିଂ ଏରିଆକୁ ଯିବାକୁ ଅନୁମତି ଦିଆଯାଇଥିଲା। ଯାତ୍ରୀ ଜଣକ ଏୟାରଲାଇନ୍ କର୍ତ୍ତୃପକ୍ଷଙ୍କ ପରିଚାଳନାକୁ ନିନ୍ଦା କରିଥିଲେ। ତେବେ ଏୟାରପୋର୍ଟ କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ, ଯାତ୍ରୀମାନଙ୍କୁ ବୋର୍ଡିଂ ଏରିଆରେ ଅପେକ୍ଷା କରିବାକୁ ଅନୁରୋଧ କରାଯାଇଥିଲା। ହେଲେ ସେମାନେ ଏରୋବ୍ରିଜ୍ ଛାଡ଼ିବାକୁ ହିଁ ପ୍ରସ୍ତୁତ ନ ଥିଲେ।



# ଆଲ୍‌ଝିମରକୁ ରୋକିବ ବ୍ରେନ୍ ପ୍ରୋଟିନ୍

**ଟରଣ୍ଟୋ:** ମାନବ ମସ୍ତିଷ୍କରେ ଶ୍ୱେତ ରକ୍ତକଣିକାକୁ ସଂଚାଳନ କରୁଥିବା ଏକ ପ୍ରକାର ପ୍ରୋଟିନ୍‌ର ସନ୍ଧାନ ପାଇଛନ୍ତି ବୈଜ୍ଞାନିକମାନେ। ଏହି ପ୍ରୋଟିନ ଆଲ୍‌ଝିମରକୁ ରୋକିବାରେ ସହାୟକ ହେବ ବୋଲି କୁହାଯାଉଛି। ଏହି ଗବେଷଣା ସମ୍ବନ୍ଧୀୟ ତଥ୍ୟ ଜର୍ନାଲ ଅଫ୍ କମ୍ୟୁନିକେଶନ୍ସ ବାୟୋଲୋଜିରେ ପ୍ରକାଶ ପାଇଛି। ଉକ୍ତ ପ୍ରୋଟିନର ନାମ ରଖାଯାଇଛି ସିଡି୩୩। ମସ୍ତିଷ୍କରେ ଥିବା ରୋଗପ୍ରତିରୋଧକ କୋଷିକା ମାଇକ୍ରଗ୍ଲିୟା ଆଲଝିମର୍‌ରେ ମୁଖ୍ୟ ଭୂମିକା ନେଇଥାଏ ବୋଲି କାନାଡ଼ାର ଏଡ୍‌ମଣ୍ଟନସ୍ଥିତ ଆଲର୍ବଟା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ମାଥ୍ୟୁ ମ୍ୟାକଲେ କହିଛନ୍ତି। ଏହି କୋଷିକା ଆଲଝିମର ଲାଗି କ୍ଷତିକାରକ କିମ୍ବା ରକ୍ଷାକର୍ତ୍ତା ସାଜିଥାଏ। ସିଡି୩୩ ପ୍ରୋଟିନ୍ ମାଇକ୍ରୋଗ୍ଲିୟା କାର୍ଯ୍ୟରେ ପରିବର୍ତ୍ତନ ଆଣି ତାକୁ ରକ୍ଷାକର୍ତ୍ତା ସ୍ଥିତିକୁ ଆଣିବାରେ ମୁଖ୍ୟ ଭୂମିକା ନେଉଛି ବୋଲି ମ୍ୟାକଲେ କହିଛନ୍ତି। ସିଡି୩୩ ଏବଂ ଆଲଝିମର ମଧ୍ୟରେ ଥିବା ସମ୍ପର୍କକୁ ଗଭୀର ଭାବେ ଅନୁଧ୍ୟାନ କରାଯାଉଛି। କିପରି ମାଇକ୍ରଗ୍ଲିୟାକୁ କ୍ଷତିକାରକ ସ୍ଥିତିରୁ ଆଲଝିମର ବିରୋଧରେ ଲଢ଼ିବାର ସ୍ଥିତିକୁ ଅଣାଯାଇପାରିବ ତା'ର ଚିକିତ୍ସା ପଦ୍ଧତି ଉପରେ ବିପରୀକ୍ଷା କରାଯବା ଲାଗି କ୍ଷେତ୍ର ପ୍ରସ୍ତୁତ କରାଯାଇଛି। ଏହି ସଫଳତା ବିଶ୍ୱରେ ୪୪ ମିଲିୟନ ଆଲଝିମର ପୀଡିତଙ୍କ ଲାଗି ନିଶ୍ଚିତ ଭାବେ ଏକ ଭଲ ଖବର।।



# ବିବାହରେ ପିଆଜ,ରସୁଣ ମାଳ ଅଦଳବଦଳ

**ବାରାଣସୀ:** ବିବାହରେ କନ୍ୟା-ବର ଫୁଲମାଳ ଅଦଳବଦଳ କରି ପରସ୍ପରକୁ ବରଣ କରିଥାନ୍ତି। ତେବେ ଉତ୍ତରପ୍ରଦେଶ ବାରାଣସୀରେ କନ୍ୟା-ବର ଜୟମାଳା ପରମ୍ପରା ସମୟରେ ପରସ୍ପରକୁ ପିଆଜ ଏବଂ ରସୁଣ ମାଳା ଅଦଳ ବଦଳ କରିଛନ୍ତି। ସେହିପରି ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିବା ଅତିଥି କନ୍ୟା-ବରଙ୍କୁ ପିଆଜ ଓ ରସୁଣ ଉପହାର ଦେଇଛନ୍ତି। ପିଆଜ ଏବଂ ରସୁଣ ଦାମ ବଢ଼ିଥିବାରୁ ଏଭଳି କରାଯାଇଥିବା କୁହାଯାଉଛି। ବାରାଣସୀରେ ପିଆଜ ଦାମ କିଲୋପିଛା ୧୨୦ ଟଙ୍କା ଥିବାବେଳେ ରସୁଣ ଦାମ ୨ଶହ ଟଙ୍କା ରହିଛି। ଏହାଦ୍ୱାରା ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି। ତେଣୁ ପ୍ରତିବାଦ ଜଣାଇବା ପାଇଁ ଏପରି କରାଯାଇଛି। ଏବେ ଏହାର ଫଟୋ ଓ ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।



# ଭୂମିଙ୍କ ହ୍ୟାଟ୍ରିକ୍ ସଫଳତା




**ମୁମ୍ବାଇ:** ବଲିଉଡ୍ ନାୟିକା ହେମାମାଳିନୀ, ରେଖା ଓ ଶ୍ରୀଦେବୀଙ୍କୁ ବଡ ପରଦାରେ ଯେଉଁ ସଫଳତା ମିଳିଥିଲା ତାହା ବୋଧହୁଏ ଏପର୍ଯ୍ୟନ୍ତ ଅନ୍ୟ କୌଣସି ଅଭିନେତ୍ରୀଙ୍କୁ ମିଳିନାହିଁ ବୋଲି କୁହାଯାଏ। ହେଲେ ଏହି ସଫଳତା ଏବେ ନାୟିକା ଭୂମି ପେଡ୍‌ନେକରଙ୍କୁ ମିଳିଛି ବୋଲି କୁହାଯାଉଛି। କାରଣ ପରଦାରେ ଏବେ ହ୍ୟାଟ୍ରିକ୍ ମାରିଛନ୍ତି ଭୂମି। ଏକାଥରେ ତାଙ୍କର ୩ଟି ଫିଲ୍ମ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଭୂମିଙ୍କ ଅଭିନୀତ 'ବାଲା', 'ସାଣ୍ଡ୍ କି ଆଙ୍ଖେଁ' ଓ 'ପତି ପତ୍ନୀ ଔର ୱ୍' ତାଙ୍କ ପାଇଁ ଏହି ସଫଳତା ଆଣି ଦେଇଛି। ଏହାକୁ ନେଇ ନିକଟରେ ଭୂମି କହିଛନ୍ତି ଏହା କେବଳ ଦର୍ଶକଙ୍କ ଭଲପାଇବା ଯୋଗୁ ସମ୍ଭବ ହୋଇଛି। ନବାଗତା ହିସାବରେ ଭୂମିଙ୍କୁ ପ୍ରଥମଥର ଲାଗି ଏହି ସଫଳତା ମିଳିଛି ବୋଲି କୁହାଯାଉଛି।

ଭୂମି ପେଡ୍‌ନେକର

# ପିକ୍‌ନିକ୍ ପ୍ଲାନିଂ

**ଆରମ୍ଭ ହୋଇଯାଇଛି ପିକ୍‌ନିକ୍ ସିଜନ୍। ନୂଆ ଜାଗା ବୁଲିଯିବା, ଗାଡ଼ି ଭିତରେ ଡାନ୍ସ କରିବା, ସାଙ୍ଗମାନଙ୍କ ସହ ଏକାଠି ଖାଇବାଠାରୁ ଆରମ୍ଭ କରି ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇବା ପର୍ଯ୍ୟନ୍ତ ପିକ୍‌ନିକ୍‌ର ପ୍ରତିଟି ମୁହୂର୍ତ୍ତର ଭରପୂର ଆନନ୍ଦ ନେବାକୁ ଏବେଠୁ ଯୁବପିଢ଼ିଙ୍କ ଉତ୍କଣ୍ଠା କହିଲେ ନ ସରେ। ହେଲେ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ଠିକ୍ ପ୍ଲାନିଂ...**











ବର୍ଷସାରା ପାଠପଢ଼ା, ଜବ୍ ହେଉ ଅବା ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ଭିତରେ ଯେବେ ସମୟ ଆସେ ପିକ୍‌ନିକ୍‌ର, କାହାକୁ ବା ଖୁସି ନ ଲାଗେ। ନୂଆ ଜାଗା ବୁଲିଯିବା, ନାଚଗୀତର ଆସର ଭିତରେ ମଜାମସ୍ତିରେ ଭୋଜି କରି ଖାଇବା ସହ କିଛି ସୁନ୍ଦର ଅନୁଭୂତି ସାଉଁଟିବାକୁ ସମସ୍ତେ ହୋଇ ଉଠନ୍ତି ତତ୍ପର। ତେବେ ପିକ୍‌ନିକ୍‌କୁ ମଜାଦାର ଏବଂ ଅନୁଭୂତିପୂର୍ଣ୍ଣ କରିବାକୁ ହେଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଠିକ୍ ପ୍ଲାନିଂ। ଆସନ୍ତୁ ଜାଣିବା ପିକ୍‌ନିକ୍ ଯାଉଥିଲେ କେଉଁ ସବୁ ଦିଗ ପ୍ରତି ବିଶେଷ ସଜାଗ ରହିବା ଆବଶ୍ୟକ...

**କେଉଁ ଜାଗାକୁ ଯିବେ:** ପିକ୍‌ନିକ୍ ଯିବାକୁ ଚାହୁଁଥିଲେ ପ୍ରଥମେ କେଉଁ ସ୍ଥାନକୁ ଯିବେ ବାଛନ୍ତୁ। ସେଠାରେ କେଉଁ ସବୁ ବ୍ୟବସ୍ଥା ରହିଛି ଜାଣି ରଖନ୍ତୁ। ଗମନା ଗମନର ସୁବିଧା କିପରି, ଆବଶ୍ୟକ ହେଲେ ଆଖପାଖରେ ରହିବା ଲାଗି ହୋଟେଲ କିମ୍ବା ଲଜ୍‌ର ସୁବିଧା କିପରି ଆଦି ପୂର୍ବରୁ ଜାଣି ରଖନ୍ତୁ। ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚି ବୁଲିବା, ଖାଇବା ଆଦି ହୋଇ ପାରିବ କି ନାହିଁ ମଧ୍ୟ ବୁଝି ରଖନ୍ତୁ। ନଚେତ୍ ଏସବୁ ଛୋଟ ଛୋଟ କାରଣ ଆପଣଙ୍କ ସମସ୍ତ ପିକ୍‌ନିକ୍‌ର ମଜା ଖରାପ କରି ଦେଇପାରେ। ମନେ ରଖନ୍ତୁ ସମ୍ପୂର୍ଣ୍ଣ ନୂଆ ଜାଗାକୁ ପିକ୍‌ନିକ୍ ଲାଗି ଯାଉଥିଲେ ସାଙ୍ଗରେ କୌଣସି ଗାଇଡ୍ କିମ୍ବା ଉକ୍ତ ସ୍ଥାନକୁ ପୂର୍ବରୁ ଯାଇଥିବା ବ୍ୟକ୍ତିଙ୍କୁ ନେଲେ ଭଲ।

**କେତେଜଣ ଯିବେ:** ପିକ୍‌ନିକ୍ ପ୍ଲାନିଂରେ ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଟେ। କାରଣ ଅନେକ ସମୟରେ ଶେଷ ମୁହୂର୍ତ୍ତରେ ହଠାତ୍ କେତେଜଣ ଯିବାକୁ ବାହାରନ୍ତି, ଫଳରେ ଗାଡ଼ିରେ ଜାଗା ହେବା କଷ୍ଟ ହୋଇପଡ଼େ। ଆଉ କେତେକ କ୍ଷେତ୍ରରେ ହଠାତ୍ ଯିବାବେଳେ କେତେଜଣ ମନା କରିଦିଅନ୍ତି, ଯାହାଦ୍ୱାରା ବଜେଟଠାରୁ ଆରମ୍ଭ କରି ଅନ୍ୟ ସବୁରେ ଅସୁବିଧା ହୋଇଥାଏ। ତେଣୁ ପିକ୍‌ନିକ୍ ଯିବାର କିଛିଦିନ ପୂର୍ବରୁ ମେମ୍ବରମାନଙ୍କ ଲାଗି ଏକ୍ ଡେଡ୍‌ଲାଇନ୍ ରଖନ୍ତୁ ଏବଂ ଉକ୍ତ ସମୟସୀମା ମଧ୍ୟରେ ଚାନ୍ଦା ଦେଇଥିବା ମେମ୍ବରମାନଙ୍କ ଲିଷ୍ଟ ଫାଇନାଲ କରନ୍ତୁ।

**କେବେ ଯିବେ:** ସମସ୍ତ ମେମ୍ବରମାନଙ୍କ ସୁବିଧାକୁ ଆଖି ଆଗରେ ରଖି ଏକ ଡେଟ୍ ଫାଇନାଲ କରନ୍ତୁ। ତା'ଛଡ଼ା ଯେଉଁ ସ୍ଥାନକୁ ପିକ୍‌ନିକ୍ ଲାଗି ଯିବେ ସେଠାରେ ଆପଣଙ୍କ ନିର୍ଦ୍ଧାରିତ ତାରିଖରେ ଭୋଜି କରି ଖାଇବା ଲାଗି ସ୍ଥାନ ଫାଙ୍କା ମିଳିବ କି ନାହିଁ ମଧ୍ୟ ପୂର୍ବରୁ ବୁଝି ନିଅନ୍ତୁ। ଆବଶ୍ୟକ ହେଲେ ଏବଂ ସୁବିଧା ଥିଲେ ଭୋଜି ଲାଗି ସ୍ଥାନ ଆଡଭାନ୍ସ ବୁକ୍ କରିନେବା ଭଲ।

**କେଉଁ ଗାଡ଼ିରେ ଯିବେ:** ମେମ୍ବର ସଂଖ୍ୟା ଏବଂ ବଜେଟକୁ ଆଖି ଆଗରେ ରଖି କେଉଁ ଗାଡ଼ିରେ ଯିବେ ଏବଂ ତାହା ପ୍ରାଇଭେଟ୍ ଗାଡ଼ି କିମ୍ବା ଟ୍ରାଭେଲ୍ସରୁ ମଗେଇବେ ଫାଇନାଲ କରନ୍ତୁ। ଲଙ୍ଗରୁଟ୍ ଯାଉଥିଲେ କିମ୍ବା ନାଇଟ୍ ଜର୍ନି କରିବାର ଥିଲେ ସେ ରାସ୍ତା ବିଷୟରେ ଭଲ ଭାବେ ଜାଣିଥିବା କୌଣସି ଦକ୍ଷ ଡ୍ରାଇଭରଙ୍କୁ ସାଙ୍ଗରେ ନିଅନ୍ତୁ।

**କ'ଣ ସବୁ ରାନ୍ଧିବେ:** ଭୋଜି ସ୍ଥଳରେ କ'ଣ ସବୁ ଆଇଟମ୍ ରାନ୍ଧିବେ ତାହା ଲିଷ୍ଟ ପ୍ରସ୍ତୁତ କରି ଆବଶ୍ୟକ ସମସ୍ତ ସାମଗ୍ରୀ ଗାଡିରେ ସାଙ୍ଗରେ ନେଇଯିବା ଭଲ। ଅନେକେ ସ୍ପଟକୁ ଯିବା ପରେ ପାଖ ମାର୍କେଟ୍‌ରୁ ଆବଶ୍ୟକ ସାମଗ୍ରୀ କିଣିନେବାର ଯୋଜନା ରଖି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏମିତିକି ରୋଷେଇ କରି ନ ପାରି ଆଖପାଖରେ ହୋଟେଲରେ ଖାଇବା କିମ୍ବା ହୋଟେଲ ନ ଥିବା କି ସେଠାରେ ଖାଦ୍ୟ ସରିଯାଇଥିବାରୁ ଉପାସରେ ରହିଥିବାର ବି ନଜିର ରହିଛି।

**କେତେ ଚାନ୍ଦା କରିବେ:** ଟ୍ରାନ୍ସପୋର୍ଟ, ଟିଫିନ୍, ଲଞ୍ଚ ଏବଂ ଅନ୍ୟାନ୍ୟ ପିକ୍‌ନିକ୍‌ର ସମସ୍ତ ଖର୍ଚ୍ଚ ମିଶାଇ ହାରାହାରି କେତେଟଙ୍କା ଖର୍ଚ୍ଚ ହେବ ଏକ ଲିଷ୍ଟ ପ୍ରସ୍ତୁତ କରନ୍ତୁ। କେତେଜଣ ଯିବେ ସେହି ଖର୍ଚ୍ଚ ଅନୁଯାୟୀ ଭାଗ କରି ଚାନ୍ଦା ଆଦାୟ କରନ୍ତୁ। ଆବଶ୍ୟକ ହେଲେ କିଛି ଟଙ୍କା ଅଧିକ ଆଦାୟ କରି ବଳିଲେ ଅସୁବିଧା ନାହିଁ, ହେଲେ ନଅଣ୍ଟ ହୋଇ ଯେପରି ପିକ୍‌ନିକ୍‌ରେ କିଛି ଅସୁବିଧା ନ ହେଉ କିମ୍ବା କେହି ଅସନ୍ତୁଷ୍ଟ ନ ହୁଅନ୍ତି ସେଥିପ୍ରତିସ ବିଶେଷ ଦୃଷ୍ଟି ଦିଅନ୍ତୁ।

**କ'ଣ ନେବେ:** ପିକ୍‌ନିକ୍ ଯିବା ସମୟରେ ପାଖରେ ଅତି କିମ୍‌ରେ ଗୋଟିଏ ହଳ ଏକ୍ସଟ୍ରା ଡ୍ରେସ୍, ଶୀତ ବସ୍ତ୍ର, କିଛି ଟଙ୍କା, ମୋବାଇଲ୍ ଏବଂ ଏହାର ଚାର୍ଜର, ଫାଷ୍ଟ ଏଡ୍ କିଟ୍, ପାଣି ବୋତଲ ଏବଂ କିଛି ଶୁଖିଲା ଖାଦ୍ୟ ନେବାକୁ ଆଦୌ ଭୁଲନ୍ତୁ ନାହିଁ।

# ସଫଳତାର ସୂତ୍ର

**ସଫଳତାର ଯାତ୍ରା ଏତେ ସହଜ ନୁହେଁ। ଏଥିପାଇଁ ଅନେକ ବାଧାବିଘ୍ନର ସାମ୍ନା କରିବାକୁ ହୋଇଥାଏ। ତେଣୁ ବିଫଳତାରେ ହାର୍ ନ ମାନି କିମ୍ବା ମନରେ ନକାରାତ୍ମକ ଭାବନା ନ ରଖି ବାରମ୍ବାର ପ୍ରୟାସ କରିବା ଆବଶ୍ୟକ। ଜାଣିରଖନ୍ତୁ ସଫଳତା ହାସଲ କରିବାର କେତୋଟି ସରଳ ସୂତ୍ର...**



- ଏକାଥରେ ନିଜ ଲକ୍ଷ୍ୟ ପଥରେ ପହଞ୍ଚିବା ସମସ୍ତଙ୍କ ଲାଗି ସହଜ ନୁହେଁ। ତେଣୁ ଥରେ ବିଫଳ ହେଲେ ଭାଗ୍ୟକୁ ଦୋଷ ଦେଇ ବସିଯିବା କିମ୍ବା ପୁନର୍ବାର ଚେଷ୍ଟା କରିବା ଲାଗି ଦୀର୍ଘ ସମୟ ବ୍ୟବଧାନ କରିବା ବି ଠିକ୍ ନୁହେଁ। କାରଣ ଏହାଦ୍ୱାରା ମନ ଭିତରେ ସଫଳ ହେବାର ଜୋସ୍ କମିଯାଏ। ତେଣୁ ଦୃଢ଼ମନରେ ଲକ୍ଷ୍ୟ ପଥରେ ଆଗେଇ ଚାଲନ୍ତୁ ଦିନେ ନିଶ୍ଚେ ସଫଳତାର ସ୍ୱାଦ ଚାଖିପାରିବେ।
- ବାରମ୍ବାର ଚେଷ୍ଟା କରନ୍ତୁ। ପୂର୍ବ ବିଫଳତାକୁ ମନେ ନ ପକାଇ ନିଜର ବେଷ୍ଟ ଦିଅନ୍ତୁ। ଆପଣଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରୁଥିବା ସ୍ପେଶାଲ୍ ଗୁଣକୁ ଚିହ୍ନନ୍ତୁ। ଆଉ ନିଜ କ୍ଷମତା ଏବଂ ଦକ୍ଷତା ସାହାଯ୍ୟରେ ଉପରକୁ ଉଠିବାକୁ ପ୍ରୟାସ ଜାରି ରଖନ୍ତୁ।
- ବହୁତ ଚେଷ୍ଟା ପରେ ସଫଳ ନ ହୋଇ ପାରିଲେ ଅନେକେ ଆଗକୁ ରିସ୍କ ନେବାକୁ ଡରି ଯାଆନ୍ତି। ହେଲେ ମନେ ରଖନ୍ତୁ ଡର ମଣିଷକୁ ଆଗକୁ ବଢ଼ିବାକୁ ଦେବାରେ ସବୁଠୁ ବଡ଼ ବାଧକ। ତେଣୁ ଡର ଦୂର କରି, ସଫଳ ହେବା ପରେ ଆପଣଙ୍କୁ କିପରି ଲାଗିବ ସେହି ଉତ୍କଣ୍ଠାକୁ ଅନୁଭବ କରି ଆତ୍ମବିଶ୍ୱାସର ସହ ନିଜ ଲକ୍ଷ୍ୟପଥରେ ଅଗ୍ରସର ହୁଅନ୍ତୁ।
- କେବେ କେବେ ଜଣଙ୍କୁ ବିଫଳ ହେବା ପରେ, ପୁନର୍ବାର ଚେଷ୍ଟା କରିବା ବେଳେ ଅନେକଙ୍କ ଥଟା ମଜାର ଶିକାର ହେବାକୁ ପଡ଼ିଥାଏ। ଯାହାକି ସେମାନଙ୍କ ମନବଳ ଦୁର୍ବଳ କରିଦିଏ। ହେଲେ ଏଥିରେ ଦୁଃଖ କରି, ହାର ମାନି ବସିଯିବା ଅପେକ୍ଷା ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ନିଜ ଲକ୍ଷ୍ୟ ହାସଲ କରିବା ହିଁ ସଫଳତା ପାଇବାର ସବୁଠୁ ବଡ଼ ଚାବିକାଠି।
- ନକାରାତ୍ମକ ଭାବନା ମଣିଷକୁ ନିରାଶ କରିଥାଏ। ଫଳରେ କ୍ୟାରିୟରକୁ ମଜଭୁତ୍ କରିବା କଷ୍ଟସାଧ୍ୟ ହୋଇପଡ଼େ। ତେଣୁ ନିଜ ଚିନ୍ତାଧାରାକୁ ସକାରାତ୍ମକ ରଖନ୍ତୁ। ଏହାର ଶକ୍ତି ଏତେ ଅଧିକ ଯାହାକି ଜଣଙ୍କୁ ଯେକୌଣସି ଅପ୍ରୀତିକର ଏବଂ କଷ୍ଟକର ପରିସ୍ଥିତିରୁ ମଧ୍ୟ ମୁକୁଳି ଆସିବାର ସାହସ ଯୋଗାଇ ଦେଇଥାଏ। ୟୁନିଭର୍ସିଟି ଅଫ୍ ନର୍ଥ କରୋଲିନାର ମନୋବିଜ୍ଞାନ ଗବେଷକ ବାର୍ବାରା ଫେଡ୍ରିକ୍ସନ୍‌ଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ମୁତାବକ ସକାରାତ୍ମକ ଚିନ୍ତାଧାରା ଏକ ସଫଳ କ୍ୟାରିୟର ଗଢ଼ିବାର ମୂଳମନ୍ତ୍ର।

## ଏ ସପ୍ତାହର ପ୍ରଶ୍ନ

୧– ..... ରାଜ୍ୟରେ ଯମୁନା ନଦୀ ପାଣି ବିକ୍ରି କରିବା ଲାଗି ବିଲ୍ ପାସ୍ ହୋଇଛି ?
୨– ନ୍ୟାଶନାଲ ଶିଖ୍ ଗେମ୍ସ ୨୦୨୦............ ସହରରେ ଆୟୋଜିତ ହେବ ?
୩– ଆଣ୍ଡାମାନ ଏବଂ ନିକୋବରର ନୂତନ କମାଣ୍ଡ ଇନ୍ ଚିଫ୍ ଭାବେ............. ...ନିଯୁକ୍ତ ହୋଇଛନ୍ତି ?
୪– 'ଦି ଭଲ୍ଟ ଅଫ୍ ବିଷ୍ଣୁ' ପୁସ୍ତକ............. ଲେଖିଛନ୍ତି ?
୫– ଇଣ୍ଟରନ୍ୟାଶନାଲ ସିଭିଲ ଏଭିଏଶନ୍ ଡେ' ପ୍ରତିବର୍ଷ.......... ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ଅଟଳ ବିହାରୀ ବାଜପେୟୀ
୨ ବର୍ଣ୍ଣଓ ପିଗ୍‌ମୀ
୩ ମୋହାନା ସିଂ
୪ ସର୍ଭିସ୍ ଇଣ୍ଟେଲିଜେନ୍ସ (ଏସ୍‌ଆଇ), ପାକିସ୍ତାନ
୫ ପ୍ରୋଟିନ୍

## ଉତ୍ତର ଦାତା




ମନୋରମା ହାତୀ
କଟକ



ନରେଶ କୁମାର କର
ବାଲେଶ୍ୱର



ଧୀରେନ୍ଦ୍ର ମଲିକ୍
ଯାଜପୁର



ଲିପିପ୍ରଭା ବେହେରା
କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

# ୟୁ|ଥ୍|ଆ|ଲ|ର୍ଟ

# ସୁସ୍ଥ ରଖେ ରକ୍ତଦାନ

**କାହାର ଜୀବନ ବଞ୍ଚାଇବା ଲାଗି ରକ୍ତଦାନ କରିବାଠାରୁ ମହତ୍ କାର୍ଯ୍ୟ ଆଉ କ'ଣ ବା ହୋଇପାରେ। ହେଲେ ଅନେକେ ରକ୍ତ ଦାନ କଲେ ଶରୀର ପତଳା ତଥା ଦୁର୍ବଳ ହୋଇଯିବ ଭାବନ୍ତି ତ ଆଉ କେତେକେ ଛୁଞ୍ଚି ଫୁଟିବା ଡରରେ ରକ୍ତ ଦାନ କରି ନ ଥାନ୍ତି। ହେଲେ ଆପଣ ଜାଣନ୍ତିକି, ଡାକ୍ତରଙ୍କ ପରାମର୍ଶ କ୍ରମେ ମଝିରେ ମଝିରେ ରକ୍ତ ଦାନ କଲେ ଆପଣ ଅନ୍ୟର ଜୀବନ ବଞ୍ଚାଇପାରିବା ସହିତ ନିଜକୁ ମଧ୍ୟ ବିଭିନ୍ନ ରୋଗରୁ ଦୂରେଇ ରଖିପାରିବେ। ଜାଣି ରଖନ୍ତୁ ରକ୍ତଦାନର ବିଭିନ୍ନ ଉପକାରିତା ସମ୍ପର୍କରେ...**



- ରକ୍ତ ଦାନ କରିବା ଦ୍ୱାରା ଶରୀରରେ ନୂଆ ରକ୍ତ କଣିକା ସୃଷ୍ଟି ହୁଏ। ଏହାଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ, ଯାହାକି ଶରୀରକୁ ବିଭିନ୍ନ ରୋଗରୁ ସୁରକ୍ଷା ପ୍ରଦାନ କରିଥାଏ।
- ପ୍ରତି ୩ ମାସରେ ଥରେ ରକ୍ତ ଦାନ କରିବା ଦ୍ୱାରା ଶରୀରରେ ଆଇରନ୍ ପରିମାଣ ଠିକ୍ ରହିଥାଏ। କେବେ କେବେ ଶରୀରରେ ଆଇରନ୍ ମାତ୍ରା ଅଧିକ ହେଲେ ଏହା ଲିଭର ଅକ୍ସିଡେଶନ୍ ହୋଇ ଖରାପ ହେବାକୁ ଲାଗେ, ଏମିତିକି ଏହା ଯୋଗୁ ଲିଭର କ୍ୟାନ୍ସର ଆଶଙ୍କା ବି ବୃଦ୍ଧି ପାଇଥାଏ। ତେଣୁ ରକ୍ତଦାନ କରିବା ଦ୍ୱାରା ଏହି ସମସ୍ୟା ଉପୁଜି ନ ଥାଏ।
- ଏହା ହୃତ୍‌ପିଣ୍ଡକୁ ସକ୍ରିୟ ରଖିବାରେ ସାହାଯ୍ୟ କରିଥାଏ। ଯାହାଦ୍ୱାରା ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗକୁ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଫଳରେ ହୃତ୍‌ପିଣ୍ଡ ସୁସ୍ଥ ରହିବା ସହ ହୃଦ୍‌ରୋଗ ଆଶଙ୍କା କମ୍ ହୋଇଥାଏ।
- ରକ୍ତଦାନ କରିବା ଦ୍ୱାରା ଯଥା ସମୟରେ ଶରୀରରେ ନୂତନ ରକ୍ତ ସୃଷ୍ଟି ହୋଇଥାଏ, ଯାହାକି ମଣିଷକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁବା ରଖିଥାଏ।
- ମେଦ ବହୁଳ ଥିଲେ ଯଦି ରକ୍ତରେ ଶର୍କରା ପରିମାଣ ଠିକ୍ ଥାଏ ତେବେ ପ୍ରତି ତିନି ମାସରେ ଥରେ ରକ୍ତ ଦାନ କରିବା ଦ୍ୱାରା ଏହା ଶରୀରର ଓଜନ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ।

## ସଂକ୍ଷେପରେ

### ଶୀତରେ ଗୀତ ଆସର

**ବ୍ରହ୍ମପୁର ଅଫିସ୍,୧୪।୧୨:** ତ୍ରିପାଠୀନଗରସ୍ଥିତ ରାଜାଧିରାଜ ଦେବରାଜ ସାହିତ୍ୟାନୁଷ୍ଠାନ ତରଫରୁ ସ୍ଥାନୀୟ ଉତ୍କଳ ଆଶ୍ରମ ସଭାକକ୍ଷରେ ଶନିବାର ଶୀତରେ ଗୀତ ଆସର ଅନୁଷ୍ଠିତ ହୋଇଛି। ଲେଖିକା ବନ୍ଦନା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରକୁ ବର୍ଷୀୟାନ୍ କବି ପ୍ରଫୁଲ୍ଲ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କବୟିତ୍ରୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ, ମୁଖ୍ୟବକ୍ତା ପ୍ରଫୁଲ୍ଲ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଡ. ପ୍ରକାଶ ଚନ୍ଦ୍ର ଦାଶ ଓ କାଳିନ୍ଦୀ ଚରଣ ନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ଗୀତି କବିତା ସମ୍ପର୍କରେ ଆଲୋଚନା କରିଥିଲେ। ଆସରରେ ବି. ସତ୍ୟମ୍ ଆଚାରୀ, ଜ୍ୟୋତ୍ସ୍ନାରାଣୀ ସାହୁ ଓ ଚନ୍ଦ୍ରଶେଖର ମହାପାତ୍ର ଭଜନ ପରିବେଷଣ କରିଥିବା ବେଳେ ମନୋଜ କୁମାର ପାଢ଼ୀ, ଡ଼. ଲକ୍ଷ୍ମୀ ନାରାୟଣ ଦାଶ, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଅମିତା ମିଶ୍ର, ଭଗବାନ ତ୍ରିପାଠୀ ଓ ଲକ୍ଷ୍ମଣ ମହାଙ୍କୁଡ଼ ଗୀତି କବିତା ପାଠ କରିଥିଲେ। ଅନୁଷ୍ଠାନ ସମ୍ପାଦିକା ସୁଧାଞ୍ଜଳି ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କିରଣବାଳା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଅଧକ୍ଷ ବିଷ୍ଣୁପ୍ରସାଦ ତ୍ରିପାଠୀ ଓ ପରିବାରବର୍ଗ ସକ୍ରିୟ ସହଯୋଗ କରିଥିଲେ ।

### ଟିଆଙ୍ଗିଆରେ ପ୍ରାକ୍ ଖ୍ରୀଷ୍ଟମାସ ପାଳିତ




**ରାଇକିଆ/ଜି.ଉଦୟଗିରି,୧୪।୧୨ (ଡ଼ି.ଏନ.ଏ):** କନ୍ଧମାଳ ଜିଲାରେ ବଡ଼ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି। ଜି.ଉଦୟଗିରି ବ୍ଲକ ଟିଆଙ୍ଗିଆ ଠାରେ ଶୁକ୍ରବାର ବ୍ରିଜ ଅଫ ହୋପ୍ ଅନୁଷ୍ଠାନ ଟିଆଙ୍ଗିଆ ଶାଖା ତରଫରୁ ପ୍ରାକ ଖ୍ରୀଷ୍ଟମାସ ପାଳନ ହୋଇଯାଇଛି। ଏଥିରେ ପ୍ରାରମ୍ଭିକ ପ୍ରାର୍ଥନା, ଶାସ୍ତ୍ର ଅଧ୍ୟୟନ, ପ୍ରଶଂସା ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ମାନବ ଜାତିର ମୋକ୍ଷ ଏବଂ ଉଦ୍ଧାର ନିମନ୍ତେ ଉପସ୍ଥିତ ଅତିଥି ମାନେ ଅଭିଭାଷଣ ଦେଇଥିଲେ। ଉପସ୍ଥିତ ଖ୍ରୀଷ୍ଟ ଧର୍ମାବଲମ୍ବୀ ପରସ୍ପରକୁ ଅଭିନନ୍ଦନ ଜଣାଇବା ସହ କେକ୍ କଟାଯାଇଥଲା। ଅତିଥି ମାନଙ୍କ ମଧ୍ୟରେ ରେଭ୍ ଫାଦର ଲେବ୍ୟା ରୋହିତ, ପାଷ୍ଟର ବେଲାରସନ, ସତ୍ୟସୁବନ ନାୟକ, ସମିତି ସଭ୍ୟ ସାମନ୍ତ ନାୟକ, ଗୋପାଳ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ସନ୍ତୋଷ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଛତ୍ରପୁର ଆରଟିଓ ଅଫିସରେ ତରିକା ବଦଳାଇଲେ ଦଲାଲ

# ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଛତ୍ରପୁର,୧୪।୧୨(ଡି.ଏନ.ଏ)**

ଗାଡି ରେଜିଷ୍ଟ୍ରେଶନଠାରୁ ଆରମ୍ଭ କରି ଇନ୍‌ସ୍ୟୁରାନ୍ସ ସାର୍ଟିଫିକେଟ୍, ଡ୍ରାଇଭିଂ ଲାଇସେନ୍ସ ଓ ପଲ୍ୟୁସନ ସାର୍ଟିଫିକେଟ ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅବଧିକୁ ଆଉ ୩ ମାସ ବଢାଇ ଦିଆଯାଇଛି। ଅପରପକ୍ଷରେ ଛତ୍ରପୁରସ୍ଥିତ ଆରଟିଓ ଅଫିସ ପରିସରରେ ପୂର୍ବରୁ ଦଲାଲ କାମ କରୁଥିବା ଲୋକେ ସେମାନଙ୍କ ତରିକା ବଦଳାଇ ଲୋକଙ୍କୁ ଶୋଷଣ କରୁଛନ୍ତି। ବିଭିନ୍ନ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର କର୍ମଚାରୀ ବୋଲି ପରିଚୟପତ୍ର ଝୁଲାଇ ଦଲାଲ କାମ କରୁଥିବା ଦେଖିବାକୁ ମିଳୁଛି । ଏପରିକି କୋର୍ଟ ସମ୍ମୁଖ ବର ଗଛଠାରୁ ଆରମ୍ଭ କରି ଆରଟିଓ ଅଫିସ ନିକଟ ବିଭିନ୍ନ ଦୋକାନ ଓ ଘରେ ଏବେ ଦଲାଲ ସକ୍ରିୟ ହୋଇଛନ୍ତି। ଫୋନ୍ ଦ୍ୱାରା ଲୋକଙ୍କ ଗାଡି ସମ୍ବନ୍ଧୀୟ କାଗଜପତ୍ର ପ୍ରସ୍ତୁତ କରୁଥିବା ଜଣାପଡିଛି । ଏବେ ବି ଦୈନିକ ଛତ୍ରପୁରସ୍ଥିତ ଗଞ୍ଜାମ ଆରଟିଓ ଅଫିସ୍‌ରେ ଲୋକେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଲମ୍ବା ଲାଇନ୍‌ରେ ଠିଆ ହେଉଛନ୍ତି। ଏଥିସହ ପଲ୍ୟୁସନ ସାର୍ଟିଫିକେଟ୍ ପାଇଁ ମଧ୍ୟ ଚଡ଼ା ଦର ଲୋକଙ୍କଠାରୁ ଆଦାୟ ହେଉଥିବା ଅଭିଯୋଗ ହୋଇଛି । କୋର୍ଟ ନିକଟରୁ ଆରଟିଓ ଅଫିସ ପର୍ଯ୍ୟନ୍ତ ରାସ୍ତାରେ କାହାରିକୁ ଗାଡିରେ ଯିବାକୁ ଅନୁମତି ଦିଆଯାଉନି । ଏଠାରେ ଆରଟିଓ ଅଫିସ ପକ୍ଷରୁ ଜଣେ ଘରୋଇ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଅପରପକ୍ଷରେ କେତେକ ନିର୍ଦ୍ଦିଷ୍ଟ ଗାଡିକୁ ଆରଟିଓ ଅଫିସ୍‌କୁ ଛଡାଯାଉଛି । ଦୈନିକ ଶତାଧିକ ଲୋକ ଏଠାକୁ ଆସୁଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଉପଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ହେଉଛି । ଅପରପକ୍ଷରେ ପୋଲିସ ଓ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛନ୍ତି । ଆହୁରି ଜଣାଯାଇଛି, ବିଭିନ୍ନ ଗାଡି କାଗଜପତ୍ର ପ୍ରସ୍ତୁତ ପାଇଁ ସରକାର ୩ ମାସ ଅବଧି ବଢାଇଥିବା ବେଳେ ବିପଦପୂର୍ଣ୍ଣ ଓ ଜୀବନ ପ୍ରତି ବିପଦକୁ ନେଇ ଗାଡି ଚାଳକ ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶନାମା ଆସିଛି। ରାଜ୍ୟ ପରିବହନ କମିଶନରଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ଗଞ୍ଜାମ ଜିଲାପାଳ, ଗଞ୍ଜାମ ଏସ୍‌ପି, ବ୍ରହ୍ମପୁର ଏସ୍‌ପିଙ୍କ ନିକଟକୁ ଆସିଛି । ଦ୍ରୁତଗତିରେ ଗାଡି ଚାଳନା, ଲାଲ୍ ସିଗନାଲକୁ ନ ମାନି ଆଗକୁ ଗାଡି ନେବା, ମଦ୍ୟପାନ କରି ଗାଡି ଚଳାଇବା, ମୋବାଇଲ୍‌ରେ କଥା ହୋଇ ଗାଡି ଚଳାଇବା, ବିପଦପୂର୍ଣ୍ଣ ଭାବେ ଗାଡି ଚାଳନା, ୩ ଜଣଙ୍କୁ ବସି ଗାଡି ଚଳାଇବା, ହେଲମେଟ୍ ନ ପିନ୍ଧି ଓ ସିଟ୍ ବେଲ୍ଟ ନ ବାନ୍ଧି ଗାଡି ଚଳାଇବା ଓ ଓଭରଲୋଡିଂ କରୁଥିବା ଚାଳକଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଏନ୍‌ଫୋର୍ସମେଣ୍ଟ କଡାକଡି କରିବାକୁ କୁହାଯାଇଛି। ତେବେ ଏହି ଏନ୍‌ଫୋର୍ସମେଣ୍ଟ ଓ ଗାଡି ଯାଞ୍ଚ ବେଳେ ଟ୍ରାଫିକ୍ ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଆସିଛି ।

## ବିଭିନ୍ନ ସ୍ଥାନରେ ଲୋକ ଅଦାଲତ

**ଆସିକା,୧୪।୧୨(ଡି.ଏନ୍.ଏ.)**



ଫୁଲବାଣୀ କୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତ।

ଆସିକା ବିଚାର ବିଭାଗୀୟ ଅଦାଲତ ପରିସରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୨ ମାମଲାର ଫଇସଲା କରାଯାଇ ୭୬ ଲକ୍ଷ ୧୯ ହଜାର ୬୨୯ ଟଙ୍କା ଆଦାୟ କରାଯାଇଥିବା ଜଣାଯାଇଛି। ଆଇନସେବା ପ୍ରାଧିକରଣର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଦାଲତରେ ବରିଷ୍ଠ ଦେୱାନୀ ବିଚାରପତି ସୁଜାତା ପ୍ରିୟମ୍ବଦା ସ୍ୱାଇଁ, କନିଷ୍ଠ ଦେୱାନୀ ବିଚାରପତି ଚିନ୍ମୟୀ ଜେନା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ଭଞ୍ଜନଗର–** ଭଞ୍ଜନଗର ତାଲୁକ ଆଇନ ସହାୟତା ସଂସ୍ଥା ପକ୍ଷରୁ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ୨୪ଟି ମୋଟର ଯାନ ଦୁର୍ଘଟଣାଜନିତ ମାମଲାର ଫଇସଲା କରାଯାଇ ୭୭ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦକୁ ହିତାଧିକାରୀଙ୍କୁ ଦେବାକୁ ବୀମା କମ୍ପାନୀକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାଜସ୍ୱ, ବ୍ୟାଙ୍କ ସମେତ ଅନ୍ୟାନ୍ୟ ମାମଲା ଫଇସଲା କରାଯାଇଛି। ଏଡିଜେ ହେମନ୍ତ କୁମାର ସେଠୀ, ସବ୍ ଜଜ୍ ସ୍ରୋତସ୍ୱିନୀ କର, ଏସ୍‌ଡିଜେଏମ୍ ବେଦ ପ୍ରକାଶ, ଜେଏମ୍‌ଏଫସି ସୁନିଲ ମିଶ୍ର ମାମଲା ବିଚାର କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବାର ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ, ସମ୍ପାଦକ ଅଶୋକ ଜେନା ପ୍ରମୁଖ ସହଯୋଗ କରିଥିଲେ।

**ଫୁଲବାଣୀ ଅଫିସ–** ଫୁଲବାଣୀ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୧୬୫ଟି ମାମଲା ପଞ୍ଜିକୃତ ହୋଇଥିଲା। ସେଥିରୁ ୪୫ଟିର ଫଇସଲା କରାଯାଇ ମୋଟ ୩୩ ଲକ୍ଷ ୫୧ ହଜାର ୫୫ ଟଙ୍କା ଆଦାୟ କରାଯାଇଛି । ଜିଲା ଦୌରାଜଜ୍ ଗୌତମ ଶର୍ମା, ଫ୍ୟାମିଲି ଜଜ୍ ନିରଞ୍ଜନ ପଣ୍ଡା, ଅତିରିକ୍ତ ଜିଲା ଜଜ୍ ସମର ବିଳାସ ବେହେରା, ସିଜେଏମ୍ ଆର.ଜ୍ୟୋତିସ୍, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ପତଞ୍ଜଳୀ ସାହୁ, ଏସ୍‌ଡିଜେଏମ୍ ପୁଣ୍ୟଶ୍ଳୋକ ରଥ, ଜେଏମ୍‌ଏଫସି ପ୍ରଭାତି ରଣା, ଜେଏମ୍‌ଏସ୍‌ସି ପାୟଲ ଗୁପ୍ତା ପ୍ରମୁଖ ମାମଲାର ବିଚାର କରିଥିଲେ।

**ହିଞ୍ଜିଳିକାଟୁ–** ହିଞ୍ଜିଳିକାଟୁ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ଶନିବାର ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି। ବିଚାରପତି ରାଜଶ୍ରୀ ପଟ୍ଟନାୟକ ୭ଟି ଫୌଜଦାରି ମାମଲାର ସମାଧାନ କରିବା ସହ ୫ଶହ ଟଙ୍କା ଜରିମାନା ଆଦାୟ କରିଛନ୍ତି। ସେହିପରି ୫ ବ୍ୟାଙ୍କ ମାମଲାର ବିଚାର କରି ୪.୧୦ଲକ୍ଷ ଟଙ୍କା ଆଦାୟ ହୋଇଥିଲା। ଆଞ୍ଚଳିକ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ପରିଚାଳକ କାଶୀ ବିଶ୍ୱନାଥ ଦାଶ, ପରିଚାଳକ ସତ୍ୟାଶିଷ ପଟ୍ଟନାୟକ, ବ୍ୟାଙ୍କ ଓକିଲ ରାମଚନ୍ଦ୍ର ମହାପାତ୍ର, ଓକିଲ ସଂଘ ସମ୍ପାଦକ ମାନସ ରଞ୍ଜନ ପାଢ଼ୀ ସମେତ ହିଞ୍ଜିଳିକାଟୁ ଓକିଲ ସଂଘର ବହୁ ଓକିଲ, ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଉପସ୍ଥିତ ଥିଲେ।

### ଗୁଣିଗାରେଡ଼ି, ବାଲ୍ୟବିବାହ ସଚେତନତା ଶିବିର

**ଖଲ୍ଲିକୋଟ,୧୪।୧୨(ଡି.ଏନ.ଏ.)**

ଖଲ୍ଲିକୋଟ ସହରସ୍ଥିତ କନକ ମଞ୍ଜରି ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ ପୋଲିସ ସମିତି ଏବଂ ଏପିଜେ ଅବଦୁଲ କାଲାମଙ୍କ ଜନକଲ୍ୟାଣ ପରିଷଦ ଖଲ୍ଲିକୋଟ ଆନୁକୂଲ୍ୟରେ ହୋଇଥିବା ଶିବିରରେ ଚାରାରୋପଣ, ଗୁଣିଗାରେଡ଼ି ଓ ବାଲ୍ୟବିବାହ ନେଇ ସଚେତନତା କରାଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା ପୌରୋହିତ୍ୟ କରିଥିବା ବେଳେ ଜିଲା ପ୍ରଶାସନିକ ଅଧିକାରୀ ପ୍ରଜ୍ଞା ପରମିତା ମୁଖ୍ୟଅତିଥି, ମୁଖ୍ୟବକ୍ତା ଶିକ୍ଷାବିତ ଏ. ପାର୍ଥ ସାରଥୀ, ଭୁବନେଶ୍ୱରରୁ ଆସିଥିବା ସାମାଜିକ କର୍ମୀ ଜ୍ୟୋତ୍ସ୍ନାମୟୀ, ସଙ୍ଗିତା ଦାସ ସମ୍ମାନିତ ଅତିଥି ଏବଂ ଖଲ୍ଲିକୋଟ ରେଞ୍ଜର ଦିଲୀପ ମାର୍ଥା, ଏସ୍‌ଆଇ ଟୁନା ପିଡ଼ିକା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ନିଜ ବକ୍ତବ୍ୟରେ ତିନୋଟି 'ଇ' ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଗୀତିକାର ଜୟଶ୍ରୀ ଧଳ, ସକୁନ୍ତଳା ବେହେରାଙ୍କ ସମେତ ବହୁ ସ୍ୱୟଂ ସହାୟକ ମହିଳା, ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ ।

## ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ରଙ୍କ ଟ୍ରାଫିକ୍ ସଚେତନତା

**ହିଞ୍ଜିଳିକାଟୁ, ୧୪।୧୨(ଡି.ଏନ୍.ଏ.)**

ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ସ୍କୁଲର କଳ୍ପନା ଚାୱଲା ଗାଇଡ଼ କମ୍ପାନୀ ଓ ସ୍କାଉଟ ଟ୍ରୁପ ପକ୍ଷରୁ ୪୮ଜଣ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ଶାରୀରିକ ନିରୀକ୍ଷକ ଭାଗୀରଥି ସ୍ୱାଇଁ, ଅତିରିକ୍ତ ଜିଲା କମିଶନର ରାମହରି ସାହୁ ଗାଇଡ଼ ଶିକ୍ଷୟିତ୍ରୀ ଓ ଶିକ୍ଷକ ରାମଚନ୍ଦ୍ର ବିଷୋୟୀ, ଭାରତୀ ଚୌଧୁରୀ, ଲାଲ ମୋହନ ସାହୁ ଉପସ୍ଥିତ ଥିଲେ। ସ୍କୁଲର ସ୍କାଉଟ, ଗାଇଡ୍, ରେଡ୍‌କ୍ରସ ଓ ସବୁଜ ବାହିନୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ ସଚେତନତା କରାଯାଇଥିଲା। ଏଥିରେ ହିଞ୍ଜିଳି ପୋଲିସ କର୍ମଚାରୀ ସହଯୋଗ କରିଥିଲେ। ହେଲମେଟ ପିନ୍ଧିଥିବା ଓ ଟ୍ରାଫିକ ନିୟମ ପାଳନ କରିଥିବା ଆରୋହୀଙ୍କୁ ଛାତ୍ରୀଛାତ୍ର ଚକୋଲେଟ ଓ ଗୋଲାପ ଫୁଲ ଦେଇ ଅଭିନନ୍ଦନ ଜଣାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା, ବିଇଓ ବସନ୍ତ କୁମାର ପଣ୍ଡା, ହିଞ୍ଜିଳି ଥାନା ଆଇଆଇସି ଅଭିମନ୍ୟୁ ଦାସ ପ୍ରମୁଖ ଯୋଗ ଦେଇଥିଲେ।

ଦ୍ୱିତୀୟ ଦିନରେ ଗଞ୍ଜାମ ଜିଲା ସାଂସ୍କୃତିକ ମହୋତ୍ସବ

# ମନକିଣିଲା ପିଲାଖାଇ ଡାହାଣୀ, ଶିଙ୍ଗବାଦ୍ୟ




ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୧୪।୧୨**

ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷା କଳାକେନ୍ଦ୍ର ଓ ଅଭିନୟ ଜଗତ ପକ୍ଷରୁ ଚାଲିଥିବା ଗଞ୍ଜାମ ଜିଲା ସାଂସ୍କୃତିକ ମହୋତ୍ସବ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଗଞ୍ଜାମ କଳା ପରିଷଦରେ ଆୟୋଜିତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ ଚକ୍ରପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଗଞ୍ଜାମ ଲୋକକଳାର ଐତିହ୍ୟ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଭିନୟ ଜଗତ ଆବାହକ ଇଂ. ଜାମିନୀକାନ୍ତ ଦାଶ, ସଂସ୍କୃତି ବିଭାଗର ପୂର୍ବତନ ସହକାରୀ ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ନିଶଙ୍କ, ସ୍ୱର୍ଣ୍ଣ ପ୍ରଭା ପାଢୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲାର ବହୁ ପୁରାତନ ଲୋକନୃତ୍ୟ ପିଲାଖାଇ ଡାହାଣୀ, ସିଙ୍ଗବାଦ୍ୟ ଉତ୍ସବର ମୁଖ୍ୟ ଆକର୍ଷଣ ସାଜିଥିଲା । ଏହି ଅବସରରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ଦାସକାଠିଆ ଗାୟକ ଉପେନ୍ଦ୍ର ପାଣିଗ୍ରାହୀ, ଚକ୍ଷୁ ଚିକିତ୍ସକ ଡା. କିଶୋର ଚନ୍ଦ୍ର ମହାନ୍ତି, ବିଶିଷ୍ଟ କ୍ରୀଡାବିତ ତଥା ଚିତ୍ରଶିଳ୍ପୀ ରାଜେନ୍ଦ୍ର କୁମାର ପାଢୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। 'ଅଭିନୟ ଜଗତ' ପତ୍ରିକା ଉନ୍ମୋଚିତ ହୋଇଥିଲା । ଅନ୍ୱେଷା କଳାକେନ୍ଦ୍ର, କଳାଞ୍ଜଳୀ, ତ୍ରିପୁର ଓଡିଶୀ ଗ୍ରୁପ, ଲିଡସ୍ ଡ୍ୟାନ୍ସ ଗ୍ରୁପର କଳାକାରମାନେ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ପି. ସୁବାସ ପାତ୍ର, ସୁଦୀପ ସାହୁ, ବିଦିଶା ପାତ୍ର, ଡ. ସରୋଜ କୁମାର ଦାଶ ପ୍ରମୁଖ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ଝୁମାଇଥିଲେ । ଉଷାରାଣୀ ମହାପାତ୍ର, ଡ. ମିହିର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାକ୍ଷୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ତ୍ରିପତି ନାୟକ, ରବୀନ୍ଦ୍ର କୁମାର ନାୟକ, କୈଳାସ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ । ଆଶୋକ କୁମାର ବ୍ରହ୍ମା ଧନ୍ୟବାଦ ଦେଇଥିଲେ ।

■ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବରିଷ୍ଠ ସହାୟକ ପଦୋନ୍ନତି ମାମଲା

## ଦରମା ହ୍ରାସ ବିଜ୍ଞପ୍ତି ହାଇକୋର୍ଟରେ ଅସିଦ୍ଧ

**କଟକ ଅଫିସ, ୧୪।୧୨**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପଦୋନ୍ନତି ପାଇ କାର୍ଯ୍ୟ କରୁଥିବା ବରିଷ୍ଠ ସହାୟକଙ୍କ ଦରମା ହ୍ରାସ ସମ୍ପର୍କିତ ବିଜ୍ଞପ୍ତି ହାଇକୋର୍ଟରେ ଅସିଦ୍ଧ ହୋଇଛି। ଗଣେଶ ଚନ୍ଦ୍ର ବେହେରା ଏବଂ ରଜତ କୁମାର ପଟ୍ଟନାୟକଙ୍କ ପକ୍ଷରୁ ଆଗତ ଦୁଇଟି ପୃଥକ୍ ମାମଲାର ଏକତ୍ର ଶୁଣାଣି ହାଇକୋର୍ଟରେ ହୋଇଥିଲା। ବିଶ୍ୱବିଦ୍ୟାଳୟ ଦ୍ୱାରା ଗଠିତ ଡିପିସି (ଡିପାର୍ଟମେଣ୍ଟାଲ ପ୍ରମୋଶନ କମିଟି)ରେ ବିଧିବଦ୍ଧ ଭାବେ ଆବେଦନକାରୀମାନେ ୧୯୯୮ରୁ ପଦୋନ୍ନତି ସହ ଉଚ୍ଚ ପଦବୀରେ କାର୍ଯ୍ୟ କରି ଉଚ୍ଚ ବେତନ ହାରରେ ଦରମା ନେଇ ସାରିଛନ୍ତି। ତେଣୁ ସେମାନଙ୍କ ଦରମା ହ୍ରାସ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ତାଙ୍କର ୨୮ ପୃଷ୍ଠା ସମ୍ବଳିତ ରାୟରେ ସ୍ପଷ୍ଟ କରିଛନ୍ତି। ଏଥିସହ ଆବେଦନକାରୀଙ୍କ ୧୦ରୁ ୧୨ ବର୍ଷ ବେତନ ହ୍ରାସକୁ ସଂଶୋଧନ ସହ ପୁନଃ ନିର୍ଦ୍ଧାରଣ କରି ଦରମା ପ୍ରଦାନ କରିବାକୁ ହାଇକୋର୍ଟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଜଗନ୍ନାଥ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଛନ୍ତି।

ମାମଲାର ଶୁଣାଣି ସମୟରେ ଆଡଭୋକେଟ ପଟ୍ଟନାୟକ ଅଦାଲତକୁ ଦର୍ଶାଇଥିଲେ, ଉକ୍ତ ବିଶ୍ୱବିଦ୍ୟାଳୟରେ ଆବେଦନକାରୀମାନେ ପ୍ରଥମେ କନିଷ୍ଠ ସହାୟକ ଭାବେ ନିଯୁକ୍ତି ପାଇ କାର୍ଯ୍ୟ କରୁଥିଲେ। ୧୯୯୮ ଡିସେମ୍ବର ୨୨ରେ ସେମାନଙ୍କୁ ବରିଷ୍ଠ ସହାୟକ ପଦବୀକୁ ପଦୋନ୍ନତି ମିଳିଲା। ତଦନୁଯାୟୀ ୨୦୦୧ ଜୁଲାଇ ୧ରେ ୧୦୪ ଜଣ ବରିଷ୍ଠ ସହାୟକଙ୍କୁ ନେଇ ଏକ ଗ୍ରେଡେଶନ ତାଲିକା ପ୍ରକାଶିତ ହୋଇଥିଲା। ଏଥିସହ ସେମାନଙ୍କର ଉଚ୍ଚ ବେତନ ହାରରେ ସଂଶୋଧନ ସହ ଦରମା ନିର୍ଦ୍ଧାରଣ କରାଯାଇଥିଲା। ତେବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କଣ୍ଟ୍ରୋଲର ଅଫ ଫାଇନାନ୍ସ ପକ୍ଷରୁ ୨୦୧୧ରେ ଏକ ରିଭ୍ୟୁ ଡିପିସି କରାଯାଇ ପତ୍ର ସଂଖ୍ୟା ୧୦୯୭୬/୧।୧୨।୨୦୧୧ରେ ୪୬ ଜଣ ବରିଷ୍ଠ ସହାୟକଙ୍କ ଦରମା ହ୍ରାସ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଭଳି ବେଆଇନ ବିଜ୍ଞପ୍ତି ଦ୍ୱାରା ଆବେଦନକାରୀମାନଙ୍କର ୧୦ରୁ ୧୨ ବର୍ଷର ବରିଷ୍ଠତା ହରାଇବାକୁ ପଡୁଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଡଭୋକେଟ ବି.ଏସ୍. ମିଶ୍ର ଦର୍ଶାଇଥିଲେ, ଆବେଦନକାରୀଙ୍କ କ୍ଷେତ୍ରରେ ରିଭ୍ୟୁ ଡିପିସି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇଛି। ଏବେ ସେମାନେ ବରିଷ୍ଠ ସହାୟକ ପଦବୀର ବେତନ ନେଉଛନ୍ତି। ତେବେ ପୂର୍ବ ପଦୋନ୍ନତି ଚାକିରିରେ ଯଥାର୍ଥତା ନାହିଁ ବୋଲି ସେ କୋର୍ଟକୁ ଅବଗତ କରିଥିଲେ। ଆବେଦନକାରୀମାନଙ୍କ ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, କଣ୍ଟ୍ରୋଲର ଅଫ୍ ଫାଇନାନ୍ସ, ଡେପୁଟି ରେଜିଷ୍ଟ୍ରାରଙ୍କ ସମେତ ୨୮ ଜଣଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଥିଲା।

## ଭଞ୍ଜନଗର, ବିଡ଼ିପୁର କଲେଜରେ ପାଠଚକ୍ର

**ଭଞ୍ଜନଗର,୧୪।୧୨(ଡି.ଏନ.ଏ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇଂଲିଶ ବିଭାଗର ଏକ ପାଠଚକ୍ର ଶନିବାର ଅଧକ୍ଷ ଡ. ନୀଳାଞ୍ଚଳ ମୁନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସାତ୍ୱକୀ ସାହୁ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଛାତ୍ର ଗଣେଶ ନାୟକ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ହରମୋହନ ନାୟକ ସହଯୋଗ କରିଥିଲେ। ଅଧ୍ୟାପକ ପି. ସୁନାମ ପାତ୍ର, ସନାତନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ପାଠଚକ୍ରକୁ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ପୀତବାସ ପାଳ ସଂଯୋଜନା କରିଥିଲେ। ଅଧ୍ୟାପିକା ପୂଜା ଦାସ, ବିସ୍ମିତା ଲକ୍ଷ୍ମୀ ଛତର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ନାନୋ ଉପଗ୍ରହ ମାଧ୍ୟମରେ ସନ୍ତ୍ରାସବାଦୀ ଅନୁପ୍ରବେଶ ଦମନ ଉପରେ ଲିଖିତ ସନ୍ଦର୍ଭକୁ ଛାତ୍ରୀ ସାଗରିକା ଦଳାଇ ପାଠ କରିଥିଲେ। ଅଧ୍ୟାପିକା ମନୀଷା ମଞ୍ଜରୀ ପତି, ଦୀପାଞ୍ଜଳି ବିଷୋୟୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧକ୍ଷ ଶାନ୍ତି କୁମାରୀ ଉପାଧକ୍ଷ ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ଡ଼.ଗିରିଧର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ସାଇଶ୍ରୀ ପଣ୍ଡା ବିବରଣୀ ପାଠ କରିଥିଲେ। ତେନ୍ତୁଳିଆ ଶାସନ ଦେବସ୍ଥାନ ମହାବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ବିଭାଗ ପକ୍ଷରୁ ଆୟୋଜିତ ପାଠଚକ୍ରରେ ଅଧ୍ୟାପକ ବିପିନ ବିହାରୀ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ସୁଧୀର ପଟ୍ଟନାୟକ, ଡ. ରମଣୀ ରଞ୍ଜନ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ।



ଇଂଲିଶ ବିଭାଗ ପାଠଚକ୍ରରେ ମଞ୍ଚାସିନ ଅତିଥି।

# ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ

**ରାଇକିଆ,୧୪।୧୨(ଡ଼ି.ଏନ୍.ଏ)**




ରାଇକିଆ ବ୍ଲକ ସୁଗଡ଼ବାଡ଼ି ହାଇସ୍କୁଲରେ ଶନିବାର ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ୍ ବିଜୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ଦିଲିପ କୁମାର ମହାପାତ୍ର ଶକ୍ତି ସଂରକ୍ଷଣ ଦିବସ ଉପରେ ଆଲୋକପାତ କରିଥିଲେ। ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସରସ୍ୱତୀ ଶିଶୁ ମନ୍ଦିରର ଜଶସ୍ୱୀ ରଥ, ସୁଗଡ଼ବାଡ଼ି ହାଇସ୍କୁଲର ଆଶାଲତା ପ୍ରଧାନ, ଶୁଭଶ୍ରୀ ଲେଙ୍କା ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ।

**ଭଞ୍ଜନଗର–**ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ଶନିବାର ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଛାତ୍ରୀଛାତ୍ରମାନେ ସଚେତନତା ବାର୍ତ୍ତା ନେଇ ନଗର ପରିକ୍ରମା କରିଥିଲେ। ଏହାପରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏସିଏଫ୍ ସୁଦର୍ଶନ ବାଦୀ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଶୁଳପାଣି ଶତପଥୀ, ଅଭିନେତା ଆଶିଷ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶକ୍ତି ସଂରକ୍ଷଣର ଆବଶ୍ୟକତା ଉପରେ କହିଥିଲେ। ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଭାକର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ହାତୀଓଟ–** ପୋଲସରା ବ୍ଲକ ହାତୀଓଟ ନୋଡାଲ ହାଇସ୍କୁଲରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ପରୀକ୍ଷାରେ ପ୍ରଥମ ସ୍ଥାନ ପାଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସାଧନା ସାହୁ, ଦ୍ୱିତୀୟ ସ୍ଥାନରେ ଘୋଡ଼ାପଲାଣ ହାଇସ୍କୁଲରେ ଆଲୋକ ନାୟକ ଓ ତୃତୀୟ ସ୍ଥାନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହାତୀଓଟର ସ୍ୱୟଂସିଦ୍ଧା ଡ଼ହାରାଙ୍କୁ ଯଥାକ୍ରମେ ୧୦୦୦, ୮୦୦ ଓ ୬୦୦ ଟଙ୍କା ସହ ମାନପତ୍ର ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ତ୍ରିପାଠୀ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ରାଲି ବାହାରିଥିଲା ।

**ବୁଗୁଡ଼ା:** ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏବଂ ବୁଗୁଡ଼ା ପିପୁଲସ୍ ହାଇସ୍କୁଲ ସହଯୋଗରେ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଛାତ୍ରମାନେ ଶୋଭାଯାତ୍ରାରେ ହାଇସ୍କୁଲରୁ ବାହାରି ଶକ୍ତି ସଂରକ୍ଷଣ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରି ସଚେତନ କରାଇଥିଲେ। ପିପୁଲସ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଯୋଗଦେଇଥିଲେ।

**ପୁରୁଷୋତ୍ତମପୁର–** ପୁରୁଷୋତ୍ତମପୁରରେ ଶକ୍ତିସଂରକ୍ଷଣ ନେଇ ଏକ ଜନସଚେତନତା କାର୍ଯ୍ୟକ୍ରମ ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସିର ନିର୍ବାହୀ ଅଧିକାରୀ ଏ.ନାଗେଶ୍ୱର ରାଓ ଉଦ୍‌ଘାଟନ କରିଥିଲେ। ବ୍ଲକର ୮୪ ସ୍କୁଲର ୧୨୦ ଛାତ୍ରୀଛାତ୍ରଙ୍କୁ ନେଇ ଏକ କୁଇଜ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଚିକିଟି–** ଚିକିଟିଗଡସ୍ଥିତ ରାଜକବି ରାଧାମୋହନ ବିଦ୍ୟାପୀଠ ତରଫରୁ ଶକ୍ତି ସଂରକ୍ଷଣ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମାମିନି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ କାମାକ୍ଷା ପ୍ରସାଦ ବ୍ରହ୍ମା ଯୋଗଦେଇଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାହି ପରିକ୍ରମା କରିଥିଲେ।

**ହିଞ୍ଜିଳିକାଟୁ–** ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଅନୁଷ୍ଠିତ ଏହି ଦିବସରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନିଙ୍କ ତତ୍ତ୍ୱାବଧାନରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ନଗଦ ଅର୍ଥ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡା, ବିଦ୍ୟୁତ୍ ଯନ୍ତ୍ରୀ ସୁନିଲ କୁମାର ସ୍ୱାଇଁ, ବିଇଓ ବସନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ଶେରଗଡ–** ଶେରଗଡ ବ୍ଲକ ଧନନ୍ତର ନାଥେଶ୍ୱର ଉଚ୍ଚବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ନବୀନ ଚନ୍ଦ୍ର ପାଢୀ ସଂଯୋଜନାରେ ବହୁ ଛାତ୍ରଛାତ୍ରୀ ଯୋଗ ଦେଇ ଶକ୍ତି ସଞ୍ଚୟ ଓ ଅପଚୟ କଲେ କଣ ହୁଏ । ଏହା ଉପରେ ମତ ରଖିଥିଲେ। ଅତିଥି ଭାବେ ସରପଂଚଙ୍କ ପ୍ରତିନିଧି ମକରା ସ୍ୱାଇଁ ଓ ସଭାପତି କାଳୁ ସାହୁ ଯୋଗଦେଇଥିଲେ।

## ସଂକ୍ଷେପରେ

### ବିଷ କ୍ରିୟାରେ ୨ ମୃତ

ବ୍ରହ୍ମପୁର ଅଫିସ,୧୪।୧୨: ପୃଥକ ବିଷକ୍ରିୟାରେ ଗୁରୁତର ଥିବା ଜଣେ ମହିଳାଙ୍କ ସମେତ ୨ ଜଣଙ୍କ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେମାନେ ହେଲେ ରୁନୁ ସ୍ୱାଇଁ (୩୫) ଓ ଲଡୁ ମଲ୍ଲିକ (୨୬)। ମେଡିକାଲ ଫାଣ୍ଡି ପୋଲିସ ଶନିବାର ଉଭୟଙ୍କ ମୃତଦେହ ଜବତ କରି ପୃଥକ୍ ଭାବେ ୨ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, କୋଦଳା ଥାନା ନାଇକାଣିପଲ୍ଲୀର କେଦାର ସ୍ୱାଇଁଙ୍କ ସ୍ତ୍ରୀ ରୁନୁ ଶୁକ୍ରବାର ସକାଳେ ପାରିବାରିକ ଅଶାନ୍ତିକୁ କେନ୍ଦ୍ରକରି ବିଷପାନ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଛତ୍ରପୁର ଥାନା ଅନ୍ତର୍ଗତ ଦୁଆନପଲ୍ଲୀର ଲଡୁ ମଲ୍ଲିକ ମଧ ଘରୋଇ କଳିରୁ ଶୁକ୍ରବାର ବିଷପାନ କରି ଗୁରୁତର ହୋଇ ପଡିଥିଲେ। ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

### ପୁରୁଷୋତ୍ତମପୁରରେ ଜାତୀୟ ଲୋକ ଅଦାଲତ

ପୁରୁଷୋତ୍ତମପୁର,୧୪।୧୨(ଡି.ଏନ.ଏ.): ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗ ଅଦାଲତରେ ଶନିବାର ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରପତି ଅନ୍ନପୂର୍ଣ୍ଣା ଷଡଙ୍ଗୀ ୯ ଫୌଜଦାରି ମାମଲାର ଶୁଣାଣି କରିବା ସହ ୭ ବ୍ୟାଙ୍କ ସମନ୍ଧୀୟ ମାମଲାର ଫଇସଲା କରିଛନ୍ତି। ଏବାବଦରେ ୬୯ ହଜାର ୭ ଶହ ଟଙ୍କା ଆଦାୟ ହୋଇଛି। ସେହିପରି ରାଜସ୍ୱ ବିଭାଗ ପକ୍ଷରୁ ତହସିଲଦାର ଅରୁଣ କୁମାର ନାୟକ, ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା ଓ ସୁନିଲ କୁମାର ଟୁଡୁ ୩୭ ମ୍ୟୁଟେସନ କେସ୍ ଓ ୪୦ ସାର୍ଟିଫିକେଟ କେସ୍‌ର ଶୁଣାଣି କରିଛନ୍ତି। ଏହାକୁ କୋର୍ଟର କର୍ମଚାରୀ ପ୍ରଶାନ୍ତ କୁମାର ପାଢୀ, ଗଗନ କୁମାର ପାଣିଗ୍ରାହୀ, ପ୍ରସନ୍ନ କୁମାର ବେହେରା, ମମତା ମମଞ୍ଜରୀ ମହାପାତ୍ର, ମାମୁନି ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ନିଖୋଜ ବୃଦ୍ଧଙ୍କ କଙ୍କାଳ ଉଦ୍ଧାର

ଭଞ୍ଜନଗର,୧୪।୧୨(ଡି.ଏନ୍.ଏ.): ତାରସିଂ ଥାନା ବାଙ୍ଗତରା ନିକଟସ୍ଥ ଧାନ ଜମିରୁ ନିଖୋଜର ୪୨ଦିନ ପରେ ଜଣେ ବୃଦ୍ଧଙ୍କ କଙ୍କାଳ ଉଦ୍ଧାର ହୋଇଛି। ମୃତକ ହେଲେ ଗାଣ୍ଡୁ ନାୟକ (୮୨)। ମୃତ ଗାଣ୍ଡୁ ଘରୁ କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଶନିବାର କେତେକ ଚାଷୀ ଧାନ କାଟୁଥିବାବେଳେ ଏକ ନରକଙ୍କାଳ ପଡିଥିବା ଦେଖିଥିଲେ। ଏନେଇ ଗାଣ୍ଡୁଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ଏହା ଉଦ୍ଧାର କରି ସଂସ୍କାର କରିଥିବା ଜଣାପଡିଛି। ଏନେଇ ତାରସିଂ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ତିତ୍‌ଲି ବାତ୍ୟାରେ ଧ୍ୱଂସ ହୋଇଯାଇଥିଲା ଡ୍ୟାମ୍

# ପୁରିଆସାହିକୁ କରାଯାଉ ପର୍ଯ୍ୟଟନ କ୍ଷେତ୍ର

- ପ୍ରକଳ୍ପ ପୁନଃ ନିର୍ମାଣ ହୋଇଛି
- ପର୍ଶୁରାମ କୁଣ୍ଡ ଓ ମୂର୍ତ୍ତି ସ୍ଥାପନ ଉପରେ ଗୁରୁତ୍ୱ

ବ୍ରହ୍ମପୁର ଅଫିସ,୧୪।୧୨

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ପୁରିଆ ସାହିକୁ ପର୍ଯ୍ୟଟନ କ୍ଷେତ୍ର କରିବାକୁ ଗୁରୁତ୍ୱ ଦିଆଯାଇଛି। ୨୦୧୮ ଅକ୍ଟୋବର ୧୧ରେ ଘଟିଥିବା ସାମୁଦ୍ରିକ ବାତ୍ୟା ତିତ୍‌ଲିରେ ପୁରିଆ ସାହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ଧ୍ୱଂସ ହେବା ସହ ସେହି ପରିସରରେ ଥିବା ବହୁ ପୁରାତନ ପର୍ଶୁରାମ କୁଣ୍ଡ ଓ ପର୍ଶୁରାମଙ୍କ ମୂର୍ତ୍ତି ଭାସି ଯାଇଥିଲା। ସେହି ପ୍ରାଚୀନ ଐତିହ୍ୟ ପୁନଃ ନିର୍ମାଣ ପାଇଁ ମଧ୍ୟ ସଚେତନ ମହଲରୁ ଦାବି କରାଯାଇଛି। କ୍ଷୁଦ୍ର ଜଳସେଚନ ଯୋଜନାର ପୁନଃ ନିର୍ମାଣ କରାଯାଇଛି । ପାତ୍ରପୁର ବ୍ଲକର ଅନେକ ଗ୍ରାମକୁ ଗତ ଖରିଫ ଧାନ ଫସଲ ନିମନ୍ତେ ଶହ ଶହ ଚାଷୀଙ୍କୁ ସେଚ ବ୍ୟବସ୍ଥା ଯୋଗାଇ ଦିଆଯାଇଥିବା ସମ୍ପୃକ୍ତ ବିଭାଗ ସୂତ୍ରରୁ ଜଣାପଡ଼ିଛି ।

ସୂଚନାଯୋଗ୍ୟ, ପାତ୍ରପୁର ବ୍ଲକ ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ସୀମାନ୍ତରେ ରହିଛି । ତିତ୍‌ଲି ସାମୁଦ୍ରିକ ଝଡ଼ ଆନ୍ଧ୍ରର ଶ୍ରୀକାକୁଲମ ଜିଲାରେ ଲ୍ୟାଣ୍ଡଫଲ କରିଥିଲା । ତା'ର ବିଶେଷ ପ୍ରଭାବ ପୁରିଆ ସାହି ଓ ନିକଟସ୍ଥ ଆଦିବାସୀ ଅଞ୍ଚଳରେ ପଡ଼ିଥିଲା । ଆଙ୍କୁଲି, ତୁମ୍ବା ଓ ବୁରାତାଲ ଆଦି ପଞ୍ଚାୟତର ଆଦିବାସୀ ଗ୍ରାମ ଓ ପଡ଼ାଗୁଡ଼ିକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ଶହ ଶହ ଆଦିବାସୀ ସର୍ବସ୍ୱାନ୍ତ ହୋଇଥିଲେ । ଏହାର ୧୪ ମାସ ବିତିବା ପରେ ବି ସେମାନେ ସମ୍ପୂର୍ଣ୍ଣ ସରକାରୀ ସହାୟତାରୁ ବଞ୍ଚିତ ହୋଇଥିବା ଭାଜପା ଅଭିଯୋଗ କରିଛି ।

ଗଜପତି ଜିଲାର ଐତିହାସିକ ମହେନ୍ଦ୍ରଗିରି ପର୍ବତରୁ ନିର୍ଗତ ଝରଣାକୁ ଅଟକାଇ ୩୭ ବର୍ଷ ତଳେ ଅର୍ଥାତ୍ ୧୯୮୨ରେ ଚିକିଟିର ପୂର୍ବତନ ବିଧାୟକ ତଥା ପ୍ରାକ୍ତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରାଙ୍କ ଉଦ୍ୟମରେ ତତ୍‌କାଳୀନ କଂଗ୍ରେସ ସରକାର ଶାସନରେ ପୁରିଆ ସାହି ଯୋଜନା ନିର୍ମାଣ କରାଯାଇଥିଲା । ୨୫ରୁ ୩୦ ଖଣ୍ଡ ଗ୍ରାମର ୮ ଶହରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମିକୁ ନିୟମିତ ଖରିଫ ଓ ରବି ଫସଲକୁ ଜଳସେଚନର ସୁବିଧା ଉପଲବ୍ଧ ହେଉଥିଲା । ତିତ୍‌ଲି ତାଣ୍ଡବରେ ଧ୍ୱଂସ ହୋଇଯାଇଥିବା ପୁରିଆ ସାହି ଡ୍ୟାମ ପୁନଃ ନିର୍ମାଣ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଅଢ଼େଇ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ଆଗାମୀ ଦିନରେ ଆହୁରି ଅଧିକ ଅର୍ଥ ବ୍ୟୟ ହେବାର ଅଟକଳ କରାଯାଇଛି। ପୁରିଆସାହି ପ୍ରକଳ୍ପର ଆଧୁନିକୀକରଣ କରାଯାଇ ଆୟକଟ ବଢ଼ାଇବା, ପର୍ଶୁରାମ କୁଣ୍ଡ ଓ ପର୍ଶୁରାମଙ୍କ ମୂର୍ତ୍ତି ସ୍ଥାପନ, ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ସହ ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ସେଠାରେ ଅତିଥି ଭବନ ନିର୍ମାଣ କରାଯିବାକୁ ଗୁରୁତ୍ୱ ଦିଆଯାଇଛି ।

## ଆନ୍ତଃ ମହାବିଦ୍ୟାଳୟ ଆଥ୍‌ଲେଟିକ୍ ମିଟ୍


ଛାତ୍ରୀମାନେ ଦୌଡ଼ୁଛନ୍ତି ।

ବ୍ରହ୍ମପୁର ଅଫିସ୍,୧୪।୧୨

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ତରଫରୁ ତୃତୀୟ ଆନ୍ତଃ ମହାବିଦ୍ୟାଳୟ ଆଥଲେଟିକ୍ ମିଟ୍ ଶନିବାର ଇଞ୍ଜିନିୟରିଂ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର, ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ରଞ୍ଜନ ସ୍ୱାଇଁ, ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ଧର ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ, ଗୋପାଳପୁର ବିଜ୍ଞାନ ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଅପରାହ୍ଣରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । କୃତୀ ଖେଳାଳିଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା ।


ଓଡ଼ିଶା ଦଳରେ ସ୍ଥାନ ପାଇଥିବା ସ୍କେଟର୍‌ମାନେ ।

## ରୋଲର ସ୍କେଟିଂରେ ଭାଗନେବେ ୭ ସ୍କେଟର

ବ୍ରହ୍ମପୁର ଅଫିସ୍,୧୪।୧୨

ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣାରେ ୫୭ତମ ନ୍ୟାଶନାଲ୍ ରୋଲର୍ ସ୍କେଟିଂ ଚାମ୍ପିୟନ୍‌ଶିପ୍ ଆୟୋଜିତ ହେବାକୁ ଯାଉଛି । ରୋଲର୍ ସ୍କେଟିଂ ଫେଡେରେଶନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଏହି ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବ । ଏଥିରେ ଦେଶବ୍ୟାପୀ ବିଭିନ୍ନ ଅଞ୍ଚଳରୁ ସ୍କେଟର୍‌ମାନେ ଭାଗ ନେଉଛନ୍ତି। ଓଡ଼ିଶା ରୋଲର୍ ସ୍କେଟିଂ ଫେଡେରେଶନ ପକ୍ଷରୁ ଓଡ଼ିଶାରୁ ବିଭିନ୍ନ ବର୍ଗ ଏବଂ ରୋଲର ହକିରେ ୧୩୮ ସ୍କେଟରଙ୍କୁ ଚୟନ କରାଯାଇଛି। ଏହି ଟିମ୍‌ରେ ସାମିଲ ହୋଇଛନ୍ତି ବ୍ରହ୍ମପୁର ସହରର କମାପଲ୍ଲୀସ୍ଥିତ ସିଲକି ରୋଲର ସ୍କେଟିଂ ଏକାଡେମୀର ଉଭୟ ବାଳିକା ଓ ବାଳକ ବିଭାଗର ବିଭିନ୍ନ ବର୍ଗରେ ୭ଜଣ ସ୍କେଟର ଭାଗ ନେଉଛନ୍ତି। ସେମାନେ ହେଲେ ଅନ୍ୱେଷା ବିଷୋୟୀ, ଆୟୁଷ ପଣ୍ଡା, ଆଶୁତୋଷ ପାଢୀ, ପୁନିତ ଗୌଡ଼, ଶ୍ରଦ୍ଧା ପ୍ରିୟଦର୍ଶିନୀ, ଆଶୀର୍ବାଦ ପାଢୀ ଏବଂ ଅନୁଭବ ପଣ୍ଡା। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ସ୍କେଟରମାନେ ଅଂଶ ଗ୍ରହଣ କରିବାକୁ ଥିବା ବେଳେ ଜୁନିୟର ସ୍କେଟରମାନଙ୍କ ୧୫ରୁ ୧୭ତାରିଖ ଓ ସିନିୟର ସ୍କେଟରମାନଙ୍କ ୧୮ରୁ ୨୪ ତାରିଖରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିପାଇଁ ସିଲକି ରୋଲର ସ୍କେଟିଂ ଏକାଡେମୀ ପକ୍ଷରୁ ଭାଗ ନେବାକୁ ଥିବା ସମସ୍ତ ସ୍କେଟର କୋଚ୍ ଗୌତମଙ୍କଠାରୁ ପ୍ରଶିକ୍ଷଣ ପାଇଥିବା ବେଳେ ଅଭ୍ୟାସ ମଧ କରିଛନ୍ତି। ଚମ୍ପିୟନଶିପରେ ଅଂଶ ଗ୍ରହଣ କରିବା ଲାଗି ବ୍ରହ୍ମପୁରର ସ୍କେଟରମାନେ ଶନିବାର ବିଶାଖାପାଟଣା ଯାତ୍ରା କରିଛନ୍ତି । ଏଥି ପୂର୍ବରୁ ସମସ୍ତ ପ୍ରତିଯୋଗୀଙ୍କୁ ଏକାଡେମୀ, ଅଭିଭାବକ, ସ୍କେଟରମାନେ ଭଲ ପ୍ରଦର୍ଶନ ଓ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ସୂଚନାଯୋଗ୍ୟ, ଜାତୀୟ ଚମ୍ପିୟନସିପରେ ଭାଗ ନେବା ପାଇଁ ଏହି ସ୍କେଟରମାନେ ପୂର୍ବରୁ ବ୍ରହ୍ମପୁର ଉପକଣ୍ଠ ଗାନ୍ଧୀ କଲେଜ ଅଫ ଇଞ୍ଜିନିୟରିଂ ପରିସରରେ ଗତ ମାସ ୩ତାରିଖରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚୟନ ଶିବିରରେ ଭଲ ପ୍ରଦର୍ଶନ କରିଥିବା ଯୋଗୁ ମନୋନୀତ ହୋଇଛନ୍ତି ।

## ସରନ୍ତି ଶକ୍ତି ସଂରକ୍ଷଣ ଜରୁରୀ

ବ୍ରହ୍ମପୁର ଅଫିସ୍,୧୪।୧୨

ବ୍ରହ୍ମପୁର ସିଟି ହାଇସ୍କୁଲରେ ଶନିବାର ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହାକୁ ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରାରେ ସିଟି ହାଇସ୍କୁଲ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବ୍ରହ୍ମପୁର-୨ର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ଶକ୍ତି ସଂରକ୍ଷଣ କରିବା ଦିଗରେ ଗୁରୁତ୍ୱ ଦେବାକୁ ଛାତ୍ରୀଛାତ୍ରମାନେ ସ୍ଲୋଗାନ୍ ଦେଇଥିଲେ। ପରେ ଏକସଭା ଆୟୋଜିତ ହୋଇଥିଲା। ସରନ୍ତି ଶକ୍ତିଗୁଡ଼ିକର ସଂରକ୍ଷଣ ଜରୁରୀ ବୋଲି ଜିଲା ଶିକ୍ଷା ଅଧିକାରୀ ପଣ୍ଡା ପରାମର୍ଶ ଦେଇଥିଲେ । ଦିନକୁ ଦିନ ସରନ୍ତି ଶକ୍ତି ଯଥା କୋଇଲା, ପେଟ୍ରୋଲ୍ ଆଦି ସରିବାରେ ଲାଗିଛି। ଭବିଷ୍ୟତରେ ଏହାର ବିରାଟ ସଂକଟ ଦେଖାଦେବ । ଅଯଥା ବିଦ୍ୟୁତ୍ କିମ୍ବା ପେଟ୍ରୋଲ୍ ଖର୍ଚ୍ଚ ନ କରିବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପନ୍ନଗ ଭୂଷଣ ମାଝି, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ, ଇକୋ କ୍ଲବ ଜିଲା ସଂଯୋଜକ ଶଙ୍କର ନାରାୟଣ ବେଜ୍, ସିଟି ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳୀଚରଣ ପ୍ରଧାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବ୍ରହ୍ମପୁର-୨ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ବେହେରାଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ରମାନେ ପରିଚାଳନାରେ ସହଯୋଗ କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ମହିଳା ବୈଜ୍ଞାନିକଙ୍କ ସଚେତନତା କର୍ମଶାଳା

ବ୍ରହ୍ମପୁର ଅଫିସ, ୧୪।୧୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଆନୁକୂଲ୍ୟରେ ମହିଳା ବୈଜ୍ଞାନିକଙ୍କ ସଚେତନତା କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ନୂଆଦିଲ୍ଲୀର ବୈଜ୍ଞାନିକ ଡ଼. ବନ୍ଦନା ସିଂ, ଆଇଆଇଟି ଦିଲ୍ଲୀର ୟୁ. ସି. ମହାନ୍ତି ସମ୍ମାନିତ ଅତିଥି ଭବେ ଯୋଗଦେଇ ଗୃହିଣୀ ମହିଳାଙ୍କୁ ଆତ୍ମନିର୍ଭରଶିଳ କରାଇବା ଉପରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ବନମାଳୀ ସାହୁ କର୍ମଶାଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ ସରକାରୀ ବେସରକାରୀ କଲେଜର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଅଧ୍ୟାପିକା ଓ ଅଧ୍ୟାପକ କର୍ମଶାଳାରେ ଯୋଗଦେଇଥିଲେ।


ଉପସ୍ଥିତ ଅଧ୍ୟାପିକା ଓ ଅଧ୍ୟାପକ।

## ବାଇକ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୪।୧୨

ବାଇକ୍‌ରୁ ପଡି ଗୁରୁତର ହୋଇ ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ଥିବା ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଫୁଲବାଣୀର ସମୀର ନାୟକ (୨୧)। ମେଡିକାଲ ଫାଣ୍ଡି ପୋଲିସ ଶନିବାର ମୃତଦେହ ଜବତ କରି ନଂ.୬୫୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସମୀର ଶୁକ୍ରବାର କୌଣସି କାମରେ ବଜାରକୁ ଯାଇଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୪ଟା ବେଳେ ସେ ବାଇକ୍‌ରେ ଘରକୁ ଫେରୁଥିଲେ। ଏକ ବୁଲାଣି ରାସ୍ତାରେ ତାଙ୍କ ବାଇକ୍‌ଟି ଖସି ଯାଇଥିଲା। ଫଳରେ ସେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସମୀରଙ୍କୁ ଉଦ୍ଧାର କରି ପ୍ରଥମେ ଫୁଲବାଣୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଶୁକ୍ରବର ରାତିରେ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସମୀରଙ୍କ ଶନିବାର ସକାଳେ ମୃତ୍ୟୁ ଘଟିଥିଲା।

## ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

# ୩ କୋଟି ୫୨ ଲକ୍ଷ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୧୪।୧୨

ଗଞ୍ଜାମ ଜିଲା ଦୌରା ଜଜ କୋର୍ଟରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲା ଦୌରା ଜଜ ତଥା ପ୍ରାଧିକରଣ ଅଧ୍ୟକ୍ଷ ରାମ ଶଙ୍କର ହୋତା ଅଧ୍ୟକ୍ଷତା କରିଥିଲେ। ୮୬ ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାର ସମାଧାନ କରାଯାଇଥିଲା। ଏଥିରେ ୪ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଓ ଅନ୍ୟାନ୍ୟ ଘରୋଇ ଇନ୍‌ସ୍ୟୁରାନ୍ସ କମ୍ପାନୀ ଅଂଶଗ୍ରହଣ କରିଥିଲେ। କ୍ଷତିପୂରଣ ବାବଦକୁ ୩ କୋଟି ୫୨ ଲକ୍ଷ ୭୧ ହଜାର ଟଙ୍କା ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୧୨୯ ପ୍ରି-ଲିଟିଗେଶନ କେସ୍‌ର ସମାଧାନ କରାଯାଇ ୭୪ ଲକ୍ଷ ୨ ହଜାର ୬୮୫ ଟଙ୍କା ଆଦେଶ କରାଯାଇଛି। ଏଥିରେ ୧୩୯ ଫୌଜଦାରି ମକଦ୍ଦମା, ୫୭ ଦେୱାନି ମକଦ୍ଦମା ଓ ୨୩ ପରିବାରିକ ମକଦ୍ଦମାର ବିଚାର କରାଯାଇଥିଲା। ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ଏହାକୁ ପରିଚାଳନା କରିଥିଲେ।

## ଗୀତା ଜୟନ୍ତୀ ଉତ୍ସବରେ ଚିତ୍ରାଙ୍କନ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୧୪।୧୨

ଲାଞ୍ଜିପଲ୍ଲୀ ଗୀତା ସତ୍‌ସଙ୍ଗ କେନ୍ଦ୍ର ପକ୍ଷରୁ ଗୀତା ଜୟନ୍ତୀ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ୫ଦିନ ଧରି ଚାଲିଥିବା ଉତ୍ସବର ଉଦ୍‌ଯାପନୀ ଦିବସ ଅବସରରେ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୦ବିଦ୍ୟାଳୟ ତଥା ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଲାଞ୍ଜିପଲ୍ଲୀ ଯୁବ ବାହିନୀ ସଭାପତି ଆଦିତ୍ୟ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ଜୟରାମ ମହାରଣା, ଲୋକନାଥ ସାହୁ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। କନିଷ୍ଠ ବର୍ଗରେ ଶ୍ୱେତାରାଣୀ ପଟ୍ଟନାୟକ ପ୍ରଥମ, ବି. ତ୍ରିଶା ପାତ୍ର ଦ୍ୱିତୀୟ, ଶୁଭଙ୍କର ସାହୁ ତୃତୀୟ, ସାଇ ଆଦିତ୍ୟ ପଣ୍ଡା ଚତୁର୍ଥ ହୋଇଥିଲେ । ସେହିପରି ବରିଷ୍ଠ ବର୍ଗରେ ଅଭିଜିତ ମହାକୁଡ ପ୍ରଥମ, ସନ୍ତୋଷ କୁମାର ମହାରଣା ଦ୍ୱିତୀୟ, ଶୁଭସ୍ମିତା ପାତ୍ର ତୃତୀୟ, ଅର୍ପିତା ପଣ୍ଡା ଚତୁର୍ଥ ହୋଇଥିଲେ। ଅନିଲ କୁମାର ବ୍ରହ୍ମା, ଗଙ୍ଗାଧର ବେହେରା, ଫିରୋଜ ପ୍ରଧାନ ଓ ନାରାୟଣ ପାତ୍ର ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।


କୃତୀ ପ୍ରତିଯୋଗୀଙ୍କ ସହ ମଞ୍ଚାସୀନ ଅତିଥି ।

## ଏବିଭିପିର ଜିଲାସ୍ତରୀୟ 'ପ୍ରତିଭା ସଙ୍ଗମ' ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୧୪।୧୨

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଗଞ୍ଜାମ ଜିଲା ଶାଖା ପକ୍ଷରୁ ଜିଲାସ୍ତରୀୟ 'ପ୍ରତିଭା ସଙ୍ଗମ' ପ୍ରତିଯୋଗିତା ସ୍ଥାନୀୟ ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଆୟୋଜିତ ହୋଇଯାଇଛି। ଏବିଭିପି ରାଜ୍ୟ ଉପସଭାପତି ଶିବ ପ୍ରସାଦ ତ୍ରିପାଠୀ ଯୋଗଦେଇ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ସିଡବ୍ଲୁସି ଚେୟାରମ୍ୟାନ ସ୍ମୃତିସୁଧା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳା ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ବିଦ୍ୟାର୍ଥୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିରେ ୩୦ରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ରଙ୍ଗୋଲି, ଏକକ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗିତାରେ ଦେବାଶିଷ ସାହୁ, ସତ୍ୟନାରାୟଣ ମହାରଣା, ନୀଳାଞ୍ଚଳ ବେହେରା, ଆଏସା ପାତ୍ର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। କଣ୍ଠସଙ୍ଗୀତରେ ଶୁଭ୍ର ସୌରଭ ବେହେରା, ରଙ୍ଗୋଲି ଓ ଏକକ ଅଭିନୟରେ ବର୍ଷାରାଣୀ ମହାରଣା, ଚିତ୍ରକଳାରେ ସମୀର ପ୍ରଧାନ, କବିତା ଆବୃତ୍ତିରେ ସୁପର୍ଣ୍ଣା ସ୍ୱାଇଁ, ଦଳଗତ ଏକକ ଅଭିନୟ ଆରହାନ୍ତ କଲେଜ ଦଳ, ନୃତ୍ୟ ଦିବ୍ୟଶ୍ରୀ ସାହୁ, ଦଳଗତ ନୃତ୍ୟରେ ଅମ୍ବିକା କୁମାରୀ ପାତ୍ର ଓ ଦଳ ପ୍ରଥମ ହୋଇଛନ୍ତି। ଉପରୋକ୍ତ କୃତୀ ପ୍ରତିଯୋଗୀମାନେ ଆସନ୍ତା ୨୬ ରୁ ୧୮ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଭା ସଙ୍ଗମ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚାଯାଇଥିଲା । ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର, ବିଭାଗ ସଂଯୋଜକ ତୁତୁନ ପାତ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାପତି ଭଗବାନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଚିନ୍ମୟ ପଟ୍ଟନାୟକ, ବିଭୁ ପ୍ରିୟା ବିଷୋୟୀ, ଦିଗାମ୍ବର ନାୟକ, କିରଣ ରାନୀ ପାତ୍ର, ଦେବାଶିଷ ଦାଶ, ସୁଧୀର ବିଷୋୟୀ, ଅରୁଣ ପ୍ରଧାନ, ବିକାଶ ପଲାଇ ଓ କୃଷ୍ଣ ଚନ୍ଦ୍ର ପଲାଇ ପ୍ରମୁଖ ସହଯୋଗ କରିଥିକକଲେ। ନଗର ସମ୍ପାଦକ ଚିନ୍ମୟାନନ୍ଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ଶକ୍ତି ସଂରକ୍ଷଣ ଦିବସ ପାଳିତ




ସେମିଳିଗୁଡ଼ା,୧୪।୧୨(ସ୍ୱ.ପ୍ର.): କୋରାପୁଟ ଜିଲା ସେମିଳିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ଛାତ୍ରୀଛାତ୍ର ଏକ ସଚେତନତା ରାଲିରେ ସହର ପରିକ୍ରମା କରି ଶକ୍ତି ସଂରକ୍ଷଣ ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏହା ସହ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଜେନାଙ୍କ ଅଧ୍ୟକ୍ଷତାରେ ଶକ୍ତି ସଂରକ୍ଷଣ ଉପରେ ଏକ ସଭା ଆୟୋଜିତ ହୋଇଥିଲା। ବିଜ୍ଞାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାମନ୍ତସିଂହାର ଶକ୍ତି ସଂରକ୍ଷଣର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। କୁଇଜ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ଡାକ୍ତର

ସେମିଳିଗୁଡ଼ା,୧୪।୧୨(ସ୍ୱ.ପ୍ର.): ସେମିଳିଗୁଡ଼ାର ବିଲେଇଗୁଡ଼ାସ୍ଥିତ ନୂତନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ଦୂରଦୁରାନ୍ତରୁ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ନୂତନ ଭାବେ ଜଣେ ଡାକ୍ତର ଯୋଗ ଦେଇଥିବା ବେଳେ ତାଙ୍କୁ ଏଠାରୁ ଡେପୁଟେଶନରେ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। କୁନ୍ଦୁଲି ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଜଣ ଡାକ୍ତର ଚିକିତ୍ସା ଦାୟିତ୍ୱରେ ଥିବାବେଳେ ହଠାତ ଏହି ଡାକ୍ତରଙ୍କୁ ସେଠାକୁ ନିଆଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଲେଇଗୁଡ଼ାରେ ଥିବା ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଞ୍ଚଳର ୫ଟି ପଞ୍ଚାୟତର ବାସିନ୍ଦା ନିର୍ଭର କରନ୍ତି। ଏଠାରେ ତୁରନ୍ତ ଡାକ୍ତର ନ ଦେଲେ ସ୍ଥାନୀୟ ବାସିନ୍ଦା ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଆୟୁଷ ଡାକ୍ତର କହିଛନ୍ତି, ଡାକ୍ତର ପଦବୀ ଖାଲି ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଓ ସେ ନିଜେ ଚିକିତ୍ସା କାମ ଚଳାଉଛନ୍ତି।

### ଶକ୍ତି ସଂରକ୍ଷଣ ଶୋଭାଯାତ୍ରା




ବୈପାରୀଗୁଡ଼ା,୧୪।୧୨(ଡି.ଏନ୍.ଏ.): ସ୍ଥାନୀୟ ନୋଡାଲ ହାଇସ୍କୁଲ ପକ୍ଷରୁ ଶନିବାର ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁଜିତ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଦୀପ ଚର୍ଚ୍ଚି, ସ୍ମିତାରାଣୀ ବାଗ, ବିଦ୍ୟାଧର ଜେନା, ରଜନୀଗନ୍ଧା ଦିଶାରୀ, ମଧୁସୂଦନ ଦାସ, ସୁନୀଲ ଦାସ ଓ ସନ୍ଧ୍ୟାରାଣୀ ଭୋଇ ଯୋଗ ଦେଇଥିଲେ। ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ବିଜୟୀ ଖଗପତି ଖରାଙ୍କୁ ୧ ହଜାର, ସଙ୍ଗୀତା ସାମନ୍ତରାୟଙ୍କୁ ୮୦୦ ଓ ସସ୍ମିତ ଗନ୍ତାୟତଙ୍କୁ ୬୦୦ ଟଙ୍କା ପୁରସ୍କାର ଦିଆଯାଇଥିଲା।

# ଜିଲାପାଳଙ୍କ ଦସ୍ତଖତ ଥାଇ ପହଞ୍ଚିନି କାଗଜପତ୍ର

■ କୋରାପୁଟ ଏମ୍‌ପିଙ୍କ ଚିଠିର ଏପରି ଉତ୍ତର ଫେରାଇଲା କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ

**ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ**

ଜୟପୁର,୧୪।୧୨(ନି.ପ୍ର.)

ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଗତ ୨୬ ଅକ୍ଟୋବରରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନକୁ ଚିଠି ଲେଖିଥିଲେ। ଏହାର ଯାହାର ପ୍ରତି ଉତ୍ତର ଏବେ ମିଳିଛି। ସେଥିରେ ଉଲ୍ଲେଖ ରହିଛି ଯେ ଗତ ୨୧ ଅକ୍ଟୋବରରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ଡେପୁଟି ସେକ୍ରେଟାରୀ ପଠାଇଥିବା ଚିଠିରେ କୋରାପୁଟ ଜିଲାପାଳଙ୍କ ଦସ୍ତଖତ ସମ୍ବଳିତ କୌଣସି କାଗଜପତ୍ର ନାହିଁ। ଯେଉଁ କାଗଜପତ୍ର ଯାଇଛି, ସେଥିରେ ଜିଲା ଶିକ୍ଷାଧିକାରୀଙ୍କ ଦସ୍ତଖତ ରହିଛି, ଯାହା ଗ୍ରହଣଯୋଗ୍ୟ ନୁହେଁ। ଜୟପୁରଠାରେ ଅସ୍ଥାୟୀ ଭାବେ ଆରମ୍ଭ ହେବାକୁ ଥିବା ଗୃହର ବିବରଣୀ ମଧ୍ୟ ସେଥିରେ ଦିଆଯାଇ ନାହିଁ। ଫଳରେ ପ୍ରକ୍ରିୟା ଆଗକୁ ବଢ଼ିପାରୁ ନାହିଁ ବୋଲି ସଂଗଠନ ତରଫରୁ ଏମ୍‌ପି ଉଲ୍ଲାକାଙ୍କୁ ଅବଗତ କରାଯାଇଛି।

୨୦୧୭ରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ପଦକ୍ଷେପ ଆରମ୍ଭ କରିବାକୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିଠି ନଂ ୧୭୬୮୩ରେ କୋରାପୁଟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ସରକାରଙ୍କ ଧାର୍ଯ୍ୟ ପ୍ରକ୍ରିୟା ଅନୁସାରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇଲେ ଏହାକୁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟକୁ ଦିଆଯାଇପରିଥାନ୍ତା। ସଙ୍ଗଠନର ନିଷ୍ପତ୍ତି ପ୍ରକାରେ ପ୍ରାୟୋଜକ ପ୍ରାଧିକରଣ ବା ସ୍ପନ୍ସରିଂ ଅଥରିଟିକୁ ପ୍ରାଥମିକ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜୟପୁର ଭଳି ସହରରେ ୫ରୁ ୧୦ ଏକର ଜମି ମାଗଣା ଦେବାକୁ ପଡ଼ିବ। ଏହାସହ ଉକ୍ତ ସ୍କୁଲ୍‌ରେ କାର୍ଯ୍ୟ କରିବାକୁ ନିଯୁକ୍ତ ୫୦ ପ୍ରତିଶତ କର୍ମଚାରୀଙ୍କ ପାଇଁ ମଧ୍ୟ ଆବାସ ନେଇ ଜମି ଦେବାକୁ ହେବ। ସଂଗଠନର ସଂଶୋଧିତ ମାନଦଣ୍ଡ ଅନୁସାରେ ଯେଉଁ ସ୍ଥାନରେ ପ୍ରତିରକ୍ଷା ବିଭାଗ କିମ୍ବା କେନ୍ଦ୍ର ସରକାରୀ ଉଦ୍ୟୋଗରେ କାର୍ଯ୍ୟରତ ୫ଶହ କର୍ମଚାରୀ ରହୁଥିବେ, ସେହିଠାରେ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ପ୍ରାୟୋଜିତରେ ଏହି ସ୍କୁଲ୍ ପ୍ରତିଷ୍ଠା ହୋଇପାରିବ। ପ୍ରାୟୋଜକ ପ୍ରାଧିକରଣକୁ ପ୍ରଥମେ ଆବଶ୍ୟକ ଜମି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନକୁ ମାଗଣାରେ ନତୁବା ୧ଟଙ୍କାରେ ହସ୍ତାନ୍ତର କରିବାକୁ ପଡ଼ିବ। ଏହି ଜମି ପାଇବା ପରେ ହିଁ ସଂଗଠନ ସ୍କୁଲ ପ୍ରତିଷ୍ଠା ନେଇ ଘୋଷଣା କରିବାର ବ୍ୟବସ୍ଥା ରହିଛି । ଜୟପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଥିବା ବେଳେ କେବଳ ସରକାର ଓ ପ୍ରଶାସନିକ ଆନ୍ତରିକତାର ଅଭାବ ରହିଛି ।

# କଞ୍ଚାମେଣ୍ଡି ପଞ୍ଚାୟତରେ ଗ୍ରାମସଭା




ସଭାରେ ଉପସ୍ଥିତ ଅତିଥି।

କ.ନୂଆଗାଁ,୧୪।୧୨(ଡି.ଏନ୍.ଏ.)

କ.ନୂଆଗାଁ ବ୍ଲକ କଞ୍ଚାମେଣ୍ଡି ପଞ୍ଚାୟତରେ ଶନିବାର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସରପଞ୍ଚ ସାନିରା ପ୍ରଧାନ ସଭାପତିତ୍ୱ କରିଥିଲେ। ଦୀର୍ଘବର୍ଷ ବର୍ଷ ଧରି ବିଦେଶୀ ମଦ ଦୋକାନ ଚାଲିଥିବାରୁ ଅଞ୍ଚଳବାସୀଙ୍କୁ ବହୁ ଅସୁବିଧା ହେଉଥିବା ନେଇ ସଭାରେ ବହୁ ସଭ୍ୟସଭ୍ୟା କ୍ଷୋଭ ପ୍ରକାଶ କରିଥିଲେ। ଏହି ମଦ ଦୋକାନ ବନ୍ଦ କରିବା ପାଇଁ ସରପଞ୍ଚଙ୍କ ନିକଟରେ ବହୁବାର ଗ୍ରାମବାସୀ ଦାବି କରିଥିଲେ। ଏ ନେଇ ଜିଲାପାଳ ଓ ଅବକାରୀ ବିଭାଗକୁ ଜଣାଇବା ପାଇଁ ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ ବୋଲି ସଭାରେ ଆଲୋଚନା ହୋଇଥିଲା। ସଭାରେ ନାଏବ ସରପଞ୍ଚ ପ୍ରଶାନ୍ତି ମଲିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ସାହାଣୀ, ଜିଆର୍‌ଏସ୍ ଅଭିମନ୍ୟୁ ବେହେରା ଦଲାଇ, ବିଶିକେଶନ ନାଏକ, କଳାରାମ ବିଶିମାଝୀ, ସୁଧୀର କୁମାର ସାହୁଙ୍କ ସମେତ ସାରଙ୍ଗଗଡ଼ ଓ ବଣ୍ଡଗୁଡ଼ା ଆଞ୍ଚଳିକ କମିଟି ସଭାପତି ଦୀନବନ୍ଧୁ ପ୍ରଧାନ ଓ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

■ ତିନି ମାସ ପରେ ବସିଲା ଲୋକ ଅଦାଲତ

# ଫଇସଲା ହେଲା ୧୯୮ ମାମଲା



ଲୋକ ଅଦାଲତରେ ବିଭିନ୍ନ ମାମଲାର ବିଚାରଣା ଚାଲିଛି।

ଜୟପୁର,୧୪।୧୨(ଡି.ଏନ୍.ଏ.)

ଜୟପୁରସ୍ଥିତ ଜିଲା କୋର୍ଟରେ ଶନିବାର ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ସର୍ବମୋଟ ୨୨୧୭ ମାମଲା ମଧ୍ୟରୁ ୧୯୮ଟିର ସମାଧାନ କରାଯାଇଛି। ଏଥିରେ ଜରିମାନା ଆକାରରେ ୩୪ ଲକ୍ଷ ୫୫ ହଜାର ୭୬୦ ଟଙ୍କା ଆଦାୟ ହୋଇଛି। ବକେୟା ମାମଲାରେ ୧୧୧୭ଟିରୁ ୧୪୭ଟି ସମାଧାନ କରାଯାଇଛି। ବ୍ୟାଙ୍କ ସମ୍ପର୍କିତ ୧୫୭ଟି ମାମଲାର ଫଇସଲା କରାଯାଇ ୩୪ ଲକ୍ଷ ୪୨ ହଜାର ୯୫୦ ଟଙ୍କା ଆଦାୟ ହୋଇଛି। ୧୪ଟି କମ୍ପାଉଣ୍ଡ ଫୌଜଦାରୀ ମାମଲା, ଏନ୍‌ଆଇ ଧାରାରେ ୧୭ଟି ମାମଲାର ସମାଧାନ କରାଯାଇ ୨୭ ଲକ୍ଷ ୬୧ ହଜାର ୪୯୨ ଟଙ୍କା ଆଦାୟ କରାଯାଇଛି। ମୋଟର ଦୁର୍ଘଟଣା ଜନିତ ମାମଲାରେ ୫୧ଟି ମାମଲାରୁ ୧କୋଟି ୯୩ ଲକ୍ଷ ୯୮ ହଜାର ଟଙ୍କା ଆଦାୟ ହୋଇଛି। ୧୩ଟି ପରିବାର ଓ ୧୭ଟି ଦେୱାନୀ ମାମଲାର ଫଇସଲା ହୋଇ ୭ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟ ୨୭ଟି ଫୌଜଦାରୀ ମାମଲାର ସମାଧାନ ସହ ଜରିମାନା ଆକାରରେ ୫୦୦୦ ଟଙ୍କା ଆଦାୟ ହୋଇଛି। ଏଥିରେ ଜିଲାଜଜ୍ ବିମଳ ଚାନ୍ଦ, ଭିଜିଲାନ୍ସ ଜଜ୍ ସୋମଶେଖର ଜେନା, ପରିବାର ଅଦାଲତ ଜଜ୍ ସୂର୍ଯ୍ୟ ପ୍ରକାଶ କର, ଏଡିଜେ ରାଜକିଶୋର ଲେଙ୍କା, ରେଜିଷ୍ଟ୍ରାର ହିମାଂଶୁ ଶେଖର ବିଶ୍ୱାଳ, ପ୍ରାଧିକରଣ ସଂପାଦିକା ଲଳିତ ମଞ୍ଜରୀ ପଟ୍ଟନାୟକ, ସିଭିଲ ଜଜ୍ ଲୋପାମୁଦ୍ରା ପଣ୍ଡା, ଏସ୍‌ଡିଜେଏମ୍ ଜନ୍ମେଜୟ ପଲାଇ, ଜେଏମ୍‌ଏଫ୍‌ସି ସୁନିତା ମିଶ୍ର, ଭାନୁପ୍ରତାପ ମିଶ୍ର, ସୁରକ୍ଷିତ ମିଶ୍ର ଶୁଣାଣି କରିଥିଲେ। ଆଇନଜୀବୀ ସଂଘ ପକ୍ଷରୁ ଶଶାନନ୍ଦ ମିଶ୍ର, ଦାଶରଥୀ ପଟ୍ଟନାୟକ, ମନୋଜବାଳା, ଦୀନବନ୍ଧୁ, ତ୍ରିନାଥ ସିଂଲାଲ, ଲାଲମୋହନ ମିଶ୍ର, ପ୍ରମୋଦ ଦାଶ, ଜେ. ସତ୍ୟନାରାୟଣ ଆଚାରୀ, ପି. ଈଶ୍ୱର ରାଓ, ହରିଶ ମୁଦୁଲି, ଗିରିଧର ଖରା ସହାୟତା କରିଥିଲେ।


### ସ୍ୱାମୀଙ୍କ ନାଁରେ ନିର୍ଯାତନା ମାମଲା

ଜୟପୁର,୧୪।୧୨(ଡି.ଏନ୍.ଏ.)

ସ୍ୱାମୀ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ନେଇ ଜୟପୁରସ୍ଥିତ ମହିଳା ଥାନାରେ ପତ୍ନୀ ଏତଲା ଦେଇଛନ୍ତି। ମହିଳାଥାନା ଏନେଇ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ପାଇଲସାହିରେ ରହୁଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ୱାମୀ ସମୀର ସ୍ୱାଇଁ ଅନ୍ୟ ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖିଛନ୍ତି। ସ୍ୱାମୀ ଓ ଉକ୍ତ ମହିଳା ଜଣକ ମିଶି ତାଙ୍କୁ ନିର୍ଯାତନା ଦେଉଛନ୍ତି। ୨୦୧୧ରେ ସମୀରଙ୍କ ସହ ତାଙ୍କର ପ୍ରେମ ପରେ କୋର୍ଟରେ ବିବାହ ହୋଇଥିଲା। ସେମାନଙ୍କର ୮ ବର୍ଷର ଗୋଟିଏ ଝିଅ ରହିଛି। କିନ୍ତୁ କିଛି ଦିନ ହେବ ପାୱାର ହାଉସ କଲୋନୀ ୫ମ ଲାଇନର ଅନ୍ୟ ଜଣେ ମହିଳାଙ୍କ ସହିତ ତାଙ୍କ ସ୍ୱାମୀ ଅନୈତିକ ସମ୍ପର୍କ ରଖିଥିବା ଓ ତାଙ୍କୁ ବିବାହ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଥାନାରେ କେସ୍ ନଂ ୫୪/୧୯ରେ ଏକ ମାମଲା ରୁଜୁ ହୋଇଛି।

### ଲୋକ ଅଦାଲତ

ବୋରିଗୁମ୍ମା,୧୪।୧୨(ଡି.ଏନ୍.ଏ.): କୋରାପୁଟ ଜିଲା ବୋରିଗୁମ୍ମା ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ଶନିବାର ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜେଏମ୍‌ଏଫ୍‌ସି ଜଜ୍ ମାନସ ରଞ୍ଜନ ସାମନ୍ତରାୟଙ୍କ ନିକଟରେ ୪୦ଟି ମାମଲା ପଞ୍ଜିକୃତ ହୋଇଥିଲା। ସେଥିରୁ ୮ଟି ମାମଲାରେ ଦୁଇ ପକ୍ଷଙ୍କ ଆପୋଷ ବୁଝାମଣା କରାଯାଇ ଫଇସଲା କରାଯାଇଥିଲା। ଦୀର୍ଘଦିନ ଧରି ମାମଲାର ବିଚାରଣା ନ ହୋଇ ରହିଥିବା କେସ୍ ଲୋକ ଅଦାଲତ ମାଧ୍ୟମରେ ସମାଧାନ ହୋଇଥାଏ। ଏହି ଅବସରରେ ସରକାରୀ ଓକିଲ ମୁନା ଦୋରାଙ୍କ ସମେତ ପ୍ରଫୁଲ୍ଲ ଦଣ୍ଡସେନା, ଅଶୋକ ଗନ୍ତାୟତ, ପ୍ରସାଦ ବିଡିକା, ସୁମିତ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



# ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

ସେମିଳିଗୁଡ଼ା,୧୪।୧୨(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକରେ ଶନିବାର ଓରମାସ ଦ୍ୱାରା ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ଯୋଜନା ଅନ୍ତର୍ଗତ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ ଦୀନେଶ ଖରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଏହି ଯୋଜନା ଦ୍ୱାରା ଅଞ୍ଚଳର ଛାତ୍ରୀଛାତ୍ର ଆତ୍ମନିର୍ଭରଶୀଳ ହେବା ସହ ବେକାରୀ ସମସ୍ୟାର ସମାଧାନ ହୋଇପାରିବ। ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟକ୍ରମ ଦ୍ୱାରା ସେମିଳିଗୁଡ଼ା ବ୍ଲକ ବିଭିନ୍ନ ପଞ୍ଚାୟତର ମାଟ୍ରିକ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ହୋଟେଲ ମ୍ୟାନେଜମେଣ୍ଟ, ସିଲେଇ, ନର୍ସିଂ ଆସିଷ୍ଟାଣ୍ଟ, ସୋଲାର ଇଲେକ୍ଟ୍ରି ତାଲିମ ମାଗଣାରେ ଦିଆଯିବ। ଓଡ଼ିଶାର ୧୦ଟି କମ୍ପାନୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଚୟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଆରଡିଏ ସଂଯୋଜକ କୋରାପୁଟ ପ୍ରଶାନ୍ତ ଛତନ, ପଞ୍ଚାୟତିରାଜ ବିଭାଗର ନୀଳିମା ଭତ୍ରା, ମନିକା ପଟ୍ଟନାୟକ ଓ କରୁଣାକର ପରିଡ଼ା ଯୋଗ ଦେଇଥିଲେ। ସେମିଳିଗୁଡ଼ା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରୁ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିରରେ ମଞ୍ଚାସୀନ ଅତିଥିମାନେ।

# ଜ୍ଞାନକୌଶଳ ତାଲିମ ନେଲେ ଗଞ୍ଜାମ ଚାଷୀ

ଜୟପୁର,୧୪।୧୨(ନି.ପ୍ର.)

ଜୟପୁରସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନ ଦ୍ୱାରା ଗଞ୍ଜାମ ଜିଲାର ଅଗ୍ରଣୀ ଚାଷୀମାନେ ଜ୍ଞାନ କୌଶଳ ତାଲିମ ନେଇଛନ୍ତି। ଫୁଲବାଡ଼ସ୍ଥିତ ବିଜୁ ପଟ୍ଟନାୟକ କୃଷି ଜୈବ ବିବିଧତା କେନ୍ଦ୍ରରେ ୪ ଦିନିଆ ଆବାସିକ ପ୍ରଶିକ୍ଷଣ ଶିବିରରେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକର ୩୫ ଜଣ ଚାଷୀ ଓ ଏଟିଏମ୍ ଭାଗ ନେଇଥିଲେ। ପ୍ରଥମ ଦିନରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. କ୍ରିଷ୍ଣ କୁମାର କେ. ନାଭାଲେଡି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଅଧିକ ଉତ୍ପାଦନ କ୍ଷେତ୍ରରେ ଏମ୍.ଏସ. ସ୍ୱାମୀନାଥନଙ୍କ ଅବଦାନ, ବର୍ତ୍ତମାନର ଚାଷ ଉପରେ ଆଲୋକପାତ କରିଥିଲେ। ବୈଜ୍ଞାନିକ ପ୍ରଶାନ୍ତ ପରିଡ଼ା ସ୍ୱାଗତ ଭାଷଣ ରଖିଥିଲେ। ଶିବିରରେ ବିଭିନ୍ନ ଫସଲର ବିହନ ଚୟନଠାରୁ ଆରମ୍ଭ କରି ଅମଳୋତ୍ତର ପରିଚାଳନା ସମ୍ବନ୍ଧରେ ବୁଝାଇଥିଲେ ନିରଞ୍ଜନ ଗୌଡ଼। ମାଟି ପରୀକ୍ଷା, ବିହନ ବିଶୋଧନ, ଧାଡ଼ି ପଦ୍ଧତିରେ ରୋପଣ, ଜୈବିକ ସାର ପରିଚାଳନା, ରୋଗପୋକ ନିୟନ୍ତ୍ରଣ ଓ ବିହନ ଉତ୍ପାଦନ ଉପରେ ତାଲିମ ଦିଆଯାଇଥିଲା। ସଘନ ପ୍ରଣାଳୀରେ ମାଣ୍ଡିଆ ଚାଷ ଦ୍ୱାରା ଚାଷୀ କିପରି ଅଧିକ ଅମଳ ପାଇପାରିଛନ୍ତି, ବୈଜ୍ଞାନିକ ପ୍ରଶାନ୍ତ ପରିଡ଼ା ତାହା ଶିଖାଇଥିଲେ। ଡାଲିଜାତୀୟ ଫସଲ ଉତ୍ପାଦନ ଓ କୃଷକ ଉତ୍ପାଦକ ସଂଘ ଗଠନ, ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ କାର୍ତ୍ତିକ ଚରଣ ଲେଙ୍କା। ସମନ୍ୱିତ କୃଷି ପ୍ରଣାଳୀରେ ମାଛ ଚାଷ ସହ ବତକ ଚାଷ, ପୋଖରୀ ହୁଡ଼ା ଓ ପରିସରରେ ପନିପରିବା ଓ ଶସ୍ୟଜାତୀୟ କୃଷି ଦ୍ୱାରା ଚାଷୀଙ୍କ ଆର୍ଥିକ ମାନଦଣ୍ଡ କିପରି ସୁଦୃଢ଼ ହୋଇପାରିବ, ସେନେଇ ସଚେତନ କରିଥିଲେ ବିକ୍ରମ କେଶରୀ ବଳିୟାରସିଂହ। ପାତ୍ରପୁର ବ୍ଲକରୁ ଆସିଥିବା ଚାଷୀମାନେ କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକର ଚନ୍ଦ୍ରପଡ଼ା ଓ ମହୁଲି ପଞ୍ଚାୟତର ଗ୍ରାମକୁ କ୍ଷେତ୍ର ପ୍ରଦର୍ଶନରେ ଯାଇ ବିଭିନ୍ନ ଚାଷ ଦେଖିବା ସହ ସ୍ଥାନୀୟ ଚାଷୀଙ୍କ ସହ ଭାବ ବିନିମୟ କରିଥିଲେ। ଉଦ୍‌ଯାପନୀ ଦିବସରେ କୋରାପୁଟ ଆତ୍ମାର ପ୍ରକଳ୍ପ ଉପ ନିର୍ଦ୍ଦେଶକ ଧୀରେନ୍ଦ୍ର ସିଂହ ବରିହା ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଚାଷ ସମ୍ବନ୍ଧୀୟ ଯୋଜନା ବୁଝାଇବା ସହ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରତିଷ୍ଠାନର ଉନ୍ନୟନ ସଂଯୋଜକ ନିରଞ୍ଜନ ଗୌଡ଼ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।

■ ମଧ୍ୟାହ୍ନଭୋଜନରେ ଅନିୟମିତତା

# କାରଣ ଦର୍ଶାଇବାକୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ

ରାୟଗଡ଼ା ଅଫିସ,୧୪।୧୨(ଡ଼ି.ଏନ.ଏ)

ରାୟଗଡା ଜିଲା ଗୁଣପୁର ପୌର ପରିଷଦ ଅଧିନ ମରାଠିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ହିସାବରେ ତାଳମେଳ ନ ଥିବା ନଜରକୁ ଆସିଛି । ଏହା ବ୍ଲକ ଶିକ୍ଷା ଅଧିକାରୀଙ୍କ ନଜରକୁ ଆସିବା ପରେ ଏହାର କାରଣ ଦର୍ଶାଇବାକୁ ସଂପୃକ୍ତ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ମଧ୍ୟାହ୍ନଭୋଜନ ରେକର୍ଡ ଯାଞ୍ଚ ସମୟରେ ଅନ୍ୟାନ୍ୟ ବିଷୟରେ ମଧ୍ୟ ଅନିୟମିତତା ହୋଇଥିବା ଜଣାପଡ଼ିଛି । ସେଗୁଡିକ ସମ୍ପର୍କରେ ମଧ୍ୟ ଜବାବ ରଖିବାକୁ ବିଇଓ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ନଂ. ୨୧୦୭, ୨୮।୧୧।୨୦୧୯ କ୍ରମେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଡିସେମ୍ବର ୧ ତାରିଖ ସୁଦ୍ଧା ଏହାର ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ପତ୍ରରେ ମଧ୍ୟାହ୍ନଭୋଜନର ହିସାବ ଖାତା, ପାସବୁକ ଏବଂ ଭାଉଚରେ ମଧ୍ୟରେ ତାଳମେଳ ରହୁନାହିଁ । କାହାର ଅନୁମତି ନ ଥାଇ କିପରି ୧,୫୨,୪୫୬ ଟଙ୍କା ବକେୟା ବାବଦରେ ପ୍ରଦାନ କରାଯାଇଛି, ପାସବୁକରେ ୧,୩୮,୫୮୪ ଟଙ୍କା କିପରି କମ ରହିଲା ତାହାର ଉତ୍ତର ୧ ତାରିଖ ସୁଦ୍ଧା ପ୍ରଦାନ କରା ନ ଗଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ।

# ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

ଜୟପୁର,୧୪।୧୨ (ଡି.ଏନ୍.ଏ./ନି.ପ୍ର.)

ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଶନିବାର ଶକ୍ତି ସଂରକ୍ଷଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ତଥା ବିଇଓ ସୁରେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜୟପୁର ବ୍ଲକ ଓ ପୌରାଞ୍ଚଳର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଗତ ୧ ତାରିଖରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର ଶ୍ରେଷ୍ଠ ସ୍ଥାନ ପାଇଥିବା ମଡର୍ନ ଇଂଲିଶ ବିଦ୍ୟାଳୟ ଛାତ୍ର ଶ୍ରେୟାଂଶ ପଣ୍ଡା, ସୁମିତ ନାହାକ ଓ ସିଟି ହାଇସ୍କୁଲର ଛାତ୍ରୀ ନିଲମ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଭାତ ରଥ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଦିଲୀପ ପଣ୍ଡା, ଯଜ୍ଞେଶ୍ୱର ପଣ୍ଡା, ସୁବର୍ଣ୍ଣ ଖିଲ, ଦେବେନ୍ଦ୍ର ପାଢ଼ୀ ବିଶ୍ୱରଞ୍ଜନ ଗୌଡ଼, ଏମ୍. ଯୋଗେଶ୍ୱର, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସଚେତନତା ଶୋଭାଯାତ୍ରା ଜୟପୁର ସହର ପରିକ୍ରମା କରୁଛି।

■ ବିଦ୍ୟୁତ୍ ଠିକାକାମରେ ଆଇଟିଡିଏର ଅଜବ ନୀତି


# ଇଲେକ୍ଟ୍ରିକାଲ ବଦଳରେ ସିଭିଲ କଣ୍ଟ୍ରାକ୍ଟରଙ୍କୁ ଟେଣ୍ଡର ସୁଯୋଗ

ଜୟପୁର,୧୪।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ପକ୍ଷରୁ ୧୫୬ଟି କାର୍ଯ୍ୟ ଆହ୍ୱାନ କରାଯାଇଛି। ସେଥିରୁ ୧୧ଟି କାର୍ଯ୍ୟ ବିଦ୍ୟୁତ ସମ୍ବନ୍ଧୀୟ ରହିଛି। ଅଥଚ ଏହି ସବୁ କାର୍ଯ୍ୟ ଇଲେକ୍ଟ୍ରିକାଲ ଠିକାଦାରଙ୍କ ବଦଳରେ ସିଭିଲ ଠିକାଦାରଙ୍କୁ ଟେଣ୍ଡର ଦାଖଲ ପାଇଁ ବିଜ୍ଞପ୍ତି ମାଧ୍ୟମରେ ଆହ୍ୱାନ କରାଯାଇଛି । ଜୟପୁର ଆଇଟିଡିଏର ଏଭଳି ଅଜବ ନୀତିକୁ ନେଇ ଠିକାଦାର ଓ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଅଜବ ପ୍ରତିକ୍ରିୟା ମିଳିଛି। ଅଭିଜ୍ଞତା ଅନୁଯାୟୀ ସିଭିଲ ଠିକାଦାର କାର୍ଯ୍ୟ କରିପାରିବେ ବୋଲି ସେମାନେ କହିଛନ୍ତି। ତେବେ ଇଲେକ୍ଟ୍ରିକାଲ ଠିକାଦାର ଲାଇସେନ୍ସ କାହିଁକି ପାଇଛନ୍ତି ବୋଲି ପଚାରିବାରୁ ସେମାନେ ଏହାର କୌଣସି ଉତ୍ତର ଦେଇନାହାନ୍ତି। ଗତ ନଭେମ୍ବର ୨୯ରେ ବିଜ୍ଞପ୍ତି ନମ୍ବର ୨୭୪୯/୧୯ରେ ଆଇଟିଡିଏ ପକ୍ଷରୁ ଜୟପୁର, ବୋରିଗୁମ୍ମା, କୋଟପାଡ଼, କୁନ୍ଦୁରା ଓ ବୈପାରିଗୁଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ୧୫୬ଟି ଉନ୍ନୟନ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ଏହି ଟେଣ୍ଡର ଦାଖଲର ଅନ୍ତିମ ଦିବସ ୧୮ ତାରିଖ ରହିଛି । ଉକ୍ତ ଟେଣ୍ଡର ବିଜ୍ଞପ୍ତି କ୍ରମିକ ନମ୍ବର ୨୯ରୁ ୩୫ ନମ୍ବର ମଧ୍ୟରେ ବୋରିଗୁମ୍ମା ବ୍ଲକର ୭ଟି ବିଦ୍ୟାଳୟରେ ୧ଲକ୍ଷ ୭୬ ହଜାର ଲେଖାଏ, କ୍ରମିକ ନମ୍ବର ୭୩, ୭୪ କୋଟପାଡ ବ୍ଲକର ୨ ବିଦ୍ୟାଳୟରେ ୧ଲକ୍ଷ ୭୬ ହଜାର ଲେଖାଏ ଅଟକଳ ମୂଲ୍ୟ ରଖାଯାଇଛି। ସେହିପରି ବୈପାରିଗୁଡ଼ା ବ୍ଲକର ଟେଣ୍ଡର କ୍ରମିକ ନମ୍ବର ୧୦୪ରେ ୩ ଲକ୍ଷ ୬ ହଜାର ୪୩୭ ଏବଂ ୧୧୫ ନମ୍ବର କାର୍ଯ୍ୟ ପାଇଁ ୪ ଲକ୍ଷ ୩୮ ହଜାର ଟଙ୍କାର ଅଟକଳ ମୂଲ୍ୟ ରଖାଯାଇ ଟେଣ୍ଡର ଆହ୍ୱାନ କରାଯାଇଛି। ଏଥିପାଇଁ ସିଭିଲ ଠିକାଦାର ଭାବେ ସି ଏବଂ ଡି ଦାଖଲ କରିପାରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । କିନ୍ତୁ ଏହିପରି ବିଦ୍ୟୁତ କାର୍ଯ୍ୟ ପାଇଁ ଇଲେକ୍ଟ୍ରିକାଲ ଠିକାଦାର ଲାଇସେନ୍ସ ପାଇଥିବା ବେଳେ ବିଭାଗ ପକ୍ଷରୁ ସିଭିଲ ଠିକାଦାରଙ୍କୁ ଟେଣ୍ଡର ଆହ୍ୱାନ କରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟ ବିଭାଗରେ ସିଭିଲ କାର୍ଯ୍ୟ ସିଭିଲ ଠିକାଦାରଓ ବିଦ୍ୟୁତ ସମ୍ବନ୍ଧୀୟ କାମ ଜିଇଡି ବିଭାଗ କିମ୍ବା ବିଦ୍ୟୁତ ଲାଇସେନ୍ସଧାରୀ ଠିକାଦାରଙ୍କ ଦ୍ୱାରା କରାଯାଇଥାଏ। ଏନେଇ ପ୍ରକଳ୍ପ ପ୍ରଶାସକ ଗୋପୀନାଥ ସାରକାଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁ ଠିକାଦାରର ଅଭିଜ୍ଞତା ରହିଥିବ, ଉକ୍ତ ଠିକାଦାର ସିଭିଲ ଲାଇସେନ୍ସଧାରୀ ହୋଇଥିଲେ ମଧ୍ୟ ଯେକୌଣସି କାର୍ଯ୍ୟ କରିବାରେ ସମସ୍ୟା ନାହିଁ।

# SUNDAY classifieds




## BRIDE WANTED

Son age 28 B.Tech NIT, Rourkela working Central Govt., MAHARATNA, Salary 18 Lakhs, 7008986003. D-15656

Son age 32 MBBS KMC, Manipal PG Radiology AIMS, Kochi Doctor AIMS, BBSR, 8144589551. D-15658

କ୍ଷେତ୍ରସନାରୀ ଦୋକାନ LIC, Internet ବିଜିନେସ୍ କରୁଥିବା ବ୍ରାହ୍ମଣ ଘରର 32 ବର୍ଷର ପୁଅ ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7377701129, jadabanandamohapatra@gmail.com. D-15673

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗୁଡ଼ିଆ, ତେଲି, ଭଣ୍ଡାରି ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68224

Tanti boy 1986 B.Tech, MBA Software Engineer MNC Bangalore. 9437555525. D-15652

**Now Matrimonial ads. only on Wednesday & Sunday Book 1 Get 1 FREE**

Wanted Suitable Bride (Patara/ Kapudia) For Self Employed Educated Youth, 31 Years, (No Caste Bar), Contact: 9078109854. D-15735

Deserving Karan groom B.Tech (IIT, Kharagpur), MS, PHD. Working as a Scientist. (Caste-no-bar). Contact: 9861022750. D-68928

Alliance required for Handsome Bengali, Kayasta Boy BE, MBA aged about 28 years coming from an affluent family working in non IT (Banking) Company as a Manager in Pune. Contact: 9371076688. D-15703

## GROOM WANTED

ବୟସ 46,5'.4",B.Com, Govt. job ମାସିକ ଆୟ 60,000/-, ପାଇଁ ଅବିବାହିତ, ଛାଡ଼ପତ୍ରପ୍ରାପ୍ତ, ବିପତ୍ନୀକ ବର ଆବଶ୍ୟକ । ଜାତିବନ୍ଧନ ନାହିଁ। 9009491423. D-15734

Girl age 28 B.Tech IIIT, BBSR MBA XIMB, BBSR working in Govt. Bank, 7008986005. D-15657

Divorcee Bengali Kayasta girl, 33+, 13/6, white complex, having son 8years. Early marriage, caste-no-bar. Contact: 9937631537. D-66627

Govt. CESU ଚାକିରିଆ 37 ବୟସ୍କା ବିଧବା କରଣ ଝିଅଙ୍କ ପାଇଁ any-caste ପୁଅ ଦରକାର। 7008080967. D-67921

Beautiful Khandayat girl, 1984, 5'4", 27/12, MA, service BBSR/ 1988, 5'3", 14/6, PH.D. Contact: "SWAYAMVAR" 9861501286. D-60857

For Bhandari bride 94/5.4"/ ମୀନ/ +2 Arts and Gudia bride 92/5.2"/ କୁମ୍ଭ/ B.Com. "Akankshyagroup", 7978736177. D-68222

Divorcee bride Engineer 34, Teacher 30, Railway clerk 42 (caste-no-bar)-7873374269. D-68630

## automobile

## SALE

Tata Indigo ECS private Regd. No. personal use in good condition. Tata Ace mega 2018 model for sale. 9439778849. D-67734

Scorpio VLX 2014, Bolero Pickup 2014 2015, Bolero Comper 2013, Maruti RITZ 2011, Honda City 2008 for sale. Contact: 8908213777. D-67735

## real estate

## SALE

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-15126

**ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890.** D-68431

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

Resale furnished 2BHK flat for sale at Patia top floor. Contact: 7978751719. D-67519

**HIG Duplex row house on 26.7ft x 58.2ft land with 594sqft. ground floor & 594sqft. first floor for sale at Niladri Vihar, Bhubaneswar. Contact: 8356933601.** D-68034

**New Duplex, 3BHK sale at Gudia Pokhari, Bhubaneswar with all amenities plan approved bank finance available 7077598070.** D-68919

Residential plots available in Canal road, Laxmi Sagar and Badagad, Contact: 7978751719. D-67518

**ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି– 9348817649, 6371569855.** D-68443

**Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952.** D-68451

3BHK at Damana Chhak near Club town. Price- 85/90 lakh. Contact: 8249083968, 7978414100. D-15592

**11000sqft. single plot near C.V. Raman college, Janla Sqft. 800/- 9438400633.** D-68448

Yellow zone gharabari plots Jharapada, Tankapani road Sai Temple eastfacing plots available booking, Simplex near B.J.E.M-(2) 15,80,000/, 7735738102. D-15708

**ଭୁବନେଶ୍ୱର Tamandoରେ yellozone plot 30ft ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ ready to move Duplex, 9348767829.** D-68441

Patta Holder gharabari private plot near Keshora Bank Colony, Bhubaneswar, 9437283845. D-67264

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି– 9078736851.** D-68445

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68913

Book 3BHK Duplex having land area 1400sqft. and construction area 2100sqft. at Nandan Vihar, Patia, Bhubaneswar. Price- 77 Lakhs 7504392698. D-68922

**Outright plot sale Chhatabar Bypass roadside 3000sqft. 15,00,000/-, in front of Apartment, 9437306208.** D-68447

**ଭୁବନେଶ୍ୱର ପାହାଳ (ବଙ୍ଗୁଆରୀ) ଓ ନଖରାରେ ସଙ୍ଗେ ସଙ୍ଗେ ଘରକଲା ଭଳି plot 30' ରାସ୍ତାଥାଇ ବିକ୍ରି ହେଉଅଛି। 9692712917, 8249728525.** D-68449

**Ready to move 2/3 BHK flat in landmark PH-2, Sundarpada, Big Society, clubhouse, park available. Contact: 9938569014, 9861433014.** D-15661

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15714

4/5 BHK Duplex with Gated Community at Balianta (Land-1400 & Construction- 2200 @ 60,00,000 / 2600 @ 70,00,000) and Residential Land at Jaanla- 750/- Balianta- 900/-, Andilo- 1200/-, Aiims- 1650/-, Rudrapur- 1750/-,Raghunathpur- 2200/- Mplanets: 9938219397, 9861022055 D-15711

**2800sqft. gharabari plots immediately sale at Bomikhal, Bhubaneswar, only buyer directly contact Deepak- 9937329999.** D-68038

2BHK simplex 2600000 finishing Hanspal low cost plot available. 7853930213 D-68629

Yellowzone ready to move plot near NH, Pitapalli, Khordha. 9437827966, 7978441564. D-15729

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15713

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68927

## PURCHASE

ଭୁବନେଶ୍ୱରରେ ସୁଲଭ ମୂଲ୍ୟରେ ନିଜର plot flat ଘର ବିକିବାକୁ ଚାହୁଁଛନ୍ତି କି? "Akankshyagroup" 7978736177. D-68225

## construction

Construct your building as per your terms and condition. Contact: 9937064680. D-27284

Do you want to construct buildings on your own plot ? Contact: Sachi Pattanaik, B.Tech (Civil)- 9338401309, 9439143273. D-67510

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15712

## to-let

1BR, Drawing, Bath, Kitchen for small Family/ Student/ Bachelor near Ravitalkies, Siba Nagar, Tankapani road, Bhubaneswar. 9437562371. D-67263

2BHK available near Chilipokhari, Tankapani road, Bhubaneswar, Contact: 8249305801. D-67105

1Room with bathroom at Main Road Soubhagyanagar for office/ residence. 9000004523. D-67736

3BHK first floor at Mahavir Nagar Lane-3 Samantarapur for family. 9438037307. D-59861

Commercial purpose 2nd floor 1850sqft. KIIT Square, Patia, Bhubaneswar- 9861041397. D-68037

300sqft. shop, A/43 near Reliance Fresh, Ruchika Market, Baramunda, Bhubaneswar. 8763246739. D-67262

1300sqft. independent house for office/ guesthouse at Pragati Enclave Chandrasekharpur. Contact: 09437165036. D-68628

## healthcare

Rejuvenate and ayurvedic full body massage by smart therapist. 9114402304. D-68904

Take full body therapy. Just call 7852986810. D-68527

Full body herbal massage with refreshment expert therapist. 7381239385, 06 742540855. D-68915

Experience full body massage with us (expert). Call: 7377048581, 06742597822. D-68916

Herbal full body massage by smart / expert therapist. Contact: 8338067247. D-68917

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68918

Refresh your mind and soul with best therapy at Orchid Salon/Spa. 9937287222. D-68722

Ayurvadic full body massage Ladies & gents. Contact: 9861064981. D-68721

Ayurvedic full body massage ladies & gents smart therapist, 9668814589. D-68723

Ayurvedic full body massage smart boy's therapist home services available- 9937929638. D-15701

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## business

ନିଜ ନିଜ ଗ୍ରାମରେ LED ଇନ୍ଭର୍ଟର bulb ବିକ୍ରୟ ପାଇଁ ଯୋଗାଯୋଗ କରନ୍ତୁ। Contact: 7978628533, 7381599164. D-15732

## ନିରୁଦ୍ଦିଷ୍ଟ



ନିଖୋଜ ବ୍ୟକ୍ତିର ନାମ: ହରିଶ ଚନ୍ଦନ ଡାଙ୍ଗିଲ୍, ବୟସ: ୧୯ବର୍ଷ, ସେ ରାଜଧାନୀ କଲେଜ ଭୁବନେଶ୍ୱର +୨ ବିଜ୍ଞାନ ଦ୍ୱିତୀୟ ବର୍ଷର ଛାତ୍ର। ସେ ତା ୧୦।୧୨।୧୯ରିଖ ମଙ୍ଗଳବାର ସନ୍ଧ୍ୟାରୁ ନିଖୋଜ ଅଛି। ମୁଁ ତାର ପିତା ଶ୍ରୀ ଜୟପାଲ୍ ଡାଙ୍ଗିଲ୍ ନିବେଦନ କରୁଛି ମୋ ପୁଅର କୌଣସି ସନ୍ଧାନ ପାଇଲେ ସହୃଦୟ ବ୍ୟକ୍ତି ମୋର ମୋବାଇଲ୍ ନଂ– ୭୦୦୮୬୦୩୫୬୨/ ୯୪୩୭୪୩୯୮୪୭/ ୭୦୦୮୬୭୦୪୫୩ ରେ ତୁରନ୍ତ ଜଣାଇବା ପାଇଁ ଅନୁରୋଧ। ଖଣ୍ଡଗିରି ଥାନାରେ ମଧ୍ୟ ଜଣାଯାଇଅଛି। ଧ–୧୫୭୧୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

### ସପ୍ତମ ଜନ୍ମଦିନ ଶୁଭେଚ୍ଛା



ଜ୍ୟୋତିଷ୍ମା ଶତପଥି (ତୁତୁଲ)
ପୋଖରୀପୁଟ, ଭୁବନେଶ୍ୱର

ଶ୍ରୀ ଜଗତନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ, ଶୁଭେଚ୍ଛା ସହ : ନନା, ବୋଉ, ଆଈ, ମାମୁଁ, ଜିନୁ ଆଈ, ପପୁ, ମାମୁଁ, ବାବା, ମମି, ଖୁସି ଦିଦି, ଲୁସି ଦିଦି, ନାନୀ, ପିଉସା, ପାପା, ମାମା

ଧ–୧୫୭୩୦

### ଜନ୍ମଦିନ ଶୁଭେଚ୍ଛା



ଗାୟତ୍ରୀ ମହାରଣା (ସୁକି)
ବାଲିପାହାଡ଼, କଟକ

ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି କି ତେତେ ଦୀର୍ଘାୟୁ ଏବଂ ଖୁସିରେ ରଖନ୍ତୁ। ତୋର ଚଲାପଥ କୁସୁମିତ ହେଉ ଏତିକି ପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।

**ଶୁଭେଚ୍ଛା ସହ:**
ବାପା, ବୋଉ, କବିତା ନାନା, ସବିତା ନାନା, ଭାଇ, ଜିତୁ, ଶିବ, ଫନ, ସିଲା, ପ୍ରିୟବ୍ରତ, ପ୍ରକାଶ ଓ ସାଙ୍ଗମାନେ, ପରିବାରବର୍ଗ।

ଧ–୧୫୬୭୦

### ଜନ୍ମଦିନ ଶୁଭେଚ୍ଛା



ଆଦିତ୍ୟ (ମୁକୁଲ)
ଭୁବନେଶ୍ୱର, ୟୁନିଟ–୮

ଅଜି ତୋର ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ ବାପା - ଦେବାଶିଷ, ମା'-ସୋନାଲିନ ଓ ସମସ୍ତ ପରିବାର ଓ ବନ୍ଧୁବର୍ଗ

ଧ–୧୫୭୨୮

### ୨୫ତମ ଜନ୍ମଦିନ ଶୁଭେଚ୍ଛା



ପ୍ରିୟଙ୍କା ପଟ୍ଟନାୟକ

୨୫ତମ ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା । ଭଗବାନ କରନ୍ତୁ ତୁମ ଜୀବନ ସବୁବେଳେ ହସ ଖୁସିରେ ଭରିରହୁ।

**ଶୁଭେଚ୍ଛାସହ:**
ବନ୍ଧୁ ଏବଂ ପରିବାରବର୍ଗ ।

ଧ–୬୮୮୦୭

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR**
**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବିମଳ କୁମାର ରାୟ**
ରାଜ୍ୟପାଳ ପୁରସ୍କୃତ ଶିକ୍ଷକ
ବିଦେଇପୁର, ବାସୁଦେବପୁର, ଭଦ୍ରକ
ଆବିର୍ଭାବ: ୨୪।୦୮।୧୯୪୭
ତିରୋଧାନ: ୧୫।୧୨।୨୦୧୮

ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
**ଶୋକସନ୍ତପ୍ତ ପରିବାରବର୍ଗ ।**

ଧ–୧୫୭୩୩

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ବସନ୍ତ ମଞ୍ଜରୀ ଦାଶ**
ଆବିର୍ଭାବ: ୨୭।୦୧।୧୯୫୯
ତିରୋଧାନ: ୦୫।୧୨।୨୦୧୯

ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କର ପାଥେୟ ହେଉ। ତୁମର ଅମରାତ୍ମା ବିଭୁଙ୍କ ପାଦପଦ୍ମରେ ଲୀନ ହେଉ, ଏହାହିଁ ଆମର କାମନା।

**ଶୋକସନ୍ତପ୍ତ:**
ସ୍ୱାମୀ: ରମାକାନ୍ତ ଦାଶ, ପୁତ୍ର: ଦେବାଶିଷ, ଶୁଭାଶିଷ ଏବଂ ବନ୍ଧୁ ଓ ପରିବାରବର୍ଗ ।

ଧ–୧୫୭୩୬

### ଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବଳଭଦ୍ର ସାମନ୍ତରାୟ**
ପ୍ରାକ୍ତନ ସରପଞ୍ଚ
ଜୟପୁର, ସାକ୍ଷୀଗୋପାଳ
ଆବିର୍ଭାବ: ୨୯।୦୮।୧୯୩୯
ତିରୋଧାନ: ୦୬।୧୨।୨୦୧୯

ଆପଣଙ୍କ ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**ଶ୍ରଦ୍ଧାଞ୍ଜଳି ସହ:**
ପୁତ୍ର: ବିରେନ୍ଦ୍ର, ବିକ୍ରମ, ବିଜନ, ବିନୟ, ବିନୋଦ, ପରିବାର ଓ ବନ୍ଧୁବର୍ଗ ।

ଧ–୬୭୬୧୦

## ସଂକ୍ଷେପରେ

### ୨୧ ଗୁରୁତ୍ୱପୂର୍ଣ୍ଣ ଔଷଧର ମୂଲ୍ୟ ବଢ଼ିବ



ନୂଆଦିଲ୍ଲୀ,୧୪-୧୨: ଆଣ୍ଟି ବାୟୋଟିକ, ଆଣ୍ଟି ଆଲର୍ଜିକ, ମ୍ୟାଲେରିଆ ଏବଂ ଭିଟାମିନ ସି ଭଳି ୨୧ ଗୁରୁତ୍ୱପୂର୍ଣ୍ଣ ଔଷଧର ମୂଲ୍ୟ ବଢ଼ିବ। ଏହି ଔଷଧର ମୂଲ୍ୟ ୫୦% ବଢ଼ାଇବା ଲାଗି କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଔଷଧ ମୂଲ୍ୟ ନିୟାମକ ଏନ୍‌ପିଏଏ ପକ୍ଷରୁ ଶୁକ୍ରବାର କୁହାଯାଇଛି ଯେ, ଏହି ଔଷଧଗୁଡ଼ିକର ମୂଲ୍ୟ ୫୦% ବଢ଼ାଯାଇ ପାରିବ। ମୂଲ୍ୟରେ ପରିବର୍ତ୍ତନ ନେଇ ଅନେକ ଦିନ ହେବ ଫାର୍ମା ସେକ୍ଟର ପକ୍ଷରୁ ସରକାରଙ୍କ ନିକଟରେ ଦାବି ହୋଇ ଆସୁଥିଲା। ଔଷଧ ପ୍ରସ୍ତୁତ ହୋଇଥିବା ସାମଗ୍ରୀ ମୂଲ୍ୟ ବଢ଼ିଥିବାରୁ ଏହାକୁ ନେଇ କମ୍ପାନୀଗୁଡ଼ିକ ସରକାରଙ୍କୁ ଉକ୍ତ ପ୍ରସଙ୍ଗରେ ବିଚାର କରିବାକୁ କହିଥିଲେ। ସରକାର ଏହାକୁ ଧ୍ୟାନରେ ରଖି ସିଲିଂ ପ୍ରାଇସ ବା ମୂଳ ମୂଲ୍ୟରେ ପରିବର୍ତ୍ତନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଔଷଧ ପ୍ରସ୍ତୁତି ଲାଗି ବିଭିନ୍ନ କମ୍ପୋନେଣ୍ଟ ଚାଇନାରୁ ଆସିଥାଏ। ହେଲେ ବାଣିଜ୍ୟ ଯୁଦ୍ଧ ପରେ ଏଥିରେ ଅନେକ ପରିମାଣରେ ମୂଲ୍ୟ ବୃଦ୍ଧି ଘଟିଛି। ଫଳରେ କମ୍ପାନୀଗୁଡ଼ିକ ଏଥିବାବଦ ଅଧିକ ଖର୍ଚ୍ଚ କରିବାକୁ ପଡ଼ୁଥିବା ସେମାନେ ସୂଚନା ଦେଇଛନ୍ତି।

### କେଟିଏମ୍‌ର ଷ୍ଟଣ୍ଟ ଶୋ

ଭୁବନେଶ୍ୱର,୧୪-୧୨: କେଟିଏମ୍ ପକ୍ଷରୁ ବାଲେଶ୍ୱର ବସ ଷ୍ଟାଣ୍ଡଠାରେ ଏକ ଷ୍ଟଣ୍ଟ ଶୋ' ଅନୁଷ୍ଠିତ ହୋଇଯାଇଛି। ପେସାଦାର ଷ୍ଟଣ୍ଟ ପ୍ରଦର୍ଶନକାରୀମାନେ ଏଠାରେ ଷ୍ଟଣ୍ଟ ଦେଖାଇଥିଲେ। ଏଥିରେ ବାଇକ ପ୍ରେମୀମାନେ ୧୨୫ ସିସି ଏବିଏସ୍‌କୁ ଦେଖିବାକୁ ସୁଯୋଗ ପାଇଥିଲେ। କେଟିଏମ୍‌ର ଡ୍ୟୁକ ବାଇକକୁ ନେଇ ଷ୍ଟଣ୍ଟ ପ୍ରଦର୍ଶନ କରାଯାଇଥିଲା। ଗ୍ରାହକଙ୍କୁ କେଟିଏମର ରୋମାଞ୍ଚକୁ ଅନୁଭବ କରାଇବା ଲାଗି ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବଜାଜ ଅଟୋ ପ୍ରୋ ବାଇକିଂ ଉପସଭାପତି ସୁମିତ ନାରଙ୍ଗ କହିଛନ୍ତି। ଗ୍ରାହକମାନେ ଏହି ବାଇକ ବାଲେଶ୍ୱରର ଭିମପୁରା ଛକ ସ୍ଥିତ କେଟିଏମ୍ ଶୋ'ରୁମରୁ ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ଭାରତରେ ଆର୍ ଆଣ୍ଡ ଡିକୁ ଦୃଢ଼ କରିବ ସାମ୍‌ସଙ୍ଗ

ନୂଆଦିଲ୍ଲୀ,୧୪-୧୨: ସାମ୍‌ସଙ୍ଗ ଭାରତରେ ଏହାର ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ (ଆର୍ ଆଣ୍ଡ ଡି)କୁ ଦୃଢ଼ କରିବ। ଏଥିଲାଗି କମ୍ପାନୀ ଆଇଆଇଟି ଏବଂ ଶୀର୍ଷ ଇଞ୍ଜିନିୟରିଂ କଲେଜରୁ ୧୨୦୦ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦେବାକୁ ଯୋଜନା ରଖିଛି। କମ୍ପାନୀ ପ୍ରତିଭାସମ୍ପନ୍ନ ମାନବ ସମ୍ବଳକୁ ନିଯୁକ୍ତି କ୍ଷେତ୍ରରେ ଗୁରୁତ୍ୱ ଦେଉଛି। ଟେକ୍ନୋଲୋଜି ଓ ଡୋମେନ ଯଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେଶିନ ଲର୍ନି, ଡିପ୍ ଲର୍ନି, ଇମେଜ ପ୍ରୋସେସିଂ, ମିଡିଲୱ୍ୟାର ଡେଭଲପମେଣ୍ଟ, କ୍ଲାଉଡ ଆଇଓଟି, ରେକଗନିଶନ ସିଷ୍ଟମ, ଡାଟା ଆନାଲିସିସ, ଅନଡିଭାଇସ ଏଆଇ, ମୋବାଇଲ କମ୍ୟୁନିକେସନ, ନେଟ୍‌ୱର୍କ, ଇମେଜିଂ ଏବଂ ଭଏସ୍ ଭଳି କ୍ଷେତ୍ରରେ ଏମାନେ କାର୍ଯ୍ୟ କରିବେ। ନୂତନତ୍ୱକୁ ଆଗ୍ରାଧିକାର ପ୍ରଦାନ ପୂର୍ବକ ଏଭଳି ନିଷ୍ପତ୍ତି ନେଇଥିବା ସାମ୍‌ସଙ୍ଗ ଇଣ୍ଡିଆର ମାନବ ସମ୍ବଳ ମୁଖ୍ୟ ସମୀର ୱାଧୱାନ କହିଛନ୍ତି।

### ରିୟଲମି ଆଣିଲା ନୂଆ ଏକ୍ସ୨

ନୂଆଦିଲ୍ଲୀ,୧୪-୧୨: ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ରିୟଲମି ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ସ୍ମାର୍ଟଫୋନ ନୂଆ ଏକ୍ସ୨ ବଜାରକୁ ଆସିଛି। ପ୍ରିମିୟମ ଫ୍ଲାଗଶିପ ସ୍ମାର୍ଟଫୋନ ବର୍ଗରେ ଆସିଥିବା ଏହି ଫୋନରେ ୫୦ ୱାଟ୍‌ର ଭିଓଓସି ଫ୍ଲାସ ଚାର୍ଜ ରହିଛି। ୮୫୫ ପ୍ଲସ ସ୍ନାପଡ୍ରାଗନ ପ୍ରୋସେସର ଏଥିରେ ରହିଛି। ନେପଚୁନ ବ୍ଲୁ ଏବଂ ଲୁନାର ହ୍ୱାଇଟ ରଙ୍ଗରେ ଏହା ଉପଲବ୍ଧ ହେବ। ଏହାର ୮+୨୧୮ ଜିବି ଭାରିଆଣ୍ଟର ବଜାର ଦର ୨୯,୯୯୯ ଟଙ୍କା ଥିବାବେଳେ ୧୨+୨୫୬ ଜିବିର ଦାମ ୩୩,୯୯୯ ଟଙ୍କା ରହିଛି। ଗ୍ରାହକଙ୍କ ଆବଶ୍ୟକତାକୁ ବିଚାର କରି ନୂଆ ମଡେଲଗୁଡ଼ିକୁ ବଜାର ପ୍ରବେଶ କରାଯାଇଥିବା ରିୟଲ ମି ଇଣ୍ଡିଆର ସିଇଓ ମାଧବ ସେଠ କହିଛନ୍ତି।

> ଦେଶର ମୁଦ୍ରାସ୍ଫୀତି ଏବେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି, ହେଲେ ପ୍ରଧାନମନ୍ତ୍ରୀ ଏହାକୁ ନେଇ ସମ୍ପୂର୍ଣ୍ଣ ଭାବେ ମୌନ ରହିଛନ୍ତି।
> – ପ୍ରିୟଙ୍କା ଗାନ୍ଧୀ, କଂଗ୍ରେସ ମହାସଚିବ



> ଆୟକର ବିଭାଗ ନଭେମ୍ବର ଶେଷ ପର୍ଯ୍ୟନ୍ତ ୧.୫୭ ଲକ୍ଷ କୋଟି ଟଙ୍କାର ରିଫଣ୍ଡ ଜାରି କରିଛି।
> – ଅଜୟ ଭୂଷଣ ପାଣ୍ଡେ, ରାଜସ୍ୱ ସଚିବ



### ସତର୍କ କରାଇଲେ ପୂର୍ବତନ ସିଇଏ

# ଆଇସିୟୁକୁ ଯାଉଛି ଅର୍ଥ ବ୍ୟବସ୍ଥା

କେମ୍ବ୍ରିଜ,୧୪-୧୨

- ବର୍ତ୍ତମାନର ମାନ୍ଦାବସ୍ଥା ଗ୍ରେଟ ସ୍ଲୋଡାଉନ
- ଦ୍ୱୈତ ବାଲାନ୍ସ ସିଟ୍ ସମସ୍ୟାର ପ୍ରଭାବ
- ଏନ୍‌ପିଏ ବୃଦ୍ଧି ଅର୍ଥ ବ୍ୟବସ୍ଥା ଲାଗି କ୍ଷତିକାରକ



ଅରବିନ୍ଦ ସୁବ୍ରମଣ୍ୟନ

ଭାରତ ଏବେ ମାନ୍ଦାବସ୍ଥା ସହ ଯୁଝୁଥିବା ବେଳେ ଦେଶର ଅର୍ଥ ବ୍ୟବସ୍ଥାକୁ ନେଇ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଅରବିନ୍ଦ ସୁବ୍ରମଣ୍ୟନ ସତର୍କ କରାଇଛନ୍ତି। ବର୍ତ୍ତମାନର ମାନ୍ଦାବସ୍ଥା ଗ୍ରେଟ୍ ସ୍ଲୋଡାଉନ ବା ବହୁତ ବଡ଼। ଭାରତୀୟ ଅର୍ଥନୀତି ଆଇସିୟୁ ଆଡ଼କୁ ବଢ଼ୁଥିବାର ପ୍ରତୀୟମାନ ହେଉଛି। ଦ୍ୱୈତ ବାଲାନ୍ସ ସିଟ୍ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ପ୍ରଭାବିତ ହେଉଛି ବୋଲି ହାର୍ଭାର୍ଡ ୟୁନିଭର୍ସିଟିଠାରେ ଏକ ପେପର ପ୍ରେଜେନଟେଶନ ଅବସରରେ ସୁବ୍ରମଣ୍ୟନ ଏହା କହିଛନ୍ତି।

୨୦୧୪ ଡିସେମ୍ବରରେ ସିଇଏ ଥିବା ବେଳେ ସେ, ଦ୍ୱୈତ ବାଲାନ୍ସ ସିଟ୍ ସମସ୍ୟାକୁ ନେଇ ଚେତାବନୀ ଦେଇଥିଲେ। କର୍ପୋରେଟଗୁଡ଼ିକୁ ପ୍ରଦାନ କରାଯାଉଥିବା ଋଣ ଅନାଦାୟ ଋଣ(ଏନ୍‌ପିଏ)ରେ ରୂପାନ୍ତରିତ ହେଲେ ସାଧାରଣତଃ ଟ୍ୱିନ ବାଲାନ୍ସ ସିଟ୍ ସମସ୍ୟା ଦେଖାଦେଇଥାଏ। ଏହା ବ୍ୟାଙ୍କଗୁଡ଼ିକର ସମସ୍ୟାକୁ ବଢ଼ାଇ ଦେଇଥାଏ। ଏଭଳି ସ୍ଥିତି ଯୋଗୁ ପ୍ରଥମତଃ ଶିଳ୍ପ ସଂସ୍ଥାଗୁଡ଼ିକ ଏହା ଦ୍ୱାରା ଚିନ୍ତାରେ ରହିବା ଯୋଗୁ ନୂଆ ନିବେଶ କରିପାରନ୍ତି ନାହିଁ। ଏହାବାଦ ବର୍ଦ୍ଧିତ ଏନ୍‌ପିଏ ଯୋଗୁ ବ୍ୟାଙ୍କ ଋଣ ଯୋଗାଣ ଲାଗି ସମସ୍ୟା ସାମ୍ନା କରନ୍ତି। ଏହା ଯୋଗୁ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ମନ୍ଥର ସ୍ଥିତିକୁ ଚାଲିଯାଏ।

ସୁବ୍ରମଣ୍ୟନ ତାଙ୍କ ରିସର୍ଚ୍ଚ ପେପରରେ ୨୦୦୪ରୁ ୨୦୧୧ ପର୍ଯ୍ୟନ୍ତ ଇସ୍ପାତ, ଶକ୍ତି ଏବଂ ଭିତ୍ତିଭୂମି କ୍ଷେତ୍ରରେ ଯେଉଁ ଋଣ ଏନ୍‌ପିଏ ହୋଇଛି ତାକୁ ଟ୍ୱିନ୍ ବାଲାନ୍ସ ସିଟ୍-୧ ବୋଲି ବିଚାର କରିଛନ୍ତି। ବିମୁଦ୍ରୀକରଣ ପରେ ଅଣବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ ଏବଂ ରିୟଲ ଇଷ୍ଟେଟ କ୍ଷେତ୍ରରେ ଆସିଥିବା ନଗଦ ସଙ୍କଟକୁ ସେ ଟ୍ୱିନ ବାଲାନ୍ସ ସିଟ୍-୨ ବୋଲି କହିଛନ୍ତି। ସୁବ୍ରମଣ୍ୟନଙ୍କ କହିବାନୁଯାୟୀ, ଗତ ବର୍ଷ ସେପ୍ଟେମ୍ବରରେ ସାମ୍ନାକୁ ଆସିଥିବା ଆଇଏଲଆଣ୍ଡଏଫ୍‌ଏସ୍ ସଙ୍କଟ ଯୋଗୁ ୯୦ ହଜାର କୋଟି ଟଙ୍କାର ଋଣ ସମ୍ପର୍କରେ ପ୍ରଘଟ ହୋଇଥିଲା। ଏହା ଦ୍ୱାରା ବଜାର ପ୍ରଭାବିତ ହୋଇଥିବା ବେଳେ ଏନ୍‌ବିଏଫ୍‌ସି କ୍ଷେତ୍ରକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଚଳିତ ବର୍ଷ ସେପ୍ଟେମ୍ବର ତ୍ରୈମାସରେ ଜିଡିପି ଅଭିବୃଦ୍ଧି ୪.୫%କୁ ଖସିଛି। ଏହା ୬ ବର୍ଷର ସର୍ବନିମ୍ନ ସ୍ତର। ରପ୍ତାନି, ହ୍ରାସ ଆମଦାନୀ ଏବଂ ସରକାରଙ୍କ ରାଜସ୍ୱ ହ୍ରାସ ଭଳି ପ୍ରସଙ୍ଗକୁ ଦେଖିଲେ ଅର୍ଥ ବ୍ୟବସ୍ଥା ସଙ୍କଟରେ ଥିବା ସେ ମତ ଦେଇଛନ୍ତି।

### ଶିଳ୍ପ ସଂଘ ଫିକିର ଦାବି

# ଆୟକର ସ୍ଲାବ୍‌ରେ ପରିବର୍ତ୍ତନ ହେଉ

ନୂଆଦିଲ୍ଲୀ,୧୪-୧୨



୨୦୨୦-୨୧ ଆର୍ଥିକ ବର୍ଷର ସାଧାରଣ ବଜେଟ ଫେବୃୟାରୀ ପହିଲାରେ ଆସିପାରେ। ଏହି ସମୟରେ ୩୧ ଜାନୁୟାରୀରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଆସିବ ବୋଲି ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଫେବୃୟାରୀ ପହିଲା ଶନିବାର ପଡ଼ୁଛି। ୨୦୧୫-୧୬ପରେ ଶନିବାରରେ ପ୍ରଥମ ଥର ଲାଗି ସାଧାରଣ ବଜେଟ ଉପସ୍ଥାପନ ହେବ। ଆଗାମୀ ବଜେଟରେ ଆୟକର ସ୍ଲାବ୍‌ରେ ସଂଶୋଧନ ନେଇ ଶିଳ୍ପ ସଂଘ ଫିକି ପକ୍ଷରୁ ସରକାରଙ୍କୁ ଦାବି କରାଯାଇଛି। ଆୟକର ହାରରେ ହ୍ରାସ ହେଉ ବୋଲି ଏହି ଶିଳ୍ପ ସଂଘ ଦାବିରେ କହିଛି। ବାର୍ଷିକ ୨୦ ଲକ୍ଷ ଟଙ୍କାରୁ ଅଧିକ ଆୟ କରୁଥିବା ଲୋକଙ୍କ କ୍ଷେତ୍ରରେ ୩୦% ଟିକସ ଲାଗୁ ହେଉ ବୋଲି ଏହା ମତ ରଖିଛି। ରପ୍ତାନି ଏବଂ ନିଯୁକ୍ତି ବୃଦ୍ଧି ଦିଗରେ ସରକାର ପଦକ୍ଷେପ ନେବା ସହ ବ୍ୟବସାୟ ଖର୍ଚ୍ଚ କମାଇବା, ସଂସ୍କାର ଧାରା ଜାରି ଏବଂ ବିକାଶ ହାରକୁ ବଢ଼ାଇବା ଜରୁରୀ ବୋଲି ଏହି ଶିଳ୍ପ ସଂଘ ମତ ରଖିଛି। ଫେବୃୟାରୀରେ ବଜେଟ ମୋଦି ସରକାରଙ୍କ ସମୟରେ ଆରମ୍ଭ ହୋଇଛି। ୨୦୧୬ରେ ସାଧାରଣ ବଜେଟ ସହ ରେଳ ବଜେଟକୁ ମିଶ୍ରଣ କରାଯାଇଛି।

# କଲ୍ୟାଣ ଜୁଏଲର୍ସର ମେଗା ଅଫର

ଭୁବନେଶ୍ୱର,୧୪-୧୨

କଲ୍ୟାଣ ଜୁଏଲର୍ସ ପକ୍ଷରୁ ବଡ଼ଦିନ ଉପଲକ୍ଷେ ମେଗା ଅଫର ଏବଂ ରିହାତି ଘୋଷଣା କରାଯାଇଛି। ଏହି ଅଫରରେ ଗ୍ରାହକମାନେ ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ଏବଂ ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୧୫ରୁ ୩୦% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ଗ୍ରାହକଙ୍କ ଲାଗି ଗଢ଼ା ମୂଲ୍ୟ ୧୯୯ ଟଙ୍କାରୁ ଆରମ୍ଭ ହେଉଛି। ଏହି ଅଫର ୨୦୨୦ ଜାନୁୟାରୀ ୩୧ ଯାଏ ଉପଲବ୍ଧ ହେବ। ଗ୍ରାହକଙ୍କୁ ସର୍ବାଧିକ ମୂଲ୍ୟ ପ୍ରଦାନ ଦିଗରେ କଲ୍ୟାଣ ଜୁଏଲର୍ସ ସର୍ବଦା ଉଦ୍ୟମ ଜାରି ରଖିଥିବା ଏହାର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଟି.ଏସ୍. କଲ୍ୟାଣ ରମଣ କହିଛନ୍ତି। ଏହି ସମୟରେ ଗ୍ରାହକମାନେ କଲ୍ୟାଣର ନୂଆ ୪ ସ୍ତରୀୟ ଆସ୍ୟୁରାନ୍ସ ଲାଭ କରିପାରିବେ। ଗହଣାର ଶୁଦ୍ଧତା ଏବଂ ସବୁ ଗହଣାରେ ବିଆଇଏସ୍ ହଲମାର୍କ ରହିଛି। ଗ୍ରାହକ ଇୟର ରିଙ୍ଗ, ଚୁଡ଼ି, ନେକ୍‌ଲେସ ଆଦିର ପାରମ୍ପରିକ ଏବଂ ସମସାମୟିକ ଡିଜାଇନ ଲାଭ କରିପାରିବେ। ବ୍ରାଇଡାଲ ଗହଣାରେ ଗ୍ରାହକଙ୍କ ଲାଗି ମହୁରତ କଲେକ୍ସନ ରହିଛି। ଏହା ବ୍ୟତୀତ ତେଜସ୍ୱୀ, ମୁଦ୍ରା, ନିମାହ, ଗ୍ଲୋ,ଜିଆ, ଅନୋଖି, ଅପୂର୍ବା, ଅନ୍ତରା, ହେରା ଏବଂ ରଙ୍ଗ ଭଳି ଗହଣା ସମ୍ଭାର ଗ୍ରାହକଙ୍କ ଲାଗି ଉପଲବ୍ଧ।

# ନବସୃଜନ ପ୍ରତିଯୋଗିତାରେ ଗୋଦ୍‌ରେଜର ସଫଳତା

ମୁମ୍ବାଇ,୧୪-୧୨

ପୃଥିବୀର ତାମମାତ୍ରା ନିୟନ୍ତ୍ରଣ ଦିଗରେ ନୂଆ ଏସି ଜ୍ଞାନକୌଶଳ ଉଦ୍ଭାବନ ଅପରିହାର୍ଯ୍ୟ ହୋଇପଡ଼ିଛି। ଏହାର ସମାଧାନ ସୂତ୍ର ବାହାର କରିବା ଲାଗି ନୂତନ ପ୍ରଯୁକ୍ତି ସମ୍ପର୍କରେ ଭାରତ ସରକାର ଏବଂ ରକି ମାଉଣ୍ଟେନ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଏକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୩୧ଟି ଦେଶର ୧୩୯ଟି ଆବେଦନ ଆସିଥିଲା। ଏଥିପାଇଁ ୨,୧୦୦ରୁ ଅଧିକ ପଞ୍ଜୀକରଣ ହୋଇଥିଲା। ବାତାନୁକୂଳ ମେଶିନ ପ୍ରସ୍ତୁତକାରୀ, ଗବେଷଣା ସଂସ୍ଥା, ବିଶ୍ୱବିଦ୍ୟାଳୟ ଓ ଷ୍ଟାର୍ଟଅପ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିରେ ୮ ଅଂଶଗ୍ରହଣକାରୀ ପରବର୍ତ୍ତୀ ପର୍ଯ୍ୟାୟକୁ ମନୋନୀତ ହୋଇଛନ୍ତି। ଏହା ମଧ୍ୟରେ ଗୋଦ୍‌ରେଜ ଆପ୍ଲାଏନ୍ସେସ ସ୍ଥାନ ପାଇଛି। ଏଥିରେ ସ୍ଥାନିତ ହେବା ଏକ ଆନନ୍ଦର ବିଷୟ। ଗୋଦରେଜର ଡିଏନ୍‌ଏରେ ପରିବେଶ ଅନୁକୂଳ ଏକ ମୂଲ୍ୟବୋଧ ରହିଛି ବୋଲି କମ୍ପାନୀର ବ୍ୟବସାୟ ମୁଖ୍ୟ କମଲ ନନ୍ଦୀ କହିଛନ୍ତି।

# ଏଏସ୍‌ବିଏମ୍‌ରେ କନ୍‌ଫ୍ଲୁଏନ୍ସ ୨୦୧୯




ଭୁବନେଶ୍ୱର,୧୪-୧୨

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କନ୍‌ଫ୍ଲୁଏନ୍ସ ୨୦୧୯ ଅନୁଷ୍ଠିତ ହୋଇଯାଇଛି। ୨୦୦୬ରୁ ୨୦୧୯ ମଧ୍ୟରେ ଅନେକ ପୂର୍ବତନ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା କୁଳାଧକ୍ଷ ବିଶ୍ୱଜିତ ପଟ୍ଟନାୟକ ଏଥିରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଦୃଢ଼ କର୍ତ୍ତବ୍ୟ ନିଷ୍ଠାଲାଗି ଛାତ୍ରୀଛାତ୍ର ଆଗକୁ ବଢ଼ିଥିବା ସେ ମତବ୍ୟକ୍ତ କରିଥିଲେ। ଏଏସ୍‌ବିଏମ୍‌ର ଛାତ୍ରୀଛାତ୍ର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ମଣ୍ଡନ କରୁଥିବାରୁ ଅନୁଷ୍ଠାନ ପାଇଁ ଏହା ଗର୍ବର ବିଷୟ ବୋଲି ପ୍ରଫେସର ପଟ୍ଟନାୟକ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସେମାନଙ୍କ ପୁରୁଣା ସ୍ମୃତିକୁ ମନେପକାଇଥିଲେ। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର କଲ୍ୟାଣ ଶଙ୍କର ରାୟ, ପ୍ରୋଭାଇସ ଚାନସେଲର ଡ. ଫଲ୍‌ଗୁ ନିରଞ୍ଜନା, କାର୍ଯ୍ୟକ୍ରମ ସଂଯୋଜକ ହେମନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଆଇବିସି କର୍ମଶାଳା

ଭୁବନେଶ୍ୱର,୧୪-୧୨

ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋର୍ଡ(ଆଇବିସି) ସମ୍ପର୍କୀତ ଜାତୀୟ କର୍ମଶାଳା ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଇନଷ୍ଟିଚ୍ୟୁଟ ଅଫ୍ କମ୍ପାନୀଜ ସେକ୍ରେଟାରିଜ ଅଫ ଇଣ୍ଡିଆ (ଆଇସିଏସ୍‌ଆଇ), ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଆଇବିବିଆଇ), ଆଇସିଏସ୍‌ଆଇ ଇନଷ୍ଟିଚ୍ୟୁଟ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ଜାତୀୟ କମ୍ପାନୀ ଲ ଟ୍ରିବ୍ୟୁନାଲର କଟକ ବେଞ୍ଚ ଜୁଡିସିଆଲ ସଦସ୍ୟ ସୁଚରିତା ଆର୍, ଆଇବିବିଆଇ ସିଜିଏମ୍ ରାମେଶ୍ୱର ଧରିୱାଲ, କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ରେଜିଷ୍ଟ୍ରାର ଅଫ କମ୍ପାନୀଜ ଅନନ୍ତ କୁମାର ସେଠୀ ଆଇବିସିର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇସିଏସ୍‌ଆଇ କେନ୍ଦ୍ରୀୟ ପରିଷଦ ସଦସ୍ୟ ସିଦ୍ଧାର୍ଥ ମୁରାରକର, ଅନ୍ଷେସ ମାନିଆ ଡି, ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷ ସୌମ୍ୟ ସୁଜିତ ମିଶ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୀରମହାରାଜପୁର

ପତ୍ର ସଂଖ୍ୟା.୨୪୫୦ ତାରିଖ: ୧୨।୧୨।୨୦୧୯

ଏତଦ୍ୱାରା ବୀରମହାରାଜପୁର ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୨୦୧୯-୨୦୨୦ ଆର୍ଥିକ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ଓ ଜାତୀୟ ସହାୟତା କାର୍ଯ୍ୟକ୍ରମ ଯୋଜନା (NSAP)ର ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀ ମତେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧୀନସ୍ଥ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏହି ସଭାରେ ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ ଏପ୍ରିଲ ମାସ ୧ ତାରିଖ ୨୦୧୯ ମସିହାଠାରୁ ୩୦ତାରିଖ ସେପ୍ଟେମ୍ବର ମାସ ୨୦୧୯ ମସିହା ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯିବ। ଉକ୍ତ ସଭାରେ ପଞ୍ଚାୟତ ସମିତି ଅଧିକାରୀ, ଗ୍ରାମ ପଞ୍ଚାୟତ ଅଧିକାରୀ, VRP ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ। ଏହି ସଭାରେ ସାମାଜିକ ସମୀକ୍ଷା କମିଟିର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, MATE ଓ ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେବାକୁ ଅନୁରୋଧ କରାଗଲା।

| କ୍ର. ନଂ. | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ବ୍ୟବଧାନ (ନଥିପତ୍ର ତଦାରଖ ଓ ସମୀକ୍ଷା କାର୍ଯ୍ୟ ପରିଦର୍ଶନ) | | ଗ୍ରାମ ପଞ୍ଚାୟତ ସ୍ତରୀୟ ଜନଶୁଣାଣି ବା ସାମାଜିକ ସମୀକ୍ଷା | ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ନିର୍ବାହୀ ଅଧିକାରୀ/ ଗ୍ରାମରୋଜଗାର ସେବକ/ ସେବିକା, ମେଟ ସମେତ ନିମ୍ନ ପଦାଧିକାରୀ ଯୋଗଦେବେ | |
|---|---|---|---|---|---|---|
| | | NSAP | MGNREGS | | | |
| ୧ | ଉଫୁଲା, ଜଟେସିଂହା, ସୁବଳୟା, ପିତାମହୁଲ, କମିରା | ତା- ୨୦।୧୨।୨୦୧୯ ରୁ ୨୪।୧୨।୨୦୧୯ | ତା- ୨୬।୧୨।୨୦୧୯ ରୁ ୦୨।୦୧।୨୦୨୦ | ତା- ୦୬।୦୧।୨୦୨୦ ପୂର୍ବାହ୍ନ-୧୧.୦ | ଉଫୁଲା-BSSO, ଜଟେସିଂହା-RWSS-JE-II, ସୁବଳୟା-APO, ପିତାମହୁଲ-MI, କମିରା-BPM | [illegible] ୩୦।୦୧।୨୦୨୦ |
| ୨ | ସଂଗ୍ରାମପୁର, ମୁର୍ଷୁଣ୍ଡୀ, ଖଣ୍ଡହତା, ଲୁଡୁରପଙ୍କ, କେନଝରିଆପାଲି | ତା- ୦୬।୦୧।୨୦୨୦ ରୁ ୦୯।୦୧।୨୦୨୦ | ତା- ୧୦।୦୧।୨୦୨୦ ରୁ ୧୮।୦୧।୨୦୨୦ | ତା- ୧୮।୦୧।୨୦୨୦ ପୂର୍ବାହ୍ନ-୧୧.୦ | ସଂଗ୍ରାମପୁର-BPM, ମୁର୍ଷୁଣ୍ଡୀ-APO, ଖଣ୍ଡହତା-WEO, ଲୁଡୁରପଙ୍କ-RWSS-JE-II, କେନଝରିଆପାଲି-MI | |
| ୩ | ଦୁର୍ଜନଟେଲା, ହିଲୁଙ୍ଗ, ବାଗବର, ଚମ୍ପାମାଳ, ବହଲପଦର | ତା- ୨୦।୦୧।୨୦୨୦ ରୁ ୨୩।୦୧।୨୦୨୦ | ତା- ୨୪।୦୧।୨୦୨୦ ରୁ ୦୩।୦୨।୨୦୨୦ | ତା- ୦୬।୦୨।୨୦୨୦ ପୂର୍ବାହ୍ନ-୧୧.୦ | ଦୁର୍ଜନଟେଲା-APO, ହିଲୁଙ୍ଗ-BPM, ବାଗବର-WEO, ଚମ୍ପାପୁର-BSSO, ବହଲପଦର-MI | |

**ନିମ୍ନୋକ୍ତ ବିଷୟ ଉପରେ ଆଲୋଚନା କରାଯିବ ।**

୧. ଗ୍ରା.ପ. ଦ୍ୱାରା ମଷ୍ଟରରୋଲ ଗ୍ରହଣ କରାଯାଇଥିବା ରେଜିଷ୍ଟର। ୨. ଅଫିସରଙ୍କ ଦ୍ୱାରା ପ୍ରଦତ୍ତ ମଷ୍ଟରରୋଲ କ୍ରମିକ ସଂଖ୍ୟା ସହ ମେଳ ହେଉଛି କି ନାହିଁ। ୩. ମଷ୍ଟରରୋଲରେ ପ୍ରଦର୍ଶିତ ଜବକାର୍ଡ ନମ୍ବର ଅଣକୁଶଳୀ ଶ୍ରମିକର କି ନୁହେଁ। ୪. ମଷ୍ଟରରୋଲରେ ପ୍ରଦର୍ଶିତ କାର୍ଯ୍ୟଦିବସ ଅନୁସାରେ ମାପ ହୋଇଥିବା କାର୍ଯ୍ୟଦିବସ, ଜବକାର୍ଡଗୁଡ଼ିକର ମଷ୍ଟରରୋଲ ଅନୁଯାୟୀ ଅଣକୁଶଳୀ/କୁଶଳୀ ଶ୍ରମିକମାନଙ୍କର ନାମ ଠିକ ଅଛି କି ନାହିଁ ଏବଂ ସମପରିମାଣରେ କାମ କରିଛନ୍ତି କି ନାହିଁ।

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୀରମହାରାଜପୁର

## नालको NALCO

National Aluminium Company Limited
(A Government of India Enterprise)
Captive Power Plant,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**

Digitally signed online tenders are being invited from experienced bidders on OPEN/ Two- part (E-tender) mode through Central Public Procurement Portal for the following jobs at NALCO, CPP Plant at Angul, Odisha:

1- NIT No. MC-4833
**Name of the work:** Erection of New Fire Hydrant and Mulsifier Network (above ground) for Unit #7 to #10.

2- NIT No. MC-4839
**Name of the work:** Overhauling, Repair & Maintenance of AC, Ventilation & Fire Fighting System.

3- NIT No. MC-4844
**Name of the work:** Repair and Maintenance of CHP-I.

4- NIT No. MC-4842
**Name of the work:** Overhauling & Maintenance of EHV Installation at 220KV switch YARD & 33KV Substation at CPP, IPH & Ash Pond , 220/33KV Transmission Lines.

For details of NITs like contract period, EMD, Date and time of E-submission, Part-I Bid Opening, Modification/Amendments (if any) please log in to **www.nalcoindia.com** & **http://eprocure.gov.in**

AGM (Mech), Contract Cell

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି: ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି: REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ!!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi


ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସ୍ୱିଡେନଠାରୁ ଭାରତ ୦-୩ ଗୋଲରେ ପରାସ୍ତ ହୋଇଥିଲେ ମଧ୍ୟ ଦଳର ଖେଳାଳିଙ୍କ ପ୍ରଦର୍ଶନ ନେଇ ମୁଁ ଗର୍ବିତ ।
-ଥୋମାସ୍ ଡେନର୍ବି
୧୭ବର୍ଷରୁ କମ୍ ଭାରତୀୟ ମହିଳା ଫୁଟ୍‌ବଲ କୋଚ୍



ଫୁଟ୍‌ବଲ ଖେଳରେ ଫିନିଶିଂ ଟଚ୍ ଦକ୍ଷତା ନ ଥିଲେ ଜଣେ ଷ୍ଟ୍ରାଇକର ସ୍ୱୟଂ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ।
-ମାର୍କସ ରସ୍‌ଫୋର୍ଡ, ଇଂଲଣ୍ଡ ଫରୱାର୍ଡ ଖେଳାଳି

## ସଂକ୍ଷେପରେ

### ନିଲାମୀ ପୂର୍ବରୁ କ୍ୟାପିଟାଲ୍ସ ମ୍ୟାନେଜମେଣ୍ଟଙ୍କୁ ଭେଟିଲେ ପଣ୍ଟିଂ

**ନୂଆଦିଲ୍ଲୀ,୧୪।୧୨(ପି.ଟି.):** ଆସନ୍ତା ୧୯ ତାରିଖରେ କୋଲକାତାଠାରେ ଆଇପିଏଲର ୧୩ତମ ସଂସ୍କରଣ ପାଇଁ ଖେଳାଳିଙ୍କ ନିଲାମୀ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏଥିପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ମୁଖ୍ୟ କୋଚ୍ ରିକି ପଣ୍ଟିଂ ମ୍ୟାନେଜମେଣ୍ଟ ସଦସ୍ୟଙ୍କୁ ଭେଟିଛନ୍ତି। ଗତ କିଛି ମାସ ହେଲା ଆମେ ଆଲୋଚନା କରୁଛୁ। ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ଲାଗି ବହୁତ ସମୟ ଦେଇଛୁ। ଆମେ ସବୁ କିଛି ଯୋଜନା କରିଛୁ। ମାତ୍ର ଅକ୍‌ଶନ ଟେବୁଲରେ କ'ଣ ଘଟିବ କହି ହେବ ନାହିଁ। ଦ୍ରୁତ ବୋଲରଙ୍କ ଉପରେ ଆମ ଧ୍ୟାନ ରହିବ। ମୁଖ୍ୟତଃ ବିଦେଶୀ ପେସରଙ୍କୁ ଆଣିବାକୁ ଲକ୍ଷ୍ୟ ରଖାଯାଇଥିବା ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ପଣ୍ଟିଂ କହିଛନ୍ତି। ସେ ଆହୁରି କହିଛନ୍ତି, ଆମ ଦଳକୁ କେଉଁ ଭଳି ଖେଳାଳି ଦରକାର ତା ଠିକ୍ ରୂପେ ଜାଣିବାକୁ ପଡ଼ିବ। ଉଦାହରଣ ସ୍ୱରୂପ ଆମ ନିକଟରେ ୩ ଓପନର ଅଛନ୍ତି। ଏଣୁ ଆଉ ଓପନରଙ୍କ ଉପରେ ନଜର ପକାଇବା ଦରକାର ନାହିଁ। ଆମ ଚୂଡ଼ାନ୍ତ ଏକାଦଶରେ ଯେଉଁ ସ୍ଥାନରେ ସମସ୍ୟା ରହିଛି, ତାକୁ ସୁଧାରିବା ପାଇଁ ଖେଳାଳି ଚୟନ କରିବା ଆବଶ୍ୟକ।

### ତସ୍‌ନିମ୍-ତାରା ଫାଇନାଲ

**ସୁରାବାୟା (ଇଣ୍ଡୋନେସିଆ), ୧୪।୧୨(ପି.ଟି.)**-ଏଠାରେ ଚାଲିଥିବା ୧୫ବର୍ଷରୁ କମ୍ ଏସିଆନ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ମହିଳା ସିଙ୍ଗଲ୍ସ ଫାଇନାଲ ଦୁଇ ଭାରତୀୟ ଖେଳାଳି ତସନିମ୍ ମୀର୍ ଏବଂ ତାରା ଶାହଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ତସ୍‌ନିମ୍ ୨୧-୧୬, ୨୧-୧୧ରେ ଜାପାନର ସୋରା ଇଶୋକାଙ୍କୁ ପରାସ୍ତ କରିଥିବାବେଳେ ତାରା ଜାପାନିଜ ଖେଳାଳି କାଜୁନେ ଇୱାତୋଙ୍କୁ ୨୧-୧୮, ୨୧-୧୪ରେ ହରାଇ ଦେଇଛନ୍ତି। ସକାଳେ ଖେଳାଯାଇଥିବା କ୍ୱାର୍ଟରଫାଇନାଲରେ ଉଭୟ ତସ୍‌ନିମ୍ ଓ ତାରା ଯଥାକ୍ରମେ ଜାପାନର ମାୟା ତାଗୁଚି ଏବଂ ମେଇ ସୁଡୋଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ତସନିମ ଓ ତାରାଙ୍କ ବ୍ୟତୀତ ଅନ୍ୟ ଭାରତୀୟ ଖେଳାଳିମାନେ ଆଗକୁ ବଢ଼ିପାରି ନାହାନ୍ତି। ୧୫ ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ଟପ୍ ସିଡ ତନ୍ମୟ ବରୁଆ ଓ ଅଙ୍କିତ ମଣ୍ଡଳ ସେମାନଙ୍କ ମ୍ୟାଚ ହାରିଯାଇଛନ୍ତି। ୧୫ ବର୍ଷରୁ କମ୍ ପୁରୁଷ ଡବଲ୍ସ କ୍ୱାର୍ଟରଫାଇନାଲରେ ତନ୍ମୟ ଏବଂ ଲକ୍ଷ୍ୟ ଶର୍ମା ମଧ ସେମାନଙ୍କ କ୍ୱାର୍ଟରଫାଇନାଲରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।

### ପାକିସ୍ତାନ ଗସ୍ତ କରିପାରେ ଦକ୍ଷିଣ ଆଫ୍ରିକା

**କରାଚୀ,୧୪।୧୨(ପି.ଟି.):** ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ଆସନ୍ତା ମାର୍ଚ୍ଚରେ ପାକିସ୍ତାନ ଗସ୍ତ କରିବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ନିଶ୍ଚିତ ଅଛି। ଏହି ଗସ୍ତରେ ଦକ୍ଷିଣ ଆଫ୍ରିକା ଘରୋଇ ପାକିସ୍ତାନ ସହ ୩ ଟି୨୦ ମ୍ୟାଚ୍ ଖେଳିପାରେ। କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ପାକିସ୍ତାନର ପ୍ରସ୍ତାବକୁ ଖାରଜ କରିଦେଇଛି। ହେଲେ ଆଲୋଚନା ଚାଲିଥିବା କହିଛନ୍ତି ପିସିବି ସିଇଓ ୱାସିମ ଖାଁ। କେବଳ ଦକ୍ଷିଣ ଆଫ୍ରିକା ନୁହେଁ ପିସିବି ଆଫଗାନିସ୍ତାନ ଓ ଆୟର୍ଲାଣ୍ଡ ବୋର୍ଡକୁ ମଧ ସେମାନଙ୍କ ଦଳ ପଠାଇବାକୁ ପ୍ରସ୍ତାବ ଦେଇଛି।

# ଓଡ଼ିଶା ଏଫ୍‌ସିର ପ୍ରଥମ ହୋମ୍ ମ୍ୟାଚ୍ ୨୭ରେ

**ଭୁବନେଶ୍ୱର, ୧୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**




ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୬ଷ୍ଠ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଏହାର ଅବଶିଷ୍ଟ ହୋମ୍ ମ୍ୟାଚ ଡିସେମ୍ବର ୨୭ରୁ ଭୁବନେଶ୍ୱରରେ ଖେଳାଯିବ। ୧୭ ବର୍ଷରୁ କମ ମହିଳା ଫିଫା ବିଶ୍ୱକପ୍ ପାଇଁ କଳିଙ୍ଗ ଷ୍ଟାଡିୟମର ଆଧୁନିକୀକରଣ କାର୍ଯ୍ୟ ଶେଷ ହେବାରେ ବିଳମ୍ବ ଯୋଗୁ ଦଳର ଏହାର ପ୍ରଥମ ୩ଟି ହୋମ୍ ମ୍ୟାଚ ପୁଣେଠାରେ ଖେଳିସାରିଛି। ଭୁବନେଶ୍ୱରରେ ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚ ଜାମସେଦପୁର ଏଫ୍‌ସି ବିପକ୍ଷରେ ଖେଳିବ। ଜୋସେପ୍ ଗୋମ୍ବାଉଙ୍କ ଓଡ଼ିଶା ଏଫ୍‌ସି ପୁଣେରେ ଖେଳିଥିବା ୩ଟି ମ୍ୟାଚ ମଧ୍ୟରୁ ଏଟିକେ ବିପକ୍ଷ ମ୍ୟାଚକୁ ଡ୍ର ରଖିଥିବା ବେଳେ ବେଙ୍ଗାଲୁରୁଠାରୁ ପରାସ୍ତ ହୋଇଥିଲା। ତେବେ ହାଇଦ୍ରାବାଦ ବିପକ୍ଷରେ ଖେଳିଥିବା ଏହାର ତୃତୀୟ ଗେମ୍‌ରେ ବିଜୟ ଲାଭ କରିଥିଲା। ଦଳ ଏଣିକି ହୋମ୍ ଗ୍ରାଉଣ୍ଡରେ ଖେଳିବାକୁ ଥିବାରୁ ସ୍ଥାନୀୟ ସମର୍ଥକଙ୍କ ସମର୍ଥନ ପାଇବ ଏବଂ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିବ ବୋଲି ଓଡ଼ିଶା ଏଫ୍‌ସି ସିଇଓ ଆଶିଷ ଶାହ ଆଶା ପ୍ରକାଶ କରି କହିଛନ୍ତି। ଡିସେମ୍ବର ୨୭ରୁ ଆମ ଦଳ ନିଜ ହୋମ୍ ଗ୍ରାଉଣ୍ଡରେ ମ୍ୟାଚ ଖେଳିବ ଖବରରେ ମୁଁ ଆନନ୍ଦିତ ବୋଲି ଓଡ଼ିଶା ଏଫ୍‌ସିର ମୁଖ୍ୟ କୋଚ୍ ଜୋସେପ୍ ଗୋମ୍ବାଉ କହିଛନ୍ତି। ହୋମ୍ ଗ୍ରାଉଣ୍ଡରେ ନିଜ ସମର୍ଥକଙ୍କ ଉପସ୍ଥିତିରେ ମ୍ୟାଚ ଖେଳିବା ଭିନ୍ନ କଥା।

# ମୋମୋତା ଫାଇନାଲରେ

**ଶାଂଘାଇ, ୧୪।୧୨ (ଏଏଫ୍‌ପି):** ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ୱାର୍ଲ୍ଡ ଟୁର୍ ଫାଇନାଲ୍ସର ଟାଇଟଲ ମୁକାବିଲା ଜାପାନର କେଣ୍ଟୋ ମୋମୋତା ଏବଂ ଇଣ୍ଡୋନେସିଆର ଆନ୍ଥୋନୀ ସିନିସୁକା ଗିନ୍‌ଟିଙ୍ଗଙ୍କ ମଧ୍ୟରେ ହେବ। ବିଶ୍ୱର ନମ୍ବର ୱାନ ଖେଳାଳି ମୋମୋତା ଶନିବାର ଗୁଆଙ୍ଗଝୋଠାରେ ଅନୁଷ୍ଠିତ ସେମିଫାଇନାଲରେ ତାଇୱାନର ୱାଙ୍ଗ୍ ତିଜୁ ୱିଙ୍କୁ ୨୧-୧୭, ୨୧-୧୨ରେ ପରାସ୍ତ କରିଛନ୍ତି। ୨୦୧୯ରେ ଜାପାନିଜ ଖେଳାଳି ଇତିମଧ୍ୟରେ ୧୦ଟି ଟାଇଟଲ ଜିତି ସାରିଛନ୍ତି। ତନ୍ମଧ୍ୟରେ ୱାର୍ଲ୍ଡ ଚାମ୍ପିୟନଶିପ୍, ଏସିଆ ଚାମ୍ପିୟନଶିପ୍ ସମ୍ମାନଜନକ ଅଲ୍ ଇଂଲଣ୍ଡ ଓପନ୍ ରହିଛି। ମୋମୋତା ଏବଂ ଗିନ୍‌ଟିଙ୍ଗ୍ ପରସ୍ପରକୁ ୧୪ ଥର ଭେଟିଛନ୍ତି। ଜାପାନ ଖେଳାଳି ଇଣ୍ଡୋନେସିଆ ଖେଳାଳିଙ୍କୁ ତନ୍ମଧ୍ୟରେ ୧୦ଥର ହରାଇ ଦେଇଛନ୍ତି। ତେଣୁ ରବିବାର ଫାଇନାଲରେ ମୋମୋତାଙ୍କୁ ଫେଭରାଇଟ୍ ବିବେଚନା କରାଯାଉଛି। ବିଶ୍ୱର ୮ ନମ୍ବର ମାନ୍ୟତାପ୍ରାପ୍ତ ଗିନ୍‌ଟିଙ୍ଗ୍ ଚାଇନାର ଅଲିମ୍ପିକ ଚାମ୍ପିୟନ ଚେନ୍ ଲଙ୍ଗ୍‌ଙ୍କ ବିପକ୍ଷରେ ୨୧-୧୫, ୨୧-୧୫ରେ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ଫାଇନାଲରେ ବିଶ୍ୱର ନମ୍ବର ୨ ଖେଳାଳି ଚାଇନାର ଚେନ୍ ୟୁଫି ତାଇୱାନର ଶୀର୍ଷ ର‍୍ୟାଙ୍କିଙ୍ଗପ୍ରାପ୍ତ ତାଇ ତିଜୁ-ୟିଙ୍ଗ୍‌ଙ୍କ ସହ ମୁକାବିଲା କରିବେ। ଚେନ୍ ସେମିଫାଇନାଲରେ ଆକାନେ ୟାମାଗୁଚିଙ୍କୁ ୨୧-୧୮, ୨୧-୯ରେ ପରାସ୍ତ କରିଥିବାବେଳେ ତାଇ ଅନ୍ୟଜଣେ ଜାପାନିଜ୍ ନୋଜୋମି ଓକୁହାରାଙ୍କୁ ୨୧-୧୫, ୨୧-୧୮ରେ ହରାଇ ଦେଇଛନ୍ତି।

# ସେମିରେ ସୁବ୍ରତ




**ଭୁବନେଶ୍ୱର,୧୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ପାଟନାରେ ଚାଲିଥିବା ଇଷ୍ଟ ଇଣ୍ଡିଆ ସ୍ନୁକର ଚାମ୍ପିୟନଶିପ୍‌ରେ ଓଡ଼ିଶାର ସୁବ୍ରତ ଦାସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ସୁବ୍ରତ ପ୍ରି- କ୍ୱାର୍ଟର ଓ କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ସେମିକୁ ଉଠିଛନ୍ତି। ସେ ପ୍ରି-କ୍ୱାର୍ଟରରେ ଅଭୟ ପ୍ରକାଶଙ୍କୁ ୩-୦ରେ ହରାଇ ଅଗ୍ରଗତି କରିଥିଲେ। ଏହାପରେ ସେ କ୍ୱାର୍ଟରରେ ରାଞ୍ଚିର ଶୁଭମ ସିଂଙ୍କୁ ମଧ ସମାନ ଅନ୍ତରରେ ପରାସ୍ତ କରିଥିଲେ।

ପାଟନାର ଆଡିକ୍‌ଶନ ସ୍ନୁକର ସେଣ୍ଟରରେ ଚାଲିଥିବା ଏହି ପ୍ରତିଯୋଗିତାରେ ସୁବ୍ରତ ଶୁକ୍ରବାର ୩-୦ରେ ପୂର୍ବତନ ବିହାର ଜୁନିୟର ଚାମ୍ପିୟନ ଉତ୍କର୍ଷ ସିଂଙ୍କୁ ପରାସ୍ତ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲେ। ୪ ଦିନଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟର ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ସହ ୨୧ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍‌ରେ ଟାଇଟଲ ହାସଲ କରିଥିବା ସୁବ୍ରତଙ୍କ ସମେତ ପୂର୍ବ ଭାରତର ଅନ୍ୟ ଖେଳାଳିମାନଙ୍କୁ ମଧ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଆମନ୍ତ୍ରଣ କରାଯାଇଥିଲା। ଏହି ଚାମ୍ପିୟନଶିପ୍‌ରେ ସୁବ୍ରତଙ୍କୁ ଟପ୍ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଜାତୀୟ ସର୍କିଟରେ ସୁବ୍ରତ ଶ୍ରେଷ୍ଠ ୩୨ରେ ସ୍ଥାନ ପାଇଛନ୍ତି।

# ଆଇପିଏଲ ନିଲାମୀରେ ଶୁଭ୍ରାଂଶୁ

**କଟକ ଅଫିସ,୧୪।୧୨**

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ଆଗାମୀ ସଂସ୍କରଣ ପାଇଁ ହେବାକୁ ଥିବା ନିଲାମ ପ୍ରକ୍ରିୟାରେ ସାମିଲ ହେବେ ଜଣେ ଓଡ଼ିଆ ପ୍ରତିଭାବାନ ଖେଳାଳି। ଏହି ଖେଳାଳି ଜଣଙ୍କ ହେଲେ ରାଜ୍ୟ ରଣଜୀ ଦଳର ଅଧିନାୟକ ତଥା ଡାହାଣହାତୀ ଧୂଆଁଧାର ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ଶେଖର ସେନାପତି। ଶୁଭ୍ରାଂଶୁଙ୍କ ନାମ ଆଇପିଏଲ ନିଲାମୀର ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଛି। ୮ଟି ଦଳର ମାଲିକମାନଙ୍କ ଭିତରୁ କୌଣସି ଦଳ ଶୁଭ୍ରାଂଶୁଙ୍କ ପାଇଁ ଗ୍ରୀନ ସିଗ୍ନାଲ ଦେଖାଇଲେ, ସେ ରାଜ୍ୟର ୩ୟ ଖେଳାଳି ଭାବେ ଆଇପିଏଲ ଖେଳିବାର ସୌଭାଗ୍ୟ ହାସଲ କରିବେ। ଶୁଭ୍ରାଂଶୁଙ୍କ ବେସ୍ ପ୍ରାଇସ୍ ରହିଛି ୨୦ଲକ୍ଷ ଟଙ୍କା।

ବିଶ୍ୱର ସବୁ ପେସାଦାର କ୍ରିକେଟ ଲିଗ୍‌ଗୁଡ଼ିକ ଭିତରେ ଆଇପିଏଲ ବେଶ୍ ଚର୍ଚ୍ଚିତ ଓ ପ୍ରତିଷ୍ଠିତ। ଭାରତର ଏହି ବିତ୍ତଶାଳୀ କ୍ରିକେଟ ଲିଗ୍‌ର ଖେଳାଳି ନିଲାମୀ ପ୍ରକ୍ରିୟା ଆସନ୍ତା ୧୯ରେ ଅନୁଷ୍ଠିତ ହେବ। ଭାରତୀୟ ଓ ବିଦେଶୀ ଖେଳାଳିମାନଙ୍କୁ ମିଶାଇ ମୋଟ୍ ୩୩୨ଟି ନାମ ଏହି ପ୍ରକ୍ରିୟାରେ ଉପସ୍ଥାପିତ କରାଯିବ। ତାଲିକାରେ ଶୁଭ୍ରାଂଶୁ ଏକମାତ୍ର ଓଡ଼ିଆ



ଶୁଭ୍ରାଂଶୁ ଶେଖର ସେନାପତି

ଖେଳାଳିଭାବେ ସ୍ଥାନ ପାଇଛନ୍ତି। ଶୁଭ୍ରାଂଶୁଙ୍କ ପୂର୍ବରୁ ହଳଧର ଦାସ ଓ ବିପ୍ଳବ ସାମନ୍ତରାୟ ଆଇପିଏଲରେ ଦେଖିବାକୁ ମିଳିଛନ୍ତି। ରଣଜୀ ସଂସ୍କରଣ-୨୦୧୮ ଓ କିଛିଦିନ ତଳେ ଶେଷ ହୋଇଥିବା ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ଟୁର୍ନାମେଣ୍ଟରେ ଶୁଭ୍ରାଂଶୁଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବଶାଳୀ ରହିଥିଲା। ଯାହାଫଳରେ ତାଙ୍କ ନାମକୁ ଆଇପିଏଲ କମିଟି ନିଲାମୀ ପ୍ରକ୍ରିୟାରେ ସାମିଲ କରିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ପକ୍ଷରୁ ୧୬ଟି ଟି-୨୦ ମ୍ୟାଚ୍ ଖେଳିଥିବା ଶୁଭ୍ରାଂଶୁ ୨୭.୧୫ ଆଭରେଜରେ ୩୫୩ ରନ କରିଛନ୍ତି। ଷ୍ଟ୍ରାଇକ ରେଟ୍ ୧୨୩.୮୫ ରହିଥିବା ବେଳେ ୫୧ରନ ହେଉଛି ଶୁଭ୍ରାଂଶୁଙ୍କ ଟି୨୦ ଫର୍ମାଟରେ ସର୍ବାଧିକ ସ୍କୋର। ନିଲାମୀ ପ୍ରକ୍ରିୟାରେ ନାମ ରହିଥିବାରୁ ଖୁସି ଲାଗୁଛି ବୋଲି ଶୁଭ୍ରାଂଶୁ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଆଇପିଏଲରେ ସୁଯୋଗ ମିଳିଲେ ଶ୍ରେଷ୍ଠ ପ୍ରଦର୍ଶନ କରିବି ବୋଲି ସେ କହିଥିଲେ।

# ଦିବାରାତ୍ର ଟେଷ୍ଟ: ଅଷ୍ଟ୍ରେଲିଆ ସ୍ଥିତି ଦୃଢ଼

**ପର୍ଥ,୧୪।୧୨(ଏଏଫ୍‌ପି)**




ସ୍ଥାନୀୟ ପର୍ଥ ଷ୍ଟାଡିୟମରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦିବାରାତ୍ର ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ତା'ର ସ୍ଥିତି ଆହୁରି ମଜଭୁତ୍ କରିଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୪୬.୨ ଓଭରରେ ୪୧୬ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୫୫.୨ ଓଭରରେ ମାତ୍ର ୧୬୬ ରନ କରି ଅଲଆଉଟ ହୋଇଥିଲା। ଫଳରେ ଅଷ୍ଟ୍ରେଲିଆ ୨୫୦ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୫୭ ଓଭରରେ ୬ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରିଛି। ଫଳରେ ମୋଟ ଉପରେ ଅଷ୍ଟ୍ରେଲିଆ ଏବେ ୪୧୭ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ମାଥ୍ୟୁ ୱେଡ ୮ ଓ ପ୍ୟାଟ କୁମିନ୍ସ ୧ ରନ କରି ଅପରାଜିତ ରହିଛନ୍ତି। ଦ୍ୱିତୀୟ ଇନିଂସରେ ଅବଶ୍ୟ ଅଷ୍ଟ୍ରେଲିଆ ଆଶାନୁରୂପ ବ୍ୟାଟିଂ କରିପାରି ନ ଥିଲା। ଦଳ ତରଫରୁ ଓପନର ଜୋ ବର୍ନ୍ସ ୫୩ ଓ ମାର୍ନସ ଲାବୁସେନ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଏହି କ୍ରମରେ ଅଭିଜ୍ଞ ଓପନର ଡେଭିଡ ୱାର୍ନର ୧୯, ଷ୍ଟିଭ୍ ସ୍ମିଥ୍ ୧୬, ଟ୍ରାଭିସ ହେଡ ୫ ରନକରି ଆଉଟ ହୋଇଥିବା ବେଳେ ଅଧିନାୟକ ଟିମ୍ ପେନ୍ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୌଦି ସର୍ବାଧିକ ୪ ଓ ନିଲ ୱାଗନର ୨ଟି ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୦୯/୫ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଶନିବାର ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ରସ ଟେଲର ୬୬ରୁ ଖେଳ ଆରମ୍ଭ କରି ୮୦ ରନ ଓ ବିଜେ ୱାଟଲିଂ ଶୂନରୁ ଖେଳ ଆରମ୍ଭ କରି ୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ କଲିନ ଡି ଗ୍ରାଣ୍ଡହୋମ ୨୩, ମିଚେଲ ସାଣ୍ଟନର ୨, ସୌଦି ୮ ରନ କରି ଆଉଟ ହୋଇଥିବାବେଳେ ଲୋକି ଫର୍ଗସନ ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ ସର୍ବାଧିକ ୫, ସ୍ପିନର ନାଥନ ଲିୟନ ୨, ଜୋସ୍ ହାଜେଲଉଡ, ପ୍ୟାଟ କୁମିନ୍ସ ଓ ମାର୍ନସ ଲାବୁସେନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୧୪୬.୨ ଓଭରରେ ୪୧୬ ରନରେ ଅଲଆଉଟ।

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୫୫.୨ ଓଭରରେ ୧୬୬ ଅଲଆଉଟ, (ରସ୍ ଟେଲର- ୮୦, କେନ୍ ୱିଲିୟମସନ- ୩୪, କଲିନ ଡି ଗ୍ରାଣ୍ଡହୋମ- ୨୩, ମିଚେଲ ଷ୍ଟାର୍କ- ୫/୩୨, ନାଥନ ଲିୟନ- ୨/୪୮)।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୫୭ ଓଭରରେ ୧୬୭/୬, (ଜୋ ବର୍ନ୍ସ- ୫୩, ମାର୍ନସ ଲାବୁସେନ- ୫୦, ଟିମ ସୌଦି- ୪/୬୩, ନିଲ ୱାଗନର- ୨/୪୦)



ମାରଗାଓଠାରେ ଶନିବାର ଅନୁଷ୍ଠିତ ଆଇଏସ୍‌ଏଲ୍ ମ୍ୟାଚ୍‌ରେ ଘରୋଇ ଗୋଆ ୨-୧ ଗୋଲରେ ଏଟିକେକୁ ପରାସ୍ତ କରି ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି।

# ଆଇ ଲିଗ୍: ଇଷ୍ଟବେଙ୍ଗଲ ବିଜୟୀ

**କଲ୍ୟାଣୀ (ପଶ୍ଚିମବଙ୍ଗ), ୧୪।୧୨ (ପି.ଟି.):** ମାର୍ଟି କ୍ରେସ୍ପିଙ୍କ ବିଳମ୍ବିତ ଗୋଲ ସହାୟତାରେ ଇଷ୍ଟବେଙ୍ଗଲ ଏଠାରେ ଶନିବାର ଖେଳାଯାଇଥିବା ଟିଆରଏୟୁ ଏଫ୍‌ସି ବିପକ୍ଷ ମ୍ୟାଚରେ ୨-୧ ଗୋଲରେ ବିଜୟ ହାସଲ କରିଛି। ଏଥିସହିତ ଦଳ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି। ଖେଳର ୧୭ତମ ମିନିଟ୍‌ରେ ସମ୍‌ସାଦ ଅଲି ମଲିକଙ୍କ ଏକ କ୍ରସ୍‌କୁ ହେଡ୍ କରି ମାର୍କସ ଏସ୍ପାଡା ଘରୋଇ ଦଳ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ପୂର୍ବରୁ ଟିଆର୍‌ଏୟୁ ଏଫ୍‌ସିର ଦୀପକ ଦେବରାନି ଏକ ଗୋଲ ସ୍କୋର କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ୮୯ତମ ମିନିଟ୍‌ରେ କ୍ରେସ୍ପିଙ୍କ ଗୋଲ ଇଷ୍ଟବେଙ୍ଗଲକୁ ୨-୧ ଗୋଲରେ ଜିତାଇଥିଲା।

# ସର୍ବପ୍ରଥମ ପଦକ ଲକ୍ଷ୍ୟରେ ଓଡ଼ିଶା

**ଭୁବନେଶ୍ୱର, ୧୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଡିସେମ୍ବର ୧୭ରୁ ୨୨ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ (୧୫ ବର୍ଷ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ)ପ୍ରତିଯୋଗିତାର ୩୩ତମ ସଂସ୍କରଣ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଆୟୋଜନ ସହ ଓଡ଼ିଶା ଦଳ ପ୍ରଭାବୀ ପ୍ରଦର୍ଶନ କରି ପ୍ରଥମ ସବ୍‌ଜୁନିୟର ଜାତୀୟ ପଦକ ଜିତିବା ଲକ୍ଷ୍ୟରେ ରହିଛି। ଓଡ଼ିଶା ଷ୍ଟେଟ ବ୍ୟାଡମିଣ୍ଟନ ଆସୋସିଏଶନ(ଓଏସବିଏ)ପକ୍ଷରୁ ଏହି ଜାତୀୟ ପ୍ରତିଯୋଗିତା ପାଇଁ ଏକ ୨୩ ଜଣିଆ ଦଳ ଗଠନ କରାଯାଇଛି। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଆୟୁଷ ପଟ୍ଟନାୟକ ଏବଂ ଶ୍ୱେତପର୍ଣ୍ଣା ପଣ୍ଡାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଉଭୟ ଆୟୁଷ ଓ ଶ୍ୱେତପର୍ଣ୍ଣା ନିଜ ନିଜର ଡବଲ୍ସ ଓ ସିଙ୍ଗଲ୍ସ ଇଭେଣ୍ଟର ମୁଖ୍ୟ ପର୍ଯ୍ୟାୟରେ ସିଧାସଳଖ ପ୍ରବେଶ କରିଛନ୍ତି। ବାରିପଦାର ଆୟୁଷ ବର୍ତ୍ତମାନ ୧୭ ବର୍ଷରୁ କମ୍ ଡବଲ୍ସରେ ୫୪୨ ପଏଣ୍ଟ ସହ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ(ବାଇ) ର‍୍ୟାଙ୍କିଙ୍ଗରେ ପ୍ରଥମ ଏବଂ ୫୭୬ ପଏଣ୍ଟ ସହ ସିଙ୍ଗଲ୍ସରେ ଷଷ୍ଠ ସ୍ଥାନରେ ରହିଛନ୍ତି। କଟକର ଶ୍ୱେତପର୍ଣ୍ଣା ୧୫ ବର୍ଷରୁ କମ୍ ମିକ୍ସଡ ଡବ୍ଲସରେ ୩୧୦ ପଏଣ୍ଟ ସହ ବର୍ତ୍ତମାନ ଆଗରେ ରହିଛନ୍ତି। ଏହି ଦୁଇଜଣଙ୍କ ବ୍ୟତୀତ ଓଡ଼ିଶା ଦଳରେ ବାଳକ ବର୍ଗରେ ପାର୍ଥସାରଥୀ ମିଶ୍ର, ଅଜୟ ମାଝି, ସିଦ୍ଧାର୍ଥ ରାଜେଶ ପାଟିଲ ଓ ତହସିଫ ଖାନ ଏବଂ ବାଳିକା ବର୍ଗରେ ହର୍ଷିତା ରାଉତ ଏବଂ ଶ୍ରୁତି ସ୍ୱାଇଁ ପ୍ରମୁଖ ରହିଛନ୍ତି। ଓଡ଼ିଶା ଯୁବ ଖେଳାଳି ନିଜ ଘରୋଇ ପରିବେଶରେ ଖେଳୁଥିବାରୁ ପଦକ ହାସଲ କରିବାରେ ସହାୟକ ହେବ ବୋଲି ପୂର୍ବତନ ରାଜ୍ୟସ୍ତରୀୟ ବିଜେତା ବିଭାସ ପରିଡ଼ା କହିଛନ୍ତି। ଓଡ଼ିଶାରେ ବ୍ୟାଡମିଣ୍ଟନର ପ୍ରୋତ୍ସାହନ ଏବଂ ବିକାଶ ଦିଗରେ ଏହି ସବ୍‌ଜୁନିୟର ପ୍ରତିଯୋଗିତା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଓଏସ୍‌ବିଏ ପ୍ରତିନିଧି ନିଲୀନ କୁମାର କହିଛନ୍ତି।

**ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ**



ଶ୍ୱେତପର୍ଣ୍ଣା ପଣ୍ଡା ଓ ଆୟୁଷ ପଟ୍ଟନାୟକ ।

# ରାଜ୍ୟସ୍ତରୀୟ ନିମାପଡ଼ା ଫୁଟ୍‌ବଲ ଫାଇନାଲ ଆଜି

**ନିମାପଡ଼ା, ୧୪।୧୨ (ଡିଏନ୍‌ଏ)**

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଚାଲିଥିବା ରାଜ୍ୟସ୍ତରୀୟ ୬ଷ୍ଠ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ନିମାପଡ଼ା ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ରବିବାର ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ କଟକର ସାଇ ହଷ୍ଟେଲକୁ ଭଦ୍ରକର ଚରମ୍ପା ୟୁନାଇଟେଡ୍ କ୍ଲବ ଭେଟିବ। ଶନିବାର ଖେଳାଯାଇଥିବା ୨ୟ ସେମିଫାଇନାଲ ମ୍ୟାଚ୍‌ରେ ଚରମ୍ପା ୟୁନାଇଟେଡ୍ ୩-୨ ଗୋଲରେ ଭୁବନେଶ୍ୱରର ୟୁନାଇଟେଡ୍ ୟୁଥ୍ କ୍ଲବକୁ ପରାସ୍ତ କରିଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଭୁବନେଶ୍ୱର ୟୁନାଇଟେଡ୍ ୟୁଥ୍ କ୍ଲବ ପ୍ରଭାବ ବିସ୍ତାର କରି ଖେଳିଥିଲା। ବିକାଶ ନାୟକ ଓ ବିକାଶ ରାଉତଙ୍କ ଗୋଲ ବଳରେ ଚରମ୍ପା ଦଳ ପ୍ରଥମାର୍ଦ୍ଧରେ ୨-୦ ଗୋଲରେ ଅଗ୍ରଣୀ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଚରମ୍ପା ୟୁନାଇଟେଡ୍ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଦୁର୍ଗା ପ୍ରସାଦ ନାୟକଙ୍କ ଡବଲ୍ ଓ ସଞ୍ଜୀବ ମାରାଣ୍ଡିଙ୍କ ଗୋଟିଏ ଗୋଲ ବଳରେ ଚରମ୍ପା ୩-୨ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଦୁଇଟି ଗୋଲସ୍କୋର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦୁର୍ଗା ପ୍ରସାଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଡିଏଭି ସ୍କୁଲର ଅଧ୍ୟକ୍ଷ ଏମ୍.ଏମ୍. ହକ୍, ବିଏସ୍‌ଏନ୍‌ଏଲ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ଦାସ, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ବ୍ରଜେନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସରୋଜ ମହାରଣା, ସୁଦୀପ ଦାସ, ନିର୍ମଳ ମିଶ୍ର, କିର୍ତ୍ତୀରଞ୍ଜନ ସ୍ୱାଇଁ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଦୁର୍ଗାପ୍ରସାଦ।



“ ରିଷଭ ପନ୍ତ ବ୍ୟାଟିଂରେ ଫର୍ମକୁ ଫେରିବା ମାତ୍ରେ ଭାରତୀୟ କ୍ରିକେଟ ଦଳର ଜଣେ ଷ୍ଟାର ଖେଳାଳିରେ ପରିଣତ ହୋଇଯିବେ ।

–ବିକ୍ରମ ରାଠୋର, ଭାରତୀୟ ବ୍ୟାଟିଂ କୋଚ୍



“ ଭାରତ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ଉନ୍ନତ ପ୍ରଦର୍ଶନ କରିବା ଲାଗି ଆମ ଦଳ ଯୋଜନା ପ୍ରସ୍ତୁତ କରିଛି ।

–କିରନ ପୋଲାର୍ଡ, ୱେଷ୍ଟଇଣ୍ଡିଜ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ଆହତ ଭୁବନେଶ୍ୱରଙ୍କ ସ୍ଥାନରେ ଶାର୍ଦ୍ଦୁଳ

**ଚେନ୍ନାଇ,୧୪।୧୨(ପି.ଟି.):** ଭାରତୀୟ ପେସର ଭୁବନେଶ୍ୱର କୁମାର ଆହତ ହୋଇ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ଶାର୍ଦ୍ଦୁଳ ଠାକୁରଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ୨୯ ବର୍ଷୀୟ ଭୁବି ମୁମ୍ବାଇଠାରେ ଅନୁଷ୍ଠିତ ତୃତୀୟ ଟି୨୦ ମ୍ୟାଚ୍‌ବେଳେ ଆହତ ହୋଇଥିଲେ। ତେବେ ସେ କେଉଁ ସମସ୍ୟା ଦେଇ ଗତି କରୁଛନ୍ତି, ତାହା ସ୍ପଷ୍ଟ କରାଯାଇ ନାହିଁ। ଓପନର ଶିଖର ଧାୱନଙ୍କ ପରେ ସେ ଦ୍ୱିତୀୟ ଖେଳାଳି ଭାବେ ଆହତ ସମସ୍ୟା କାରଣରୁ ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଅନୁପସ୍ଥିତିରେ ଚଳିତବର୍ଷ କଦାପି ଖେଳି ନ ଥିବା ଠାକୁରଙ୍କୁ ସୁଯୋଗ ମିଳିଛି। ସେ ଏପର୍ଯ୍ୟନ୍ତ ୧୧ ମ୍ୟାଚ୍ ଖେଳି ୧୩ ଉଇକେଟ ହାତେଇଛନ୍ତି। ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ଦିନିକିଆ ମ୍ୟାଚ୍ ଚେନ୍ନାଇଠାରେ ରବିବାର ଖେଳାଯିବ।

### ଅଲିମ୍ପିକ୍ ଚାମ୍ପିୟନ ସ୍ନେଲଙ୍କ ପରଲୋକ



**ୱେଲିଂଟନ,୧୪।୧୨(ପି.ଟି.):** ତିନି ଥର ଅଲିମ୍ପିକ୍ ଚାମ୍ପିୟନ ଓ ବିଶ୍ୱ ମାଇଲ ରେକର୍ଡଧାରୀ ପିଟର ସ୍ନେଲଙ୍କ ପରଲୋକ ଘଟିଛି। ୮୦ ବର୍ଷୀୟ ପୂର୍ବତନ ଆଥ୍‌ଲେଟଙ୍କୁ ସର୍ବକାଳୀନ ମିଡିଲ ଡିଷ୍ଟାନ୍ସ ଧାବକ ଭାବେ ବିବେଚିତ କରାଯାଏ। ୧୯୬୦ ରୋମ ଓ ୧୯୬୪ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୨୦ ପରେ ପ୍ରଥମ ଆଥ୍‌ଲେଟ ଭାବେ ଗୋଟିଏ ଅଲିମ୍ପିକ୍ସରେ ଉଭୟ ୮୦୦ ଓ ୧୫୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାତେଇଥିଲେ। ଏହି ସଫଳତା ଏପର୍ଯ୍ୟନ୍ତ ଅନ୍ୟ କେହି ଆଥ୍‌ଲେଟ ହାସଲ କରିପାରି ନାହାନ୍ତି। ସେ ୧୯୮୦ ଓ ୧୯୯୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁଇ ସ୍ୱର୍ଣ୍ଣ ପଦକ ପାଇଥିଲେ। ତାଙ୍କ ମୃତ୍ୟୁ ଖବର ପରିବାର ପକ୍ଷରୁ ସ୍ପଷ୍ଟ କରାଯାଇଛି। ସ୍ନେଲ ହୃଦୟ ରୋଗରେ ପୀଡ଼ିତ ଥିଲେ। ଗୁରୁବାର ଅପରାହ୍ନରେ ହଠାତ୍ ତାଙ୍କ ବିୟୋଗ ହୋଇଥିବା ପତ୍ନୀ ମିକି କହିଛନ୍ତି। ନ୍ୟୁଜିଲାଣ୍ଡ କ୍ରୀଡ଼ା ଇତିହାସର ଏହା ଏକ ବଡ଼ କ୍ଷତି। ଟ୍ରାକ ଓ ଫିଲ୍ଡ ଇଭେଣ୍ଟରେ ସେ କିମ୍ବଦନ୍ତୀ ଥିଲେ ବୋଲି ନ୍ୟୁଜିଲାଣ୍ଡ କ୍ରୀଡ଼ା ଐତିହାସିକ ରନ ପାଲେନସ୍କି କହିଛନ୍ତି।

### ରୋଗୀଙ୍କୁ ଗିଫ୍ଟ ଦେଲେ ଲିଭରପୁଲ ଖେଳାଳି

**ମେଲଉଡ,୧୪।୧୨:** ଏଠାରେ ଲିଭରପୁଲ ଖେଳାଳି ଟ୍ରେନିଂ ଶେଷ କରିବା ପରେ କୋଚ୍ ଜୁର୍ଗେନ କୋପ ସମେତ ପ୍ରାୟ ସମସ୍ତ ଖେଳାଳି ୱେଷ୍ଟ ଡର୍ବି ମେଡିକାଲରେ ରୋଗୀ ଓ ଷ୍ଟାଫଙ୍କୁ ଭେଟିଛନ୍ତି। ସେମାନେ ମେଡିକାଲ ୩ଟି ୱାର୍ଡ୍ସ ବୁଲି ଦେଖିଥିଲେ। ସେଠାରେ ଖେଳାଳିମାନେ ରୋଗୀ ଓ ସେମାନଙ୍କ ପରିବାର ସହ ଫଟୋ ଉଠାଇ ଅଟୋଗ୍ରାଫ ମଧ ଦେଇଥିଲେ। ଭିର୍ଜିଲ ଭାନ ଡିଜକ୍‌ଙ୍କ ୧୨ ବର୍ଷୀୟ ଫ୍ୟାନ ଜୋଶେଫଙ୍କୁ ଭେଟି ନାଲି ରଙ୍ଗର ଶାର୍ଟ ପ୍ରଦାନ କରିଥିଲେ, ଯିଏକି ଏକ ଭିନ୍ନ ରୋଗରେ ପୀଡ଼ିତ। ଉକ୍ତ ଶାର୍ଟରେ ତାଙ୍କ ଫେଭରାଇଟ ଖେଳାଳି ଡିଜକ୍‌ଙ୍କ ଅଟୋଗ୍ରାଫ ମଧ ଥିଲା।

## ଆଜି ପ୍ରଥମ ଦିନିକିଆ

# ଭାରତ ଫେଭରାଇଟ୍

**ଚେନ୍ନାଇ,୧୪।୧୨(ପି.ଟି.)**

ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ। ପ୍ରଥମ ମ୍ୟାଚ୍ ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବ। ଟି୨୦ ସିରିଜରେ ୨–୧ ବ୍ୟବଧାନରେ ବିଜୟୀ ହେବା ପରେ ଭାରତ ଏବେ ଦିନିକିଆ ସିରିଜରେ ମଧ ଫେଭରାଇଟ ବିବେଚିତ ହେଉଛି। ଯଦି ଭାରତ ଏହି ସିରିଜରେ ସଫଳ ହୁଏ ତେବେ ୱେଷ୍ଟଇଣ୍ଡିଜ ବିପକ୍ଷରେ କ୍ରମାଗତ ଦଶମ ଦ୍ୱିପାକ୍ଷିକ ଦିନିକିଆ ସିରିଜରେ ବିଜୟ ହାସଲ କରି ଏକ ବିରଳ ସଫଳତା ଅର୍ଜନ କରିବ। ଗତ ୨୪ ଘଣ୍ଟା ମଧ୍ୟରେ ଚେନ୍ନାଇରେ ବର୍ଷା ହୋଇଥିବାରୁ ଏବେ ପାଗ ଉପରେ ଉଭୟ ଦଳର ନଜର ରହିଛି।

ଆଘାତ ସମସ୍ୟା କାରଣରୁ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଓ ଏପର୍ଯ୍ୟନ୍ତ ଇଞ୍ଜୁରିରୁ ମୁକୁଳିପାରି ନ ଥିବା ଅଭିଜ୍ଞ ଓପନର ଶିଖର ଧାୱନ ଭାରତ ପାଇଁ ଏହି ମ୍ୟାଚ୍‌ରେ ଖେଳିବେ ନାହିଁ। ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟ ଖେଳିବା ଅବସରରେ ସେ ଆହତ ହୋଇଥିଲେ। ଭୁବନେଶ୍ୱରଙ୍କ ବଦଳରେ ମୁମ୍ବାଇର ଶାର୍ଦ୍ଦୁଳ ଠାକୁର ଦଳରେ ସ୍ଥାନ ପାଇଛନ୍ତି। ଶାର୍ଦ୍ଦୁଳ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପରକିଙ୍ଗ୍ସ ତରଫରୁ ଖେଳି ବେଶ୍ ସଫଳତା ହାସଲ କରିଛନ୍ତି।

ତୃତୀୟ ଟି୨୦ରେ ଦୁଇ ଓପନର ଲୋକେଶ ରାହୁଲ ଓ ରୋହିତ ଶର୍ମା ନିର୍ଭୀକ ବ୍ୟାଟିଂ କରି ବଡ଼ ସ୍କୋର ହାସଲ କରିବା ସହ ଦଳକୁ ମ୍ୟାଚ୍ ଓ ସିରିଜରେ ବିଜୟୀ କରାଇଥିଲେ। ଧାୱନଙ୍କ ଅନୁପସ୍ଥିତିରେ ରାହୁଲ ଏହି ପ୍ରଦର୍ଶନ ଦୋହରାଇବେ ବୋଲି ପୁଣି ଆଶା କରାଯାଉଛି। ଅଧିନାୟକ କୋହଲି ମଧ ଅନ୍ତିମ ଟି୨୦ରେ ଧୂଆଁଧାର ପ୍ରଦର୍ଶନ କରିଥିଲେ। ତେବେ ଧାୱନଙ୍କ ବିକଳ୍ପ ଭାବେ ଦଳରେ ସ୍ଥାନ ପାଇଥିବା ମୟଙ୍କ ଅଗ୍ରୱାଲଙ୍କୁ ଟିମ୍ ମ୍ୟାନେଜମେଣ୍ଟ ଦିନିକିଆ ପଦାର୍ପଣର ସୁଯୋଗ ଦେଇଛି କି ନା ତାହା ଦେଖିବାକୁ ବାକି ରହିଲା। ମୟଙ୍କ ଟେଷ୍ଟରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ସେ ମଧ ତାମିଲନାଡୁ ରଣଜୀ ଦଳରେ ମଧ ସ୍ଥାନ ପାଇଛନ୍ତି। ମିଳିଥିବାର ସୁଯୋଗର ସଦ୍ ବ୍ୟବହାର କରିଥିବା ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ୪ ନମ୍ବରରେ ବ୍ୟାଟିଂ କରିବା ଆଶା କରାଯାଉଛି। ପୂର୍ବତନ ଅଧିନାୟକ ଅନିଲ କୁମ୍ବଲେ ଦିନିକିଆରେ ଶ୍ରେୟାସଙ୍କୁ ବ୍ୟାଟିଂ କରିବାର ସୁଯୋଗ ଦେବାକୁ ପରାମର୍ଶ ଦେଇଥିଲେ। ୪ ନମ୍ବରରେ ଏକାଧିକ ଖେଳାଳିଙ୍କୁ ସୁଯୋଗ ଦିଆଯାଇଥିଲେ ମଧ ସମସ୍ତେ ସଫଳ ହୋଇପାରି ନାହାନ୍ତି।

ଗତ କେତୋଟି ମ୍ୟାଚ୍‌ରେ ଉଭୟ ବ୍ୟାଟିଂ ଓ କିପିଂରେ ପ୍ରଭାବହୀନ ପ୍ରଦର୍ଶନ କରିଥିବା ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। କୋହଲି ଓ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଆଉ ଏକ ସୁଯୋଗ ଦେବା ଆଶା କରାଯାଉଛି। ସ୍ପିନ୍ ଯୋଡି ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଦୀର୍ଘଦିନ ପରେ ପୁଣିଥରେ ସାଥିହୋଇ ଦିନିକିଆ ଖେଳିବା ଆଶା କରାଯାଉଛି। ଅଭିଜ୍ଞ ମହମ୍ମଦ ସାମି ଓ ଦୀପକ ଚହର ଦ୍ରୁତ ବୋଲିଂର ମଙ୍ଗ ସମ୍ଭାଳିବା ସମ୍ଭାବନା ରହିଛି। ୱେଷ୍ଟଇଣ୍ଡିଜର ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନଙ୍କ ବିପକ୍ଷରେ ଦୁହେଁ ପରୀକ୍ଷାର ସମ୍ମୁଖୀନ ହେବେ।

ମୁମ୍ବାଇ ଟି୨୦ରେ ଆଘାତ ପାଇଥିବା ବିଗ୍– ହିଟିଂ ଓପନର ଏଭିନ ଲୁଇସ୍ ଫିଟ୍ ହୋଇ ଏହି ମ୍ୟାଚ୍‌ରେ ଖେଳିବେ ବୋଲି ଭ୍ରମଣକାରୀ ଦଳ ଆଶା ରଖିଛି। ଟି୨୦ ଫର୍ମାଟରେ ୱେଷ୍ଟଇଣ୍ଡିଜ ଅତି ଆକ୍ରମଣାତ୍ମକ ପ୍ରଦର୍ଶନ କରି ବେଶ୍ ସଫଳତା ହାସଲ କରିଛି। ତେବେ ଦିନିକିଆରେ କଥା ସମ୍ପୂର୍ଣ୍ଣ ଅଲଗା। ତେଣୁ ବ୍ୟାଟ୍ସମ୍ୟାନଙ୍କୁ ଷ୍ଟ୍ରାଇକ୍ ରୋଟେଟ କରିବା ଉପରେ ଅଧିକ ଧ୍ୟାନ ଦିଆଯିବା ଉପରେ ୱେଷ୍ଟଇଣ୍ଡିଜ ଆସିଷ୍ଟାଣ୍ଟ କୋଚ୍ ରୋଡି ଇଷ୍ଟୱିକ୍ କହିଛନ୍ତି। ଆଫଗାନିସ୍ତାନ ସିରିଜ ବିପକ୍ଷରେ ଖେଳାଳିମାନେ ଭଲ ଷ୍ଟ୍ରାଇକ୍ ରୋଟେଟ କରିବାରେ ସଫଳ ହୋଇଥିଲେ। ଉଇକେଟ ମଧ ହାତରେ ରଖିବାକୁ ହେବ ବୋଲି ୱେଷ୍ଟଇଣ୍ଡିଜ ଟିମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଛି।

### ଖେଳାଳି ତାଲିକା

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ- ଅଧିନାୟକ), ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ, ଶ୍ରେୟାସ ଆୟର, ମନୀଷ ପାଣ୍ଡେ, ରିଷଭ ପନ୍ତ, ଶିବମ ଦୁବେ, କେଦାର ଯାଦବ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଦୀପକ ଚହର, ମହମ୍ମଦ ସାମି ଓ ଶାର୍ଦ୍ଦୁଳ ଠାକୁର।
- **ୱେଷ୍ଟଇଣ୍ଡିଜ ଦଳ:** କିରନ ପୋଲାର୍ଡ (ଅଧିନାୟକ), ସୁନୀଲ ଅମ୍ବରୀଶ, ସାଇ ହୋପ, ଖାରୀ ପିଏର, ରୋଷ୍ଟନ ଚେଜ୍, ଅଲଜାରି ଜୋଶେଫ, ଶେଲଡନ କଟ୍ରେଲ, ବ୍ରାଣ୍ଡନ କିଙ୍ଗ୍, ନିକୋଲାସ ପୁରନ, ସିମରନ ହେଟମେର, ଏଭିନ ଲୁଇସ୍, ରୋମାରିଓ ଶେଫେର୍ଡ, ଜାସନ ହୋଲ୍ଡର, କିମୋ ପଲ ଓ ହେଡେନ ୱାଲ୍ସ ଜୁନିୟର।

| ମ୍ୟାଚ୍ ଆରମ୍ଭ | ସ୍ଥାନ | ପ୍ରସାରଣ |
|---|---|---|
| ଅପରାହ୍ନ ୧.୩୦ | ଚେନ୍ନାଇ | ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ |



ଅଭ୍ୟାସ ସେସନ ଅବସରରେ ନିକୋଲାସ ପୁରନ ଓ କିରନ ପୋଲାର୍ଡ।

### ରାୱଲପିଣ୍ଡି ଟେଷ୍ଟ: ଚତୁର୍ଥ ଦିନ ଖେଳ ବାତିଲ

**ରାୱଲପିଣ୍ଡି,୧୪।୧୨:** ଦୀର୍ଘ ୧୦ ବର୍ଷ ପରେ ପାକିସ୍ତାନକୁ ଫେରିଥିବା ଟେଷ୍ଟରେ ବର୍ଷାର ରାଜୁତି ଜାରି ରହିଛି। ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟର ଚତୁର୍ଥ ଦିନର ଖେଳ ସମ୍ପୂର୍ଣ୍ଣ ବାତିଲ ହୋଇଯାଇଛି। ବର୍ଷା କାରଣରୁ ଫିଲ୍ଡ ଘୋଡ଼ାଇବା ପାଇଁ ବ୍ୟବହାର ହୋଇଥିବା କଭର୍ସ ଉପରେ ପାଣି ଜମା ହୋଇ ରହିଛି। ଉଭୟ ଦଳ ହୋଟେଲରେ ହିଁ ରହିଥିଲେ। କେବଳ ମ୍ୟାଚ୍ ଅଫିସିଆଲ ଶନିବାର ଗ୍ରାଉଣ୍ଡକୁ ଯାଇଥିଲେ। ଗ୍ରାଉଣ୍ଡ ଷ୍ଟାଫ୍ ସୁପର ସପର ଓ ୱାଇପର୍ସ ଦ୍ୱାରା କଭର ଉପରେ ଜମିଥିବା ପାଣି କାଢ଼ିଥିଲେ। ମାତ୍ର ପୁଣି ଥରେ ବର୍ଷା ଆରମ୍ଭ ହେବାରୁ ମ୍ୟାଚ୍ ଅମ୍ପାୟରଙ୍କୁ ଦିନର ସମ୍ପୂର୍ଣ୍ଣ ଖେଳ ବାତିଲ କରିବାକୁ ପଡ଼ିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ତା'ର ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୨୮୭ ରନ୍ କରିଛି। ଧନଞ୍ଜୟ ଡିସିଲ୍‌ଭା ୮୭ ଓ ଦିଲରୁୱାନ ପେରେରା ୬ ରନ୍ କରି ଅପରାଜିତ ରହିଛନ୍ତି। ଏପର୍ଯ୍ୟନ୍ତ ମ୍ୟାଚ୍‌ରେ କେବଳ ୯୧.୫ ଓଭର ଖେଳାଯାଇଛି। ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆଠାରୁ ଦୁଇ ବୃହତ୍ ପରାଜୟ ଯୋଗୁ ପାକିସ୍ତାନ ଦଳ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ଖାତା ଖୋଲିପାରି ନାହିଁ। ଅନ୍ୟପକ୍ଷରେ ଶ୍ରୀଲଙ୍କା ନିକଟରେ ୬୦ ପଏଣ୍ଟ ରହିଛି।

### ଶୂନ୍ୟରେ ଆଉଟ୍ ହେବାରେ ଆଫ୍ରିଦୀଙ୍କ ଶତକ

**ଢାକା,୧୪।୧୨:** ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଆଫ୍ରିଦୀ ଶୂନ୍ୟରେ ଆଉଟ୍ ହେବାରେ ଶତକ କରିଛନ୍ତି। ବର୍ତ୍ତମାନ ସେ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ)ରେ ଢାକା ପ୍ଲାଟୁନ ପାଇଁ ଖେଳୁଛନ୍ତି। ରାଜଶାହି ରୟାଲ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଏହି ପ୍ରସିଦ୍ଧ କ୍ରିକେଟର ଖାତା ଖୋଲି ପାରି ନ ଥିଲେ। ଏହାକୁ ମିଶାଇ ଆଫ୍ରିଦୀ ଖାତା ଖୋଲିବା ପୂର୍ବରୁ ୧୦୦ ଥର ଆଉଟ୍ ହୋଇଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ୫୬ ଥର ଶୂନ୍ୟରେ ଆଉଟ୍ ହୋଇଥିବା ଆଫ୍ରିଦୀ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଥର ଶୂନ୍ୟରେ ଆଉଟ ହେବାରେ ମିଳିତ ନବମ ସ୍ଥାନରେ ରହିଛନ୍ତି।

## ବାଉଚର ଦକ୍ଷିଣ ଆଫ୍ରିକା ମୁଖ୍ୟ କୋଚ୍



**କେପ୍ ଟାଉନ, ୧୪।୧୨ (ଏଏଫ୍‌ପି):** ପୂର୍ବତନ ଉଇକେଟ୍‌କିପର ମାର୍କ ବାଉଚର୍ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ଆଗାମୀ ୨୦୨୩ ବିଶ୍ୱକପ୍ ପର୍ଯ୍ୟନ୍ତ ବାଉଚର୍‌ଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। କ୍ରିକେଟ୍ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ)ର ଡିରେକ୍ଟର ଅଫ୍ କ୍ରିକେଟ୍ ତଥା ପୂର୍ବତନ ଅଧିନାୟକ ଗ୍ରେମ୍ ସ୍ମିଥ୍ ଶନିବାର ବାଉଚରଙ୍କ ନିଯୁକ୍ତି ନେଇ ଘୋଷଣା କରିଛନ୍ତି। ଏନୋଚ୍ ନକ୍‌ୱେଙ୍କୁ ବାଉଚରଙ୍କ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତ କରାଯାଇଛି। ଅନ୍ୟତମ ତାରକା ଅଲରାଉଣ୍ଡର ଜ୍ୟାକ୍ କାଲିସଙ୍କୁ ଦଳର ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତ କରାଯିବ ବୋଲି ଚର୍ଚ୍ଚା ଚାଲିଛି। ୪୩ ବର୍ଷୀୟ ବାଉଚର ୧୯୯୭ରୁ ୨୦୧୨ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ପକ୍ଷରୁ ୧୪୭ ଟେଷ୍ଟ ୨୯୫ ଦିନିକିଆ ଓ ୨୫ ଟି୨୦ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ବିଶ୍ୱ କ୍ରିକେଟ୍‌ରେ ବାଉଚରଙ୍କୁ ଅନ୍ୟତମ ଶ୍ରେଷ୍ଠ ଉଇକେଟ୍‌କିପର ଭାବେ ବିବେଚନା କରାଯାଏ। ସେ ଟେଷ୍ଟରେ ୫୩୨ କ୍ୟାଚ୍ ସହ ମୋଟ୍ ୫୫୫ ଡିସ୍‌ମିସାଲ କରି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ତେବେ ୨୦୧୨ରେ କାଉଣ୍ଟି କ୍ରିକେଟ୍‌ରେ ଉଇକେଟ୍ କିପିଂ କରୁଥିବାବେଳେ ଆଖିରେ ବେଲ୍ ବାଜି ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇଥିଲେ। ଏହାପରେ ସେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଥିଲେ। ଚଳିତ ମାସ ଶେଷ ଭାଗରେ ଇଂଲଣ୍ଡ ବିପକ୍ଷ ସିରିଜ ବାଉଚରଙ୍କ ଲାଗି ପ୍ରଥମ ପରୀକ୍ଷା ହେବ।

## ପନ୍ତଙ୍କୁ ଧୈର୍ଯ୍ୟର ସହ ଖେଳିବାକୁ ହେବ

**ମହିନ୍ଦର ଅମରନାଥ**

ଛୋଟ ଫର୍ମାଟରେ ୱେଷ୍ଟଇଣ୍ଡିଜ ଭଲ ପ୍ରଦର୍ଶନ କରିଥାଏ। ତେବେ ଅପେକ୍ଷାକୃତ ଲମ୍ବା ଫର୍ମାଟରେ ଏହି ଦଳ ପଛରେ ପଡିବା ଭଳି ମନେହୋଇଥାଏ। ଏକାଧିକ ପ୍ରତିଭାସମ୍ପନ୍ନ ଖେଳାଳି ରହିଥିଲେ ମଧ ୱେଷ୍ଟଇଣ୍ଡିଜ ଅନୁକୂଳ ସ୍ଥିତିରେ ନ ଥାଏ। ଦିନିକିଆ ସିରିଜରେ ଘରୋଇ ଭାରତ ଦୁଇପାଦ ଆଗରେ ଥିବା ପରି ମନେହେଉଛି। ୮୦ ଦଶକରେ ୱେଷ୍ଟଇଣ୍ଡିଜ ଏକ ଶକ୍ତିଶାଳୀ ଦଳଥିଲା। ଏବେ କଥା ସମ୍ପୂର୍ଣ୍ଣ ଓଲଟି ଯାଇଛି। କେତେକ ପ୍ରତିଭାସମ୍ପନ୍ନ ଯୁବ ଖେଳାଳିଥିଲେ ମଧ ୱେଷ୍ଟଇଣ୍ଡିଜର ପ୍ରଦର୍ଶନରେ ସ୍ଥିରତା ନାହିଁ। ଦଳରେ ଅଭିଜ୍ଞ ଖେଳାଳିଙ୍କର ଅଭାବ ରହିଛି।

ଅଧିନାୟକ ବିରାଟ କୋହଲିଙ୍କ ସମେତ କେତେକ ଭାରତୀୟ ଖେଳାଳି ପୂରା ଫର୍ମରେ ଅଛନ୍ତି। ଦ୍ରୁତ ବୋଲର ମହମ୍ମଦ ସାମି ଲୟରେ ବୋଲିଂ କରୁଛନ୍ତି। ତାଙ୍କ ପ୍ରଦର୍ଶନ ଓ ଗତିରେ ମଧ ବିବିଧତା ରହିଛି। ଯଶପ୍ରୀତ ବୁମ୍‌ରଙ୍କ ଅନୁପସ୍ଥିତିରେ ଭାରତୀୟ ବୋଲିଂ ବିଭାଗ ଆଶାନୁରୂପ ପ୍ରଦର୍ଶନ କରିପାରିଛି। କେବଳ ଉଇକେଟକିପର ସ୍ଥାନ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ରିଷଭ ପନ୍ତ ଅତ୍ୟନ୍ତ ପ୍ରତିଭାଶାଳୀ ହୋଇଥିଲେ ମଧ ଧୀର ଓ ଶାନ୍ତ ସ୍ୱଭାବ ସହିତ ଧୈର୍ଯ୍ୟର ସହ ଖେଳିବା ଉଚିତ। ବଲକୁ ଅପେକ୍ଷା କରି ସେ ଉନ୍ନତ ଟେକ୍‌ନିକର ସହ ବ୍ୟାଟିଂ କରିବା ଆବଶ୍ୟକ। ବଲ ଉପରକୁ ମାଡି ଯାଇ ସେ ସବୁବେଳେ ଲମ୍ବା ଶଟ୍ ଖେଳିବା ଉଚିତ ନୁହଁ। ସେ ମଧ ଚାପର ବଶବର୍ତ୍ତୀ ହେବା ଅନାବଶ୍ୟକ। ତାଙ୍କ ଉଇକେଟକିପିଂରେ ମଧ ଉନ୍ନତି ଆବଶ୍ୟକ। ତାଙ୍କ ପ୍ରତିଭା ନେଇ କୌଣସି ସନ୍ଦେହ ନାହିଁ। କିନ୍ତୁ ତାଙ୍କ ଖେଳରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ସଞ୍ଜୁ ସାମସନଙ୍କ ଭଳି ଖେଳାଳି ଦଳରେ ସ୍ଥାନ ପାଇବାକୁ ଚାହିଁ ବସିଛନ୍ତି।

ଓପନିଂ ନେଇ ଚିନ୍ତା କରିବାର ଆବଶ୍ୟକତା ନାହିଁ। ଲୋକେଶ ରାହୁଲ, ମୟଙ୍କ ଅଗ୍ରୱାଲ ଓ ରୋହିତ ଶର୍ମା ଜବରଦସ୍ତ ଫର୍ମରେ ରହିଛନ୍ତି। ଅନ୍ତିମ ଟି୨୦ରେ ରାହୁଲ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତେବେ ସେ ଦିନିକିଆରେ ଭଲ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି। ଭାରତୀୟ ଦଳ ବେଶ୍ ସନ୍ତୁଳିତ ମନେହେଉଛି ଓ ସିରିଜରେ ସହଜରେ ବିଜୟୀ ହେବ ବୋଲି କୁହାଯାଇପାରେ।


–(ଗେମ୍‌ପ୍ଲାନ)

#WhatDrivesYou
EXIDE

## ଗ୍ୟାଲେରିରେ ପ୍ରଥମଥର କାର୍ପେଟ

**କଟକ ଅଫିସ,୧୪।୧୨:** ଆଗାମୀ ଭାରତ–ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ ଲାଗି ଦର୍ଶକମାନଙ୍କ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ବିଶେଷ ସୁବିଧା ସୁଯୋଗ ପ୍ରଦାନ କରିଛି। ଏହି ମ୍ୟାଚ୍ ଲାଗି ଗ୍ୟାଲେରି ଟିକେଟ୍ କିଣିଥିବା ଦର୍ଶକ ଏହାର ଫାଇଦା ପାଇବେ। ପ୍ରଥମଥର ନିମନ୍ତେ ଷ୍ଟାଡିୟମର ସମସ୍ତ ଗ୍ୟାଲେରିରେ କାର୍ପେଟ ବିଛାଯାଇଛି। ସିମେଣ୍ଟ ପାହାଚ ସଦୃଶ ଗ୍ୟାଲେରି ଗୁଡ଼ିକରେ ଦର୍ଶକମାନେ ଦୀର୍ଘ ସମୟ ଧରି ବସିବା ମୁସ୍କିଲ। ଏହାକୁ ଲକ୍ଷ୍ୟ ରଖି ସିମେଣ୍ଟ ପାହାଚଗୁଡ଼ିକ ଉପରେ ଶନିବାରଠାରୁ କାର୍ପେଟ ବିଛାଯାଉଥିବା ଦେଖିବାକୁ ମିଳିଛି। ଡିସେମ୍ବର ୨୨ରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ନିମନ୍ତେ ଆସିଥିବା ବିସିସିଆଇ ପାଣ୍ଠିରୁ ଏହା ଖର୍ଚ୍ଚ କରାଯାଉଥିବା ଓସିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

**ବାରବାଟୀ ଦିନିକିଆ ଆଉ ୭ ଦିନ**





**ବାରବାଟୀ ପ୍ରସ୍ତୁତି:** ଭାରତ–ୱେଷ୍ଟଇଣ୍ଡିଜ୍ ଦିନିକିଆ ମ୍ୟାଚ୍ ଲାଗି ଗ୍ୟାଲେରିରେ ଦର୍ଶକଙ୍କ ବସିବା ପାଇଁ ମ୍ୟାଟ୍ ବିଛାଯାଉଛି। ସୁରକ୍ଷା ପାଇଁ ଗ୍ୟାଲେରି ସମ୍ମୁଖରେ ନେଟ୍ ବନ୍ଧାଯାଉଛି।




# ଟ୍ରାକ୍ଟର ଧକ୍କାରେ ସୁପରଭାଇଜରଙ୍କ ମୃତ୍ୟୁ





**ଭଞ୍ଜନଗର,୧୪।୧୨(ଡି.ଏନ.ଏ)**

ତାରସିଂ ଥାନା ବନ୍ତା ନିକଟରେ ଟ୍ରାକ୍ଟର ଧକ୍କାରେ ଜଣେ ସୁପରଭାଇଜରଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବୁଗୁଡ଼ା ଥାନା ରାମଣ୍ଡା ଗ୍ରାମର ପ୍ରକାଶ କୁମାର ରଣା (୫୨)। ଏ ନେଇ ତାରସିଂ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍‌ପିଟାଲକୁ ପଠାଯାଇଛି। ଟ୍ରାକ୍ଟର ଚାଳକ ଜଣକ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ପ୍ରକାଶଙ୍କ ଭଉଣୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ବାଲିପଦରର ଜଣେ ଠିକାଦାରଙ୍କ ପାଖରେ ପ୍ରକାଶ ସୁପରଭାଇଜର ଭାବେ କାମ କରନ୍ତି। ତାଙ୍କର ବନ୍ତା ଅଞ୍ଚଳରେ ଏକ କେନାଲ କାମ ଚାଲିଥିଲା। ପ୍ରକାଶ ଶନିବାର ସକାଳେ ଗ୍ରାମରୁ ଆସି କାର୍ଯ୍ୟସ୍ଥଳକୁ ଯାଇ ତଦାରଖ କରୁଥିଲେ। ଏହି ସମୟରେ ଏକ ଟ୍ରାକ୍ଟର ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଭଞ୍ଜନଗର ଆଣିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଦୀପ ନିଆଁରୁ ମହିଳା ଗୁରୁତର

**ପାତ୍ରପୁର,୧୪।୧୨(ଡି.ଏନ୍.ଏ.)**

ଜରଡ଼ା ଥାନା ସାହାସପୁର ଗ୍ରାମର ଜଣେ ବୃଦ୍ଧା ଦୀପ ନିଆଁ ଲାଗି ଶନିବାର ଗୁରୁତର ହୋଇଛନ୍ତି । ସେ ହେଲେ ଲକ୍ଷ୍ମୀ ମହାନ୍ତି (୬୫)। ସକାଳେ ବୃଦ୍ଧାଙ୍କ ପଣତ କାନିରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଫଳରେ ତାଙ୍କ ଗୋଡ଼, ହାତ ଓ ପିଠି ପୋଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପାତ୍ରପୁର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ